


ଟୀପ୍ପଣୀ

# ୧୩

# ପରିବାର (FAMILY)

**ଏ**କ ବ୍ୟକ୍ତି ଓ ସମାଜ ପାଇଁ ପରିବାର ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ସମୁହ । ଏହି ପୃଥିବୀର ପ୍ରତ୍ୟେକ ବ୍ୟକ୍ତି କୌଣସି ନା କୌଣସି ପରିବାରର ସଦସ୍ୟ ଅଟେ । ଆମେ ସମସ୍ତେ ପରିବାରରେ ଜନ୍ମ ହୋଇଛୁ ଓ ବଢ଼ିଛୁ । ସନ୍ତାନ ମାନଙ୍କର ଜନ୍ମ ପରେ ପରିବାରର ଆକାର ବଢ଼େ । ବେଳେ ବେଳେ ଭିନ୍ନ ଭିନ୍ନ ପିଢ଼ୀର ସଦସ୍ୟ-ସଂପର୍କୀୟ ମାନେ ମଧ୍ୟ ପରିବାର ରେ ସାମିଲ ଥା'ନ୍ତି ।

ପରିବାର ରୂପକ କେନ୍ଦ୍ର ଚାରିପଟେ ଆମର ସମଗ୍ର ଜୀବନ ଆତଯାତ ହେଉଛି । ଆମେ ପରିବାର ସଦସ୍ୟଙ୍କ ସହିତ ଆମର ଦୈନନ୍ଦିନ କାର୍ଯ୍ୟ ଆରମ୍ଭ କରୁ । ଜୀବନ ନିର୍ବାହ ଓ ସାମାଜିକ କର୍ତ୍ତବ୍ୟ ପାଳନ ପାଇଁ ବାହାରକୁ ଯାଉ ଓ ପୁଣି ପରିବାରର ସଦସ୍ୟ ମାନଙ୍କ ପାଖକୁ ଫେରି ଆସୁ ।

ଆପଣମାନେ ଅନୁଭବ କରିଥିବେ ଯେ କେତେକ ବାଧ୍ୟ ବାଧ୍ୟକତା ଯୋଗୁଁ ଆପଣ ପରିବାର ଠାରୁ କିଛି ସମୟ ପାଇଁ ଦୂରେଇ ରହିଲେ ସୁଦ୍ଧା ପ୍ରତିଟି ଛୋଟ ଛୋଟ ସୁଖ, ଦୁଃଖ ପରିବାରର ସଦସ୍ୟ ମାନଙ୍କ ସହିତ ବାଣ୍ଟିବାରେ ଆପଣମାନଙ୍କର ଆଗ୍ରହ ଓ ଆନନ୍ଦ ଥାଏ । ପରିବାର ସହିତ ରହିବାର କାମନା, ପରିବାର ସହିତ ଆପଣଙ୍କର ଥିବା ଆବେଗାତ୍ମକ ବନ୍ଧନକୁ ପ୍ରତିଫଳିତ କରିଥାଏ ।

ଏହି ଅଧ୍ୟାୟରେ ପରିବାରର ବିଭିନ୍ନ ଦିଗ ଓ ବ୍ୟକ୍ତି ଜୀବନ ରେ ଏହାର ମହତ୍ତ୍ୱପୂର୍ଣ୍ଣ ଭୂମିକା ବିଷୟରେ ଆପଣ ମାନେ ଜାଣିବେ ।

## ଉଦ୍ଦେଶ୍ୟ (Objectives)

**ଏହି ଅଧ୍ୟାୟ ପଢ଼ିବା ପରେ ଆପଣ -**

- ⇨ ପରିବାରର ସଂଜ୍ଞା ପ୍ରଦାନ କରିପାରିବେ;
- ⇨ ପରିବାରର ସମାଜ ତାତ୍ତ୍ୱିକ ମହତ୍ତ୍ୱ ପ୍ରତିପାଦିତ କରିପାରିବେ;
- ⇨ ଏହାର ଲକ୍ଷଣ ମାନ ଦର୍ଶାଇ ପାରିବେ;
- ⇨ ପରିବାରର ପ୍ରକାର୍ଯ୍ୟମାନ ଆଲୋଚନା କରିପାରିବେ;
- ⇨ ପରିବାରର ବିଭିନ୍ନ ପ୍ରକାର ବିଷୟରେ ବର୍ଣ୍ଣନା କରିପାରିବେ;
- ⇨ ଆଧୁନିକ ତଥା ଯୌଥ ପରିବାରର ଅର୍ଥ ଓ ସମସ୍ୟା ମାନଙ୍କ ବିଷୟରେ ମଧ୍ୟ ଆଲୋଚନା କରିପାରିବେ; ଏବଂ



ଟୀପ୍‌ପଣୀ

➪ ପରିବାର ରେ ଘଟୁଥିବା ପରିବର୍ତ୍ତନ ଓ ଏହି ପରିବର୍ତ୍ତନ ପଛରେ ଥିବା କାରକଗୁଡ଼ିକୁ ବର୍ଣ୍ଣନା କରିପାରିବେ ।

## ୧୩.୧ ପରିବାରର ଅର୍ଥ ଓ ସଂଜ୍ଞା (Meaning and Definition of Family)

ପରିବାର ହେଉଛି ସମାଜର ମୌଳିକ ଏକକ । ଏହାର କ୍ଷୁଦ୍ରତମ ସ୍ୱରୂପରେ, ଏହା ମଧ୍ୟରେ ସ୍ୱାମୀ, ସ୍ତ୍ରୀ ଓ ସେମାନଙ୍କର ସନ୍ତାନ ରହିପାରିବେ । ଏହାର ବ୍ୟାପକ ଅର୍ଥରେ, ଏହା ରକ୍ତ ସମ୍ବନ୍ଧୀ, ବୈବାହିକ ସମ୍ବନ୍ଧୀ ଓ ପୋଷ୍ୟ ସମ୍ବନ୍ଧୀ ମାନଙ୍କର ଏକ ସମଷ୍ଟି ଅଟେ ଯାହାକି, ଅନେକ ପିଢ଼ୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇ ଥାଏ ।

ଏକ ଆଇନତଃ ବିବାହିତ ଦମ୍ପତିଙ୍କର ଏକ ଛାତ ତଳେ ସହାବସ୍ଥାନ ସହିତ ପରିବାରର ଜନ୍ମ ହୁଏ । ଏକ ବିବାହିତ ଦମ୍ପତି ଖାଲି ଯେ ଏକ ସାଧାରଣ ଘରେ ରୁହନ୍ତି ତା' ନୁହେଁ, ସେମାନେ ମଧ୍ୟ ପରସ୍ପର ସହିତ ଶାରୀରିକ, ଆବେଗାତ୍ମକ, ସାମାଜିକ ଓ ଆର୍ଥିକ ସମନ୍ୱୟ ତଥା ସହଯୋଗ ରକ୍ଷାକରି କାର୍ଯ୍ୟ କରନ୍ତି । ସେମାନେ ପରସ୍ପରର ବିଭିନ୍ନ ଆବଶ୍ୟକତା ଓ ଆଶା ଆକାଂକ୍ଷାର ପରିପୂରଣ କରିଥା'ନ୍ତି । ସନ୍ତାନ ଜନ୍ମ ପରିବାରର ଅସ୍ତିତ୍ୱ ରେ ପରିପୂର୍ଣ୍ଣତା ଆଣିଥାଏ । ପୁନଶ୍ଚ, ଏହା ସ୍ୱାମୀ, ସ୍ତ୍ରୀ ଓ ସେମାନଙ୍କର ପରିବାର ମଧ୍ୟରେ ଘନିଷ୍ଠତାକୁ ସୁଦୃଢ଼ କରିଥାଏ ।

ସରଳ ଭାଷାରେ କହିବାକୁ ଗଲେ ପରିବାର ହେଉଛି ଜନ୍ମ, ବିବାହ ଓ ପୋଷ୍ୟ ସମ୍ବନ୍ଧ ଦ୍ୱାରା ସମ୍ବନ୍ଧିତ ଦୁଇ (ଅତିକମ୍ ରେ) ବ୍ୟକ୍ତିଙ୍କ ମଧ୍ୟରେ ଥିବା ସାମାଜିକ ପରିଭାଷିତ ସଂପର୍କ ସମୂହ ।


ଏକ ପରିବାର ହେଉଛି ବିବାହ ଭିତ୍ତିରେ ଗଠିତ ଏକ ଜ୍ଞାତି ସମୂହ, ଯାହା ଏକ ସାଧାରଣ ବାସଗୃହରେ ଏକତ୍ର ଅବସ୍ଥାନ କରିଥାଏ, ଏହାର ସଂଜ୍ଞା ଦେବାକୁ ଯାଇ ଏହା କୁହାଯାଇ ପାରିବ ଯେ ବିବାହ, ରକ୍ତ ସଂପର୍କ ଓ ପୋଷ୍ୟ ସଂପର୍କ ଦ୍ୱାରା ସମ୍ବନ୍ଧିତ ବ୍ୟକ୍ତିମାନଙ୍କର ଏକ ଆପେକ୍ଷିକ ସ୍ଥାୟୀ ସମୂହ । ଏହା ସନ୍ତାନ ଉତ୍ପାଦନ ଓ ସୋମାନଙ୍କର ପାଳନ ପୋଷଣ କରିଥାଏ ।

ତେବେ ଆପଣମାନଙ୍କୁ ଏହା ବୁଝାଇବା ଦରକାର ଯେ ପରିବାର ଓ ଘର ମଧ୍ୟରେ ଫରକ ରହିଛି । ଘର କେବଳ ଯେ ପରିବାରର ସଦସ୍ୟ ମାନଙ୍କୁ ନେଇ ଗଠିତ ହୋଇଥାଏ; ତା'ନୁହେଁ, ବେଳେ ବେଳେ ଏଥିରେ ମଧ୍ୟ ପରସ୍ପର ସଂପର୍କ ନ ଥିବା, ଏକାଠି ରହୁଥିବା ଲୋକମାନେ ସାମିଲ ଥା'ନ୍ତି । ସେହି ଏକାଠି ରହିବା ସ୍ଥାନ ବା ବାସସ୍ଥାନ ଟି ଘର, ଆପାର୍ଟମେଣ୍ଟ, କୋଠରୀ ହୋଇପାରେ । ଜଣେ ଏକୁଟିଆ ରହୁଥିବା ଲୋକ ଘରେ ରହିଥାଏ, କିନ୍ତୁ ପରିବାର ରେ ନୁହେଁ ।

## ୧୩.୨ ପରିବାରର ସମାଜ ତାତ୍ତ୍ୱିକ ମହତ୍ତ୍ୱ ( Sociological Significance of Family)

ପରିବାରର ଅଧ୍ୟୟନ ଗୁରୁତ୍ୱପୂର୍ଣ୍ଣ କାରଣ ଏହା ମାନବ ସମାଜର ମୂଳଭିତ୍ତି ଅଟେ । ପୁରୁଷ, ନାରୀ ଓ ସେମାନଙ୍କର ସନ୍ତାନ ମାନଙ୍କ ମଧ୍ୟରେ ଏକ ଦୃଢ଼ ବନ୍ଧନ ଓ ସ୍ଥିର ସଂପର୍କ ସୃଷ୍ଟି କରି, ଏହା ସମାଜ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । ଏହାକୁ ମାନବ ପ୍ରକୃତିର ଶିଶୁ-ଦ୍ୟାନ (Nursery) କୁହାଯାଏ । କାରଣ ପରିବାରରେ ଶିଶୁମାନଙ୍କର ପାଳନ ପୋଷଣ ଉପରେ, ସେମାନଙ୍କର ଦୃଷ୍ଟିଭଙ୍ଗୀ ନିର୍ଭର କରିଥାଏ ଓ ସେମାନେ ଭିନ୍ନ ପରିସ୍ଥିତି ରେ ଭିନ୍ନ ଭିନ୍ନ ପ୍ରକାରରେ ଆଚରଣ / ପ୍ରତିକ୍ରିୟା ଦେଖାଇଥା'ନ୍ତି । ଅନ୍ୟ ଭାଷାରେ କହିଲେ, ପରିବାର ମାନବ ବ୍ୟକ୍ତିତ୍ୱର ଭିତ୍ତି ସ୍ଥାପନ କରେ ।

ପରିବାରକୁ ମଧ୍ୟ ସଂସ୍କୃତି ହସ୍ତାନ୍ତରଣ କେନ୍ଦ୍ର କୁହାଯାଏ । ଆମେ ସମସ୍ତେ ଜାଣିଛୁ ଯେ ଆମ ପରିବେଶର ମନୁଷ୍ୟକୃତ ଅଂଗ ହେଉଛି ସଂସ୍କୃତି । ଜଣେ ଶିଶୁ କେବଳ ପରିବାର ମଧ୍ୟରେ ରହି ସଂସ୍କୃତିର ବିଭିନ୍ନ




ଟୀପ୍ପଣୀ

ଦିଗ ସହିତ ପରିଚିତ ହୋଇଥାଏ । ଯେତେବେଳେ ଶିଶୁଟି ବୟସ୍କ ହୋଇଯାଏ, ସେ ତା'ର ସଂସ୍କୃତି ସମ୍ବନ୍ଧୀୟ ଜ୍ଞାନକୁ, ସାମାଜିକ ପ୍ରତିମାନ ପ୍ରଥା ସଂମ୍ବନ୍ଧୀୟ ତା'ର ଧାରଣାକୁ ତଥା ଜୀବନର ବସ୍ତୁବାଦୀ ଦିଗ ସଂପର୍କୀୟ ତା'ର ଦୃଷ୍ଟିକୋଣକୁ ନିଜର ଯୁବ ପିଢ଼ୀ ସହିତ ବାଣ୍ଟିଥାଏ ।

ଜଣେ ବୟସ୍କ ବ୍ୟକ୍ତି ଦୁଇ ପ୍ରକାରରେ ପରିବାରର ସଦସ୍ୟ ହୋଇଥାଏ । ଯେଉଁ ପରିବାର ରେ ସେ ଜନ୍ମ ହୋଇଥାଏ ତାହାକୁ ଅଭିବିନ୍ୟାସର ପରିବାର (Family of Orientation) କୁହାଯାଏ । ଏହି ପରିବାରରେ ବ୍ୟକ୍ତି, ପୁଅ ବା ଝିଅ, ହିସାବ ରେ ପରିଚିତ ହୋଇଥାଏ । ଏହି ପରିବାର ବ୍ୟକ୍ତିର ବ୍ୟକ୍ତିତ୍ୱ ଓ ଜୀବନ ଉପରେ ଗଠନାତ୍ମକ ପ୍ରଭାବ ପକାଇଥାଏ । ବିବାହ କରିବା ପରେ ବ୍ୟକ୍ତି ଯେଉଁ ପରିବାର ଗଠନ କରିଥାଏ, ତାହାକୁ ପ୍ରଜନନର ପରିବାର (Family of Procreation)କୁହାଯାଏ । ଏହି ପରିବାର ରେ ଦମ୍ପତି ସନ୍ତାନ ଜନ୍ମ କରି ସେମାନଙ୍କର ପାଳନ ପୋଷଣ କରନ୍ତି । ସମାଜ ଓ ବ୍ୟକ୍ତି ପାଇଁ ପରିବାର ପ୍ରତିସ୍ତର ରେ ମହତ୍ତ୍ୱପୂର୍ଣ୍ଣ ହୋଇଥିବାରୁ ସମାଜ ବିଜ୍ଞାନ ରେ ଏହାର ଅଧ୍ୟୟନକୁ ଗୁରୁତ୍ୱ ଦିଆଯାଏ ।

ଅଭିବିନ୍ୟାସର ପରିବାର
(Family of Orientation)

ପ୍ରଜନନର ପରିବାର
Family of Procreation




ଚିତ୍ର - ୧

## ୧୩.୩ ପରିବାରର ଲକ୍ଷଣ ବା ବୈଶିଷ୍ଟ୍ୟ (Distinctive Features of Family)

ପରିବାର, ସାମାଜିକ ସଂଗଠନର ଏକ ମୌଳିକ ଏକକ ଅଟେ, ଏହାର କେତେକ ସ୍ୱତନ୍ତ୍ର ଲକ୍ଷଣ ରହିଛି, ଯାହା ଅନ୍ୟ ଅନୁଷ୍ଠାନ ମାନଙ୍କ ଠାରୁ ଏହାକୁ ପୃଥକ୍ କରିଥାଏ ।

୧. **ସର୍ବବ୍ୟାପକତା (Universality) :** ପରିବାର ଏକ ସର୍ବବ୍ୟାପୀ ସାମାଜିକ ଏକକ ଅଟେ । ଏହି ବିଶ୍ୱ ବ୍ରହ୍ମାଣ୍ଡ ରେ ଏପରି କୌଣସି ସମାଜ ନାହିଁ ଯେଉଁଥିରେ ପରିବାର ଦେଖାଯାଏ ନାହିଁ । ଏହାର ସର୍ବବ୍ୟାପକତାର କାରଣ ଏହି କି ଯେ, ଏହା ବ୍ୟକ୍ତି ଓ ସମାଜ ପାଇଁ କେତେକ ଅପରିହାର୍ଯ୍ୟ କାମ କରିଥାଏ । ପରିବାର ଏପରି କେତେକ ପ୍ରକାର୍ଯ୍ୟକୁ ଦକ୍ଷତାର ସହ ନିର୍ବାହ କରିଥାଏ (ଯଥା – ଜୈବିକ, ଅର୍ଥନୈତିକ, ସାମାଜିକ ଓ ମନୋବୈଜ୍ଞାନିକ ଇତ୍ୟାଦି) ଯେ, ସମସ୍ତଙ୍କ ପାଇଁ ଏହା ଅତ୍ୟାବଶ୍ୟକ ହୋଇ ପଡ଼େ । ବାସ୍ତବରେ, ଏ ପର୍ଯ୍ୟନ୍ତ ସମାଜ ଏପରି କୌଣସି ମୌଳିକ ଏକକ / ସଂଘ ଖୋଜି ପାଇ ପାରିନାହିଁ, ଯାହା, ଏହି ସବୁ ଅନେକ ପ୍ରକାର୍ଯ୍ୟ, ଏକ ସଙ୍ଗେ, ନିସ୍ୱାର୍ଥ ଭାବରେ ଓ ପ୍ରତିବଦ୍ଧତାର ସହିତ ନିର୍ବାହ କରେ ।

୨. **ଆବେଗାତ୍ମକ ଭିତ୍ତି (Emotional Basis) :** ପରିବାରର ସଦସ୍ୟମାନେ ପରସ୍ପର ସହିତ ଏକ ଆବେଗାତ୍ମକ ସଂମ୍ବନ୍ଧରେ ବାନ୍ଧି ହୋଇଥା'ନ୍ତି । ସେମାନେ ପରସ୍ପର ପ୍ରତି ସ୍ନେହ, ଶ୍ରଦ୍ଧା, ଯତ୍ନ ପ୍ରଦର୍ଶନ କରିଥା'ନ୍ତି । ସୁରକ୍ଷା ପ୍ରଦାନ କରନ୍ତି ଓ ପରିବାର ଓ ମଙ୍ଗଳ ପାଇଁ ନିଜକୁ ଉତ୍ସର୍ଗ କରିବା ପାଇଁ ସବୁବେଳେ ପ୍ରସ୍ତୁତ ଥା'ନ୍ତି ।



ଟୀପ୍‌ପଣୀ

୩. **ସୀମିତ ଆକାର (Limited Size) :** ଏକ ପରିବାର ମୂଳତଃ ସ୍ୱାମୀ, ସ୍ତ୍ରୀ ଓ ସେମାନଙ୍କର ଅବିବାହିତ ସନ୍ତାନ ମାନଙ୍କୁ ନେଇ ଗଠିତ ହୋଇଥାଏ । ଏହା ଏକ କ୍ଷୁଦ୍ର ସମୁହ ଅଟେ ଓ ଏହାର ସଦସ୍ୟତା କେବଳ ରକ୍ତ ସମ୍ବନ୍ଧୀ ଓ ବିବାହ ସମ୍ବନ୍ଧୀ ମାନଙ୍କ ମଧ୍ୟରେ ସୀମିତ ଥାଏ । ଆଜିକାଲି ବଡ଼ ବଡ଼ ପରିବାର ମାନେ ସମାଜରେ କମିଯାଉଛନ୍ତି ।

୪. **ସାମାଜିକ ସଂରଚନାରେ ମୁଖ୍ୟ ସ୍ଥାନ (Nuclear Position in Social Structure) :** ସମସ୍ତ ସାମାଜିକ ସମୁହ ମାନଙ୍କ ମଧ୍ୟରେ ପରିବାରକୁ ମୌଳିକ, କେନ୍ଦ୍ରିୟ ସ୍ଥାନ ଦିଆଯାଇଛି । ଉଭୟ ସରଳତମ ଓ ବିକଶିତ ସମାଜ ମାନଙ୍କରେ ପରିବାରର ମୂଳଦୂଆ ଉପରେ ସମଗ୍ର ସାମାଜିକ ସଂରଚନା ତଥା ସ୍ଥିର ସାମାଜିକ ସଂପର୍କ ମାନେ ନିର୍ମିତ ହୋଇଥା'ନ୍ତି ।

୫. **ସାମାଜିକ ନିୟମାବଳୀ (Social Regulations) :** ସାମାଜିକ ପ୍ରତିମାନ ଅନୁସାରେ ପରିବାର ପରିଚାଳିତ ହୁଏ । ସାମାଜିକୀକରଣ ପ୍ରକ୍ରିୟା ମାଧ୍ୟମରେ ଏହାର ସଦସ୍ୟ ମାନେ, ସାମାଜିକ ପ୍ରତିମାନ ଓ ପ୍ରଥା ପରଂପରାକୁ ମାନିବା ପାଇଁ ତାଲିମ ପାଇଥା'ନ୍ତି । ପରିବାରର ସଦସ୍ୟମାନଙ୍କର ଆନ୍ତଃ ସଂପର୍କ ଓ ଆନ୍ତଃ-କ୍ରିୟା ସାମାଜିକ ଓ ଆଇନଗତ ନିୟମାବଳୀ ଦ୍ୱାରା ସଂଚାଳିତ ହୁଅନ୍ତି ।

୬ **ଏହାର ସ୍ଥାୟୀ ଏବଂ ଅସ୍ଥାୟୀ ସ୍ୱଭାବ (Its permanent and temporary Nature) :** ପରିବାର ରୂପକ ଅନୁଷ୍ଠାନ, ଏକ ସ୍ଥାୟୀ ଓ ସର୍ବବ୍ୟାପୀ ଅନୁଷ୍ଠାନ ଅଟେ । କିନ୍ତୁ ଏକ ନିର୍ଦ୍ଦିଷ୍ଟ ପରିବାରର ଅସ୍ତିତ୍ୱ ସେପର୍ଯ୍ୟନ୍ତ ରହେ ଯେ ପର୍ଯ୍ୟନ୍ତ ସ୍ୱାମୀ ଓ ସ୍ତ୍ରୀ ଏକାଠି ଥା'ନ୍ତି । ସେମାନଙ୍କର ମୃତ୍ୟୁ ପରେ କିମ୍ବା ବିଚ୍ଛେଦ ପରେ, ପରିବାରର ପୁଅ-ଝିଅ ମାନଙ୍କର ନୂତନ ପରିବାର ମାନ, ପରିବାର ନାମ ଓ ସଂସ୍କୃତିକୁ ଆଗକୁ ବଢ଼ାନ୍ତି ଓ ଏହି ଚକ୍ର ଏମିତି ଚାଲିଥାଏ ।


ଉପରୋକ୍ତ ବୈଶିଷ୍ଟ୍ୟ ବ୍ୟତୀତ, ପରିବାରର କେତେକ ସାଧାରଣ ଲକ୍ଷଣ (General characteristics) ରହିଛି, ଯାହା ନିମ୍ନରେ ପ୍ରଦତ୍ତ ।

୧. **ସହବାସର ସଂପର୍କ (Mating Relationship) :** ଯେତେବେଳେ ଉଦ୍ଦିଷ୍ଟ ନିୟମାନୁଯାୟୀ ଏକ ପୁରୁଷ ଓ ନାରୀ ବିବାହ କରନ୍ତି, ସେତେବେଳେ ଏକ ପରିବାର ସୃଷ୍ଟି ହୁଏ । ନାରୀ ଓ ପୁରୁଷର ଯୌନ ଆବଶ୍ୟକତାର ପରିପୂରଣ ପାଇଁ ବିବାହ, ସେମାନଙ୍କ ମଧ୍ୟରେ ସାମାଜିକ ସ୍ୱୀକୃତି ପ୍ରାପ୍ତ ଯୌନ ସମ୍ବନ୍ଧକୁ ଅନୁମତି ଦେଇଥାଏ । ଏକ ସୁସ୍ଥ ଜୀବନ ବଂଚିବା ପାଇଁ, ଯୌନ ପ୍ରବୃତ୍ତିର ସନ୍ତୁଷ୍ଟି ଅତି ଆବଶ୍ୟକ ଅଟେ ।

୨. **ସହାବସ୍ଥାନ (Common Habitation) :** ପରିବାରର ସଦସ୍ୟ ମାନେ ସାମାନ୍ୟତଃ ଏକ ସାଧାରଣ ନିବାସ ସ୍ଥାନରେ ରହିଥା'ନ୍ତି, ଯେଉଁଥିରେ ସ୍ୱାମୀ, ସ୍ତ୍ରୀ, ସେମାନଙ୍କର ସନ୍ତାନ ଓ ଅନ୍ୟ ସଂପକୀୟମାନେ ଏକାଠି ରହିଥା'ନ୍ତି ।

୩. **ବଂଶ କ୍ରମର ଗଣନା (Reckoning of Descent) :** ପରିବାର ମୂଳତଃ ଏକ ଦ୍ୱିପକ୍ଷୀୟ ସମୁହ ଅଟେ, ଯାହା ସ୍ୱାମୀ, ସ୍ତ୍ରୀ ଓ ଉଭୟ ପକ୍ଷର ସଂପର୍କୀୟ ମାନଙ୍କୁ ନେଇ ଗଠିତ ହୋଇଥାଏ । ତେବେ ସ୍ଥାନୀୟ ପରଂପରା ଅନୁଯାୟୀ, ପିଲା ମାନେ ପିତା ଅଥବା ମାତାଙ୍କ ବଂଶ ଅନୁସାରେ ପରିଚିତ ହୁଅନ୍ତି ଓ ସଂପତ୍ତିରେ ଭାଗୀଦାର ହୁଅନ୍ତି ।

୪. **ଆର୍ଥିକ ବ୍ୟବସ୍ଥା (Economic System)** : ପ୍ରତି ପରିବାର ନିଜର ସଦସ୍ୟ ମାନଙ୍କର ଆର୍ଥିକ ଆବଶ୍ୟକତାର ଯତ୍ନ ନିଅନ୍ତି ଓ ସୁବିଧା କରନ୍ତି । ସାଧାରଣ ଭାବରେ ପରିବାରର ବଡ଼ ମାନେ



ଟୀପ୍ପଣୀ

ଚାକିରୀ ତଥା ଅନ୍ୟ କାମଧନ୍ଦା କରି ପରିବାରର ସଦସ୍ୟ ମାନଙ୍କର ଆର୍ଥିକ ଆବଶ୍ୟକତା ମାନଙ୍କର ପରିପୂରଣ କରିଥା'ନ୍ତି । ବୃଦ୍ଧ ଓ ରୋଗୀ ସଦସ୍ୟ ମାନଙ୍କର ଦେଖାଶୁଣା କରିବାର ଦାୟିତ୍ୱ ମଧ୍ୟ ପରିବାର ବହନ କରିଥାଏ ।

## ପାଠ୍ୟଗତ ପ୍ରଶ୍ନାବଳୀ ୧୩ .୧

**୧- ସଂକ୍ଷିପ୍ତ ପ୍ରଶ୍ନାବଳୀ :-**

୧. ନିମ୍ନୋକ୍ତ ବକ୍ତବ୍ୟ ଅନୁସାରେ 'ଠିକ୍' କିମ୍ବା 'ଭୁଲ' ଲେଖ ।
"ପରିବାରର ସଦସ୍ୟମାନେ ସବୁବେଳେ ଏକ ସାଧାରଣ ବାସଗୃହରେ ରହିଥା'ନ୍ତି" ।

୨. ଶୂନ୍ୟସ୍ଥାନ ପୂରଣ କର ।
ପରିବାରର ସଦସ୍ୟ ମାନେ, ରକ୍ତ ସଂପର୍କ ____________ ଏବଂ ପୋଷ୍ୟ ସଂପର୍କ ରେ ସମ୍ବନ୍ଧିତ ହୋଇଥା'ନ୍ତି ।

୩. ସଠିକ୍ ଉତ୍ତର ଚିହ୍ନଟ କର ।
ପରିବାର ଏକ ବ୍ୟକ୍ତିର ଜୀବନ ରେ ଏକ ଗୁରୁତ୍ୱପୂର୍ଣ୍ଣ ସମୁହ, କାରଣ-
(୧) ସଦସ୍ୟ ମାନଙ୍କର ପରସ୍ପର ପ୍ରତି ନିଃସ୍ୱାର୍ଥ ପ୍ରତିବଦ୍ଧତା ଥାଏ ।
(୨) ସଦସ୍ୟ ମାନେ ପରସ୍ପର ସହିତ, ରକ୍ତ ସଂପର୍କ, ବୈବାହିକ ସଂପର୍କ ଓ ପୋଷ୍ୟ ସଂପର୍କ ରେ ସମ୍ବନ୍ଧିତ ହୋଇଥା'ନ୍ତି ।
(୩) ପରିବାର ଏହାର ସଦସ୍ୟ ମାନଙ୍କୁ ଆର୍ଥିକ ଓ ସାମଜିକ ସାହାଯ୍ୟ ପ୍ରଦାନ କରେ ।
(୪) ପରିବାର ବ୍ୟକ୍ତିର ସାମାଜିକୀକରଣ ରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।
(୫) ଉପରୋକ୍ତ ସମସ୍ତ ବିକଳ୍ପ ।

୪. ପରିବାରକୁ "ମାନବୀୟ ପ୍ରକୃତିର ଶିଶୁଦ୍ୟାନ" କୁହାଯାଏ । କାହିଁକି ? ଏକ ବାକ୍ୟ ରେ ଉତ୍ତର ଦିଅ ।

## ୧୩.୪ ପରିବାରର ପ୍ରକାର୍ଯ୍ୟ (Functions of Family)

ପରିବାର ସମାଜରେ ଅନେକ କାର୍ଯ୍ୟ କରିଥାଏ । ବ୍ୟକ୍ତି ଓ ସମାଜ ସେମାନଙ୍କର ମୌଳିକ ଆବଶ୍ୟକତା ପୂରଣ କରିବା ପାଇଁ ପରିବାର ଉପରେ ନିର୍ଭର କରିଥା'ନ୍ତି । ଯଦି ଏହି ଆବଶ୍ୟକତା ମାନଙ୍କର ଉପଯୁକ୍ତ ଭାବରେ ଯତ୍ନ ନ ନିଆଯାଏ, ତେବେ ବ୍ୟକ୍ତି ଓ ସମାଜର ଅସ୍ତିତ୍ୱ ବିପନ୍ନ ହେବାର ଆଶଂକା ଥାଏ । ତେଣୁ ବ୍ୟକ୍ତି ଓ ସମାଜ ପାଇଁ ପରିବାରର ପ୍ରକାର୍ଯ୍ୟ ମାନ ଅତି ଗୁରୁତ୍ୱପୂର୍ଣ୍ଣ ହୋଇଥା'ନ୍ତି । ପରିବାରର ଗୁରୁତ୍ୱପୂର୍ଣ୍ଣ ପ୍ରକାର୍ଯ୍ୟ ନିମ୍ନରେ ଆଲୋଚିତ ହୋଇଛି ।

୧. **ଜୈବିକ ପ୍ରକାର୍ଯ୍ୟ (Biological Functions)** : ପରିବାରର ଅନେକ ପ୍ରକାରର ଜୈବିକ ପ୍ରକାର୍ଯ୍ୟ ରହିଛି ।

(କ) ପ୍ରଥମ ଓ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ପ୍ରକାର୍ଯ୍ୟ ହେଲା, ଏକ ବ୍ୟବସ୍ଥିତ ଓ ସାମାଜିକ ସ୍ୱୀକୃତି ପ୍ରାପ୍ତ ଉପାୟରେ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଯୌନ କାମନାର ପରିପୂରଣ ।

(ଖ) ସନ୍ତାନ ଜନ୍ମ ହେଉଛି ଦ୍ୱିତୀୟ ମହତ୍ତ୍ୱପୂର୍ଣ୍ଣ ପ୍ରକାର୍ଯ୍ୟ । ସନ୍ତାନ ଜନ୍ମ ମାଧ୍ୟମରେ ପରିବାର ଭବିଷ୍ୟତ ପିଢ଼ୀକୁ ପ୍ରାପ୍ତ କରେ ଓ ପରିବାରର ବଂଶ ପରଂପରାକୁ ଆଗକୁ ବଢ଼ାଏ । ସମଗ୍ର ବିଶ୍ୱରେ ଏହି ପରି ସନ୍ତାନ ଜନ୍ମ ମାଧ୍ୟମରେ ନିରନ୍ତର ସଦସ୍ୟ ସଂଖ୍ୟା ବଢ଼ି ବଢ଼ି ମାନବ ପ୍ରଜାତି ଆଗକୁ ଯାଏ ।



ଟୀପ୍‌ପଣୀ

(ଗ) ନିଜର ସଦସ୍ୟ ମାନଙ୍କର ସୁରକ୍ଷା ହେଉଛି ପରିବାରର ଅନ୍ୟ ଏକ ପ୍ରକାର୍ଯ୍ୟ । ପ୍ରତ୍ୟେକ ସଦସ୍ୟ, - ନବଜାତ ଶିଶୁ ଠାରୁ ଆରମ୍ଭ କରି ବୃଦ୍ଧ ଓ ଅସୁସ୍ଥ ସଦସ୍ୟ ମାନଙ୍କର ସ୍ୱାସ୍ଥ୍ୟର ଭୌତିକ ଯତ୍ନ ଓ ଦାୟିତ୍ୱ, ପରିବାରର ଏକ ଅତ୍ୟାବଶ୍ୟକୀୟ ପ୍ରକାର୍ଯ୍ୟ । ସଂକ୍ଷେପରେ କହିଲେ, ନିଜର ସଦସ୍ୟ ମାନଙ୍କର ଶାରୀରିକ ସୁସ୍ଥତା ଓ ମାନସିକ ଦୃଢ଼ତା ରକ୍ଷା କରିବାର ଦାୟିତ୍ୱ ପରିବାର ବହନ କରିଥାଏ ।

୨. **ଆର୍ଥିକ ପ୍ରକାର୍ଯ୍ୟ (Economic Function)** : ନିଜ ସଦସ୍ୟ ମାନଙ୍କର ଆତ୍ମନିର୍ଭରତା ଆସିବା ପର୍ଯ୍ୟନ୍ତ ପରିବାର ସେମାନଙ୍କର ଆର୍ଥିକ ଆବଶ୍ୟକତା, ଯଥା - ଖାଦ୍ୟ, ବସ୍ତ୍ର ଓ ବାସଗୃହ ଇତ୍ୟାଦି ଆବଶ୍ୟକତାର ପୂରଣ କରିଥାଏ । ପରିବାରର ମୁଖ୍ୟ ଚାକିରୀ, ବ୍ୟବସାୟ ଓ ଅନ୍ୟ କିଛି ଜୀବିକା ଗ୍ରହଣ କରି, ପରିବାରର ସଦସ୍ୟ ମାନଙ୍କର ଖର୍ଚ୍ଚ ତୁଲାଇଥା'ନ୍ତି । ବେଳେ ବେଳେ ପରିବାରର ସାମୁହିକ ଭାବେ ଏକ ପାରିବାରିକ ବୃତ୍ତିକୁ ଗ୍ରହଣ କରିଥା'ନ୍ତି, ଯଥା - ପରିବାରର ବ୍ୟବସାୟ, କୃଷି, ପଶୁପାଳନ, କୁଟୀର ଶିଳ୍ପ ଇତ୍ୟାଦି । ଏହି ସାମୁହିକ ଉଦ୍ୟମ, ପରିବାରର ସଦସ୍ୟ ମାନଙ୍କୁ ନିଯୁକ୍ତି ତଥା ଆୟ ପ୍ରଦାନ କରିଥାଏ ।


ଅନ୍ୟ ଆର୍ଥିକ ପ୍ରକାର୍ଯ୍ୟ ମଧ୍ୟରେ ପରିବାର ନିଜର ଉତ୍ତରାଧିକାରୀ ମାନଙ୍କୁ ସଂପତ୍ତି ତଥା ଗୁରୁ ଦାୟିତ୍ୱ ପ୍ରଦାନ କରିଥାଏ ।

୩. **ସନ୍ତାନମାନଙ୍କର ସାମାଜିକୀ କରଣ (Socialization of Children) :** ସନ୍ତାନ ମାନଙ୍କର ଦେଖାଶୁଣା କରିବା ଓ ସେମାନଙ୍କୁ ସମାଜର ସଂସ୍କୃତି ଅନୁସାରେ ବଢ଼ାଇବା (ପାଳନ କରିବା) ହେଉଛି ପରିବାରର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ସନ୍ତାନ ଯେପରି ଭୌତିକ ତଥା ଅଭୌତିକ ସଂସ୍କୃତି ବିଷୟରେ ସଚେତନ ହୋଇପାରିବ, ପରିବାର ସାମାଜିକି କରଣ ପ୍ରକ୍ରିୟା (ସାମାଜିକ ଶିକ୍ଷା ଗ୍ରହଣ) ମାଧ୍ୟମରେ ସୁନିଶ୍ଚିତ କରିଥାଏ । ଶିଶୁ ଏହି ପ୍ରକ୍ରିୟା ମାଧ୍ୟମରେ ଭାଷା, ପ୍ରଥା- ପରଂପରା, ବ୍ୟବହାର, ପ୍ରତିମାନ ଓ ମୂଲ୍ୟବୋଧ, ବିଶ୍ୱାସ ତଥା ସାମାଜିକ ଭୂମିକା ସବୁକୁ ଶିକ୍ଷା କରିଥାଏ । ଏହି ସବୁ ହେଉଛି ଅଭୌତିକ ସଂସ୍କୃତିର ଦିଗ । ଏହି ପ୍ରକ୍ରିୟା ମାଧ୍ୟମରେ ଭୌତିକ ସଂସ୍କୃତିର ବିଭିନ୍ନ ଦିଗ, ଯଥା- ଖାଦ୍ୟଶସ୍ୟ ଉତ୍ପାଦନ, ଗୃହ ନିର୍ମାଣ, ବାଦ୍ୟଯନ୍ତ୍ର ବାଦନ ଇତ୍ୟାଦିର ଶିକ୍ଷା ସବୁ ଯୁବ ପିଢ଼ୀକୁ ଦିଆଯାଇଥାଏ ।

> ତେବେ ବାସ୍ତବିକତା ହେଉଛି, ସାମାଜିକୀକରଣ ବିନା ସଂସ୍କୃତିର ହସ୍ତାନ୍ତରଣ ସମ୍ଭବ ନୁହେଁ । ତେଣୁ ସଂସ୍କୃତିର ଅସ୍ତିତ୍ୱ, ପରିବାରର ସାମାଜିକୀ କରଣ ପ୍ରକାର୍ଯ୍ୟ ଉପରେ ନିର୍ଭର କରେ ।

ଶିଶୁ ମାନଙ୍କର ଉପଯୁକ୍ତ ସାମାଜିକୀକରଣ ପାଇଁ ସାମାଜିକୀକରଣର ମାଧ୍ୟମ ବା ଏଜେନ୍ସିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ । ତେଣୁ ପରିବାର ରେ ମା' ଓ ଅନ୍ୟ ସଦସ୍ୟ, ଯେଉଁ ମାନେ କି ଏହି ପ୍ରକ୍ରିୟାର ମହତ୍ତ୍ୱପୂର୍ଣ୍ଣ ଏଜେନ୍ସି ଅଟନ୍ତି, ସ୍ନେହ ଓ ମମତା ମାଧ୍ୟମରେ ଶିଶୁଙ୍କୁ ସମାଜର ପ୍ରତିମାନ ସଂମ୍ବନ୍ଧୀୟ ଶିକ୍ଷା ଦେବା ଉଚିତ ।


୪. **ମନୋବୈଜ୍ଞାନିକ ପ୍ରକାର୍ଯ୍ୟ (Psychological Function)** : ମନୁଷ୍ୟ ନିଜର ସ୍ୱଜନମାନଙ୍କଠାରୁ, ଶୈଶବଠାରୁ ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ସ୍ନେହ ମମତା ଆଶା କରେ । ପରିବାର ସଦସ୍ୟ ମାନଙ୍କର ଦେଖାଶୁଣା ଓ ଯତ୍ନ, ବ୍ୟକ୍ତିକୁ ଆବେଗାତ୍ମକ ସମର୍ଥନ, ସ୍ଥିରତା ଓ ସୁରକ୍ଷା ପ୍ରଦାନ କରିଥାଏ ।



ଟୀପ୍‌ପଣୀ

ବ୍ୟକ୍ତି ଏଥିପାଇଁ ନିଜକୁ ସୁରକ୍ଷିତ ମନେ କରିଥାଏ ଓ ଭାବେ ଯେ ତା'ର ଭଲ ଓ ମନ୍ଦ ସମୟରେ ତା'ର ନିଜ ଆତ୍ମୀୟ ମାନେ ତା'ର ଦେଖାଶୁଣା କରିବେ ।

ବ୍ୟକ୍ତି ମଧ୍ୟ ପ୍ରତିଦାନରେ ନିଜର ସମୟ, ଶକ୍ତି ଓ ଅର୍ଥ ପରିବାରର ସଦସ୍ୟ ମାନଙ୍କୁ ଦେଇଥାଏ । ଜୀବନ ରେ କଠୋର ପରିଶ୍ରମ କରି ପରିବାରର ଯତ୍ନନେଇ, ପରିବାରକୁ ଶେଷରେ ସବୁ କିଛି ସମର୍ପଣ କରି ଦେଇ ଦିନେ ସଂସାରକୁ ବିଦାୟ ନିଏ ।



**ପରିବାର ସଦସ୍ୟ ମାନଙ୍କର ଆଦର ଓ ଯତ୍ନ**

## ପାଠ୍ୟଗତ ପ୍ରଶ୍ନାବଳୀ ୧୩.୨

ନିମ୍ନୋକ୍ତ ବକ୍ତବ୍ୟ ପାଇଁ ଭୁଲ୍ କିମ୍ବା ଠିକ୍ ଲେଖ ।

୧. ଶିଶୁର ପ୍ରାଥମିକ ଯତ୍ନ ଓ ଶିକ୍ଷା ହେଉଛି ପରିବାରର ପ୍ରକାର୍ଯ୍ୟ ।

୨. ଶୂନ୍ୟ ସ୍ଥାନ ପୂରଣ କର ।

ଉତ୍ତେଜନା ସ୍ଥିତିରେ ଆବେଗାତ୍ମକ ସମର୍ଥନ ପ୍ରଦାନ ହେଉଛି ପରିବାରର ________ ପ୍ରକାର୍ଯ୍ୟ ।

୩. ସଠିକ ଉତ୍ତର ବାଛ ।

ପରିବାରର ପ୍ରକାର୍ଯ୍ୟ ହେଲା -

(୧) ଶାରିରୀକ ସୁରକ୍ଷା ପ୍ରଦାନ

(୨) ଆର୍ଥିକ ସହାୟତା ପ୍ରଦାନ

(୩) ସମାଜର ପ୍ରତିମାନ ଓ ମୂଲ୍ୟବୋଧ ଅନୁଯାୟୀ ଶିଶୁର ସାମାଜିକୀକରଣ ।

(୪) ଉପରୋକ୍ତ ସମସ୍ତ ।

୪. ପରିବାରର ଏକ ଆର୍ଥିକ ପ୍ରକାର୍ଯ୍ୟକୁ ଦର୍ଶାଅ ।







## ୧୩ .୫ ପରିବାରର ପ୍ରକାର (Types of Family)

ପରିବାର ଅନେକ ପ୍ରକାରର ଅଛି । ପରିବାରର ଶ୍ରେଣୀ ବିଭାଗ କଲାବେଳେ, ବିଭିନ୍ନ କାରକ ମାନଙ୍କୁ ବିଚାରକୁ ନିଆଯାଇଥାଏ ।

କେତେକ ଗୁରୁତ୍ୱପୂର୍ଣ୍ଣ କାରକ ଆଧାରରେ ପରିବାରକୁ ନିମ୍ନୋକ୍ତ ମତେ ଶ୍ରେଣୀ ବିଭାଗ କରାଯାଇପାରିବ ।

**(୧) ବାସସ୍ଥାନ (Residence) :** ନବ ଦମ୍ପତି ଙ୍କର ବାସସ୍ଥାନର ଅବସ୍ଥିତି ଆଧାରରେ ନିମ୍ନୋକ୍ତ ତିନି ପ୍ରକାରର ପରିବାର ରହିଛି ।

(କ) ପିତୃସ୍ଥାନିକ ପରିବାର (Patrilocal family)

(ଖ) ମାତୃସ୍ଥାନିକ ପରିବାର (Matrilocal family)

(ଗ) ନବସ୍ଥାନିକ ପରିବାର (Neolocal family)

**(କ) ପିତୃସ୍ଥାନିକ ପରିବାର (Patrilocal family) :** ବିବାହ ପରେ ଯେତେବେଳେ ନବବିବାହିତ ସ୍ତ୍ରୀ ନିଜ ପିତାମାତା ଙ୍କର ଘର ଛାଡ଼ି ନିଜ ସ୍ୱାମୀର ପିତାମାତା ଙ୍କ ଘରକୁ ଯାଇ ରହେ, ସେତେବେଳେ ସେହି ପରିବାରକୁ ପିତୃସ୍ଥାନିକ ପରିବାର କୁହାଯାଏ । ଅଧିକାଂଶ ଭାରତୀୟ ପରିବାର ଏହି ଶ୍ରେଣୀର ଅଟନ୍ତି ।

**(ଖ) ମାତୃସ୍ଥାନିକ ପରିବାର (Matrilocal family) :** ଯେବେବେଳେ ନିବ ବିବାହିତ ଦମ୍ପତି ସ୍ତ୍ରୀର ପୈତୃକ ଘରେ ରୁହନ୍ତି. ସେତେବେଳେ ସେହି ପରିବାରକୁ ମାତୃସ୍ଥାନିକ ପରିବାର କୁହାଯାଏ ।

ଏହି ପରିବାର ସେତେବେଳେ ଗଠିତ ହୁଏ, ଯେତେବେଳେ ସ୍ତ୍ରୀ ବିବାହ ପରେ ନିଜ ମାତାପିତାଙ୍କର ଘର ଛାଡ଼ି ନିଜ ସ୍ୱାମୀ ସହ ଶାଶୁ ଘରକୁ ଯାଏ ନାହିଁ । କିନ୍ତୁ ସ୍ୱାମୀ, ନିଜ ସ୍ତ୍ରୀର ମା'ଙ୍କ ଘରେ ଆସି ରହେ, ଏହି ପରିବାରରେ ସ୍ୱାମୀ ତା' ନିଜ ଘର ଛାଡ଼ି ଦେଇ ଥାଏ । ଭାରତର ଉତ୍ତର ପୂର୍ବାଞ୍ଚଳର ଜନଜାତି, ଯଥା – ଖାସି ଓ ଗାରୋଙ୍କ ମଧ୍ୟରେ ଏହି ପରିବାର ଦେଖାଯାଏ ।

**(ଗ) ନବସ୍ଥାନିକ ପରିବାର (Neolocal family) :** ଯେତେବେଳେ ଏକ ନବ ଦମ୍ପତି ସ୍ୱାଧୀନ ଭାବରେ, ନିଜ ପିତାମାତାଙ୍କ ଘର ଠାରୁ ଭିନ୍ନ ଏକ ଘର କରନ୍ତି ଓ ସେଠାରେ ବସବାସ କରନ୍ତି, ସେତେବେଳେ ଓ ସେହି ନବ ଦମ୍ପତିଙ୍କର ପରିବାରକୁ ନବସ୍ଥାନିକ ପରିବାର କୁହାଯାଏ । ପାଶ୍ଚାତ୍ୟ ଦେଶମାନଙ୍କରେ ଲୋକମାନେ ନବସ୍ଥାନିକ ପରିବାରକୁ ପସନ୍ଦ କରିଥା'ନ୍ତି । ଏହି ପରିବାର ନବ ଦମ୍ପତିଙ୍କର ପିତାମାତାଙ୍କର ପରିବାର ଠାରୁ ସ୍ୱାଧୀନ ଓ ଭିନ୍ନ ପରିବାର ହୋଇଥାଏ ।


ଅଷ୍ଟ୍ରେଲିଆର କେତେକ ଜନଜାତିଙ୍କ କ୍ଷେତ୍ରରେ ବିବାହିତ ଦମ୍ପତି, ବରର ମାମୁଁଙ୍କ ଘରେ ବା ପାଖା ପାଖି ଘରେ ରହନ୍ତି । ଏହି ପ୍ରକାରର ପରିବାରକୁ ମାତୁଳସ୍ଥାନିକ ପରିବାର (Avunculocal family) କୁହାଯାଏ ।

**(୨) କର୍ତ୍ତୃତ୍ୱ (Authority)**

ପରିବାର ଉପରେ କର୍ତ୍ତୃତ୍ୱ ଆଧାରରେ ଦୁଇ ପ୍ରକାରର ପରିବାର ରହିଛି ।

**(କ) ପିତୃ କୈନ୍ଦ୍ରିକ ପରିବାର (Patriarchal family)**

**(ଖ) ମାତୃ କୈନ୍ଦ୍ରିକ ପରିବାର (Matriarchal family)**



ଟୀପ୍ପଣୀ

**(କ) ପିତୃ କୈନ୍ଦ୍ରିକ ପରିବାର (Patriarchal family)**

ଯେଉଁ ପରିବାରରେ ଔପଚାରିକ ମୁଖ୍ୟ ପିତା ଅଟନ୍ତି ଓ ପରିବାରରେ ସମସ୍ତ ଶାସନ କ୍ଷମତା ପିତାଙ୍କ ପାଖରେ ଥାଏ, ସେହି ପରିବାରକୁ ପିତୃକୈନ୍ଦ୍ରିକ ପରିବାର କୁହାଯାଏ । ପିତାଙ୍କ କର୍ତ୍ତୃତ୍ୱ ଚୁଡ଼ାନ୍ତ ଓ ସଂପୂର୍ଣ୍ଣ ହୋଇଥାଏ । ଏହି ପରିବାରରେ ମହିଳା ଓ ଶିଶୁ ମାନେ ପୁରୁଷ ସଦସ୍ୟଙ୍କର ନିଷ୍ପତ୍ତି ଓ ଆଦେଶକୁ ମାନିବାକୁ ବାଧ ହୋଇଥା'ନ୍ତି । ପାରଂପାରିକ ଚୀନ ଓ ଭାରତୀୟ ପରିବାର ମାନେ ପିତୃକୈନ୍ଦ୍ରିକ, ପିତୃସ୍ଥାନିକ ଓ ପିତୃବଂଶୀୟ ହୋଇଥା'ନ୍ତି ।

**(ଖ) ମାତୃ କୈନ୍ଦ୍ରିକ ପରିବାର (Matriarchal Family) :** ଯେଉଁ ପରିବାରରେ ମା' ଏକ କେନ୍ଦ୍ରିୟ ଭୂମିକା ତୁଲାଇଥା'ନ୍ତି ଓ ତାଙ୍କର କର୍ତ୍ତୃତ୍ୱ ଚୁଡ଼ାନ୍ତ ହୋଇଥାଏ, ସେହି ପରିବାରକୁ ମାତୃକୈନ୍ଦ୍ରିକ ପରିବାର କୁହାଯାଏ । ଏହି ପରିବାର ରେ ମା'ଙ୍କର ନିରଙ୍କୁଶ କ୍ଷମତା ଓ କର୍ତ୍ତୃତ୍ୱ ଥାଏ । କେରଳର ନାୟାର, ଆସାମର ଖାସି ଓ ଗାରୋ ଜନଜାତିଙ୍କ ମଧ୍ୟରେ ଏହି ପରିବାର ଦେଖାଯାଏ । ଏହି ପରିବାରମାନେ ମଧ୍ୟ ମାତୃସ୍ଥାନିକ ଓ ମାତୃବଂଶୀୟ ।

**(ଘ) ଆକାର (Size)**

ପରିବାରକୁ ଆକାର ଅନୁସାରେ ଦୁଇ ଭାଗରେ ବିଭକ୍ତ କରାଯାଇଛି ।

(କ) ଏକକ ପରିବାର ( Nuclear Family) :

(ଖ) ଯୌଥ / ବିସ୍ତୃତ ପରିବାର (Joint / Extended Family)

**(କ) ଏକକ ପରିବାର ( Nuclear Family) :** ଏହି ପରିବାର, ସ୍ୱାମୀ, ସ୍ତ୍ରୀ ଓ ସେମାନଙ୍କର ଅବିବାହିତ ସନ୍ତାନମାନଙ୍କୁ ନେଇ ଗଠିତ । ଏହି ପ୍ରକାର ପରିବାର ଆକାରରେ କ୍ଷୁଦ୍ର । ସହରାଞ୍ଚଳ ରେ ଏକକ ପରିବାର ଅତ୍ୟନ୍ତ ଲୋକପ୍ରିୟ । ବାସସ୍ଥାନର ଅଭାବ, ଆର୍ଥିକ ସମସ୍ୟା, ବ୍ୟକ୍ତିବାଦର ପ୍ରଚଳନ ଭଳି କେତେକ କାରକ ମାନଙ୍କର ପ୍ରଭାବରୁ ପରିବାରର ଆକାର କ୍ଷୁଦ୍ର ହୋଇଥାଏ । ଏହା, ବିବାହିତ ଦମ୍ପତି ଓ ସେମାନଙ୍କର ସନ୍ତାନ ମାନଙ୍କର ଏକ ମୌଳିକ ସମୁହ ଅଟେ । ଏହାକୁ ମଧ୍ୟ ନିକଟତର, ପ୍ରାଥମିକ ବା ଦାମ୍ପତ୍ୟ ମୂଳକ ପରିବାର କୁହାଯାଏ ।

**(ଖ) ଯୌଥ / ବିସ୍ତୃତ ପରିବାର (Joint / Extended Family) :** ତିନି କିମ୍ବା ଅଧିକ ପିଢ଼ୀର ରକ୍ତ ସଂପର୍କୀୟ ଓ ବୈବାହିକ ସଂପର୍କୀୟ (ଯେଉଁମାନେ କି ଏକ ପରିବାରର ସଦସ୍ୟ ଭାବେ ଚିହ୍ନିତ ହେଉଥିବେ) ମାନଙ୍କୁ ନେଇ ଗଠିତ । ଯୌଥ ପରିବାରର ସଦସ୍ୟମାନେ ପରସ୍ପରକୁ ଆର୍ଥିକ ତଥା ଅନ୍ୟାନ୍ୟ ସହାୟତା କରିଥା'ନ୍ତି ଏବଂ ଯୌଥ ପରିବାରର ନୀତିନିୟମକୁ ମାନିଥା'ନ୍ତି । ସାଧାରଣତଃ, ସେମାନେ ଏକ ଛାତ ତଳେ ରହିଥା'ନ୍ତି ଓ ପରିବାରର ମୁଖ୍ୟଙ୍କର କର୍ତ୍ତୃତ୍ୱକୁ ମାନିଥା'ନ୍ତି ।

**ବିସ୍ତୃତ ପରିବାର (Extended Family)** : ଏହା ଏକକ ପରିବାରର ଏକ ବିସ୍ତାର ଅଟେ । ବିଶେଷ କରି ଏହି ପରିବାର ଘନିଷ୍ଠ ସଂପର୍କୀୟମାନଙ୍କୁ ସାମିଲ କରି ଗଠନ କରାଯାଇଥାଏ ।

**ବହୁ ବିବାହୀ ପରିବାର ( Polygamous Family) :** ଏହି ପରିବାରରେ ଜଣେ ବ୍ୟକ୍ତି ଏକାଧିକ ସ୍ତ୍ରୀ କିମ୍ବା ସ୍ୱାମୀ ଗ୍ରହଣ କରି ପାରିବ ।

ଏହି ପ୍ରାଥମିକ ପରିବାରର ବିସ୍ତୃତି ତିନିରୁ ଚାରି ପିଢ଼ୀ ପର୍ଯ୍ୟନ୍ତ ଲମ୍ବିଥାଏ । ଏହି ପ୍ରକାରର ଯୌଥ ପରିବାର ଭାରତୀୟ ମାନଙ୍କ ମଧ୍ୟରେ ବିଶେଷ ପ୍ରଚଳିତ ।

## ପାଠ୍ୟଗତ ପ୍ରଶ୍ନାବଳୀ ୧୩.୩

୧. ନିମ୍ନୋକ୍ତ ବକ୍ତବ୍ୟ ପାଇଁ ଠିକ୍ କିମ୍ବା ଭୁଲ୍ ଲେଖ ।

ବଂଶୀୟ ଯୌଥ ପରିବାରରେ, ଜଣେ ବ୍ୟକ୍ତି ତା'ର ଏକ ପୁତ୍ର ଓ ପୌତ୍ର ସହିତ ରହିଥାଏ ।

୨. ଶୂନ୍ୟସ୍ଥାନ ପୂରଣ କର ।

ପରିବାରରେ ମା' ହେଉଛନ୍ତି ସର୍ବୋଚ୍ଚ କର୍ତ୍ତା ।

୩ - ସଠିକ ଉତ୍ତର ବାଛ ।

ଯେଉଁ ଯୌଥ ପରିବାରରେ ନବ ବିବାହିତ ଦମ୍ପତି ସ୍ୱାମୀର ମାମୁଁଙ୍କ ଘରେ ରହିଥାନ୍ତି, ତାହାକୁ ।

(କ) ମାତୃସ୍ଥାନିକ ପରିବାର କୁହାଯାଏ ।

(ଖ) ପିତୃସ୍ଥାନିକ ପରିବାର କୁହାଯାଏ ।

(ଗ) ମାତୁଳସ୍ଥାନିକ ପରିବାର କହନ୍ତି ।

(ଘ) ନବସ୍ଥାନିକ ପରିବାର କହନ୍ତି ।

୪. ଯୌଥ ପରିବାର କ'ଣ ? ଏକ ବାକ୍ୟରେ ଲେଖ ।

## ୧୩.୪ ଭାରତ ରେ ଯୌଥ ପରିବାର ( Joint Family in India)

### ୧୩.୪.୧ ଅର୍ଥ ( Meaning)

ପୁରାତନ କାଳରୁ ପାରଂପାରିକ ଭାରତୀୟ ପରିବାର ସଂରଚନାକୁ ଯୌଥ ପରିବାର କୁହାଯାଇ ଆସୁଛି ।

ଭାରତରେ ଯୌଥ ପରିବାରର ସଂଜ୍ଞା ଦେବାକୁ ଯାଇ କୁହାଯାଇଛି ଯେ ଯେତେବେଳେ ତିନି ବା ତତୋଽଧିକ ପିଢ଼ୀର ଦଳେ ଲୋକ, ଏକତ୍ର ଏକ ଛାତ ତଳେ ରହନ୍ତି, ଏକା ରୋଷେଇ ଶାଳରେ ରନ୍ଧା ହୋଇଥିବା ଖାଦ୍ୟ ଖାଆନ୍ତି ଓ ସମାନ, ସାଧାରଣ କାର୍ଯ୍ୟକଳାପରେ ଭାଗ ନିଅନ୍ତି; ସେତେବେଳେ ସେହି ଲୋକଙ୍କର ସମୁହକୁ ଯୌଥ ପରିବାର କୁହାଯାଏ । ଏହି ଲୋକ ମାନଙ୍କର ନିଜ ନିଜର ଜ୍ଞାତିତ୍ୱ ନିୟମ ଅନୁଯାୟୀ ସଂପତ୍ତିଗତ ଅଧିକାର ଥାଏ ।

ତେବେ ଅନ୍ୟ କେତେକଙ୍କ ମତରେ ଖାଲି ସାଧାରଣ ରୋଷେଇଶାଳ ଓ ବାସଗୃହ ରେ ରହିଲେ ଯେ ଯୌଥ ପରିବାର ହୋଇଯିବ, ତା'ନୁହେଁ; ସମାଜ ବିଜ୍ଞାନୀ ଙ୍କ ମତରେ ନିମ୍ନୋକ୍ତ ତିନିଟି ସର୍ତ୍ତପୂରଣ ହେଲେ ଯାଇ ପରିବାରକୁ "ଯୌଥ" ଆଖ୍ୟା ଦିଆଯାଇ ପାରିବ । ଏହି ସବୁ ସର୍ତ୍ତ ହେଲା ପିଢ଼ୀ ଗଭୀରତା (generation depth), ଅଧିକାର ଓ ଦାୟିତ୍ୱବୋଧ (Rights and obligations) ଏବଂ ସଂପତ୍ତି (Property) ଅଧିକାର । ଜ୍ଞାତିତ୍ୱ ସଂପର୍କରେ ବନ୍ଧା ହୋଇଥିବା ଦୁଇ ବା ଅଧିକ ପରିବାର ଅଲଗା ରହିଲେ ମଧ୍ୟ ଯଦି 'ଆବେଗାତ୍ମକ ବନ୍ଧନ', 'ସାଧାରଣ ସଂପତ୍ତି', ଓ 'ଏକ କର୍ତ୍ତାର ଅଧିନ', ଏହି ସୂତ୍ର ରେ ସଂପର୍କୀତ ହୋଇଥିବେ, ତାହାହେଲେ ସେହି ପରିବାରର ଲୋକମାନଙ୍କୁ ଯୌଥ ପରିବାର ସଦସ୍ୟ କୁହାଯାଇ ପାରିବ ।

### ୧୩.୪.୨ ଯୌଥ ପରିବାରର ଲକ୍ଷଣ ( Characteristics of Joint Family)

ଭାରତୀୟ ଯୌଥ ପରିବାରର ନିମ୍ନଲିଖିତ ଲକ୍ଷଣ ମାନ ରହିଛି ।

୧. **ଏହାର ଏକ ପ୍ରଭୁତ୍ୱ ସଂପନ୍ନ ସଂରଚନା ରହିଛି (ବା କର୍ତ୍ତା ଙ୍କ ଶାସନ)( Authority of the Head)-** ପରିବାର ସମ୍ବନ୍ଧୀ ଓ ପରିବାରର ସଦସ୍ୟ ମାନଙ୍କ ସମ୍ବନ୍ଧୀୟ ନିଷ୍ପତ୍ତି ନେବାର



ଟୀପ୍ପଣୀ

କ୍ଷମତା କେବଳ ପରିବାରର ମୁଖ୍ୟ ଙ୍କ ଉପରେ ନ୍ୟସ୍ତ ଥାଏ । ତାଙ୍କର ନିଷ୍ପତ୍ତି ଚୁଡାନ୍ତ ହୋଇଥାଏ ଓ ସମସ୍ତେ ତାହା ମାନିବାକୁ ବାଧ୍ୟ ।

**୨. ଏହି ସଂଗଠନ ସାମୁହିକ ସ୍ୱାର୍ଥକୁ ଗୁରୁତ୍ୱ ଦିଏ (It has Familistic Organization) -** ପରିବାରର ସଦସ୍ୟ ମାନଙ୍କର ସାମୁହିକ ସ୍ୱାର୍ଥକୁ ବ୍ୟକ୍ତିଗତ ସ୍ୱାର୍ଥ ଠାରୁ ଅଧିକ ଗୁରୁତ୍ୱ ଦିଆଯାଏ । ପରିବାର ସ୍ୱାର୍ଥବିରୋଧି ସମସ୍ତ ବ୍ୟକ୍ତିଗତ ଆଶା, ଆକାଙ୍କ୍ଷା, ପସନ୍ଦ ଅପସନ୍ଦକୁ ତ୍ୟାଗ କରାଯାଇଥାଏ ।

**୩ . ସଦସ୍ୟ ମାନଙ୍କର ବୟସ ଓ ସଂପର୍କ ଉପରେ ସେମାନଙ୍କର ପ୍ରସ୍ଥିତି ନିର୍ଭର କରେ (Status of Members depend upon their age and relationship)-** ଯୌଥ ପରିବାର ରେ ଜଣେ ବୟସ୍କ ବ୍ୟକ୍ତିର ପ୍ରସ୍ଥିତି ଜଣେ କମ୍ ବୟସ୍କ ବ୍ୟକ୍ତି ଠାରୁ ଅଧିକ ହୋଇଥାଏ । ସେହିପରି ବୈବାହିକ ଓ ରକ୍ତ ସଂପର୍କ ଆଧାରିତ ଉଚ୍ଚ ପ୍ରସ୍ଥିତି ପାଇଁ ବ୍ୟକ୍ତିକୁ ପରିବାର ରେ ସମ୍ମାନ ମିଳେ । ସ୍ୱାମୀ, ମାମୁଁ, ମାଇଁ, ଦାଦା, ଖୁଡ଼ୀ, ଅନ୍ୟ ସଂପର୍କୀୟ ମାନେ ସଂପର୍କରେ ଉଚ୍ଚ ପ୍ରସ୍ଥତି ପାଇଁ ସମ୍ମାନ ପାଆନ୍ତି । ଏହି ପ୍ରସ୍ଥିତି ନିରୂପଣ ପାଇଁ ବ୍ୟକ୍ତିର ଦକ୍ଷତା ଓ ଉପଲବ୍ଧିକୁ ଗୁରୁତ୍ୱ ଦିଆଯାଏ ନାହିଁ ।

**୪. ବୈବାହିକ ସଂମ୍ବନ୍ଧୀ ମାନଙ୍କୁ ରକ୍ତ ସମ୍ବନ୍ଧୀ ଠାରୁ କମ୍ ଗୁରୁତ୍ୱ ଦିଆଯାଏ । (Blood relationship gets preference over marital relationship)**

ଏହାର ଅର୍ଥ ହେଲା ଯେ ସ୍ୱାମୀ -ସ୍ତ୍ରୀ ସମ୍ବନ୍ଧ, ବାପା-ପୁଅ ବା ଭାଇ-ଭାଇର ସମ୍ବନ୍ଧ ଠାରୁ ଗୌଣ ଅଟେ ।

**୫. ମିଳିତ ଦାୟିତ୍ୱ ନିର୍ବାହର ଆଦର୍ଶ ଉପରେ ନିର୍ଭର କରି ପରିବାର କାର୍ଯ୍ୟ କରେ । (Family functions on the ideal of Joint responsibility)**

ପରିବାରର ପ୍ରତ୍ୟେକ ସଦସ୍ୟ ଅନ୍ୟ ସଦସ୍ୟ ମାନଙ୍କର ସମସ୍ୟା, ସୁଖ-ଦୁଃଖ ରେ ସହଭାଗୀ ହୋଇ ପରସ୍ପରକୁ ଯତ୍‌ପରୋନାସ୍ତି ସାହାଯ୍ୟ କରନ୍ତି ।

**୬. ସମସ୍ତ ସଦସ୍ୟଙ୍କୁ ସମାନ ଦୃଷ୍ଟି ଦିଆଯାଏ (All members get equal attention)-** ପରିବାରର ସମସ୍ତ ସଦସ୍ୟଙ୍କର ବ୍ୟକ୍ତିଗତ ଆୟ ପରିବାରର ମିଳିତ କୋଷ (Common fund)ରେ ଜମା ହୁଏ ଓ ବ୍ୟକ୍ତିମାନଙ୍କର ଅବଦାନ ତୁଳନାରେ ଖର୍ଚ୍ଚ ନ ହୋଇ ସେମାନଙ୍କର ଆବଶ୍ୟକତା ଅନୁସାରେ ଖର୍ଚ୍ଚ ହୋଇଥାଏ । ତେବେ ଯୌଥ ପରିବାର ସଂପର୍କୀତ ଏହି ଆଲୋଚନା ଏକ ଆଦର୍ଶ ସ୍ଥିତିର ଯୌଥ ପରିବାର ପ୍ରତି ପ୍ରଜୁଯ୍ୟ । କିନ୍ତୁ ବାସ୍ତବତା କ୍ଷେତ୍ରରେ ଦେଖିଲେ, ଜଣାଯିବ ଯେ ସଂପ୍ରତି ଯୌଥ ପରିବାର ତା'ର ଅନେକ ଲକ୍ଷଣ ହରାଇ ସାରିଛି ଓ ଧୀରେ ଧୀରେ ବିଘଟିତ ହେଉଛି ।

ପ୍ରକାରାନ୍ତରେ ଦେଖିବାକୁ ଗଲେ ଜଣାଯିବ ଯେ ଯୌଥ ପରିବାର କୃଷିଭିତ୍ତିକ ଓ ବ୍ୟବସାୟ ଭିତ୍ତିକ ପରିବାର (ଯେଉଁଠାରେ କି ଲୋକ ବଳ, ଧନ ଓ ଭୂ-ସଂପତ୍ତିର ଆବଶ୍ୟକତା ପଡ଼ିଥାଏ), ପାଇଁ ଉପଯୋଗୀ ।



ଟୀପ୍‌ପଣୀ

## ପାଠ୍ୟଗତ ପ୍ରଶ୍ନାବଳୀ ୧୩.୪

୧. ନିମ୍ନୋକ୍ତ ବକ୍ତବ୍ୟ ପାଇଁ 'ଠିକ୍' କିମ୍ବା 'ଭୁଲ୍' ଲେଖ ।

ସାଧାରଣ ବାସସ୍ଥାନ ଯୌଥ ପରିବାରର ଏକ ଅତ୍ୟାବଶ୍ୟକୀୟ ଲକ୍ଷଣ ଅଟେ ।

୨. ଶୂନ୍ୟ ସ୍ଥାନ ପୂରଣ କର ।

ଯୌଥ ପରିବାରରେ ________ ସଂପର୍କ ଅପେକ୍ଷା, ରକ୍ତ ସଂପର୍କକୁ ଅଧିକ ଗୁରୁତ୍ୱ ମିଳିଥାଏ ।

୩. ସଠିକ ଉତ୍ତର ଚିହ୍ନଟ କର ।

ଯୌଥ ପରିବାରରେ -

(କ) କର୍ତ୍ତାଙ୍କ ଆଦେଶ ମାନିବାକୁ ପଡ଼େ

(ଖ) ବୃତ୍ତିରେ ଉପଲବ୍ଧି ବା ଦକ୍ଷତା, ତଥା ଅର୍ଥ ଉପାର୍ଜନ ଭିତ୍ତିରେ ସଦସ୍ୟ ମାନଙ୍କର ପ୍ରସ୍ଥିତି ନିରୂପଣ କରାଯାଏ ନାହିଁ ।

(ଗ) ପ୍ରତ୍ୟେକ, ସମସ୍ତଙ୍କର ସୁଖ-ଦୁଃଖ ରେ ସହଭାଗୀ ହୋଇଥା'ନ୍ତି ।

(ଘ) ଉପରୋକ୍ତ ସମସ୍ତ ।


୪. ଭାରତୀୟ ଯୌଥ ପରିବାର ର ଦୁଇଟି ଲକ୍ଷଣ ଲେଖ ।

## ୧୩.୫ ପରିବାରରେ ପରିବର୍ତ୍ତନ ଓ ପରିବର୍ତ୍ତନର କାରକ ମାନ (Changes and factors of change in the Family)

ପାରଂପାରିକ ଓ ଆଧୁନିକ, ଉଭୟ ପରିବାର କେତେକ କାରକ ମାନଙ୍କ ପ୍ରଭାବରେ ପରିବର୍ତ୍ତିତ ହେଉଛନ୍ତି । ସେହି କାରକ ମାନେ ହେଲେ : ୧ - ଔଦ୍ୟୋଗିକୀ କରଣ ୨ - ସହରୀ କରଣ, ୩ - ପାଶ୍ଚାତ୍ୟ ସଂସ୍କୃତି, ୪ - ଆଧୁନିକ ଶିକ୍ଷା, ୫ - ଆଇନଗତ ଉପାୟ, ୬ - ପରିବାରରେ କଳହ, ଏବଂ ପରିବାରର ଦାୟିତ୍ୱ ନିର୍ବାହ କରିବା ଉଦ୍ଦେଶ୍ୟରେ ଗଢ଼ି ଉଠୁଥିବା ବିଭିନ୍ନ ସଂଘ, ଅନୁଷ୍ଠାନ ମାନ ।

ଉପରୋକ୍ତ କାରକ ମାନଙ୍କ ପ୍ରଭାବରେ ପରିବାରର ସଂରଚନା, ଅର୍ଥାତ୍ ଗଠନ ଓ ପରିବାରର ସଦସ୍ୟ ମାନଙ୍କର ଆନ୍ତଃ ସଂପର୍କରେ ବ୍ୟାପକ ତଥା ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟିଛି । ଆଧୁନିକ ଯୁଗରେ ପରିବାରର ପ୍ରକାର୍ଯ୍ୟରେ ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟିଛି । ସେହିସବୁ ପରିବର୍ତ୍ତନ ମାନ ନିମ୍ନରେ ଦିଆଗଲା -

- ଔଦ୍ୟୋଗିକୀ କରଣ ଓ ସହରୀ କରଣର ପ୍ରଭାବରେ ପରିବାରର ଆକାରରେ ପରିବର୍ତ୍ତନ ଘଟିଛି । ସହରାଞ୍ଚଳ ରେ ବଡ଼ ଆକାରର ପରିବାର ପାଇଁ ଘର ମିଳିବା କଷ୍ଟକର । ପୁନଶ୍ଚ, ଜଣେ ବ୍ୟକ୍ତିର ଆୟ, ଏକ ବଡ଼ ପରିବାରର ପ୍ରତିପୋଷଣ ପାଇଁ ଯଥେଷ୍ଟ ନୁହେଁ, ତେଣୁ ଆଧୁନିକ ସମୟରେ ପରିବାର କହିଲେ, ସ୍ୱାମୀ, ସ୍ତ୍ରୀ ଓ ସେମାନଙ୍କର ଅବିବାହିତ ସନ୍ତାନଙ୍କୁ ବୁଝାଏ । ଏହି ପରିବାରକୁ ଏକକ ପରିବାର କୁହାଯାଏ ।
- ଏକକ ପରିବାରର ଉତ୍‌ଥାନ, ଏହାର ସଦସ୍ୟ ମାନଙ୍କର ଆନ୍ତଃ-ସଂପର୍କରେ ମଧ୍ୟ ପରିବର୍ତ୍ତନ ଆଣିଛି । ଏକକ ପରିବାରର ସଦସ୍ୟ ମାନେ ସମାନତା ଆଧାରରେ ପରସ୍ପର ସହିତ ଆନ୍ତଃ-କ୍ରିୟା କରନ୍ତି । ସେମାନଙ୍କୁ କାହାର ଆଦେଶ, ଅନ୍ଧଭାବେ ମାନିବାକୁ ପଡ଼େ ନାହିଁ । ଏହି ପରିବାରରେ ସ୍ୱାମୀ ସ୍ତ୍ରୀ ଓ ସେମାନଙ୍କର ସନ୍ତାନ, ନିଜ ନିଜର ସମସ୍ୟା ଓ ପସନ୍ଦ ଅପସନ୍ଦ ବିଷୟରେ ଖୋଲା



ଟୀପ୍‌ପଣୀ

ଖୋଲି ଆଲୋଚନା କରନ୍ତି । ପରିବାର ସଂକ୍ରାନ୍ତୀୟ ନିଷ୍ପତ୍ତି ଓ ବ୍ୟକ୍ତିଗତ ଜୀବନ ସଂପର୍କୀୟ ନିଷ୍ପତ୍ତି ସାମୁହିକ ଭାବରେ ଆଲୋଚନା ମାଧ୍ୟମରେ ନିଆଯାଏ ।

➪ ପରିବାର ରେ ବେଳେ ବେଳେ ପରସ୍ପରର ଦୃଷ୍ଟିକୋଣକୁ ବୁଝିବାକୁ ଅସମର୍ଥତା କାରଣରୁ, ଯୁବ ଓ ବୟସ୍କ ପିଢ଼ୀ ମଧ୍ୟରେ ସଂଘର୍ଷ ତଥା ମନୋମାଳିନ୍ୟ ଦେଖାଯାଏ । ଫଳତଃ, ପରସ୍ପର ପ୍ରତି ଥିବା ସ୍ନେହ ଓ ସମ୍ମାନବୋଧ ତଥା ସମ୍ମାନର ସ୍ତର ହ୍ରାସ ପାଇବାରେ ଲାଗିଛି ।

➪ କିଛି ମାତା ପିତା, କର୍ମବ୍ୟସ୍ତତା କାରଣରୁ ସେମାନଙ୍କର ସନ୍ତାନ ମାନଙ୍କର ଉପଯୁକ୍ତ ଯତ୍ନ ନେଇ ପାରୁ ନାହାନ୍ତି । ଅନ୍ୟ କେତେକ କ୍ଷେତ୍ରରେ ସନ୍ତାନ ମାନଙ୍କର ଦାୟିତ୍ୱରୁ ମୁକ୍ତି ପାଇବାର ଇଚ୍ଛା କାରଣରୁ ଏପରି ଘଟୁଛି ।

➪ ଆଜିର ଯୁବକ ଯୁବତୀ ମାତା ପିତାଙ୍କ ଦ୍ୱାରା ସ୍ଥିରିକୃତ ପାତ୍ରୀ / ପାତ୍ର ଙ୍କ ସହିତ ବିବାହ କରିବାକୁ ଆବଶ୍ୟକ ମଣୁନାହାଁନ୍ତି । ସେମାନେ ଆପୋଷ ଆକର୍ଷଣ ମାଧ୍ୟମରେ ବୈବାହିକ ସାଥୀ ଚୟନ କରୁଛନ୍ତି । ପୁନଶ୍ଚ ଜୀବିକାର ସମାନତା, ଆର୍ଥିକ ସୁବିଧାକୁ ମଧ୍ୟ ଗୁରୁତ୍ୱ ଦେଉଛନ୍ତି । ଜାତି, ଶ୍ରେଣୀ, ପାରିବାରିକ ସାମଞ୍ଜସ୍ୟ, ପରିବାର ମୂଲ୍ୟବୋଧ ଇତ୍ୟାଦି ସେମାନଙ୍କର ଗୁରୁତ୍ୱ ହରାଇଛନ୍ତି ।

➪ ଜ୍ଞାତିତ୍ୱ ବନ୍ଧନ, ଆଜିର ପରିବାର ଢାଞ୍ଚାରେ ସେତେ ଦୃଢ଼ ନାହିଁ । ପରିବାର ସଦସ୍ୟ ମାନେ ସମୟର ପ୍ରବାହ ସହିତ ଆତ୍ମକେନ୍ଦ୍ରିକ ତଥା ଆତ୍ମନିର୍ଭର ହୋଇଯାଉଛନ୍ତି । ନିଜର ରକ୍ତ ସମ୍ବନ୍ଧୀ ଓ ପରିବାର ସଦସ୍ୟ ଙ୍କ ପାଇଁ ସେମାନଙ୍କ ପାଖରେ ସମୟ, ଅର୍ଥ ଓ ଶକ୍ତିର ଅଭାବ ହେଉଛି ।

➪ ଆଜିର ପରିବାର ମାନ ଶିଶୁ କୈନ୍ଦ୍ରିକ ହୋଇ ପଡୁଛନ୍ତି । ମାତା ପିତା ନିଜର ସନ୍ତାନ ମାନଙ୍କର ଶିକ୍ଷା, କ୍ୟାରିୟର ଓ ଚାକିରୀକୁ ନେଇ ବହୁତ ଚିନ୍ତାରେ ରହୁଛନ୍ତି । ଯୌଥ ପରିବାରର ବିଘଟନ କାରଣରୁ ପରିବାରର ବଡ଼ ଭାଇ ମାନେ ସେମାନଙ୍କର କନିଷ୍ଠ ଭ୍ରାତା ଓ ଭଗ୍ନୀ ମାନଙ୍କ ପ୍ରତି ଧ୍ୟାନ ଦେବାକୁ ବାଧ୍ୟ ନୁହଁନ୍ତି । ପିତାମାତାଙ୍କର ସଂପୂର୍ଣ୍ଣ ଜୀବନ, ସେମାନଙ୍କର ସନ୍ତାନଙ୍କର ଭବିଷ୍ୟତ ଯୋଜନା ଓ ତା'ର ରୂପାୟନରେ ବିତୁଛି ।

➪ ପରିବାରର ପ୍ରକାର୍ଯ୍ୟ ରେ ମଧ୍ୟ ପରିବର୍ତ୍ତନ ଆସିଛି । ବିଶେଷ କରି ପରିବାର ଦ୍ୱାରା ହେଉଥିବା ପ୍ରକାର୍ଯ୍ୟ ସବୁକୁ ଅନ୍ୟ ଅନୁଷ୍ଠାନ ଓ ଏଜେନ୍ସି ମାନେ କରୁଛନ୍ତି, ଯେଉଁମାନେ କେବଳ ନିର୍ଦ୍ଦିଷ୍ଟ କେତେକ ଭୂମିକା ନିର୍ବାହ କରୁଛନ୍ତି, ପରିବାର ଭଳି ସାମଗ୍ରୀକ ଦୃଷ୍ଟିକୋଣରୁ ସେମାନେ ଦାୟିତ୍ୱ ନିର୍ବାହ କରୁ ନାହାଁନ୍ତି । ନୂଆ ନୂଆ ଏଜେନ୍ସି ଯଥା କ୍ରେଚ୍ - ଶିଶୁମାନଙ୍କର ଦିବା-ଯତ୍ନ କେନ୍ଦ୍ର, ବୃଦ୍ଧାଶ୍ରମ, କ୍ଲବ, ହଷ୍ଟେଲ ଇତ୍ୟାଦି ପରିବାରର ଭୂମିକା ତୁଲାଉଛନ୍ତି । ତେବେ ପରିବାରରେ ମିଳୁଥିବା ନିସ୍ୱାର୍ଥ ସେବା ଓ ଆବେଗାତ୍ମକ ସମର୍ଥନ କେଉଁଠି ମିଳୁ ନାହିଁ ।

➪ ଅଧିକାଂଶ ସମାଜ ପାଇଁ ପରିବାର ଆଉ ମୁଖ୍ୟ ଉତ୍ପାଦନ-କେନ୍ଦ୍ର ଏକକ ହୋଇ ରହିନାହିଁ । ଉତ୍ପାଦନର କାରଖାନା ମାନଙ୍କର ଆଗମନ ଫଳରେ, ପରିବାରରେ ଆଉ ଦ୍ରବ୍ୟ ସବୁ ଉତ୍ପାଦିତ ହେଉନାହିଁ । ଫଳରେ ପରିବାର ସଦସ୍ୟ ମାନେ ଘର ବାହାରେ ନିଜ ପାଇଁ କର୍ମ ସଂସ୍ଥାନ ଖୋଜୁଛନ୍ତି । ଏହି ପରିବର୍ତ୍ତନ ଫଳରେ ପରିବାରର ସଦସ୍ୟ ମାନଙ୍କ ମଧ୍ୟରେ ଶାରିରୀକ ଓ ମାନସିକ ବ୍ୟବଧାନ ବଢ଼ି ଚାଲିଛି ।

➪ ପାଶ୍ଚାତ୍ୟ ସମାଜରେ ମଧ୍ୟ ପରିବାରର ଅସ୍ଥିରତା ଦେଖାଯାଉଛି । ବିବାହ ବିଚ୍ଛେଦ ଓ ବିଚ୍ଛେଦର ଶତକଡ଼ା ହାର ବଢ଼ି ଚାଲିଛି । ବିଚ୍ଛିନ୍ନ ହେଉଥିବା ପିତାମାତା ଙ୍କ ସନ୍ତାନ ମାନଙ୍କ ଉପରେ ଏହା



ଟୀପ୍ପଣୀ

ଅତ୍ୟଧିକ ଆବେଗାତ୍ମକ ଓ ସାମାଜିକ ଚାପ ସୃଷ୍ଟି କରୁଛି । ସେମାନଙ୍କର ଜୀବନର ପ୍ରାରମ୍ଭିକ ନିର୍ମାଣ ସମୟରେ, ସାହାଯ୍ୟ ଓ ସମର୍ଥନ କରିବାକୁ କେହି ନାହାଁନ୍ତି । ଯେଉଁ ପିତାମାତା ବିଚ୍ଛେଦ ପରେ ସନ୍ତାନ ମାନଙ୍କର ଯତ୍ନ ନେଉଛନ୍ତି, ସେମାନେ ମଧ୍ୟ ଅତ୍ୟଧିକ ଚାପ ମଧ୍ୟରେ କାର୍ଯ୍ୟ କରୁଛନ୍ତି ।

- ➪ କେତେକ ଦମ୍ପତି, ବୈବାହିକ ସଂପର୍କ ବିନା ମଧ୍ୟ ଏକାଠି ରହୁଛନ୍ତି, କାରଣ ସେମାନେ ବିବାହ କରି ବିଚ୍ଛିନ୍ନ ହେବା ପରିସ୍ଥିତିକୁ ଏଡ଼ାଇବାକୁ ଚାହୁଁଛନ୍ତି । ଏହି ପ୍ରକାର ଏକତ୍ର ରହିବାକୁ, ସହାବସ୍ଥାନ ବା ଲିଭ୍-ଇନ୍ (Live-in-Relationship) ସଂପର୍କ କୁହାଯାଏ । ସେମାନଙ୍କ ମତରେ ଏହା ବିବାହର ଏକ ଶକ୍ତିଶାଳୀ ବିକଳ୍ପ ଅଟେ ।
- ➪ କେତେକ ବିବାହିତ ଓ ଚାକିରୀଜୀବି ଦମ୍ପତି, ଆର୍ଥିକ ସ୍ଥିରତା ଆସିବା ପୂର୍ବରୁ ସନ୍ତାନ ଚାହୁଁ ନାହାଁନ୍ତି । ସେମାନେ ସନ୍ତାନ ମାନଙ୍କୁ ବୋଝ ବୋଲି ଭାବୁଛନ୍ତି । ଏହି ପରିବାରକୁ DINK (Double Income No Kids, ଦୁଇ ଆୟ, ବିନା ସନ୍ତାନ) ପରିବାର କୁହାଯାଉଛି ।
- ➪ ଇସ୍ରାଏଲରେ ଏକ ବିଶେଷ ପରିବାର ବ୍ୟବସ୍ଥା - କିବୁଜ୍ (Kibbutz) ଦେଖାଯାଏ । କିବୁଜ୍ ହେଉଛି ବ୍ୟକ୍ତି ଓ ପରିବାର ମାନଙ୍କର ଏକ ସମୁଦାୟ ଯାହା ସନ୍ତାନ ପାଳନ ପୋଷଣରେ ସହଯୋଗ କରେ । ସନ୍ତାନ ମାନେ ପିତାମାତାଙ୍କ ଠାରୁ ଦୂରରେ ଚିଲ୍ଡ୍ରେନ ହୋମ୍ (Children Home) ରେ ରହିଥା'ନ୍ତି । ପ୍ରତ୍ୟେକ କିବୁଜରେ 50 ରୁ 2000 ପର୍ଯ୍ୟନ୍ତ ଲୋକ ଥା'ନ୍ତି । ଯେଉଁମାନେ କି ଏକ ଘରୋଇ ପରିବେଶରେ ପିଲାମାନଙ୍କର ଲାଳନ ପାଳନ କରିଥା'ନ୍ତି ଓ ସେମାନଙ୍କର ପିତାମାତା ଦୂରରେ ଥାଇ ଦାୟିତ୍ୱ ମୁକ୍ତ ହୋଇଥା'ନ୍ତି । ପିଲାମାନେ ସପ୍ତାହକୁ ଥରେ ପରିବାର ସହ ମିଶିଥା'ନ୍ତି ।

ତେବେ ସଂରଚନାତ୍ମକ ଓ ପ୍ରକାର୍ଯ୍ୟାତ୍ମକ ପରିବର୍ତ୍ତନ ସତ୍ତ୍ୱେ, ସନ୍ତାନ ମାନଙ୍କର ସାମାଜିକୀ କରଣ ଓ ସଦସ୍ୟ ମାନଙ୍କୁ ଆବେଗାତ୍ମକ ସମର୍ଥନ ଦେବା କ୍ଷେତ୍ରରେ ଏବେ ମଧ୍ୟ ପରିବାର ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ସନ୍ତାନ ମାନଙ୍କର ପ୍ରଜନନ ଓ ଲାଳନ ପାଳନ କେବଳ ପରିବାର ମଧ୍ୟରେ ସନ୍ତୋଷ ଜନକ ଭାବରେ ହୋଇଥାଏ । ବିବାହ ଓ ସଫଳ ପାରିବାରିକ ଜୀବନ ମାଧ୍ୟମରେ ଯେଉଁ ମନସ୍ତାତ୍ତ୍ୱିକ ସନ୍ତୋଷ ଓ ସାମାଜିକ ସମ୍ମାନ ମିଳିଥାଏ, ତାହା ଗୁଣାତ୍ମକ ଦୃଷ୍ଟିରୁ ଅତୁଳନୀୟ ଅଟେ । ପରିଣାମ ସ୍ୱରୂପ, ପରିବାର ଏକ ସର୍ବବ୍ୟାପୀ ଅପରିହାର୍ଯ୍ୟ ଅନୁଷ୍ଠାନରେ ପରିଣତ ହୋଇଛି ।

## ପାଠ୍ୟଗତ ପ୍ରଶ୍ନାବଳୀ ୧୩.୫

୧ - ନିମ୍ନୋକ୍ତ ବକ୍ତବ୍ୟ ପାଇଁ 'ଠିକ୍' କିମ୍ବା 'ଭୁଲ୍' ଲେଖ ।


ପିଲାର ପ୍ରାରମ୍ଭିକ ଯତ୍ନ ଓ ଶିକ୍ଷା ହେଉଛି ପରିବାରର ଏକ ଅତ୍ୟାବଶ୍ୟକୀୟ ପ୍ରକାର୍ଯ୍ୟ ।

୨. ଶୂନ୍ୟ ସ୍ଥାନ ପୂରଣ କର ।

ଆଧୁନିକ ପରିବାର __________ କେନ୍ଦ୍ରିକ ହୋଇଯାଇଛି ।

୩. ସଠିକ ଉତ୍ତର ଚିହ୍ନଟ କର ।

ଏକ ପରିବାର -



ଟୀପ୍‌ପଣୀ

(୧) ସନ୍ତାନ ମାନଙ୍କର ପ୍ରଜନନ ଓ ଲାଳନ ପାଳନ ପାଇଁ ସର୍ବୋତ୍ତମ ପରିବେଶ ପ୍ରଦାନ କରିଥାଏ ।

(୨) ସମସ୍ତ ପ୍ରକାରର ନିଃସ୍ୱାର୍ଥ ଓ ଜୀବନ ବ୍ୟାପୀ ସମର୍ଥନ ନିଜର ସଦସ୍ୟ ମାନଙ୍କୁ ପ୍ରଦାନ କରେ ।

(୩ ) ସଦସ୍ୟ ମାନଙ୍କୁ ସାମାଜିକ ପରିଚୟ ପ୍ରଦାନ କରେ ।

(୪) ଅସୁସ୍ଥତା, ଦୁର୍ଭାଗ୍ୟ ଓ ବୃଦ୍ଧାବସ୍ଥା ସମୟରେ ଏହାର ସଦସ୍ୟ ମାନଙ୍କର ଯତ୍ନ ନିଏ ।

(୫) ଉପରୋକ୍ତ ସମସ୍ତ ।

୪. ପରିବାରରେ ନାରୀମାନଙ୍କର ପ୍ରସ୍ଥିତି କିଭଳି ପରିବର୍ତ୍ତିତ ହୋଇଛି ଏକ ବାକ୍ୟରେ ଲେଖ ।

## କ'ଣ ଶିଖିଲେ

➪ ପରିବାର ହେଉଛି ସମାଜର ମୌଳିକ ଏକକ ଓ ଏକ ବ୍ୟକ୍ତି ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସମୁହ ।

➪ ପରିବାର ହେଉଛି ଦଳେ ବ୍ୟକ୍ତିଙ୍କର ସମୁହ, ଯେଉଁମାନେ କି ଜନ୍ମ, ରକ୍ତ ସଂପର୍କ ଓ ପୋଷ୍ୟ ସଂପର୍କ ମାଧ୍ୟମରେ ସମ୍ବନ୍ଧିତ ।

➪ ଏକ ସାମଗ୍ରୀକ ସମୁହ ଅନୁସାରେ ପରିବାର ନିଃସ୍ୱାର୍ଥପର ଭାବରେ ସମଗ୍ର ବିଶ୍ୱରେ ନିଜର ସଦସ୍ୟ ମାନଙ୍କର କଲ୍ୟାଣ ନିମନ୍ତେ କାର୍ଯ୍ୟ କରିଥାଏ ।

➪ ପରିବାରର ନିମ୍ନୋକ୍ତ ନିର୍ଦ୍ଦିଷ୍ଟ ଲକ୍ଷଣମାନ ରହିଛି ।

(୧) ସର୍ବ ବ୍ୟାପକତା

(୨) ଆବେଗାତ୍ମକ ଆଧାର

(୩) ରଚନାତ୍ମକ ପ୍ରଭାବ

(୪) ସୀମିତ ଆକାର

(୫) ସାମାଜିକ ସଂରଚନାରେ କେନ୍ଦ୍ରିୟ ଭୂମିକା

(୬) ସଦସ୍ୟ ମାନଙ୍କ ପ୍ରତି ଦାୟିତ୍ୱ

(୭) ସାମାଜିକ ନିୟନ୍ତ୍ରଣ

(୮) ସ୍ଥାୟୀ କିମ୍ବା ଅସ୍ଥାୟୀ ସ୍ୱରୂପ

➪ ପରିବାରର ସାଧାରଣ ଲକ୍ଷଣ ମାନ ହେଲା

(୧ ) ସହବାସର ସଂପର୍କ

(୨) ଏକତ୍ର ସହାବସ୍ଥାନ

(୩) ବଂଶ ଗଣନା, ନାମକରଣ ପ୍ରଣାଳୀ

(୪) ଅର୍ଥନୈତିକ ବ୍ୟବସ୍ଥା

➪ ପରିବାରର ପ୍ରକାର୍ଯ୍ୟ ମାନ ହେଲା -

(୧) ଜୈବିକ ପ୍ରକାର୍ଯ୍ୟ

(୨) ସନ୍ତାନ ମାନଙ୍କର ସାମାଜିକୀ କରଣ ଓ ସଂସ୍କୃତି ଶିକ୍ଷା

(୩) ଅର୍ଥନୈତିକ ପ୍ରକାର୍ଯ୍ୟ

(୪) ମନୋବୈଜ୍ଞାନିକ ପ୍ରକାର୍ଯ୍ୟ



ଟୀପ୍ପଣୀ

- ମାନବ ପ୍ରଜାତି, ସମାଜ ଓ ସଂସ୍କୃତିର ଅସ୍ତିତ୍ୱ ରକ୍ଷା ପାଇଁ ପରିବାରର ପ୍ରକାର୍ଯ୍ୟ ଅପରିହାର୍ଯ୍ୟ ।
- ବିଭିନ୍ନ ଆଧାରରେ ପରିବାରର ପ୍ରକାର ମାନ ହେଲା-

| | | |
|---|---|---|
| (୧) ବାସସ୍ଥାନ | - | (କ) ପିତୃ ସ୍ଥାନିକ ପରିବାର |
| | | (ଖ) ମାତୃ ସ୍ଥାନିକ ପରିବାର |
| | | (ଗ) ନବ ସ୍ଥାନିକ ପରିବାର |
| | | (ଘ) ମାତୁଳ ସ୍ଥାନିକ ପରିବାର |
| (୨) କର୍ତ୍ତୃତ୍ୱ | - | (କ) ପିତୃ କୈନ୍ଦ୍ରିକ ପରିବାର |
| | | (ଖ) ମାତୃ କୈନ୍ଦ୍ରିକ ପରିବାର |
| (୩) ଆକାର | - | (କ) ଏକକ ପରିବାର |
| | | (ଖ) ଯୌଥ / ବିସ୍ତୃତ ପରିବାର |

- ପୁରାତନ କାଳରୁ ଭାରତୀୟ ପାରଂପାରିକ ପରିବାରକୁ ଯୌଥ ପରିବାର କୁହାଯାଇ ଆସୁଛି ।
- ଭାରତୀୟ ଯୌଥ ପରିବାରର ନିମ୍ନଲିଖିତ ଲକ୍ଷଣ ମାନ ରହିଛି ।

(୧) କର୍ତ୍ତୃତ୍ୱ ସଂପନ୍ନ ସଂରଚନା

(୨) ପରିବାର ବାଦୀ ସଂଗଠନ

(୩) ବୟସ ଓ ସଂପର୍କ ଅନୁସାରେ ପ୍ରସ୍ଥିତି ନିରୂପଣ ।

(୪) ବୈବାହିକ ସଂପର୍କ ତୁଳନାରେ ରକ୍ତ ସଂପର୍କକୁ ଗୁରୁତ୍ୱ ଦିଆଯାଏ ।

(୫) ମିଳିତ ଦାୟିତ୍ୱ

(୬) ନିମ୍ନୋକ୍ତ କାରକ ମାନେ ପରିବାରରେ ପରିବର୍ତ୍ତନ ଆଣିଛନ୍ତି ।

(୧) ଔଦ୍ୟୋଗିକୀ କରଣ

(୨) ଆଧୁନିକ ଶିକ୍ଷା

(୩) ସହରୀ କରଣ

(୪) ପାଶ୍ଚାତ୍ୟ ସଂସ୍କୃତି

(୫) ଆଇନଗତ ପଦକ୍ଷେପ

(୬) ପରିବାରର କଳହ

(୭) ପରିବାରର କାର୍ଯ୍ୟ କରିବା ପାଇଁ ଅନ୍ୟ ସଂଘ / ଏଜେନ୍ସି ମାନଙ୍କର ଆବିର୍ଭାବ ।

- ପରିବାରର ସଂରଚନା ଓ ପ୍ରକାର୍ଯ୍ୟରେ ଘଟିଥିବା ପରିବର୍ତ୍ତନ ମାନ ହେଲା -

(୧) ପରିବାରର ଆକାରରେ ପରିବର୍ତ୍ତନ ଘଟିଛି ।

(୨) ଏହାର ସଦସ୍ୟ ମାନେ ସମାନତା ଆଧାରରେ ଆନ୍ତଃ-କ୍ରିୟା କରୁଛନ୍ତି ।

(୩) ନୂଆ ଓ ପୁରୁଣା ପିଢ଼ୀ ମଧ୍ୟରେ ସଂଘର୍ଷ





(୪) ବୈବାହିକ ସାଥୀ ଚୟନରେ ସ୍ୱାଧୀନତା

(୫) ଜ୍ଞାତିତ୍ୱ ସଂପର୍କ / ବନ୍ଧନର ଗୁରୁତ୍ୱ ହ୍ରାସ

(୬) ଅଧିକାଂଶ ସମାଜରେ ପରିବାର, ଉତ୍ପାଦନ କେନ୍ଦ୍ରର ଏକକ ନୁହେଁ ।

(୭) ବିଚ୍ଛିନ୍ନ ପିତାମାତାଙ୍କ ସନ୍ତାନ ମାନେ ଅସ୍ଥିରତା, ଉପଯୁକ୍ତ ଲାଳନ ପାଳନର ସମସ୍ୟା ସମ୍ମୁଖୀନ ହେଉଛନ୍ତି ।

(୮) କିଛି ଚାକିରୀଜୀବି ଦମ୍ପତି ସନ୍ତାନ ଚାହୁଁ ନାହାନ୍ତି ଓ ସେହି ପରିବାରକୁ (Double Income No Kids) ପରିବାର କୁହାଯାଉଛି ।

## ପାରିଭାଷିକ ଶବ୍ଦାବଳୀ (GLOSSARY)

- ମାତୁଳ ସ୍ଥାନିକ ପରିବାର (Avunculocal Family) : ଏହି ପରିବାର ହେଉଛି ସ୍ୱାମୀର ମାମୁଁଙ୍କର ଘର, ଯେଉଁ ଠାରେ ବିବାହ ପରେ ନବଦମ୍ପତି ରହିଥା'ନ୍ତି ।
- ସହାବସ୍ଥାନ (Co-habitation) : ବିବାହ ନ କରି ଏକ ଦମ୍ପତିର ଏକତ୍ର ରହିବା ।
- ସମବର୍ତ୍ତୀ ଯୌଥ ପରିବାର (Co-Lateral Joint Family) : ଏହା ହେଉଛି, ସେହି ବିସ୍ତୃତ ଭୂସମାନ୍ତର ଯୌଥ ପରିବାର, ଯେଉଁଥିରେ ଭାଇମାନଙ୍କର ପରିବାର ଏକାଠି ରହନ୍ତି ।
- ଡିଙ୍କ୍ସ (DINKS) : ଉଭୟ ସ୍ୱାମୀ ଓ ସ୍ତ୍ରୀ ରୋଜଗାର କରୁଥିବା ପରିବାର, ଯେଉଁଥିରେ ସନ୍ତାନ ନ ଥା'ନ୍ତି । Double Income No Kids.
- ଅଭିବିନ୍ୟାସ ର ପରିବାର (Family of orientation) : ଯେଉଁ ପରିବାରରେ ଜଣେ ଜନ୍ମ ହୋଇଥାଏ ।
- ଯୌଥ ପରିବାର (Joint Family) : ତିନିରୁ ଚାରି ପିଢ଼ୀର ରକ୍ତ ଓ ବୈବାହିକ ସଂପର୍କୀୟଙ୍କୁ ନେଇ ଗଠିତ ପରିବାର ।
- କିବୁଜ୍ (Kibbutz) : ପିଲାମାନଙ୍କର ମିଳିତ ଦାୟିତ୍ୱ ନେଉଥିବାରୁ 50 ରୁ 5000 ସଦସ୍ୟ ବିଶିଷ୍ଟ ପରିବାରମାନଙ୍କ ଏକ ସମୁଦାୟ ।
- ବଂଶୀୟ ଯୌଥ ପରିବାର (Lineal Joint Family) : ଏହା ଯୌଥ ପରିବାରର ଏକ ବିସ୍ତୃତି ଅଟେ, ଯେଉଁଥିରେ ପିତାମାତା ସେମାନଙ୍କର ଏକ ପୁଅର ପରିବାର ସହିତ ରହନ୍ତି ।
- ମାତୃକୈନ୍ଦ୍ରିକ ପରିବାର (Matriarchal Family) : ଏକ ପ୍ରକାର ପରିବାର, ଯେଉଁଥିରେ ମା' ହେଉଛନ୍ତି ପରିବାରର ମୁଖ୍ୟ ଓ ପ୍ରଭୁତ୍ୱ ସଂପନ୍ନ କ୍ଷମତାର ଅଧିକାରୀ ।
- ମାତୃସ୍ଥାନିକ ପରିବାର (Matrilocal Family) : ଏକ ପ୍ରକାର ପରିବାର, ଯେଉଁଥିରେ ବିବାହ ପରେ ନବ ଦମ୍ପତି, ସ୍ତ୍ରୀ ର ମାତାପିତାଙ୍କ ଘରେ ରହିଥା'ନ୍ତି ।
- ନବ ସ୍ଥାନିକ ପରିବାର (Neo-local Family) : ଏହି ପରିବାର ବ୍ୟବସ୍ଥାରେ ନବ ଦମ୍ପତି ନିଜ ନିଜର ମୂଳ ପରିବାର ସହିତ ନ ରହି ଏକ ନୂତନ ଘରେ ରହିଥା'ନ୍ତି ।







- ଏକକ ପରିବାର (Nuclear Family) : ଏକ ମୌଳିକ ପ୍ରକାରର ପରିବାର, ଯେଉଁଥିରେ ବିବାହିତ ଦମ୍ପତି ଓ ସେମାନଙ୍କର ଅବିବାହିତ ସନ୍ତାନ ରହିଥା'ନ୍ତି ।
- ପିତୃକୈନ୍ଦ୍ରିକ ପରିବାର (Patriarchal Family) : ଏହା ଏକ ପରିବାର ଯେଉଁଥିରେ ପିତା ଔପଚାରିକ ମୁଖ୍ୟ ଓ ଶାସନ କ୍ଷମତାର କେନ୍ଦ୍ରବିନ୍ଦୁ ଅଟନ୍ତି ।
- ପିତୃସ୍ଥାନିକ ପରିବାର (Patrilocal Family) : ଏକ ପରିବାର ଯେଉଁଥିରେ ବିବାହ ପରେ ନବ ଦମ୍ପତି ସ୍ୱାମୀର ପିତାଙ୍କ ଘରେ ରହିଥା'ନ୍ତି ।

## ପାଠ୍ୟଗତ ପ୍ରଶ୍ନାବଳୀ

୧. ପରିବାର କହିଲେ କ'ଣ ବୁଝ ? ନିଜ ଭାଷାରେ ବର୍ଣ୍ଣନା କର ।

୨. ବ୍ୟକ୍ତିତ୍ୱ ଗଠନରେ ପରିବାରର ଭୂମିକା ବିଷୟରେ ଆଲୋଚନା କର ।

୩. ପରିବାରର ସାଧାରଣ ଲକ୍ଷଣ ମାନ ଦର୍ଶାଅ ।

୪. ପରିବାରର ଅର୍ଥନୈତିକ ପ୍ରକାର୍ଯ୍ୟ ସବୁ କ'ଣ ?

୫. ଭାରତରେ ଯୌଥ ପରିବାରର ଲକ୍ଷଣ ମାନ କ'ଣ ?

୬. ପରିବାର ବର୍ତ୍ତମାନ ଅସ୍ଥିରତାର ସମସ୍ୟାର ସମ୍ମୁଖୀନ ହୋଇଛି । କିପରି ?

## ପାଠ୍ୟଗତ ପ୍ରଶ୍ନାବଳୀମାନଙ୍କ ଉତ୍ତର

୧୩ . ୧

୧ - ଭୁଲ, ୨ - ବିବାହ, ୩ - (୫)

୧୩ . ୨

୧ - ଠିକ୍, ୨ - ମନୋବୈଜ୍ଞାନିକ, ୩ - (୪)

୧୩ . ୩

୧ - ଠିକ୍, ୨ - ମାତୃକେନ୍ଦ୍ରିକ, ୩ - (ଗ)

୧୩ . ୪

୧ - ଭୁଲ, ୨ - ବୈବାହିକ, ୩ - (୪)

୧୩ . ୫

୧ - ଠିକ୍, ୨ - ସନ୍ତାନ, ୩ - (୫)



ଟୀପ୍ପଣୀ

# ୧୪

# ଜ୍ଞାତିତ୍ୱ (KINSHIP)

**ମ**ନୁଷ୍ୟ ସ୍ୱଭାବତଃ ସାମାଜିକ । ସେ ଅନେକ ବ୍ୟକ୍ତିଙ୍କ ସହ ବିଭିନ୍ନ ପ୍ରକାର ସଂପର୍କ ସ୍ଥାପନ କରେ । ସେହି ସବୁ ସଂପର୍କ ମଧ୍ୟରେ ଜ୍ଞାତିତ୍ୱ ହେଉଛି ଅତି ଗୁରୁତ୍ୱପୂର୍ଣ୍ଣ ସଂପର୍କ । ଆପଣ ପରିବାର ଭିତରେ ଓ ବାହାରେ ନିଜର ଅନେକ ଜ୍ଞାତିଙ୍କ ଦ୍ୱାରା ଘେରି ହୋଇ ରହିଥା'ନ୍ତି ।

ଜଣେ ସାଧାରଣ ବୟସ୍କ ପୁରୁଷ, କାହାର ପୁଅ, କାହାର ଭାଇ, ପୁତୁରା, ଦାଦା ଓ ଏପରି ଅନେକ ସଂପର୍କୀୟ ହୋଇପାରେ । ସେହିପରି ଏକ ମହିଳା, ଝିଅ, ଭଉଣୀ, ସ୍ତ୍ରୀ, ମା, ମାଉସୀ, ପିଉସୀ ଇତ୍ୟାଦି ହୋଇଥାଏ ।

ରକ୍ତ ସମ୍ବନ୍ଧ ଉପରେ ଓ ବିବାହ ଉପରେ ଆଧାରିତ ଏହି ସବୁ ସଂପର୍କକୁ ଜ୍ଞାତି-ସଂପର୍କ କୁହାଯାଏ । ଏହି ଅଧ୍ୟାୟରେ ଜ୍ଞାତିତ୍ୱ-ବନ୍ଧନ ଓ ଏହାର ବିଭିନ୍ନ ଦିଗ ସଂପର୍କରେ ଆପଣମାନେ ଜାଣିବେ ।

## ଉଦ୍ଦେଶ୍ୟ (Objectives)

**ଏହି ଅଧ୍ୟାୟ ପଢିବା ପରେ ଆପଣ :**

- ➪ ଜ୍ଞାତିତ୍ୱର ଅର୍ଥ ଓ ସଂଜ୍ଞାକୁ ବୁଝି ପାରିବେ ;
- ➪ ବିଭିନ୍ନ ପ୍ରକାରର ଓ ଜ୍ଞାତି ବନ୍ଧନର ଗଭୀରତାକୁ ବର୍ଣ୍ଣନା କରିପାରିବେ;
- ➪ ଜ୍ଞାତିତ୍ୱର ପ୍ରକାର୍ଯ୍ୟ ଓ ଗୁରୁତ୍ୱକୁ ବ୍ୟାଖ୍ୟା କରିପାରିବେ;
- ➪ ଜ୍ଞାତିତ୍ୱ ସଂପର୍କିତ ବିଭିନ୍ନ ଶବ୍ଦକୁ ବୁଝାଇ ପାରିବେ;
- ➪ ବିଭିନ୍ନ ଜ୍ଞାତି ସମୁହକୁ ବର୍ଣ୍ଣନା କରିପାରିବେ ; ଏବଂ
- ➪ ଜ୍ଞାତିତ୍ୱର ବ୍ୟବହାର ରୀତିକୁ ବର୍ଣ୍ଣନା କରିପାରିବେ ।

## ୧୪.୧ ଜ୍ଞାତିତ୍ୱର ଅର୍ଥ ଓ ସଂଜ୍ଞା (Meaning and Definition of Kinship)

ଜ୍ଞାତିତ୍ୱ ହେଉଛି ସଂପର୍କକୁ ସ୍ୱୀକାର କରିବାର ଏକ ପଦ୍ଧତି । ଏହି ସାମାଜିକ ବନ୍ଧନ ରକ୍ତ-ସଂପର୍କ ଓ ବିବାହରୁ ସୃଷ୍ଟି । ଏହି ପୃଥିବୀର ସମସ୍ତ ସମାଜରେ ଜ୍ଞାତିତ୍ୱ ବନ୍ଧନକୁ ମୌଳିକ ଭାବେ ଗୁରୁତ୍ୱ ଦିଆଯାଏ । ବିବାହ, ପ୍ରଜନନ ଓ ଆହରଣ ଭିତ୍ତିରେ ପ୍ରତିଷ୍ଠିତ ସାମାଜିକ ସ୍ୱୀକୃତି ଓ ପରିବାର ସଂପର୍କର ଅଭିବ୍ୟକ୍ତି



ଟୀପ୍‌ପଣୀ

ଆଜିକାଲି ସବୁଆଡ଼େ ଦେଖାଯାଉଛି । ଜୈବିକ ବନ୍ଧନ ଅପେକ୍ଷା ସଂପର୍କର ସାମାଜିକ ସ୍ୱୀକୃତି ଅଧିକ ଗୁରୁତ୍ୱପୂର୍ଣ୍ଣ । ଯଦି ଏକ ସଂପର୍କ ସାମାଜିକ ଦୃଷ୍ଟିରୁ ଗ୍ରହଣୀୟ ନୁହେଁ ଓ ଅସ୍ୱୀକୃତ, ତାହାହେଲେ ଜ୍ଞାତିତ୍ୱ ପରିସର ମଧ୍ୟରେ ମଧ ଏହା ଗ୍ରହଣୀୟ ହୁଏ ନାହିଁ ।

> ବଂଶ, ବିବାହ ଓ ପୋଷ୍ୟ-ଗ୍ରହଣ ଆଧାରିତ ଜ୍ଞାତିତ୍ୱ ସମାଜ ଦ୍ୱାରା ସ୍ୱୀକୃତ । ଏହା ଜୈବିକ ଭାଷାରେ ସଂପର୍କର ଅଭିବ୍ୟକ୍ତି ଅଟେ । ଜ୍ଞାତିତ୍ୱକୁ ବିବାହ, ବଂଶ ଓ ପୋଷ୍ୟ-ଗ୍ରହଣ ଆଧାରିତ ସଂପର୍କର ପରିଭାଷୀ କୁହାଯାଇ ପାରିବ ।

ଜ୍ଞାତିତ୍ୱ ସଂପର୍କର ବିସ୍ତୃତି ସମ୍ଭବ ହୋଇଥାଏ, କାରଣ ପ୍ରତ୍ୟେକ ବୟସ୍କ ବ୍ୟକ୍ତି ଦୁଇ ପ୍ରକାର ପରସ୍ପର ବ୍ୟାପିତ (Over Lapping) ପରିବାରର ନିବାସୀ ହୋଇଥାଏ । – ଅଭିବିନ୍ୟାସର ପରିବାର (Family of Orientation) ଓ ପ୍ରଜନନ ପରିବାର (Family of Procreation) । ବିବାହର ନିଷେଧାତ୍ମକ ନିୟମ ଓ ଅରମ୍ୟା ରମଣ ନିଷେଧ (incest prohibition) ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିକୁ ତା'ର ନିଜର ପରିବାର (ଯେଉଁ ପରିବାରରେ ସେ ଜନ୍ମ ହୋଇଥାଏ) ରେ ପିତା ଓ ସ୍ୱାମୀ ହେବାକୁ ଦିଏ ନାହିଁ । ଯେଉଁ ପରିବାରରେ ସେ ପୁଅ କିମ୍ବା ଭାଇର ସଂପର୍କରେ ପରିଚିତ ଥାଏ ।

ଜଣେ ବ୍ୟକ୍ତି ଅଭିବିନ୍ୟାସ ପରିବାର (Family of orientation) ରେ ଜନ୍ମ ହୁଏ ଓ ଦ୍ୱିତୀୟ ପ୍ରାରମ୍ଭିକ ପରିବାର (ବିବାହ କରି) ପ୍ରତିଷ୍ଠା କରେ, ଯାହାକୁ ଆମେ ପ୍ରଜନନର ପରିବାର କହିଥାଉ (Family of procreation) ।

## ୧୪.୨ ଜ୍ଞାତିତ୍ୱର ପ୍ରକାର (Types of Kinship)

ପରିବାର ମଧ୍ୟରେ ମୂଳତଃ ଦୁଇ ପ୍ରକାରର ଜ୍ଞାତିତ୍ୱ ଦେଖାଯାଏ ।

(୧) ବୈବାହିକ ଜ୍ଞାତି

(୨) ରକ୍ତ ସମ୍ବନ୍ଧୀୟ ଜ୍ଞାତି

### (୧) ବୈବାହିକ ଜ୍ଞାତି (Affiinal Kinship)


ଏହି ପ୍ରକାର ଜ୍ଞାତିତ୍ୱ ବିବାହ ଉପରେ ଆଧାରିତ । ସବୁଠାରୁ ପ୍ରାଥମିକ ଜ୍ଞାତିତ୍ୱ ସଂପର୍କ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ପ୍ରତିଷ୍ଠିତ ହୋଇଥାଏ । ଏହି ସଂପର୍କ ସେମାନଙ୍କ ଠାରୁ ସେମାନଙ୍କର ପରସ୍ପରର ପରିବାର ସଂପର୍କୀୟ ଯଥା – ପିତାମାତା, ଭାଇଭଉଣୀ, ସେମାନଙ୍କର ପତିପତ୍ନୀ ଓ ସନ୍ତାନ ମାନଙ୍କ ପାଖକୁ ବିସ୍ତାରିତ ହୋଇଥାଏ । ତେଣୁ ଜ୍ୱାଇଁ ଓ ଶ୍ୱଶୁର ସମ୍ବନ୍ଧ ହେଉଛି ବୈବାହିକ ଜ୍ଞାତିତ୍ୱର ଏକ ଉଦାହରଣ । ସେହିପରି ଶଳା, ଶାଳୀ ତଥା ସେମାନଙ୍କର ସନ୍ତାନ ମଧ ବୈବାହିକ ଜ୍ଞାତି ଙ୍କର ଉଦାହରଣ ଅଟନ୍ତି ।

### (୨) ରକ୍ତ ସମ୍ବନ୍ଧୀୟ ଜ୍ଞାତି (Consaquineous Kinship)

ଏହି ପ୍ରକାରର ଜ୍ଞାତିତ୍ୱ ବଂଶ ଆଧାରିତ ହୋଇଥାଏ ଓ ଏହାକୁ ରକ୍ତ ସମ୍ବନ୍ଧୀୟ ଜ୍ଞାତିତ୍ୱ କୁହାଯାଏ ।

ଏକ ଶିଶୁ ଓ ତା'ର ପିତାମାତାଙ୍କର ସମ୍ବନ୍ଧ, ଏକ ପିତାମାତାଙ୍କର ସନ୍ତାନ ମାନଙ୍କ ମଧ୍ୟରେ ଥିବା ସମ୍ବନ୍ଧ, ଦାଦା, ପୁତୁରା ଝିଆରୀ, ଇତ୍ୟାଦିଙ୍କ ମଧ୍ୟରେ ଥିବା ସମ୍ବନ୍ଧ ସବୁ ହେଉଛନ୍ତି ରକ୍ତ ସମ୍ବନ୍ଧୀୟ ଜ୍ଞାତିତ୍ୱର ଉଦାହରଣ ।

ରକ୍ତ ସମ୍ବନ୍ଧୀୟ ଜ୍ଞାତିତ୍ୱ, ପିତାମାତା ଓ ସନ୍ତାନଙ୍କ ମଧ୍ୟରେ ଥିବା ଜେନେଟିକ୍ ସମ୍ବନ୍ଧର ଜୈବିକ ସତ୍ୟତା ଉପରେ ଆଧାରିତ । ମା ଓ ଶିଶୁର ସଂପର୍କରୁ ରକ୍ତ ସମ୍ବନ୍ଧୀୟ ଜ୍ଞାତିତ୍ୱର ଅୟମାରମ୍ଭ ହୋଇ ଶିଶୁର ପିତା,



ଟୀପ୍ପଣୀ

ଜେଜେ ବାପା, ଜେଜେମା', ଦାଦା, ସଂପକୀୟ ଭାଇ ଭଉଣୀ, ଖୁଡ଼ୀ ଇତ୍ୟାଦିଙ୍କ ଆଡ଼କୁ ବିସ୍ତାରିତ ହୋଇଥାଏ ।

ଜ୍ଞାତି ମାନେ ସବୁବେଳେ ପରସ୍ପର ସହିତ ରକ୍ତ କିମ୍ବା ବୈବାହିକ ସମ୍ବନ୍ଧରେ ସଂପର୍କୀତ ନ ହୋଇ ପାରନ୍ତି, କିନ୍ତୁ କାଳ୍ପନିକ ଓ ଅନୁମାନିକ ଭାବେ ଗ୍ରହଣୀୟ ସଂପର୍କ ଥାଏ । ଏହି କ୍ଷେତ୍ରରେ ଏହି ଜ୍ଞାତି ମାନଙ୍କର ସାମାଜିକ ସ୍ୱୀକୃତି ସେମାନଙ୍କର ଜୈବିକୀୟ ସମ୍ବନ୍ଧ ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ।

ଉଦାହରଣ ସ୍ୱରୂପ ତାମିଲନାଡୁର ନୀଲଗିରି ପର୍ବତ ରେ ରହୁଥିବା ଟୋଡ଼ା ଜନଜାତିର ମହିଳା ଏକ ସଙ୍ଗେ ଅନେକ ସ୍ୱାମୀକୁ ବରଣ କରିଥାଏ । ଏହି ସ୍ଥିତିରେ ତାର ସନ୍ତାନ ମାନଙ୍କର ଜୈବିକୀୟ ପିତା ଅଲଗା ଅଲଗା ହୋଇଥିଲେ ମଧ୍ୟ ଏହି ସନ୍ତାନ ମାନେ ତାର ନିର୍ଦ୍ଦିଷ୍ଟ ଏକ ସ୍ୱାମୀ (ଯିଏ କି ତାକୁ ଧନୁ- ଶର, ପ୍ରଦାନ କରିଥାଏ)ର ସନ୍ତାନ ଭାବେ ପରିଗଣିତ ହୁଅନ୍ତି । ଏହି ବ୍ୟକ୍ତି ଜୀବିତ ନଥିବା ଅବସ୍ଥାରେ ମଧ୍ୟ ସେହି ମହିଳାର ସ୍ୱାମୀ ଓ ତାର ସମସ୍ତ ସନ୍ତାନ ମାନଙ୍କର ପିତା ଭାବରେ ପରିଗଣିତ ହୁଏ, ଯେ ପର୍ଯ୍ୟନ୍ତ ସେହି ମହିଳାର ଅନ୍ୟ ଏକ ସ୍ୱାମୀ ଧନୁ- ଶର ପ୍ରଦାନର ରୀତି ନିତି ପାଳନ ନ କରିଛି । ପୋଷ୍ୟ ସନ୍ତାନ ଗ୍ରହଣ ମଧ୍ୟ, ସନ୍ତାନ ଓ ପୋଷ୍ୟ ଗ୍ରହଣ କାରୀ ମଧ୍ୟରେ ଜ୍ଞାତିତ୍ୱ ସଂପର୍କ ସ୍ଥାପନ କରେ ।

## ପାଠ୍ୟଗତ ପ୍ରଶ୍ନାବଳୀ ୧୪ .୧

୧. ନିମ୍ନୋକ୍ତ ବକ୍ତବ୍ୟ ପାଇଁ 'ଠିକ୍' କିମ୍ବା 'ଭୁଲ' ଲେଖ ।

ଜ୍ଞାତିତ୍ୱ ସମ୍ବନ୍ଧ ରକ୍ତ ସଂପର୍କ ଓ ବିବାହ ଉପରେ ଆଧାରିତ ।

୨. ଶୂନ୍ୟସ୍ଥାନ ପୂରଣ କର : -

ବଂଶ ଆଧାରିତ ଜ୍ଞାତିତ୍ୱକୁ ________________ କୁହାଯାଏ ।

୩. ସଠିକ୍ ଉତ୍ତର ଚିହ୍ନଟ କର ।

ଯେଉଁ ପରିବାର ରେ ବ୍ୟକ୍ତି ଜନ୍ମ ହୋଇଥାଏ । ସେହି ପରିବାରକୁ ତାର -

(୧) ପ୍ରଜନନର ପରିବାର କୁହାଯାଏ ।

(୨) ଅଭିବିନ୍ୟାସର ପରିବାର କୁହାଯାଏ ।

(୩) କେହି ନୁହେଁ

(୪) ଉଭୟ

## ୧୪.୩ ଘନିଷ୍ଠତା ବା ନିକଟତା ଆଧାରରେ ଜ୍ଞାତିତ୍ୱର ପ୍ରକାର ଭେଦ (Degree of Kinship)

ଆମେ ଉପରୋକ୍ତ ଆଧାରରେ ଜ୍ଞାତିତ୍ୱ ସଂପର୍କକୁ ନିମ୍ନମତେ ଶ୍ରେଣୀ ବିଭାଗ କରି ପାରିବା ।

### (୧) ପ୍ରାଥମିକ ଜ୍ଞାତି (Primary Kin)

ପ୍ରାଥମିକ ବା ପ୍ରଥମ ଶ୍ରେଣୀର ଜ୍ଞାତି ପରସ୍ପର ସହିତ ପ୍ରତ୍ୟକ୍ଷ ଭାବେ ସଂପର୍କୀତ । ଏହି ଜ୍ଞାତି ଅଭିନ୍ୟାସର ପରିବାର ରେ ସଦସ୍ୟ ଥା'ନ୍ତି । ଅର୍ଥାତ୍ ଏକ ପରିବାରରେ ଜନ୍ମ, ପାଳିତ ହୋଇଥିବା ସଦସ୍ୟ ମାନେ ଯଥା - ବାପା, ମା, ଭାଇ, ଭଉଣୀ ଇତ୍ୟାଦି ହେଉଛନ୍ତି ଆମର ପ୍ରାଥମିକ ଜ୍ଞାତି । କାରଣ ଆମେ ସେମାନଙ୍କ ସହିତ ପ୍ରତ୍ୟକ୍ଷ ଭାବରେ ରକ୍ତ ସଂପର୍କ ତଥା ଜୈବିକ ସଂପର୍କ ରେ ସମ୍ବନ୍ଧିତ । ସ୍ୱାମୀ - ସ୍ତ୍ରୀ







ସଂପର୍କ ହେଉଛି ଏକ ପ୍ରକାରର ପ୍ରାଥମିକ - ସାଦୃଶ୍ୟ ଜ୍ଞାତି (Primary affinal Kin)ର ଉଦାହରଣ । ଜଣେ ବ୍ୟକ୍ତି (ସ୍ୱ)ର ସାତ ପ୍ରକାରର ପ୍ରାଥମିକ ଜ୍ଞାତି ଥା'ନ୍ତି ଯଥା - ମା' ବାପା, ପୁଅ, ଝିଅ, ଭାଇ, ଭଉଣୀ, ସ୍ୱାମୀ ବା ସ୍ତ୍ରୀ ।

**(୨) ଗୌଣ ଜ୍ଞାତି (Secondary Kin)**

ଆମ ପ୍ରାଥମିକ ଜ୍ଞାତି ଙ୍କର ପ୍ରଥମ ଶ୍ରେଣୀର ଜ୍ଞାତି ହେଉଛନ୍ତି ଆମର ଗୌଣ ଜ୍ଞାତି । ଏହି ଶ୍ରେଣୀର 33 ପ୍ରକାର ଜ୍ଞାତି ଅଛନ୍ତି । ଗୌଣ ଜ୍ଞାତିର ଉଦାହରଣ ହେଲା :- ବାପାଙ୍କର ବାପା ଅର୍ଥାତ୍ ଜେଜେ ବାପା, ମା'ଙ୍କର ବାପା ଅର୍ଥାତ୍ ଅଜା, ବାପା ଓ ମା'ଙ୍କର ପିତା ମାତା, ସ୍ତ୍ରୀ, ସ୍ୱାମୀର ଭାଇ ଓ ଭଉଣୀ, ପିତାମାତା ଇତ୍ୟାଦି ।


**(୩) ଆଂଶିକ ଜ୍ଞାତି (Tertiary Kin)**


ଆମର ଗୌଣ ଜ୍ଞାତିଙ୍କର ପ୍ରାଥମିକ ଜ୍ଞାତି କିମ୍ୱା ଆମର ପ୍ରାଥମିକ ଜ୍ଞାତିଙ୍କର ଗୌଣ ଜ୍ଞାତି ହେଉଛନ୍ତି ଆମର ଆଂଶିକ ଜ୍ଞାତି ବା ତୃତୀୟ ଶ୍ରେଣୀର ଜ୍ଞାତି । ଉଦାହରଣ ସ୍ୱରୂପ ଆପଣଙ୍କର ଶଳା ହେଉଛନ୍ତି ଆପଣଙ୍କର ଗୌଣ ଜ୍ଞାତି, ଓ ତାଙ୍କର ପ୍ରାଥମିକ ଜ୍ଞାତି ଅର୍ଥାତ୍ ତାଙ୍କର ସ୍ତ୍ରୀ (ଶଳା ଭାଉଜ) ଓ ପିଲା ମାନେ ଆପଣଙ୍କର ଆଂଶିକ ଜ୍ଞାତି ଅଟନ୍ତି । 151 ପ୍ରକାରର ଆଂଶିକ ଜ୍ଞାତି ଅଛନ୍ତି । ଉଦାହରଣ ସ୍ୱରୂପ, ବାପାଙ୍କର ଭାଇଙ୍କ ସ୍ତ୍ରୀ, ବାପାଙ୍କର ଭଉଣୀର ସ୍ୱାମୀ, ବାପାଙ୍କର ମା'ଙ୍କର ଭାଇ, ବାପାଙ୍କର ମା'ଙ୍କର ଭଉଣୀ ଇତ୍ୟାଦି ।

ଏହି ଭଳି ଜ୍ଞାତି ଙ୍କର ଦ୍ୱିରତ୍ୱ ୪ର୍ଥ, ୫ମ, ୬ଷ୍ଠ ଠାରୁ ଅସଂଖ୍ୟ ଶ୍ରେଣୀ ପର୍ଯ୍ୟନ୍ତ ରହିଛି । ଆମ ଆଂଶିକ ଜ୍ଞାତିଙ୍କର ପ୍ରାଥମିକ ଜ୍ଞାତି ହେଉଛନ୍ତି ଆମର ଚତୁର୍ଥ ଶ୍ରେଣୀର ଜ୍ଞାତି, ଏହି ଜ୍ଞାତି ମାନଙ୍କ ସହ ଆମେ ଅତି ଦୂରତା ଥିବା ସାଦୃଶ୍ୟ (ବୈବାହିକ) ଓ ରକ୍ତ ସମ୍ୱନ୍ଧୀୟ ସଂପର୍କ ରଖିଥାଉ । ସେମାନେ ଆମର ଦୂର ସଂପକୀୟ ଜ୍ଞାତି ବୋଲି ପରିଚିତ ହୁଅନ୍ତି । କେତେକ ସମାଜରେ ଏହି ଦୂର ସଂପର୍କୀୟ ଜ୍ଞାତି ମାନଙ୍କୁ ଗୁରୁତ୍ୱ ଦିଆଯାଉଥିଲା ବେଳେ, ଅନ୍ୟ କେତେକ ସମାଜରେ ସେମାନଙ୍କୁ ସ୍ୱୀକାର ମଧ୍ୟ କରାଯାଏ ନାହିଁ ।

## ୧୪.୪ ଜ୍ଞାତିତ୍ୱର ରେଖାଚିତ୍ର (Kinship Diagram)

ଆପଣମାନେ ଜ୍ଞାତିତ୍ୱ ସଂମ୍ୱନ୍ଧକୁ ପ୍ରାୟତଃ ଏହି ରେଖାଚିତ୍ର ମାଧମରେ ପ୍ରଦର୍ଶିତ ହେବା ଦେଖିଥିବେ ।





ଟୀପ୍ପଣୀ

ଉପରୋକ୍ତ ରେଖାଚିତ୍ରରେ ପ୍ରତୀକ (Symbols) ମାନେ ନିମ୍ନୋକ୍ତ ମତେ ବ୍ୟବହୃତ ହୋଇଛି ।

△ : ପୁରୁଷ,

O : ମହିଳା,

= : ବିବାହ,

: ନିମ୍ନପିଢ଼ୀ

'ସ୍ୱ' ବା 'Ego' ମାଧ୍ୟମରେ ସଂପର୍କ ଗଣନା ଆରମ୍ଭ ହୁଏ । ପ୍ରଦତ୍ତ ରେଖାଚିତ୍ରରେ 'Ego' (M) ହେଉଛି (G) ପିତାର ପୁତ୍ର ଓ (H) ମା'ର ପୁତ୍ର । L ହେଉଛି ତା'ର ଭଉଣୀ, D ତା'ର ଜେଜେ, ଯିଏକି A ଓ B ର ପୁଅ । N ହେଉଛି 'Ego' ର ସ୍ତ୍ରୀ, Q ତା'ର ଶ୍ୱଶୁର, R ତା'ର ଶାଶୁ, P ହେଉଛି ତା'ର ଶଳା ।

## ୧୪.୫ ଜ୍ଞାତିତ୍ୱର ପ୍ରକାର୍ଯ୍ୟ (Function of Kinship)

ଏକ ବ୍ୟକ୍ତି ଓ ସମୂହ ପାଇଁ ଜ୍ଞାତିତ୍ୱର ଗୁରୁତ୍ୱ ରହିଛି । ଗୋଟେ କଥା ଅଛି- ରକ୍ତ ହେଉଛି ପାଣି ଠାରୁ ବହଳିଆ, ଅର୍ଥାତ୍ ଜ୍ଞାତି ମାନେ ଅନ୍ୟ ମାନଙ୍କ ଠାରୁ ନିଜର, କାରଣ ଅଭାବ, ଅସୁବିଧା, ସମସ୍ୟା ରେ ସେମାନେ ସାହାଯ୍ୟ କରନ୍ତି ଓ ସୁରକ୍ଷା ଦିଅନ୍ତି । ଏହି ଜ୍ଞାତି ସଂପର୍କ ମଧ୍ୟ ବ୍ୟକ୍ତିକୁ ଏକ ନିର୍ଦ୍ଦିଷ୍ଟ ଜ୍ଞାତି ସମୂହରେ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥାଏ । ଏହି ସଂପର୍କ ବ୍ୟକ୍ତିକୁ ବିଭିନ୍ନ ପ୍ରସ୍ଥିତି ଯଥା – ବାପା, ମା, ଭାଇ, ସ୍ୱାମୀ ଇତ୍ୟାଦି ପ୍ରଦାନ କରିଥାଏ । ଏହି ପ୍ରସ୍ଥିତି ଅନୁଯାୟୀ ସେମାନଙ୍କର ଭୂମିକା ନିର୍ଦ୍ଧାରିତ ହୋଇଥାଏ ଓ ସେମାନେ ସେମାନଙ୍କର ସମାଜ ପ୍ରତି ଥିବା ଦାୟିତ୍ୱ ନିର୍ବାହ କରିଥା'ନ୍ତି ।

ସଂକଟ ସମୟରେ କେବଳ ଜ୍ଞାତି ମାନେ ହିଁ ବ୍ୟକ୍ତିର ସହାୟତା କରିଥା'ନ୍ତି । ସୁଖ, ଆନନ୍ଦ ଉତ୍ସବ ସମୟରେ ମଧ୍ୟ ଜ୍ଞାତିମାନେ ବ୍ୟକ୍ତି ସହିତ ରହି ତା'ର ଆନନ୍ଦକୁ ବହୁଗୁଣିତ କରିଥା'ନ୍ତି । ଜ୍ଞାତି ମାନଙ୍କର ଉପସ୍ଥିତି, ବ୍ୟକ୍ତି ପାଇଁ ମନୋବୈଜ୍ଞାନିକ ସମର୍ଥନ ଓ ଶକ୍ତିର ଉତ୍ସ ହୋଇଥାଏ । ଜ୍ଞାତିତ୍ୱ ସଂପର୍କ ମାନେ ପରିବାର ସଦସ୍ୟ ମାନଙ୍କର ପାରସ୍ପାରିକ ସଂପର୍କକୁ ପରିଭାଷିତ କରିଥା'ନ୍ତି । ବ୍ୟକ୍ତିଠାରୁ ଆଶା କରାଯାଉଥିବା ବ୍ୟବହାରକୁ ସ୍ପଷ୍ଟ ଭାବେ ପରିଭାଷିତ କରାଯାଇଥିବାରୁ ସମସ୍ତ ସଦସ୍ୟ ଏହାକୁ ନେଇ ସଚେତନ ଥା'ନ୍ତି । ଜ୍ଞାତି ମାନେ ଭାଇ ଭଉଣୀ ହିସାବରେ ଗଣା ହୋଇଥା'ନ୍ତି । ପରିବାରରେ ପରସ୍ପରକୁ ସହଯୋଗ କରିଥା'ନ୍ତି ଓ ଆବଶ୍ୟକ ସମୟରେ ଧନବଳ ଓ ଜନବଳ ମାଧ୍ୟମରେ ମଧ୍ୟ ପରସ୍ପରକୁ ସହଯୋଗ କରିଥା'ନ୍ତି । ସେମାନଙ୍କର ସମର୍ଥନ, ବ୍ୟକ୍ତିମାନଙ୍କ ପାଇଁ ଆବେଗାତ୍ମକ ଓ ମନସ୍ତାତ୍ତ୍ୱିକ ଶକ୍ତିର ଉତ୍ସ ହୋଇଥାଏ ।

> ଜ୍ଞାତି ସମୂହ ଯଥା- ପରିବାର, ବଂଶ, ଗୋତ୍ର ଇତ୍ୟାଦି, ପାରଂପାରିକ (ଏବଂ କେତେକ କ୍ଷେତ୍ରରେ ଆଧୁନିକ ସମାଜରେ) ସମାଜରେ ସେମାନଙ୍କର ସଦସ୍ୟମାନଙ୍କର ଜୀବନକୁ ନିୟନ୍ତ୍ରିତ କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥା'ନ୍ତି ।

ଏକ ବଂଶୀୟ ପରିବାର ସଦସ୍ୟମାନେ ପରିବାରର ଜନ୍ମ, ବିବାହ ଓ ମୃତ୍ୟୁ ସଂମ୍ବନ୍ଧୀୟ ରୀତିନୀତିରେ ଭାଗ ନେଇଥା'ନ୍ତି । ସେମାନଙ୍କର ଏକ ସାଧାରଣ ଈଶ୍ୱର ବା କୂଳ ଦେବତା ହୋଇଥା'ନ୍ତି । ଦୈନିକ ପୂଜା ଉପାସନାର ନୀତିନିୟମର ପାଳନ କରାଯାଇଥାଏ । ଏକ ବଂଶଜ ଜ୍ଞାତିମାନଙ୍କର ଏକ ପ୍ରକାରର ଏକାତ୍ମବୋଧ ଥାଏ ଓ ଏକ ପରିବାରର ସଦସ୍ୟ ହିସାବରେ ସେମାନେ ପରିବାରର ଉନ୍ନତି ପାଇଁ କାର୍ଯ୍ୟ କରନ୍ତି ।



ଟୀପ୍‌ପଣୀ

ଏକ ପାରଂପାରିକ ସମାଜରେ ଜ୍ଞାତି ସମୁହ, (ଯାହାକୁ ଗୋତ୍ର ମଧ୍ୟ କୁହାଯାଏ)ର ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । କାରଣ ସେମାନେ ଜ୍ଞାତି ମାନଙ୍କର ଏକ ଅପେକ୍ଷାକୃତ ବଡ଼ ସମୁହ ଅଟନ୍ତି ଯେଉଁମାନଙ୍କର ଏକ କାଳ୍ପନିକ ପରିବାର ନାମରୁ ବଂଶ ଗଣନା ଆରମ୍ଭ କରାଯାଏ । ଜ୍ଞାତି ମାନଙ୍କର ନିତ୍ୟ ନୈମିତିକ ସହଯୋଗ, ଓ ଘନିଷ୍ଠ ବନ୍ଧନ ବାହାରକୁ ସ୍ପଷ୍ଟ ପ୍ରତୀୟମାନ ହୋଇଥାଏ କିନ୍ତୁ ଅଧିକାଂଶ ହିନ୍ଦୁ ମାନଙ୍କ କ୍ଷେତ୍ରରେ ସମଗୋତ୍ର ବିବାହ ନିଷିଦ୍ଧ ହୋଇଥାଏ, କାରଣ ସମଗ୍ରୋତ୍ରୀ ମାନଙ୍କୁ ଭାଇ ଓ ଭଉଣୀ ବିଚାର କରାଯାଇଥାଏ । ତେଣୁ ଏହି କ୍ଷେତ୍ରରେ ଜ୍ଞାତିତ୍ୱ ଗୋତ୍ର, ବୈବାହିକ ସମ୍ବନ୍ଧକୁ ନିୟନ୍ତ୍ରିତ କରିଥାଏ ।

ଗାଁର ଲୋକମାନେ ମଧ୍ୟ କାଳ୍ପନିକ ଜ୍ଞାତି ମାନଙ୍କୁ ଗୁରୁତ୍ୱ ଦେଇଥା'ନ୍ତି । ପାରସ୍ପରିକ ସହଯୋଗ ଓ ଆନୁଗତ୍ୟ ସୁନିଶ୍ଚିତ କରିବା ପାଇଁ ସେମାନେ ପରସ୍ପର ସହିତ କାଳ୍ପନିକ ଜ୍ଞାତିତ୍ୱ ବନ୍ଧନ ସ୍ଥାପନ କରିଥା'ନ୍ତି । ଏହି କାଳ୍ପନିକ ଜ୍ଞାତିମାନେ ପରସ୍ପରର ସମର୍ଥନର ପରିସରକୁ ବ୍ୟାପକ କରିଥାନ୍ତି କାରଣ, ଏହା ବ୍ୟତିରେକ, ଜ୍ଞାତି ସଂପର୍କ କେବଳ ରକ୍ତ ଓ ବୈବାହିକ ସଂପର୍କ ରେ ସୀମିତ ହୋଇଯା'ନ୍ତି ।

ସମସ୍ତ ପ୍ରକାରର ଜ୍ଞାତି ପରସ୍ପର ପାଇଁ ରାଜନୈତିକ, ଅର୍ଥନୈତିକ ଓ ବୃତ୍ତିଗତ ସୁବିଧା ସୁଯୋଗ ସୁନିଶ୍ଚିତ କରିବାରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥା'ନ୍ତି । ରାଜନୈତିକ ମହତ୍ତ୍ୱାକାଂକ୍ଷା ହାସଲ କରିବା ପାଇଁ, ଅର୍ଥାତ୍ ନିର୍ବାଚନରେ ବିଜୟୀ ହେବା ପାଇଁ ସେମାନେ ପରସ୍ପର ସହିତ ଜରୁରୀ ତଥ୍ୟ ବିନିମୟ କରନ୍ତି ଓ ଶାରିରୀକ, ବସ୍ତୁଭିତ୍ତିକ ତଥା ବୌଦ୍ଧିକ ସମର୍ଥନ ଦେଇଥା'ନ୍ତି ।

ସମାଜରେ ଯେଉଁ ଜ୍ଞାତିମାନେ ଉଚ୍ଚ ପ୍ରତିଷ୍ଠିତ ହୋଇଥା'ନ୍ତି, ସେମାନେ ନିଜର ଜ୍ଞାତିମାନଙ୍କ ପାଇଁ ଚାକିରୀ ଯୋଗାଡ଼ କରିବା, ବ୍ୟବସାୟ ପାଇଁ ଅର୍ଥ ପ୍ରଦାନ କରିବା ଇତ୍ୟାଦି ମାଧ୍ୟମରେ ସହାୟତା କରିଥା'ନ୍ତି ଓ ଏହା ଫଳରେ ଜ୍ଞାତିତ୍ୱ ସଂପର୍କ ଆହୁରି ଦୃଢ଼ ହୋଇଥାଏ ।

## ପାଠ୍ୟଗତ ପ୍ରଶ୍ନାବଳୀ ୧୪ .୨

୧. ନିମ୍ନ ବକ୍ତବ୍ୟ ପାଇଁ 'ଠିକ୍' କିମ୍ବା 'ଭୁଲ୍' ଲେଖ ।

ଜଣେ ବ୍ୟକ୍ତିର ଜେଜେ ବାପା ହେଉଛନ୍ତି ତା'ର ପ୍ରାଥମିକ ରକ୍ତ ସଂପର୍କୀୟ ଜ୍ଞାତି ।

୨. ଶୂନ୍ୟ ସ୍ଥାନ ପୂରଣ କର ।

ଜ୍ଞାତିତ୍ୱ ଉଭୟ ବ୍ୟକ୍ତି ଓ ______ ପାଇଁ ମହତ୍ତ୍ୱପୂର୍ଣ୍ଣ ।

୩. ସଠିକ ଉତ୍ତର ଚିହ୍ନଟ କର ।

ଜ୍ଞାତିତ୍ୱ ବ୍ୟକ୍ତି ପାଇଁ ମହତ୍ତ୍ୱପୂର୍ଣ୍ଣ କାରଣ –

(୧) ଏହା ତାକୁ ପରିଚୟ ଓ ପ୍ରସ୍ଥିତି ପ୍ରଦାନ କରେ ।


(୨) ଏହା ତାକୁ ମାନସିକ ସୁରକ୍ଷା ପ୍ରଦାନ କରେ ।

(୩) ଏହା ତା'ର ଭୂମିକା ଓ ବ୍ୟବହାର ଧାରା (Pattern) କୁ ପରିଭାଷିତ କରେ ।

(୪) ଉପରୋକ୍ତ ସମସ୍ତ ।

## ୧୪.୬ ଜ୍ଞାତିତ୍ୱ ଶବ୍ଦ ଗୁଚ୍ଛ ଓ ଏହାର ପ୍ରକାର (Kinship Terms and its types)

ଆମର ନିତ୍ୟ ନୈମିତିକ ଭାବ ବିନିମୟ ସମୟରେ ଆମେ ଆମର ସଂପର୍କୀୟ ମାନଙ୍କୁ ବିଭିନ୍ନ ନାମ ବ୍ୟବହାର କରି ଚିହ୍ନୁ, ଦର୍ଶାଉ, ତଥା ବର୍ଗୀକୃତ କରୁ । ଏହି ବିଭିନ୍ନ ପ୍ରକାର ନାମ ମାନଙ୍କୁ ସମଷ୍ଟିଗତ





ଭାବରେ ଆମେ ଜ୍ଞାତିତ୍ୱ ଶବ୍ଦାବଳୀ ବା ଶବ୍ଦଗୁଚ୍ଛ ବୋଲି ବୁଝିଥାଉ । ଏହାର ଉଦାହରଣ ହେଲା - ଏହି ସବୁ ନାମ ଯଥା - ବାପା, ମା, ସ୍ତ୍ରୀ, ସ୍ୱାମୀ, ଖୁଡ଼ୀ, ଦାଦା ଇତ୍ୟାଦି । ଏହି ଜ୍ଞାତିତ୍ୱ ଶବ୍ଦାବଳୀ, ପରିବାର ସଦସ୍ୟ ମାନଙ୍କର ମଧ୍ୟରେ ଥିବା ଆନ୍ତଃ-ସଂପର୍କ ତଥା ସେମାନଙ୍କର ପ୍ରସ୍ଥିତି ଓ ଭୂମିକାକୁ ବୁଝିବାରେ ସାହାଯ୍ୟ କରନ୍ତି । 'ଜ୍ଞାତି' ଶବ୍ଦ ମାଧ୍ୟମରେ ଆମେ ପରିବାରର ପ୍ରକାର, ଏହାର ବାସସ୍ଥାନର ଆଧାର (ନିୟମ), ବଂଶ ଗଣନା ନିୟମ ଓ ସାମାଜିକ ସଂଗଠନର ଅନ୍ୟାନ୍ୟ ଦିଗ ସଂପର୍କରେ ସୂଚନା ପାଇଥାଉ । ଜ୍ଞାତିତ୍ୱ ଶବ୍ଦ ଗୁଚ୍ଛ କେବଳ ମାତ୍ର ଭାଷାଭିତ୍ତିକ ନ ହୋଇ ସମାଜତାତ୍ତ୍ୱିକ ଗୁରୁତ୍ୱ ବହନ କରିଥା'ନ୍ତି ଯାହା ସମାଜରେ ବ୍ୟକ୍ତିର ପ୍ରସ୍ଥିତି ଓ ବ୍ୟବହାରର ଅର୍ଥ ପ୍ରଦାନ କରେ ।

ଜ୍ଞାତିତ୍ୱ ଶବ୍ଦାବଳୀ ବିଭିନ୍ନ ପ୍ରକାର ହୋଇଥାଏ । ନୃତତ୍ତ୍ୱବିତ୍ ମାନେ ବିଭିନ୍ନ ଭିତ୍ତିରେ ଏହି ଶବ୍ଦ ମାନଙ୍କର ଶ୍ରେଣୀ ବିଭାଗ କରିଛନ୍ତି ।

**(କ) ଭାଷା ସଂରଚନାର ଆଧାର :** ଏହି ଆଧାର ବା ଭିତ୍ତିରେ ଜ୍ଞାତିତ୍ୱ ଶବ୍ଦାବଳୀକୁ ତିନି ପ୍ରକାରରେ ବିଭକ୍ତ କରାଯାଇଛି ।

**(୧) ପ୍ରାରମ୍ଭିକ ଶବ୍ଦାବଳୀ :** ଏହି ଶବ୍ଦ ମାନଙ୍କର ଆଉ ସରଳୀକରଣ ହୋଇପାରି ନ ଥାଏ । ଏହି ଶବ୍ଦାବଳୀର ଉଦାହରଣ ହେଲା - ବାପା, ମା, ଭାଇ, ଭଉଣୀ, ପୁତୁରା, ଝିଆରୀ ଇତ୍ୟାଦି ।

**(୨) ବାହକ ଶବ୍ଦାବଳୀ :** ଯେଉଁ ଶବ୍ଦମାନଙ୍କର ସୃଷ୍ଟି ପ୍ରତ୍ୟୟ ଓ ଉପସର୍ଗ (Prefix & Suffix) ଶବ୍ଦମାନଙ୍କର ଯୋଡ଼ା ଯିବା ପରେ ହୋଇଥାଏ, ତାହାକୁ ଆମେ ବାହକ ଶବ୍ଦାବଳୀ କହିଥାଉ । ଏହାର ଉଦାହରଣ ହେଲା ବୁଢ଼ା ବାପା, ସଂପର୍କୀୟ ଭଉଣୀ, ସାବତ ପୁଅ, ଅଣ ଜେଜେ ଇତ୍ୟାଦି ।

**(୩) ବିବରଣାତ୍ମକ ଶବ୍ଦାବଳୀ :** ଯେଉଁ ଜ୍ଞାତିତ୍ୱ ଶବ୍ଦ ଦୁଇ ବା ତତୋଽଧିକ ପ୍ରାରମ୍ଭିକ ଜ୍ଞାତିଶବ୍ଦର ମିଶ୍ରଣରେ ଗଠିତ ହୋଇଥାଏ, ତାହା ବିବରଣାତ୍ମକ ଶବ୍ଦାବଳୀ ହିସାବରେ ପରିଚିତ । ଯେପରିକି- ସ୍ତ୍ରୀର ଭଉଣୀ, ଭାଇର ସ୍ତ୍ରୀ, ପୁଅର ସ୍ତ୍ରୀ, ଝିଅର ସ୍ୱାମୀ ଇତ୍ୟାଦି । ଓଡ଼ିଆରେ ଆମେ ମାମୁଁ ପୁଅ ଭାଇ, ମାଉସୀ ପୁଅ ଭାଇ, ମାଉସୀ ଝିଅ ଭଉଣୀ ଇତ୍ୟାଦି କହିଥାଉ ।

**(ଖ) ଶବ୍ଦର ଉପଯୋଗ ଭିତ୍ତିରେ** ଜ୍ଞାତିତ୍ୱ ଶବ୍ଦାବଳୀ ଦୁଇ ପ୍ରକାରର ହୋଇଥା'ନ୍ତି ।

**(୧) ସମ୍ବୋଧନାତ୍ମକ ଶବ୍ଦାବଳୀ :** ଆମର ଜ୍ଞାତି ସଂପର୍କୀୟ ମାନଙ୍କୁ ଡାକିବାରେ ଉପଯୋଗ ହେଉଥିବା ଶବ୍ଦଗୁଚ୍ଛକୁ ସମ୍ବୋଧନାତ୍ମକ ଶବ୍ଦାବଳୀ କହନ୍ତି । ଯେପରିକି ବାପା, ଡାଡି, ମମି, ଦିଦି, ଅପା, ସମୁଦୀ, ଭାଇନା ଇତ୍ୟାଦି ।

**(୨) ସଂଦର୍ଭ ସୂଚକ ଶବ୍ଦ :** କୌଣସି ଜ୍ଞାତି ଙ୍କର ପରୋକ୍ଷ ସଂଦର୍ଭରେ ବ୍ୟବହାର ହେଉଥିବା ଶବ୍ଦକୁ ସନ୍ଦର୍ଭ ସୂଚକ ଶବ୍ଦ କୁହାଯାଏ । ଯେପରିକି ମୋ ବାପା, ଯିଏକି ଅମୁକର ସମୁକ, ମୋ ମା' ଯିଏକି ମୋ ସାଙ୍ଗର ମା'ଙ୍କର ଅମୁକ ଇତ୍ୟାଦି ।

**(ଗ) ବ୍ୟବହାର ପରିସର ଭିତ୍ତିରେ,** ପ୍ରୟୋଗ ଭିତ୍ତିରେ ଏହି ଆଧାରରେ ଜ୍ଞାତିତ୍ୱ ଶବ୍ଦାବଳୀ ଦୁଇ ପ୍ରକାର ହୋଇଥାଏ ।

**(୧) ସୂଚକ/ପୃଥକାତ୍ମକ/ବିବରଣାତ୍ମକ ଶବ୍ଦ :** ଯେଉଁ ଶବ୍ଦ, ଏକ ନିର୍ଦ୍ଦିଷ୍ଟ ଜ୍ଞାତି ବର୍ଗ ପାଇଁ ବ୍ୟବହୃତ ହୁଏ । ତାହାକୁ ସୂଚକ / ପୃଥକାତ୍ମକ / ବିବରଣାତ୍ମକ ଶବ୍ଦ କୁହାଯାଏ । ଉଦାହରଣ ସ୍ୱରୂପ 'ବାପା' ଓ 'ମା' ଶବ୍ଦ ଆମର ପିତାମାତା ଙ୍କ ପାଇଁ କେବଳ ଉଦ୍ଦିଷ୍ଟ, ଆଉ କାହାପାଇଁ ନୁହେଁ । ଆଜିକାଲି



ଟୀପ୍ପଣୀ

ଜ୍ୱାଇଁମାନେ ସେମାନଙ୍କର ଶ୍ୱଶୁରଙ୍କୁ 'ବାପା' ଓ 'ମା' ନାମରେ ସମ୍ବୋଧିତ କରୁଛନ୍ତି, କିନ୍ତୁ ଏହା ନିଜର ରକ୍ତ ସଂପର୍କୀୟ 'ବାପା', 'ମା'ଙ୍କ ପ୍ରତି ଅବଜ୍ଞାସୂଚକ ଅଟେ ଓ ବର୍ଜନୀୟ ।

**(୨) ବର୍ଗାତ୍ମକ ଶବ୍ଦ :** ଯେଉଁ ଶବ୍ଦ ଦୁଇ କିମ୍ବା ଅଧିକ ଜ୍ଞାତି ବର୍ଗଙ୍କ ପାଇଁ ବ୍ୟବହାର କରାଯାଏ, ତାହାକୁ ବର୍ଗାତ୍ମକ ଶବ୍ଦ କୁହାଯାଏ । ଉଦାହରଣ ସ୍ୱରୂପ, ସଂପର୍କୀୟ ଭାଇ, ଭଉଣୀ (Cousin) ଶବ୍ଦର ପ୍ରୟୋଗ ବିଭିନ୍ନ କ୍ଷେତ୍ରରେ ହୋଇଥାଏ । ଯଥା - ବାପାଙ୍କ ଭାଇଙ୍କ ପୁଅ, ବାପାଙ୍କ ଭଉଣୀଙ୍କ ପୁଅ ମା'ଙ୍କ ଭାଇଙ୍କ ପୁଅ ଓ ମା'ଙ୍କ ଭଉଣୀଙ୍କ ପୁଅ ଇତ୍ୟାଦି । ସେହିପରି କକେଇ ଶବ୍ଦ ମା'ଙ୍କ ଭାଇ, ବାପାଙ୍କ ଭାଇ, ମା'ଙ୍କ ଭଉଣୀ ଙ୍କ ସ୍ୱାମୀ, ତଥା ବାପାଙ୍କ ଭଉଣୀ ଙ୍କ ସ୍ୱାମୀ କ୍ଷେତ୍ରରେ ପ୍ରୟୋଗ କରାଯାଏ ।

## ପାଠ୍ୟଗତ ପ୍ରଶ୍ନାବଳୀ ୧୪.୩

(କ) ନିମ୍ନ ବକ୍ତବ୍ୟ ପାଇଁ 'ଠିକ୍' କିମ୍ବା 'ଭୁଲ୍' ଲେଖ ।

ସ୍ୱତନ୍ତ୍ର ପ୍ରସ୍ଥିତି ଥିବା ନିର୍ଦ୍ଦିଷ୍ଟ ଜ୍ଞାତି କ୍ଷେତ୍ରରେ ବିବରଣାତ୍ମକ ଶବ୍ଦ ପ୍ରଯୁକ୍ତ ହୁଏ ।

(ଖ) ଶୂନ୍ୟ ସ୍ଥାନ ପୂରଣ କର : -

ପ୍ରାରମ୍ଭିକ ଜ୍ଞାତି ଶବ୍ଦାବଳୀରେ ପ୍ରତ୍ୟୟ ଓ ଉପସର୍ଗ ଯୋଡ଼ା ଯାଇ ଯେଉଁ ଶବ୍ଦାବଳୀ ପ୍ରସ୍ତୁତ ହୁଏ ତାହାକୁ ______ ଶବ୍ଦାବଳୀ କୁହାଯାଏ ।

(ଗ) ସଠିକ୍ ଉତ୍ତର ଚିହ୍ନଟ କରନ୍ତୁ ।

ଜ୍ଞାତିତ୍ୱ ଶବ୍ଦାବଳୀ ମାଧ୍ୟମରେ ଆମେ -

(୧) ସଦସ୍ୟ ମାନଙ୍କର ଆନ୍ତଃ-ସଂପର୍କକୁ ବୁଝିଥାଉ ।

(୨) ସଦସ୍ୟ ମାନଙ୍କର ପ୍ରସ୍ଥିତି ଓ ଭୂମିକାକୁ ବୁଝିଥାଉ ।

(୩) ପ୍ରଚଳିତ ପରିବାର ସଂରଚନାକୁ ବୁଝିଥାଉ ।


(୪) ଅବଲୁପ୍ତ ସାମାଜିକ ଲକ୍ଷଣ ମାନଙ୍କୁ ବୁଝିଥାଉ ।

(୫) ଉପରୋକ୍ତ ସମସ୍ତ ।

## ୧୪.୭ ବଂଶ କ୍ରମର ନିୟମ (Rules of Descent)

ଜ୍ଞାତ ବା ଆନୁମାନିକ ସାଧାରଣ ବଂଶ ପରଂପରା କାରଣରୁ ଯେଉଁ ନିୟମଗୁଡ଼ିକ ବ୍ୟକ୍ତିମାନଙ୍କୁ ନିର୍ଦ୍ଦିଷ୍ଟ ଜ୍ଞାତି ସମୂହ ସହ ସଂଯୋଗ କରନ୍ତି, ସେମାନଙ୍କୁ ବଂଶକ୍ରମର ନିୟମ କୁହାଯାଏ । ଏହି ନିୟମ ସବୁ ଭିନ୍ନ ଭିନ୍ନ ସମାଜରେ ଭିନ୍ନ ପ୍ରକାରର ହୋଇଥାଏ । ଏହି ନିୟମ ଅନୁସାରେ ବ୍ୟକ୍ତିମାନେ ଜ୍ଞାତି ସମୂହଙ୍କ ସହିତ ସହବନ୍ଧିତ (Affiliated) ହୋଇଥାଆନ୍ତି । ସଂପତ୍ତିଗତ ଉତ୍ତରାଧୀକାରମାନେ ମଧ୍ୟ ଏହି ନିୟମ ସହିତ ସମ୍ବନ୍ଧିତ । ସାମୁହିକ ବର୍ଗୀକରଣ ଓ ସାମାଜିକ ସଂଗଠନ ମଧ୍ୟ ଏହି ବଂଶକ୍ରମର ନିୟମ ଉପରେ ଆଧାରିତ ।

ମୋଟାମୋଟି ଦୁଇ ପ୍ରକାରର ବଂଶକ୍ରମର ନିୟମ ରହିଛି, ଯଥା -



ଟୀପ୍ପଣୀ

(କ) ଏକ ପକ୍ଷିୟ ବଂଶକ୍ରମ ନିୟମ

(ଖ) ଦ୍ୱିପକ୍ଷିୟ ବଂଶକ୍ରମର ନିୟମ

**(କ) ଏକ ପକ୍ଷିୟ ବଂଶକ୍ରମ ନିୟମ (Unilateral descent rules)** ଏହି ନିୟମ ଅନୁସାରେ ବ୍ୟକ୍ତିର ବଂଶକ୍ରମର ଗଣନା ବାପାଙ୍କ ପକ୍ଷରୁ ହୋଇଥାଏ କିମ୍ବା ମା'ଙ୍କ ପକ୍ଷରୁ ହୋଇଥାଏ । ତେଣୁ, ଏହି ନିୟମର ଦୁଇଟି ଉପଭାଗ ରହିଛି । –

**(୧) ପିତୃ ବଂଶକ୍ରମ (Patrilineal Descent)** ଏହି ବ୍ୟବସ୍ଥା ଅନୁଯାୟୀ ଏକ ବ୍ୟକ୍ତି ନିଜର ବାପାଙ୍କ ବଂଶର ବୋଲି ପରିଗଣିତ ହୋଇଥାଏ । ଏହି ବଂଶ କ୍ରମର ଗଣନା ପୁରୁଷଙ୍କ ତରଫରୁ ହୋଇଥାଏ । ଏକ ବ୍ୟକ୍ତିର ପୁଅ, ତା'ର ସଂପତ୍ତି, ପ୍ରସ୍ଥିତି ଓ ନାମର ଉତ୍ତରାଧିକାର ପାଇଥାଏ ।

**(୨) ମାତୃ ବଂଶକ୍ରମ (Matrilineal Descent)** ମହିଳା ବଂଶ ତରଫରୁ ଯେତେବେଳେ ବଂଶ ଗଣନା ହୁଏ, ସେତେବେଳେ ତାହାକୁ ମାତୃ ବଂଶକ୍ରମ କହନ୍ତି । ଉଭୟ ମାତା ଓ ପିତାଙ୍କ ସନ୍ତାନ ମା'ଙ୍କର ବଂଶଜ ଭାବେ ପରିଗଣିତ ହୋଇଥା'ନ୍ତି । ଜଣେ ମହିଳାଙ୍କର ସନ୍ତାନ, ଅର୍ଥାତ୍ ପୁଅ ଓ ଝିଅ ମାନେ ଏକ ବଂଶର ହୋଇଥିଲେ ମଧ୍ୟ, କେବଳ ତା'ର ଝିଅ, ତା'ର ନାମ, ପ୍ରସ୍ଥିତି ଓ ସଂପତ୍ତିଗତ ଉତ୍ତରାଧିକାର, ପାଇଥାଏ ଓ ସେହି ଝିଅ ପୁଣି ତା'ର ନିଜ ଝିଅ ଅର୍ଥାତ୍ ତା'ର ମା'ର ନାତୁଣୀକୁ ସେହିସବୁ ଅଧିକାର ହସ୍ତାନ୍ତରଣ କରେ । ପୁଅ ମାତୃବଂଶଜ ହେଲେ ସୁଦ୍ଧା ଉତ୍ତରାଧିକାର ସୂତ୍ରରେ କିଛି ପାଏ ନାହିଁ ।

**(ଖ) ଦ୍ୱିପକ୍ଷିୟ ବଂଶକ୍ରମର ନିୟମ (Bilateral Descent)** ଅନେକ ସମାଜ ଉଭୟ ପିତା ଓ ମାତାଙ୍କ ପକ୍ଷର ଜ୍ଞାତିମାନଙ୍କୁ ସମାନ ଗୁରୁତ୍ୱ ଦେଇଥା'ନ୍ତି । ସଂପତ୍ତି ଓ ବଂଶର ଉତ୍ତରାଧିକାର ଉଭୟ ମାତା ପିତାଙ୍କ ପକ୍ଷରୁ ଏହିଭଳି ଭାବେ ହସ୍ତାନ୍ତରିତ ହୁଏ ଯେ ଉଭୟ ପକ୍ଷ ଯେପରି ସମାନ ଗୁରୁତ୍ୱ ପାଇବେ କିମ୍ବା କୌଣସି ଗୋଟିଏ ପକ୍ଷର ଯେପରି ମହତ୍ତ୍ୱ ନ ବଢ଼ିବ ।

'ବୃହତ୍ କୁଟୁମ୍ବ' (Kindered) ଶବ୍ଦ, ବ୍ୟକ୍ତିର ଦ୍ୱିପକ୍ଷୀୟ ସଂପର୍କୀୟ ମାନଙ୍କର ସମୁହକୁ ଦର୍ଶାଏ ଯେଉଁମାନଙ୍କୁ ବିବାହ, ଅନ୍ତିମ ସଂସ୍କାର ଓ ଅନ୍ୟ ଉତ୍ସବାନୁଷ୍ଠାନମାନଙ୍କୁ ନିମନ୍ତ୍ରଣ କରାଯାଇଥାଏ ।

## ୧୪.୮ ଜ୍ଞାତି ସମୁହ (Kin Groups)

ଜ୍ଞାତିତ୍ୱ ନିଜେ ଏକ ସମୁହ ନୁହେଁ, କିନ୍ତୁ ସମୁହ ଗଠନର ଏକ ଦୃଢ଼ ଭିତ୍ତି ଅଟେ । ଜ୍ଞାତିତ୍ୱ ସଂପର୍କରେ ଆଲୋଚନା କଲାବେଳେ, ଆପଣ ପରିବାର, ବଂଶ, ଗୋତ୍ର, "ଫାରାଟ୍ରି" ଓ "ମୋଇଟି" ଇତ୍ୟାଦି ବିଭିନ୍ନ ଏକ ପକ୍ଷିୟ ଜ୍ଞାତିତ୍ୱ ସମୁହ ମାନଙ୍କର ନାମ ସହିତ ପରିଚିତ ହୋଇଥିବେ । ଏହି ଜ୍ଞାତିତ୍ୱ ସମୁହ, ଏପରି ଲୋକ ମାନଙ୍କର ସମୁହ ଯେଉଁମାନେ ବଂଶ ଦ୍ୱାରା, ଅର୍ଥାତ୍ ବଂଶକ୍ରମ ଓ ବୈବାହିକ ସଂପର୍କ ଦ୍ୱାରା ପରସ୍ପର ସହିତ ସଂଯୁକ୍ତ ହୋଇଥା'ନ୍ତି । "ରକ୍ତ, ପାଣି ଠାରୁ ଗାଢ଼ା" ଏହି ଭାବନା, କ୍ଷୁଦ୍ର ଜ୍ଞାତିତ୍ୱ ଏକକ ମାନଙ୍କୁ ପରସ୍ପର ସହ ଅତି ଘନିଷ୍ଠ ଭାବରେ ବାନ୍ଧି ରଖିଥାଏ ।

ଆସନ୍ତୁ ଏହିସବୁ ଜ୍ଞାତିତ୍ୱ ସମୁହକୁ ଆଲୋଚନା କରିବା –

ଆପଣ ଜାଣନ୍ତି ପରିବାର ହେଉଛି କ୍ଷୁଦ୍ରତମ ଜ୍ଞାତିତ୍ୱ ସମୁହ । ମୂଳତଃ, ଏହା ଏକ ପୁରୁଷ, ତା'ର ସ୍ତ୍ରୀ ଓ ଅବିବାହିତ ସନ୍ତାନ ମାନଙ୍କୁ ନେଇ ଗଠିତ ହୋଇଥାଏ । ସ୍ୱାମୀ ଓ ସ୍ତ୍ରୀ ବୈବାହିକ ସଂପର୍କରେ ସମ୍ବନ୍ଧିତ ହୋଇଥିଲାବେଳେ, ପିତାମାତା ଓ ସେମାନଙ୍କର ସନ୍ତାନ, ବଂଶ ଓ ରକ୍ତ ସଂପର୍କ ଦ୍ୱାରା ସମ୍ବନ୍ଧିତ ହୋଇଥା'ନ୍ତି ।



ଟୀପ୍‌ପଣୀ



ଏକ ପକ୍ଷିୟ ବଂଶ କ୍ରମାନୁସାରେ ସ୍ୱୀକୃତ କେତେକ ଗୁରୁତ୍ୱପୂର୍ଣ୍ଣ ଜ୍ଞାତିତ୍ୱ ସମୁହ ହେଲେ -

**ବଂଶ (Lineage) :** ପରିବାର ଏକ ଦ୍ୱିପକ୍ଷୀୟ ବଂଶ ସମୁହ ହେଲା ବେଳେ, ବଂଶ' ହେଉଛି ଏକ ପକ୍ଷୀୟ ସମୁହ । ଏହା ହେଉଛି ସମସ୍ତ ରକ୍ତ ସମ୍ବନ୍ଧୀ ସଂପର୍କୀୟ ମାନଙ୍କର ସେହି ସମୁହ, ଯେଉଁମାନେ କି ନିକଟ ଜ୍ଞାତ ଅତୀତରେ ବାସ୍ତବତା କ୍ଷେତ୍ରରେ ଏକ ପୂର୍ବଜର 'ବଂଶ' ବୋଲି ଦାବୀ କରନ୍ତି । ଏହି ପୂର୍ବଜ ଗୋତ୍ର ଭଳି କାଳ୍ପନିକ ନୁହଁନ୍ତି, ବଂଶ ହେଉଛି ଏକ ବହିର୍ବିବାହୀ ସମୁହ । ଏହା ଏକ ପକ୍ଷୀୟ ବଂଶ ସମୁହ ଅଟେ । ଅର୍ଥାତ୍ ପରିବାରର ସମସ୍ତ ସଦସ୍ୟ କେବଳ ପିତାଙ୍କ ବଂଶଜ ଅଟନ୍ତି । ଯଦି ପୂର୍ବଜ ଏକ ପୁରୁଷ ସଦସ୍ୟ ହୋଇଥା'ନ୍ତି, ତେବେ ବଂଶକୁ 'ପିତୃବଂଶ' (Patrilineage) କୁହାଯାଏ । ପିତାଙ୍କ ଠାରୁ ପୁତ୍ର ଆଡ଼କୁ ବଂଶ ଗଣନା କରାଯାଏ । "ମାତୃ ବଂଶ" (Matrilineage) କୁହାଯାଏ । ମାତୃବଂଶଜ ମାନେ ପରସ୍ପରର ବଂଶ ସଂପର୍କକୁ ମା'ଙ୍କ ଠାରୁ ପାଇଥା'ନ୍ତି ।


> ବଂଶ ସମୁହର ସଦସ୍ୟ ମାନଙ୍କର ସାଧାରଣ ବାସସ୍ଥଳୀ ହୋଇଥାଏ ଓ ନ ହୋଇପାରେ ମଧ୍ୟ । ଯୌଥ ପରିବାରକୁ ମଧ୍ୟ ବଂଶର ଏକ ଉଦାହରଣ ଭାବେ ଗ୍ରହଣ କରାଯାଇ ପାରିବ, ଯେଉଁଥିରେ କି ତିନିରୁ ଚାରି ପିଢ଼ୀର ସଦସ୍ୟ ମାନେ ଏକାଠି ରହିଥା'ନ୍ତି । ବଂଶ, କଡ଼ାକଡ଼ି ଭାବରେ ଏକ ବହିର୍ବିବାହୀ ସମୁହ (Exogamous) ଅଟେ ।

**ଗୋତ୍ର (Clan) :** ଗୋତ୍ର ମଧ୍ୟ ଏକ ପକ୍ଷୀୟ ବଂଶ ସମୁହ ଅଟେ । ଏଥିରେ ସଂପର୍କୀୟ ମାନଙ୍କର ଏକ ସମୁହ ହୋଇଥାଏ, ଯେଉଁ ମାନଙ୍କର ଉତ୍ପତ୍ତି ଏକ ସାଧାରଣ (Common) ପୂର୍ବଜର ବଂଶକ୍ରମରୁ ହୋଇଥାଏ । କିନ୍ତୁ ଗଣନାର ଏହି କ୍ରମରେ ବଂଶମାନଙ୍କୁ ଯୋଡ଼ି ଦେଖାଯାଇ ପାରେ ନାହିଁ । ଏହି ସାଧାରଣ ପୂର୍ବଜ ଜଣେ ଆନୁମାନିକ / କାଳ୍ପନିକ ସ୍ୱରୂପ ହୋଇଥାଏ ଯେପରିକି ଜଣେ ସାଧୁ ବା ଋଷି । ଏହା ହିନ୍ଦୁ ସମାଜରେ ଦେଖାଯାଏ । ଏହି ପ୍ରକାରର ପୂର୍ବଜ ଜଣେ ଅତି-ପ୍ରାକୃତିକ ଚରିତ୍ର ବା ରହସ୍ୟମୟ ଜଡ଼ ବସ୍ତୁ ବା ପ୍ରାଣୀ ଯଥା : ବାଘ, ମାଛ ବା ସାପ ହୋଇପାରିବ । ଯେପରି ଆମେ ଆମର ଗୋତ୍ର ପରିଚୟ ଦେବାକୁ ଯାଇ କହୁ - ଭାରଦ୍ୱାଜ ଗୋତ୍ର, ବ୍ୟାଘ୍ରସ୍ୟ ଗୋତ୍ର, ନାଗସ୍ୟ ଗୋତ୍ର ଇତ୍ୟାଦି ।

ଗୋତ୍ରର ସଦସ୍ୟ ମାନେ ନିଜ ସଂପର୍କୀୟମାନଙ୍କୁ ଏକ ସାଧାରଣ ବଂଶକ୍ରମ ବା ରକ୍ତ ସମ୍ବନ୍ଧୀ ମାନନ୍ତି । ଏହି କାରଣ ଯୋଗୁଁ ଏକ ଗୋତ୍ରର ଲୋକମାନେ ନିଜ ମଧ୍ୟରେ ବୈବାହିକ ସଂପର୍କ ସ୍ଥାପନ କରନ୍ତି ନାହିଁ । ଅନ୍ୟ ଭାଷାରେ କହିଲେ ବୁଝିବାକୁ ହେବ ଯେ ଗୋତ୍ର ଏକ ବହିର୍ବିବାହୀ ସମୁହ ଅଟେ ।

ପିତାଙ୍କ ଗୋତ୍ର ଅନୁସାରେ ଗୋତ୍ର ଗଣନା ହେଲେ, ପିତୃ ବଂଶୀୟ ଗୋତ୍ର ହୁଏ, ମା' ଙ୍କ ଠାରୁ ଗଣନା ହେଲେ ମାତୃ ବଂଶୀୟ ଗୋତ୍ର ହୋଇଥାଏ । ଏହି ମାତୃ ବଂଶୀୟ ଗୋତ୍ରର ଏକ ଉଦାହରଣ ହେଲା ଉତ୍ତର ପୂର୍ବାଞ୍ଚଳ ଭାରତରେ ଥିବା ଜନଜାତି ଖାସି ଓ ଗାରୋ । ଓଡ଼ିଶା ସଂସ୍କୃତି ରେ ବିବାହ ସମୟରେ କନ୍ୟାର ଗୋତ୍ର ପରିବର୍ତ୍ତନ ହୋଇଥାଏ ।

**ଫ୍ରାଟ୍ରି (Phratry) :** ଏହା ଏକ ପକ୍ଷୀୟ ବଂଶ କ୍ରମ ସମୁହ, ଯାହାକି ଦୁଇ ଗୋତ୍ର ଙ୍କର ଏକ ମିଳନ ସ୍ଥଳ ଅଟେ । ଗୋତ୍ର ପରି ଫ୍ରାଟରୀ ସମୁହ / ସଂଗଠନ ସଦସ୍ୟ ମାନେ, ଜଣେ ସାଧାରଣ ପୂର୍ବଜର ବଂଶଜ ବୋଲି ବିଶ୍ୱାସ କରନ୍ତି । ଫ୍ରାଟ୍ରି ଗଠନ କରିଥିବା ଗୋତ୍ରମାନେ ସେମାନଙ୍କର ବ୍ୟକ୍ତିଗତ ପରିଚୟ ରଖିଥା'ନ୍ତି, ତେବେ ଉତ୍ସବାନୁଷ୍ଠାନ ମାନଙ୍କରେ ସେମାନେ ସେମାନଙ୍କର ସ୍ୱତନ୍ତ୍ର କର୍ତ୍ତବ୍ୟ ପାଳନ କରିଥା'ନ୍ତି ।



ଟୀପ୍ପଣୀ

**ମୋଇଟି (Moiety) :** ବଂଶକ୍ରମ ଆଧାରରେ ଯେତେବେଳେ ସମାଜର ଦୁଇ ସମାନ କିମ୍ବା ଅସମାନ ଭାଗ ହୋଇ ଯାଏ, ସେତେବେଳେ ମୋଇଟି ନାମକ ଏକ ବୃହତ୍ ସାମାଜିକ ସମୂହ ସୃଷ୍ଟି ହୁଏ । ଗୋତ୍ର ପରି ମୋଇଟିର ସଦସ୍ୟମାନେ ଏକ ସାଧାରଣ ପୂର୍ବଜର ବଂଶକୁ ଆଗକୁ ବଢ଼ାଉଥିବାର ବିଶ୍ୱାସ କରାଯାଏ । ପ୍ରତ୍ୟେକ ମୋଇଟିକୁ ବିଭିନ୍ନ ଫ୍ରାଟ୍ରିରେ ବିଭକ୍ତ କରାଯାଏ । ପ୍ରତ୍ୟେକ ଫ୍ରାଟ୍ରି, ବିଭିନ୍ନ ଗୋତ୍ରରେ ବିଭକ୍ତ ହୋଇଥାଏ ଏବଂ ପ୍ରତ୍ୟେକ ଗୋତ୍ର ବଂଶ ଓ ପରିବାର ରେ ବିଭକ୍ତ ହୋଇଥାଏ । ମୋଇଟିର ଏକ ଉଦାହରଣ ହେଲା - ଆଇମୋଲ କୁକୁ ଜନଜାତି, ଯେଉଁମାନେ କି ମଣିପୁର ରାଜ୍ୟର ନିବାସୀ ଅଟନ୍ତି ।

ଦୁଇ ମୋଇଟି ପରସ୍ପରକୁ ବୈବାହିକ ସାଥୀ ଯୋଗାଇଥା'ନ୍ତି । କାରଣ ବହିର୍ବିବାହୀ ନିୟମକୁ ମାନୁଥିବାରୁ ଏକ ମୋଇଟିର ସଦସ୍ୟ ମାନେ ପରସ୍ପରକୁ ବିବାହ କରିପାରନ୍ତି ନାହିଁ । କିନ୍ତୁ ଏହାର ଏକ ବ୍ୟତିକ୍ରମ ହେଉଛି, ଟୋଡ଼ା ମୋଇଟି, ଯେଉଁ ମାନେ କି ଅନ୍ତର୍ବିବାହୀ ସମୂହ ଅଟନ୍ତି ।

## ପାଠ୍ୟଗତ ପ୍ରଶ୍ନାବଳୀ ୧୪.୪

୧. ନିମ୍ନ ବକ୍ତବ୍ୟ ପାଇଁ 'ଠିକ୍' କିମ୍ବା 'ଭୁଲ୍' ଲେଖ ।

ବଂଶ କ୍ରମର ନିୟମ, ବ୍ୟକ୍ତିକୁ ସ୍ୱତନ୍ତ୍ର ପ୍ରକାରର ଜ୍ଞାତି ଙ୍କ ସହ, ପୂର୍ବଜ ମାନଙ୍କ ଆଧାରରେ ଯୋଡ଼ି ଥାଏ ।

୨. ଶୂନ୍ୟସ୍ଥାନ ପୂରଣ କର ।

ଶବ୍ଦ ଏକ ବ୍ୟକ୍ତିର ଦ୍ୱିପକ୍ଷୀୟ ସଂପର୍କୀୟ ସମୂହକୁ ଦର୍ଶାଏ ।

୩. ~~ସଠିକ ଉତ୍ତର~~ ଚିହ୍ନଟ କରନ୍ତୁ ।

ଗୋତ୍ର ହେଉଛି ଜ୍ଞାତି ମାନଙ୍କର ଏକ ସମୂହ, ଯାହାର -

(୧) ଯାହାର ସଦସ୍ୟ ମାନେ ଏକ ଜ୍ଞାତ ପୂର୍ବଜର ବଂଶର ବୋଲି ନିଜକୁ ଭାବନ୍ତି ।

(୨) ଯାହାର ସଦସ୍ୟ ମାନେ ଏକ କାଳ୍ପନିକ ପୂର୍ବଜର ବଂଶୀୟ ବୋଲି ନିଜକୁ ଭାବନ୍ତି ।

(୩) ମା, ବାପା ଓ ସନ୍ତାନ ମାନଙ୍କ ଭଳି ପରିଚୟ ଥାଏ ।

(୪) ଉପରୋକ୍ତ କେହି ନୁହେଁ ।

## ୧୪.୯ ଜ୍ଞାତିତ୍ୱ ବ୍ୟବହାର (Kinship Behaviour)

ଜ୍ଞାତିତ୍ୱ ବ୍ୟବହାର ବା ବ୍ୟବହାରର ନିଶ୍ଚିତ ରୀତି, ଜ୍ଞାତିତ୍ୱ ସମୂହ ଉପରେ ଲାଗୁ ହୋଇଥାଏ । ଏହି ବ୍ୟବହାର / ଆଚରଣ ଧାରା ସ୍ଥାୟୀ ହୋଇଥାଏ । ଏହି ଧାରା ମୌଖିକ ବା ଅମୌଖିକ ହୋଇଥାଏ । ଜ୍ଞାତିତ୍ୱର ନିମ୍ନପ୍ରକାରର ଚଳଣୀ ହୋଇଥାଏ ।

### ପରିହାର (Avoidance)

ଏହି ଆଚରଣ ଧାରା ଅନୁସାରେ ଅତିନିକଟ, ଘନିଷ୍ଠ ଜ୍ଞାତିମାନଙ୍କ ମଧ୍ୟରେ ହେଉଥିବା ଆନ୍ତଃ ସଂପର୍କ ଓ କେତେକ ଜ୍ଞାତି ସଂପର୍କୀୟ ମାନଙ୍କ ମଧ୍ୟରେ ଥିବା ମିଳାମିଶାକୁ ନିୟନ୍ତ୍ରିତ କରାଯାଇଥାଏ (କଟକଣା ମାଧ୍ୟମରେ) । ହିନ୍ଦୁମାନଙ୍କ ମଧ୍ୟରେ, ଏହି ନିୟମ ଅନୁସାରେ କେତେକ ସଂପର୍କୀୟ ପ୍ରତ୍ୟକ୍ଷ ଭାବରେ ନିଜ ନିଜ ମଧ୍ୟରେ କଥାବାର୍ତ୍ତା, ସ୍ପର୍ଶ, ଶାରିରୀକ ସାନିଧ୍ୟରୁ ବିରତ ରହନ୍ତି ଓ କମ୍ ସେ କମ୍ ସାମାଜିକ



ଟୀପ୍‌ପଣୀ



ଆନ୍ତଃ-କ୍ରିୟା କରନ୍ତି । ଏହି କଟକଣା ନିୟମ ମଧ୍ୟରେ ଆସୁଥିବା କେତେକ ଜ୍ଞାତି ସଂପର୍କ ହେଲେ - ଶାଶୁ, ଶଶୁର ଓ ବୋହୁ, ଶାଶୁ ଓ ଜ୍ୱାଇଁ, ଦେଢ଼ଶୁର ଓ ଭାଇବୋହୁ ଇତ୍ୟାଦି ।

**ଥଟ୍ଟା ପରିହାସ ସଂପର୍କ (Joking Relationship)**

ଏହା ଠିକ୍ ପରିହାର ସଂପର୍କର ବିପରୀତ । କିଛି ଜ୍ଞାତି ସଂପର୍କୀୟ ମାନେ ନିଜ ନିଜ ମଧ୍ୟରେ ଥଟ୍ଟା ପରିହାସ କରିବା ପାଇଁ ଅନୁମତି ପ୍ରାପ୍ତ ହୋଇଥା'ନ୍ତି । ଏହି ସଂପର୍କ ଅନୁସାରେ ଜ୍ଞାତିମାନେ ଥଟ୍ଟା ପରିହାସ ଛଳରେ କୁହାଯାଉଥିବା କଥାକୁ ଗମ୍ଭୀରତାର ସହିତ ନେଇଥା'ନ୍ତି । ଏହି ସଂପର୍କ ଦିଅର-ଭାଉଜ, ଶାଳୀ-ଭିଣୋଇ ଓ ଶଳା-ଭିଣୋଇ ତଥା ଅଜା-ଜାତି ଇତ୍ୟାଦି ଙ୍କ ମଧ୍ୟରେ ଦେଖାଯାଇଥାଏ ।

**ଅନ୍ୟ ନାମରେ ସମ୍ବୋଧନ (Teknonymy)**

ଯେତେବେଳେ ଦୁଇ ଜ୍ଞାତି ସଂମ୍ବନ୍ଧୀ ପରସ୍ପରକୁ ସିଧାସଳଖ ସମ୍ବୋଧନ ନ କରି ତୃତୀୟ ବ୍ୟକ୍ତି ବା ପ୍ରତୀକ ଦ୍ୱାରା ସମ୍ବୋଧିତ କରିଥା'ନ୍ତି, ତାହାକୁ ଟେକ୍‌ନୋନିମି ବା ଅନ୍ୟ ନାମ ସମ୍ବୋଧନ କୁହାଯାଏ ।

ଭାରତର ଗାଁ ମାନଙ୍କରେ ଏହି ସମ୍ବୋଧନର ପ୍ରଚଳନ ବିଶେଷ ଦେଖାଯାଏ । ବିଶେଷ କରି ମହିଳା ମାନେ ସ୍ୱାମୀଙ୍କୁ ସମ୍ମାନ ଜଣାଇ ସେମାନଙ୍କର ନାମ ନିଜ ମୁହଁରେ ଧରି ନଥା'ନ୍ତି ଓ ସେମାନଙ୍କୁ ଅନ୍ୟ ସଂପର୍କ ମାଧ୍ୟମରେ ଡାକି ଥା'ନ୍ତି । ଯେପରିକି ଏକ ସ୍ତ୍ରୀ ତା'ର ସ୍ୱାମୀକୁ "ନିଜ ପୁଅର ବାପା" ବୋଲି କହିଥାଏ ।


**ମାତୁଳ ସମ୍ବନ୍ଧ (Avunculate)**

ଏହି ପ୍ରକାର ଚଳଣି ବା ରୀତି ଅନୁସାରେ ମାମୁଁ ଓ ଭଣଜା ଭାଣିଜୀ ଙ୍କ ମଧ୍ୟରେ ଏକ ବିଶେଷ ସମ୍ବନ୍ଧ ସ୍ଥାପିତ ହୋଇଥାଏ । ସ୍ଥାନ ବିଶେଷରେ ମାମୁଁଙ୍କୁ ବାପାଙ୍କ ଠାରୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ । ବେଳେ ବେଳେ ଭଣଜା, ମାମୁଁଙ୍କ ସମ୍ପତ୍ତିର ଉତ୍ତରାଧିକାରୀ ହୋଇଥାଏ । ଭଣଜା ମଧ୍ୟ ମାମୁଁଙ୍କୁ ନିଜ ବାପାଙ୍କ ଠାରୁ ଅଧିକ ଗୁରୁତ୍ୱ ଦେଇଥାଏ । ସ୍ଥାନେ ସ୍ଥାନେ ଭଉଣୀର ସନ୍ତାନମାନେ ସେମାନଙ୍କର ମାମୁଁ ଘରେ ଲାଳିତ ପାଳିତ ହୋଇଥା'ନ୍ତି । ମାତୁଳ ସମ୍ବନ୍ଧ, ମାତୃବଂଶୀୟ ପରିବାର ମାନଙ୍କରେ ବିଶେଷ ଭାବରେ ଦେଖାଯାଏ ।

**ପିଉସୀ ସମ୍ବନ୍ଧ (Amitate)**

ଯେଉଁ ଜ୍ଞାତିତ୍ୱ ବ୍ୟବହାର ଓ ଚଳଣୀରେ ପିଇସୀ ଅର୍ଥାତ୍ ବାପାଙ୍କ ଭଉଣୀଙ୍କୁ ଏକ ସ୍ୱତନ୍ତ୍ର ଭୂମିକା ଦିଆଯାଇଥାଏ ତାହାକୁ ଆମିଟେଟ୍ ବା ପିଇସୀ ସମ୍ବନ୍ଧ କୁହାଯାଏ । ଏହା ଠିକ୍ ମାତୁଳ ସମ୍ବନ୍ଧ ପରି । ପିଇସୀ ପରିବାର ସହ ପୁତୁରା ଝିଆରୀ ମାନେ ଅତି ଘନିଷ୍ଠ ହୋଇଥା'ନ୍ତି । କେତେକ କ୍ଷେତ୍ରରେ ଏକ ବ୍ୟକ୍ତିର ସନ୍ତାନ ମାନେ, ତା'ର ଭଉଣୀ ଘରେ ଲାଳିତ ପାଳିତ ହୋଇ ସଂପତ୍ତିର ଉତ୍ତରାଧିକାର ମଧ୍ୟ ପାଇଥା'ନ୍ତି । ପିଇସୀ ନିଜ ଭାଇର ପିଲା ମାନଙ୍କ ପାଇଁ ନିଜ ବାପା ଭଳି କାର୍ଯ୍ୟ କରିଥା'ନ୍ତି । ପିତୃ ବଂଶୀୟ ସମାଜରେ ଏହା ବିଶେଷ କରି ଦେଖାଯାଏ ।

**"କୁଭେଡ୍" :** ଏହା ଏପରି ଏକ ଜ୍ଞାତିତ୍ୱ ଚଳଣୀ ଅଟେ, ଯେଉଁଥିରେ ଏକ ସ୍ୱାମୀ, ତା'ର ସ୍ତ୍ରୀର ଗର୍ଭବତୀ ହେବା ସମୟ ଓ ଶିଶୁଜନ୍ମ ସମୟରେ ତା' ସ୍ତ୍ରୀର ଆଚରଣକୁ ଅନୁକରଣ କରିଥାଏ । ଏହି ସମୟରେ ସ୍ତ୍ରୀର ପ୍ରସବ ବେଦନାକୁ ମଧ୍ୟ ସେ ଅନୁଭବ କରି ଏକାନ୍ତ ଓ କଷ୍ଟଦାୟକ ଜୀବନ ବଞ୍ଚିଥାଏ । ସେ ସକ୍ରିୟ ଜୀବନଚର୍ଯ୍ୟାରୁ ଦୂରେଇ ରହେ । ରୋଗୀର ଖାଦ୍ୟ ଖାଇ, କିଛି ନିଷେଧକୁ ମାନିଥାଏ । ଏହି ଚଳଣୀ ବିଶେଷ କରି ଆସାମର ଖାସି ଜନଜାତି ତଥା ତାମିଲନାଡୁ ଅନ୍ତର୍ଗତ ନୀଳଗିରି ପର୍ବତର ଟୋଡ଼ା ଜନଜାତିଙ୍କ ମଧ୍ୟରେ ଦେଖାଯାଏ ।



ଟୀପ୍‌ପଣୀ

## ପାଠ୍ୟଗତ ପ୍ରଶ୍ନାବଳୀ ୧୪ .୫

୧. ନିମ୍ନୋକ୍ତ ବକ୍ତବ୍ୟ ପାଇଁ 'ଠିକ୍' କିମ୍ବା 'ଭୁଲ୍' ଲେଖ ।

ଆମିଟେଟ୍ ଏକ ଜ୍ଞାତିତ୍ୱ ଚଳଣୀ ଯାହା ଜଣେ ବ୍ୟକ୍ତିର ବାପାଙ୍କ ଭଉଣୀକୁ ବିଶେଷ ଭୂମିକା ପ୍ରଦାନ କରେ ।

୨. ଶୂନ୍ୟସ୍ଥାନ ପୂରଣ କର ।

ଯେଉଁ ଜ୍ଞାତିତ୍ୱ ଚଳଣୀରେ ଦୁଇ ଜ୍ଞାତି ସମ୍ବନ୍ଧୀ ପରସ୍ପରକୁ ନିଜ ନାମରେ ସମ୍ବୋଧନ କରନ୍ତି ନାହିଁ, ତାହାକୁ ________ କୁହାଯାଏ ।

୩. ସଠିକ ଉତ୍ତର ଚିହ୍ନଟ କର ।

ଯେଉଁ ଜ୍ଞାତିତ୍ୱ ଚଳଣୀରେ ମାମୁଁଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ଥାଏ, ତାହାକୁ ________ ।

(୧) କୁଭେଡ୍ କୁହାଯାଏ (୨) ପରିହାର କୁହାଯାଏ

(୩) ଥଟ୍ଟା ପରିହାସ ସମ୍ବନ୍ଧ କୁହାଯାଏ (୪) ମାତୁଳ ସମ୍ବନ୍ଧ (ଅଭୁଙ୍କୁ ଲେଟ୍) କୁହାଯାଏ

(୫) ଉପରୋକ୍ତ କେହି ନୁହେଁ ।

୪. କୁଭେଡ୍ କ'ଣ ? ଏକ ବାକ୍ୟରେ ଲେଖ ।

## କ'ଣ ଶିଖିଲେ :

- ଜ୍ଞାତିତ୍ୱ ହେଉଛି ବ୍ୟକ୍ତି ମାନଙ୍କ ମଧ୍ୟରେ ଥିବା ବୈବାହିକ, ରକ୍ତ ଓ ପୋଷ୍ୟ ସଂପର୍କ ଆଧାରିତ ସମ୍ବନ୍ଧ ।
- ଜ୍ଞାତିତ୍ୱ ହେଉଛି ଏକ ସାମାଜିକ ସ୍ୱୀକୃତି ଓ ପାରିବାରିକ ସଂପର୍କର ଅଭିବ୍ୟକ୍ତି ।
- ଯେଉଁ ସଂପର୍କକୁ ସାମାଜିକ ସ୍ୱୀକୃତି ମିଳି ନ ଥାଏ, ତାହା ଜ୍ଞାତିତ୍ୱ ପରିସର ବାହାରେ ରହେ ।
- ବୈଧ ବୈବାହିକ ସଂପର୍କ ଆଧାରରେ ସନ୍ତାନ ଜନ୍ମ କରିବାର ଇଚ୍ଛାରୁ ଜ୍ଞାତିତ୍ୱର ସୃଷ୍ଟି ।
- ଜ୍ଞାତିତ୍ୱ ଦୁଇ ପ୍ରକାରର - ବୈବାହିକ ଓ ରକ୍ତ ସମ୍ବନ୍ଧୀ
- କିଛି କଳ୍ପନାତ୍ମକ ସମ୍ବନ୍ଧକୁ ମଧ ସାମାଜିକ ସ୍ୱୀକୃତି ମିଳିଥାଏ । ପୋଷ୍ୟ ସନ୍ତାନ ଗ୍ରହଣ ହେଉଛି ଏହିପରି ଏକ ସମ୍ବନ୍ଧ ।
- ସାଧାରଣ ପୂର୍ବଜ ଙ୍କ ଠାରୁ ହିଁ ରକ୍ତ ସଂପର୍କର ଜ୍ଞାତି ସୃଷ୍ଟି ।
- ବୈବାହିକ ଜ୍ଞାତି, ବୈବାହିକ ସମ୍ବନ୍ଧରୁ ସୃଷ୍ଟି ହୋଇ ଦୁଇ ଅପରିଚିତ ପରିବାରକୁ ସଂଯୋଗ କରନ୍ତି ।
- ଘନିଷ୍ଠତାର ଡିଗ୍ରୀ ବା ବ୍ୟାପକତା ଆଧାରରେ, ଜ୍ଞାତି ତିନି ପ୍ରକାରର ହୋଇଥା'ନ୍ତି - ପ୍ରାଥମିକ ଜ୍ଞାତି, ଗୌଣ ଜ୍ଞାତି ଓ ଆଂଶିକ ଜ୍ଞାତି ।
- ବ୍ୟକ୍ତି ଓ ସମୁହ ପାଇଁ ଜ୍ଞାତିତ୍ୱ ବିଭିନ୍ନ ଦିଗରୁ ମହତ୍ତ୍ୱପୂର୍ଣ୍ଣ ଅଟେ ।
- ଏହା ବ୍ୟକ୍ତିମାନଙ୍କୁ ପ୍ରସ୍ଥିତି ଓ ପରିଚୟ, ସାମାଜିକ ଓ ମନସ୍ତାତ୍ତ୍ୱିକ ସୁରକ୍ଷା ଓ ନିର୍ଦ୍ଦିଷ୍ଟ ଆଚରଣ ଧାରା ଓ ଭୂମିକା ପ୍ରଦାନ କରେ ।
- ସମୁହ ଗଠନର ଆଧାର ହେଉଛି ଜ୍ଞାତିତ୍ୱ ।
- ଏହା ସମୁହ ଦୃଢ଼ତା ବୃଦ୍ଧି କରେ, ଶତ୍ରୁମାନଙ୍କ ବିରୁଦ୍ଧରେ ସମୁହକୁ ସଂଗଠିତ କରେ, ଧାର୍ମିକ ଓ ସାମାଜିକ ଆନ୍ତଃ କ୍ରିୟାକୁ ନିୟନ୍ତ୍ରିତ କରେ, ବିବାହ ତଥା ଧାର୍ମିକ ଉତ୍ସବାନୁଷ୍ଠାନ ମାନଙ୍କରେ ଏକାଠି ହେଉଥିବା ଲୋକମାନଙ୍କୁ ନିୟନ୍ତ୍ରିତ କରେ ।



ଟୀପ୍ପଣୀ

- ଜ୍ଞାତିତ୍ୱ ଆଧାରରେ ପରିବାର ନାମ, ପ୍ରସ୍ଥିତି ଓ ସଂପତ୍ତିଗତ ଉତ୍ତରାଧିକାର ନିର୍ଣ୍ଣୟ କରାଯାଏ ।
- ଜ୍ଞାତିତ୍ୱ ସମୂହ, ସେମାନଙ୍କର ଜ୍ଞାତି ସମ୍ବନ୍ଧୀ ମାନଙ୍କୁ ଆର୍ଥିକ ଲାଭ, ଚାକିରୀ ସୁବିଧା ତଥା ରାଜନୈତିକ କ୍ଷମତା ହାସଲ କରିବାରେ ସାହାଯ୍ୟ କରନ୍ତି ।
- ଜ୍ଞାତି ସମ୍ବନ୍ଧୀମାନଙ୍କୁ ବିଭିନ୍ନ ନାମରେ ସମ୍ବୋଧନ କରାଯାଏ ।
- ଜ୍ଞାତିତ୍ୱ ଶବ୍ଦ ଓ ପ୍ରକାର ନିମ୍ନ ପ୍ରକାର ରେ ବର୍ଗୀକୃତ ହୁଏ ।

**(୧) ଭାଷା ସଂରଚନା ଆଧାର**

(କ) ପ୍ରାରମ୍ଭିକ ଶବ୍ଦ

(ଖ) କୃତ୍ରିମ ଶବ୍ଦ

(ଗ) ବିବରଣାତ୍ମକ

**(୨) ବ୍ୟବହାର / ପ୍ରୟୋଗ ଆଧାର**

(କ) ସମ୍ବୋଧନ / ଡାକିବା ଶୈଳୀ

(ଖ) ସଂଦର୍ଭ ଶୈଳୀ

**(୩) ପ୍ରୟୋଗର ପରିସର**


(କ) ବିବରଣାତ୍ମକ ଶବ୍ଦ ଓ

(ଖ) ବର୍ଗାତ୍ମକ ଶବ୍ଦ

- ଜ୍ଞାତି ବା ଆନୁମାନିକ ପୂର୍ବଜ ଆଧାରରେ, ନିର୍ଦ୍ଦିଷ୍ଟ ଜ୍ଞାତି ସମୂହ ଙ୍କ ସହିତ ବ୍ୟକ୍ତିର ରକ୍ତ ସଂପର୍କ / ବଂଶର ନିର୍ଣ୍ଣୟ କରାଯାଏ ।
- ବଂଶ ଗଣନାର ଦୁଇଟି ନିୟମ ହେଲା –

  (୧) ଏକ ପକ୍ଷୀୟ ବଂଶ ଗଣନା (୨) ଦ୍ୱିପକ୍ଷୀୟ ବଂଶ ଗଣନାର ନିୟମ ।
- ଏକ ପକ୍ଷୀୟ ବଂଶ ଗଣନା ନିୟମ ଦୁଇ ପ୍ରକାରର ଅଟେ – (୧) ପିତୃ ବଂଶୀୟ ଓ (୨) ମାତୃ ବଂଶୀୟ ।
- ଯେଉଁ ସମାଜରେ ଏକ ପକ୍ଷୀୟ ବଂଶ ଗଣନା ନ ଥାଏ, ସେହି ସମାଜକୁ ଦ୍ୱିପକ୍ଷୀୟ ସମାଜ କୁହାଯାଏ । ପିତା ଓ ମାତା, ଉଭୟ ପକ୍ଷର ସଂପର୍କୀୟମାନଙ୍କୁ ସମାନ ଗୁରୁତ୍ୱ ଦିଆଯାଇଥାଏ ।
- 'କିଣ୍ଡ୍ରେଡ୍' ହେଉଛି ଦ୍ୱିପକ୍ଷୀୟ ସଂପର୍କୀୟ ମାନଙ୍କର ସମୂହ ଯେଉଁମାନେ କେବଳ ଉତ୍ସବାନୁଷ୍ଠାନରେ ଏକତ୍ର ହୋଇଥା'ନ୍ତି ।
- କେତେକ ଏକ ପକ୍ଷୀୟ ଜ୍ଞାତି ସମୂହ ହେଲା –

  (୧) ପରିବାର, (୨) ବଂଶ, (୩) ଗୋତ୍ର, (୪) ଫ୍ରାଟ୍ରି, (୫) ମୋଇଟି
- ଏକ ପରିବାର ସାଧାରଣତଃ, ଏକ ପୁରୁଷ, ତା'ର ସ୍ତ୍ରୀ ଓ ସେମାନଙ୍କର ଅବିବାହିତ ସନ୍ତାନକୁ ବୁଝାଏ । ତିନି ବା ଅଧିକ ପିଢ଼ୀର ବୈବାହିକ ତଥା ରକ୍ତ ସଂପର୍କୀୟ ଜ୍ଞାତିଙ୍କୁ ସାମିଲ କରିବା ପାଇଁ ପରିବାରକୁ ସଂପ୍ରସାରଣ କରାଯାଇ ପାରେ ।
- ବଂଶ ହେଉଛି ଏକ ଜ୍ଞାତି ସମୂହ ଯେଉଁ ମାନେ କି ଜ୍ଞାତ ସଂଯୋଗ ଆଧାରରେ ପୂର୍ବଜଙ୍କୁ ଚିହ୍ନିବାର ବାଟ ।



ଟୀପ୍‌ପଣୀ

➪ ଗୋତ୍ର ହେଉଛି ଏକ ଜ୍ଞାତି ସମୂହ, ଯେଉଁମାନେ ନିଜକୁ ଏକ ସାଧାରଣ ପୂର୍ବଜଙ୍କ ଠାରୁ ଆସିଥିବା ବିଶ୍ୱାସ କରନ୍ତି ।

➪ ଫ୍ରାଟ୍ରି ହେଉଛି ଏକ ପକ୍ଷୀୟ ବଂଶ ସମୂହ, ଯାହା ଦୁଇ ବା ଅଧିକ ଗୋତ୍ରର ସମଷ୍ଟି ଯେଉଁ ମାନେ କି ପରସ୍ପର ସହ ସଂଯୁକ୍ତ ଥା'ନ୍ତି ।

➪ ମୋଇଟି ହେଉଛି ଏକ ବୃହତ୍ ସାମାଜିକ ସମୂହ ଯାହା ସମାଜକୁ ଦୁଇଟି ଏକ ପକ୍ଷୀୟ ବଂଶ ସମୂହରେ ବିଭକ୍ତ କଲେ ସୃଷ୍ଟି ହୋଇଥାଏ ।

➪ ପ୍ରତ୍ୟେକ ମୋଇଟି ପୁନଶ୍ଚ କେତେକ ଫ୍ରାଟ୍ରିରେ ବିଭାଜିତ ହୋଇଥାନ୍ତି । ପ୍ରତ୍ୟେକ ଫ୍ରାଟ୍ରି, କେତେକ ଗୋତ୍ରରେ ଓ ପ୍ରତ୍ୟେକ ଗୋତ୍ର କେତେକ ବଂଶରେ ଏବଂ ପ୍ରତ୍ୟେକ ବଂଶ କେତେକ ପରିବାରରେ ବିଭକ୍ତ ହୋଇଥା'ନ୍ତି ।

➪ ଜ୍ଞାତିତ୍ୱ ସଂପର୍କ ବା ଚଳଣୀ, ଏକ ଜ୍ଞାତି ସମୂହର ବିଭିନ୍ନ ସଦସ୍ୟଙ୍କ ମଧ୍ୟରେ ଥିବା ନିର୍ଦ୍ଦିଷ୍ଟ ଓ ତୁଳନାତ୍ମକ ଭାବରେ ଥିବା ସ୍ଥିର ବ୍ୟବହାର ଧାରାକୁ ଦର୍ଶାଏ ।

➪ କେତେକ ଜ୍ଞାତିତ୍ୱ ବ୍ୟବହାରର ଉଦାହରଣ ହେଲା –

| | |
|---|---|
| (୧) ପରିହାର | (୨) ଥଟ୍ଟା, ପରିହାସର ସମ୍ବନ୍ଧ |
| (୩) ଅନ୍ୟ ନାମ ସମ୍ବୋଧନ | (୪) ମାତୁଳ ସମ୍ବନ୍ଧ |
| (୫) ପିଇସୀ ସମ୍ବନ୍ଧ | (୬) କୁଭେଡ୍ |

## ଶବ୍ଦାବଳୀ (Glossary)

**ବୈବାହିକ ଜ୍ଞାତି :** ବିବାହ ଦ୍ୱାରା ସମ୍ବନ୍ଧିତ ଜ୍ଞାତି

**ପିଇସୀ ସମ୍ବନ୍ଧ (Amitate) :** ଏକ ଜ୍ଞାତିତ୍ୱ ସମ୍ବନ୍ଧ ଯେଉଁଥିରେ ପିଇସୀଙ୍କୁ ଗୁରୁତ୍ୱ ଦିଆଯାଇଥାଏ ।

**ମାତୁଳ ସମ୍ବନ୍ଧ (Avunculate) :** ଯେଉଁ ଜ୍ଞାତିତ୍ୱ ସମ୍ବନ୍ଧରେ ମାମୁଁଙ୍କୁ ଗୁରୁତ୍ୱ ଦିଆଯାଏ ।

**ଦ୍ୱିପକ୍ଷୀୟ ଜ୍ଞାତିତ୍ୱ :** ସଂପତ୍ତି ଗତ ଅଧିକାର ଓ ବଂଶ ଗଣନାର ହସ୍ତାନ୍ତରଣ (ଯେଉଁ ଜ୍ଞାତିତ୍ୱ ସଂପର୍କରେ) ସମାନଭାବେ ପିତୃ ବଂଶ ଓ ମାତୃ ବଂଶ ଅନୁସାରେ ହୋଇଥାଏ ।

**ଗୋତ୍ର :** ଏକ ବଂଶୀୟ, ବହିର୍ବିବାହୀ ସଂପର୍କୀୟ ମାନଙ୍କର ସମୂହ, ଯେଉଁମାନେ କି ଏକ କାଳ୍ପନିକ ପୂର୍ବଜରୁ ଉତ୍ପତ୍ତି ହୋଇଥିବା ବିଶ୍ୱାସ କରନ୍ତି । ଏହି ପୂର୍ବଜ ଏକ କିମ୍ବଦନ୍ତୀ ଚରିତ୍ର, ବୃକ୍ଷ ବା ପଶୁ ମଧ୍ୟ ହୋଇପାରେ ।

**ବର୍ଗାତ୍ମକ ପଦ :** ଏକ ଜ୍ଞାତିତ୍ୱ ଶବ୍ଦ ଯାହା ଅନେକ ସଂପର୍କୀୟକୁ ଦର୍ଶାଏ । ଯେପରିକି ମାମୁଁ, ମାଇଁ, ଦାଦା, ଖୁଡ଼ୀ ଇତ୍ୟାଦି ।

**ରକ୍ତ ସମ୍ବନ୍ଧୀ ଜ୍ଞାତି :** ଯେଉଁ ଜ୍ଞାତି ମାନେ ପରସ୍ପର ସହ ରକ୍ତ ସମ୍ବନ୍ଧ ବା ଏକ ସାଧାରଣ ପୂର୍ବଜଙ୍କ ଦ୍ୱାରା ସଂଯୁକ୍ତ ହୋଇଥା'ନ୍ତି ।

**କୁଭେଡ଼ :** ଏହା ଏକ ପ୍ରକାର ଜ୍ଞାତିତ୍ୱ ବ୍ୟବହାର, ଯେଉଁଥିରେ ସ୍ତ୍ରୀର ଗର୍ଭଧାରଣ ସମୟରେ ସ୍ୱାମୀ ସମ ବ୍ୟବହାର କରିଥାଏ, ଯେପରିକି ଖାଇବା କଟକଣା, ଯାହା ତା'ର ସ୍ତ୍ରୀ'ର କରାଯାଏ ।

**ବିବରଣାତ୍ମକ ଶବ୍ଦ :** ସ୍ୱତନ୍ତ୍ର ବା ନିର୍ଦ୍ଦିଷ୍ଟ ଶବ୍ଦ, ନିର୍ଦ୍ଦିଷ୍ଟ ବ୍ୟକ୍ତିଗତ ସଂପର୍କ ପାଇଁ ।

**ଇଗୋ (ଅହଂ) :** ଏକ ମୂଳ ବ୍ୟକ୍ତି, ଯାହାର ସଂଦର୍ଭରେ ଜ୍ଞାତିତ୍ୱ ନିରୂପଣ ତଥା ଖୋଜାଯାଏ ।



ଟୀପ୍‌ପଣୀ

**ସମାନାନ୍ତର ସଂପର୍କୀୟ ଭାଇ ଭଉଣୀ :** ମାମୁଁ ଓ ପିଇସୀ ଙ୍କର (Cross- cousin) ପିଲାମାନଙ୍କ ମଧ୍ୟରେ ସଂପର୍କ ।

**ବୃହତ୍ କୁଟୁମ୍ବ (Kindred) :** ଦ୍ୱିପକ୍ଷୀୟ ବଂଶ ଗଣନା ଅନୁସାରେ ସଂପର୍କୀୟ ମାନଙ୍କର ବର୍ଗୀକରଣ । ଏଥିରେ ଉଭୟ ମାତା-ପିତାଙ୍କ ପକ୍ଷର ସଂପର୍କୀୟ ସାମିଲ ଥା'ନ୍ତି ।

**ବଂଶ ପରମ୍ପରା (Lineage) :** ଏକ ପକ୍ଷୀୟ ବଂଶ ଗଣନା ନିୟମରେ ସୃଷ୍ଟି ହୋଇଥିବା ଏକ ରକ୍ତ ସମ୍ବନ୍ଧୀ ଜ୍ଞାତି ସମୂହ । ଏହି ବଂଶର ସଦସ୍ୟ ମାନଙ୍କର ସାଧାରଣ ପୂର୍ବଜ ହେଉଛନ୍ତି ଜଣେ ଜ୍ଞାତ ଓ ପ୍ରକୃତ ମନେରଖାଯାଇଥିବା ବ୍ୟକ୍ତି । ଏହା ଏକ ବହିର୍ବିବାହୀ ସମୂହ ଅଟେ ।

**ମାତୃ ବଂଶ ପରଂପରା (Matrilineage) :** ବଂଶର ମହିଳା ମାନଙ୍କ ଦ୍ୱାରା କର୍ତ୍ତୃତ୍ୱ, ବଂଶ ତଥା ସଂପତ୍ତିଗତ ଅଧିକାରର ହସ୍ତାନ୍ତରଣ ହୋଇଥାଏ । ଏହାକୁ ଇୟୁଟେରିନ (Uterine) ମଧ୍ୟ କୁହାଯାଏ ।

**ମୋଇଟି (Moiety) :** ଯେତେବେଳେ ଏକ ଜନଜାତିର ଏକ ପ୍ରାରମ୍ଭିକ ସାମାଜିକ ବିଭାଜନ, ଦୁଇ ଭାଗରେ ହୋଇଥାଏ । ସେତେବେଳେ ଏହି ପ୍ରତ୍ୟେକ ଭାଗକୁ ମୋଇଟି କୁହାଯାଏ ।

**ପିତୃବଂଶ ପରଂପରା :** ବଂଶର ପୁରୁଷ ମାନଙ୍କ ଦ୍ୱାରା ନାମ, ସଂପତ୍ତିଗତ ଅଧିକାର ଓ କର୍ତ୍ତୃତ୍ୱର ହସ୍ତାନ୍ତରଣ ହୋଇଥାଏ ।

**ଫ୍ରାଟ୍ରି (Phratry) :** ଏକ ଜନଜାତିର ଏକ ପକ୍ଷୀୟ ବହିର୍ବିବାହୀ ଉପବିଭାଗ । ସାଧାରଣତଃ ଏକ ଫ୍ରାଟ୍ରିକୁ କେତେକ ଗୋତ୍ରରେ ବିଭକ୍ତ କରାଯାଇଥାଏ ।

**ସିବଲିଙ୍ଗ୍‌ସ (Siblings) :** ଏକ ମାତା ପିତା ଙ୍କ ଠାରୁ ଜନ୍ମ ହୋଇଥିବା ସନ୍ତାନ ।

**ଅନ୍ୟ ନାମ ସମ୍ବୋଧନ (Teknonymy) :** ଏକ ପ୍ରକାର ଜ୍ଞାତିତ୍ୱ ବ୍ୟବହାର, ଯେଉଁଥିରେ ଜ୍ଞାତି ମାନେ ପରସ୍ପରକୁ ନିଜ ନିଜର ନାମରେ ସମ୍ବୋଧନ କରିନଥାନ୍ତି ।

**ଏକ ପକ୍ଷୀୟ ବଂଶ ଗଣନା :** କେବଳ ମାତା ଅଥବା କେବଳ ପିତା ଙ୍କ ତରଫରୁ ବଂଶ ଗଣନା ହେବା । ଉତ୍ତରାଧିକାର ବଂଶ ଓ ସଂପତ୍ତି ଅଧିକାର ଏହା ମଧ୍ୟରେ ସାମିଲ ଥାଏ ।

## ପାଠ୍ୟାନ୍ତ ପ୍ରଶ୍ନାବଳୀ

୧. ଜ୍ଞାତିତ୍ୱର ପ୍ରକାର ମାନ କ'ଣ ? ବିଶଦ ଭାବେ ବର୍ଣ୍ଣନା କର ।

୨. ବ୍ୟକ୍ତି ଓ ସମୂହ ପାଇଁ ଜ୍ଞାତିତ୍ୱର ମହତ୍ତ୍ୱ କ'ଣ ଥାଏ ?

୩. ଜ୍ଞାତିତ୍ୱ ଶବ୍ଦ ମାନଙ୍କର ଶ୍ରେଣୀ ବିଭାଗ କରିବାର ଭିତ୍ତି ବା ଆଧାର ସବୁ କ'ଣ ରହିଛି ? ଆଲୋଚନା କର ।

୪. ବିଭିନ୍ନ ପ୍ରକାରର ଏକ ବଂଶୀୟ ଜ୍ଞାତି ସମୂହ ସଂପର୍କରେ ବର୍ଣ୍ଣନା କର ।

୫. ବିଭିନ୍ନ ପ୍ରକାରର ଜ୍ଞାତିତ୍ୱ ଆଚରଣ ବା ଚଳଣୀ (ରୀତିନୀତି) ବିଷୟରେ ଆଲୋଚନା କର ।

## ପାଠ୍ୟଗତ ପ୍ରଶ୍ନାବଳୀମାନଙ୍କର ଉତ୍ତର

**୧୪ . ୧** (୧) ଠିକ୍, (୨) ରକ୍ତ ସମ୍ବନ୍ଧୀ, (୩) (୨)

**୧୪ . ୨** (୧) ଭୁଲ, (୨) ସମୂହ, (୩) (୪)

**୧୪ . ୩** (୧) ଠିକ୍, (୨) କୃତ୍ରିମ, (୩) (୫)

**୧୪ . ୪** (୧) ଠିକ୍, (୨) ବୃହତ୍ କୁଟୁମ୍ବ, (୩) (୨)

**୧୪ . ୫** (୧) ଠିକ୍, (୨) ଅନ୍ୟନାମ ସମ୍ବୋଧନ, (୩) (୪)

ଟୀପ୍ପଣୀ

# ୧୫

# ଅର୍ଥନୀତି, ରାଜନୀତି ଓ ଧର୍ମ (Economy, Polity and Religion)

**ଅ**ନୁଷ୍ଠାନ ମାନଙ୍କ ସଂଖ୍ୟାର ଆଧାରରେ ସମାଜ ମାନେ ପରସ୍ପର ଠାରୁ ଅଲଗା ହୋଇଥା'ନ୍ତି । ଅତି ବିକଶିତ ଓ ବିଭାଗୀକୃତ ସମାଜ, ଯାହାକି ବର୍ତ୍ତମାନର ଔଦ୍ୟୋଗିକ ପୃଥିବୀରେ ଦେଖାଯା'ନ୍ତି, ନିଜ ମଧ୍ୟରେ ଅନେକ ଅନୁଷ୍ଠାନକୁ ଧାରଣ କରିଥା'ନ୍ତି । ଏହା କିନ୍ତୁ କୃଷିଭିତ୍ତିକ ଓ ଜନଜାତିୟ ସରଳ ସମାଜ ଠାରୁ ସଂପୂର୍ଣ୍ଣ ଭିନ୍ନ, କାରଣ ଏହି ସବୁ ସମାଜ ରେ ସ୍ୱତନ୍ତ୍ର ଅନୁଷ୍ଠାନ ମାନଙ୍କର ସଂଖ୍ୟା ଖୁବ୍ କମ୍ ଥାଏ । ସମୟ କ୍ରମେ ସରଳ ସାମାଜିକ ସଂରଚନାରୁ ଜଟିଳ ସମାଜିକ ସଂରଚନାକୁ ଯେତେବେଳେ ସମାଜ ମାନଙ୍କର ଉଦ୍ଭବ ହୋଇଥାଏ, ସେତେବେଳେ ସେମାନଙ୍କର ଅନୁଷ୍ଠାନ ମାନଙ୍କରେ ମଧ୍ୟ ବହୁ ପରିବର୍ତ୍ତନ ଦେଖାଯାଇ ଥାଏ । ସେମାନଙ୍କର ସଂଖ୍ୟାରେ ବୃଦ୍ଧି ଘଟିବା ସହିତ ସେମାନଙ୍କର ଜଟିଳତା ବୃଦ୍ଧି ପାଏ ଓ ସ୍ୱତନ୍ତ୍ର କାର୍ଯ୍ୟ ନିରୂପଣ ହୁଏ ।

ଯଦ୍ୟପି ଭିନ୍ନ ଭିନ୍ନ ସମାଜର ଅନୁଷ୍ଠାନ ମାନଙ୍କର ସଂଖ୍ୟା ଭିନ୍ନ ହୋଇଥାଏ । ତେବେ ସମସ୍ତ ସମାଜର ସାଧାରଣ ଭାବରେ ଚାରିଟି ସର୍ବବ୍ୟାପୀ ମୌଳିକ ଅନୁଷ୍ଠାନ ରହିଥାଏ । ସେମାନଙ୍କୁ ଯଥାକ୍ରମେ ଜ୍ଞାତିତ୍ୱ, ଅର୍ଥନୀତି ବା ଆର୍ଥିକ ବ୍ୟବସ୍ଥା, ରାଜନୈତିକ ଓ ଧାର୍ମିକ ଅନୁଷ୍ଠାନ କୁହାଯାଏ । ଏହି ଅନୁଷ୍ଠାନ ମାନେ ପରସ୍ପର ଠାରୁ ଅଲଗା ନଥା'ନ୍ତି, ବରଂ ସେମାନଙ୍କର ମଧ୍ୟରେ ଘନିଷ୍ଠ ସଂପର୍କ ଥାଏ । ପରସ୍ପର ସମ୍ବନ୍ଧିତ ଅନୁଷ୍ଠାନ ମାନଙ୍କୁ ନେଇ ସଂସ୍କୃତିର ପରିକଳ୍ପନା କରିଥାଉ । ସଂସ୍କୃତିର ସଂଜ୍ଞା ଦେବାକୁ ଯାଇ ଆମେ କହି ପାରିବା ଯେ ଏହା ବିଭିନ୍ନ ଅନୁଷ୍ଠାନ ମାନଙ୍କର ଏକ ସମନ୍ୱିତ ସାମଗ୍ରିକତା ।

ଏହି ଅଧ୍ୟାୟରେ ଆମେ ମାନବ ସମାଜର ଅର୍ଥନୈତିକ, ରାଜନୈତିକ ଓ ଧାର୍ମିକ ଅନୁଷ୍ଠାନ ମାନଙ୍କର ଲକ୍ଷଣ ସବୁକୁ ଅଧ୍ୟୟନ କରିବା ।

## ଉଦ୍ଦେଶ୍ୟ (Objectives)

**ଏହି ଅଧ୍ୟାୟ ପଢିବା ପରେ ଆପଣ -**

- ମାନବ ସମାଜରେ ଦେଖାଯାଉଥିବା ବିଭିନ୍ନ ମୌଳିକ ଅନୁଷ୍ଠାନ ମାନଙ୍କ ବିଷୟରେ ବର୍ଣ୍ଣନା କରିପାରିବେ ।
- ଏହି ପ୍ରତ୍ୟେକ ଅନୁଷ୍ଠାନର ଲକ୍ଷଣ ସବୁକୁ ବ୍ୟାଖ୍ୟା କରିପାରିବେ ; ଏବଂ
- ଏହି ଅନୁଷ୍ଠାନ ମାନଙ୍କ ମଧ୍ୟରେ ଥିବା ସଂପର୍କକୁ ବୁଝିପାରିବେ ।



ଟୀପ୍ପଣୀ

## ୧୫ . ୧ ଅର୍ଥନେତିକ ଅନୁଷ୍ଠାନ, ରାଜନୈତିକ ଅନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ସଂପର୍କୀତ ଧାରଣା । (Concepts of Economy, Polity and Religion)

### ୧୫ . ୧.୧ ଅର୍ଥନୈତିକ ଅନୁଷ୍ଠାନ (Economy)

ଅର୍ଥନୀତି ବସ୍ତୁ ଓ ସେବା ମାନଙ୍କର ଉତ୍ପାଦନ, ଉପଭୋଗ, ବିତରଣ ଓ ବିନିମୟ ସହ ସଂପୃକ୍ତ । ମନୁଷ୍ୟକୁ ବଞ୍ଚିବାକୁ ହେଲେ, ଖାଇବାକୁ ପଡ଼ିବ । ସେମାନେ ପଶୁଙ୍କ ଭଳି ପରଜୀବି ନୁହଁନ୍ତି ଓ ନିଜର ଖାଇବାକୁ କଞ୍ଚା ନ ଖାଇ ପ୍ରସ୍ତୁତ କରି ଖା'ନ୍ତି । ତେଣୁ ସବୁଠାରୁ ଉଲ୍ଲେଖନୀୟ ଘଟଣା ହେଉଛି ମନୁଷ୍ୟ କଞ୍ଚା ଖାଦ୍ୟ ପଦାର୍ଥକୁ ରନ୍ଧା ଖାଦ୍ୟରେ ପରିଣତ କରେ । ନିଆଁ ଜଳାଇବା ଓ ଏହାର ବ୍ୟବହାର କେବଳ ମନୁଷ୍ୟ ପ୍ରଜାତି ସହ ଜଡ଼ିତ ।

ଅର୍ଥନୀତି ସମ୍ବନ୍ଧୀୟ କୌଣସି ବି କାର୍ଯ୍ୟକଳାପ ପୃଥକ୍ ଭାବରେ କରାଯାଏ ନାହିଁ । ଏହି ସମସ୍ତ ମନୁଷ୍ୟ ସହ ସମ୍ବନ୍ଧିତ । ମନୁଷ୍ୟ, ଉତ୍ପାଦନ ବ୍ୟବସ୍ଥାରେ ଅନ୍ୟ ମନୁଷ୍ୟ ସହ ସଂପର୍କରେ ଆସେ । ବିତରଣ ଓ ବିନିମୟ ମଧ୍ୟ ମନୁଷ୍ୟ ମନୁଷ୍ୟ ମଧ୍ୟରେ ସଂପର୍କକୁ ଦର୍ଶାଏ । ଏହି ସଂପର୍କ ସ୍ୱାଭାବିକ ଭାବରେ ବିତରଣ ଓ ବିନିମୟର ଗୁଣାତ୍ମକ ମାନ ତଥା ବିତରିତ ଓ ନେଣ ଦେଣ ହୋଇଥିବା ବସ୍ତୁ ଓ ସେବା ମାନଙ୍କର ଗୁଣକୁ ପ୍ରଭାବିତ କରିଥାଏ । ମାନବୀୟ ସଂପର୍କ ଓ ସାମାଜିକ ମୂଲ୍ୟବୋଧ ମଧ୍ୟ ଉପଭୋଗ ବା ବ୍ୟବହାର ଧାରାକୁ ନିରୂପଣ କରିଥାଏ । ଅନ୍ୟ ଭାଷାରେ କହିଲେ ବୁଝାଯିବ ଯେ ଅର୍ଥନୀତିର ସମାଜତାତ୍ତ୍ୱିକ ଅଧ୍ୟୟନରେ ଆମେ, ଉତ୍ପାଦନ, ବିତରଣ, ବିନିମୟ ଓ ଉପଭୋଗ ବ୍ୟବସ୍ଥା ମାନଙ୍କ ଦ୍ୱାରା ନିର୍ମିତ ସାମାଜିକ ସଂପର୍କ ମାନଙ୍କ ସହ ସଂପୃକ୍ତ ହୋଇଥାଉ ।

### ୧୫.୧.୨ ରାଜନୈତିକ ବ୍ୟବସ୍ଥା (Polity)

ରାଜନୀତି, ସମାଜରେ କ୍ଷମତାର ବଣ୍ଟନ ସହିତ ଜଡ଼ିତ । ସମାଜରେ ଥିବା ପ୍ରତ୍ୟେକ ସାମାଜିକ ସଂପର୍କରେ କିଛି ଲୋକ, ଅନ୍ୟ କିଛି ଲୋକଙ୍କ ଉପରେ କ୍ଷମତା ଜାହିର କରିଥା'ନ୍ତି । ଏପରିକି ଦୁଇ ଜଣ ବ୍ୟକ୍ତିଙ୍କ ସମୁହରେ (ଯାହାକୁ ଯୁଗ୍ମ (Dyad) କୁହାଯାଏ), ଜଣେ ଅନ୍ୟ ଜଣଙ୍କ ଉପରେ କ୍ଷମତା ଜାହିର କରିଥାଏ । ଅତଏବ, କୌଣସି ବି ସାମାଜିକ ବା ମାନବିକ ସଂପର୍କ, କ୍ଷମତାର ପ୍ରୟୋଗ ବା ବ୍ୟବହାରରୁ ମୁକ୍ତ ନୁହେଁ । ତେଣୁ କ୍ଷମତାକୁ ମାନବ ସମାଜର ସର୍ବବ୍ୟାପୀ ଲକ୍ଷଣ କୁହାଯାଏ ।

ଆମେ ବର୍ତ୍ତମାନ 'କ୍ଷମତା' ଶବ୍ଦର ସମାଜ ବୈଜ୍ଞାନିକ ଅର୍ଥର ବ୍ୟାଖ୍ୟା କରିବା । କ୍ଷମତା କହିଲେ ଆମେ ବୁଝୁ ଯେ ଅନ୍ୟର ଇଚ୍ଛା ବିରୁଦ୍ଧରେ ବା ଅନ୍ୟ ମାନଙ୍କ ବିରୋଧରେ ସାମର୍ଥ୍ୟ ତଥା ସେମାନଙ୍କର ମାନ୍ୟତା ହାସଲ । କ୍ଷମତା ହେଉଛି ନିଜ ଓ ଅନ୍ୟ ମାନଙ୍କ ପାଇଁ ନିଷ୍ପତ୍ତି ନେବାରେ ସାମର୍ଥ୍ୟ ଓ ଯେଉଁ ମାନଙ୍କ ପାଇଁ ନିଷ୍ପତ୍ତି ନିଆଯାଇଥାଏ, ସେମାନେ ନିଷ୍ପତ୍ତିର ଅନୁପାଳନ କରୁଛନ୍ତି କି ନାହିଁ ତାହାର ତନଖି । କ୍ଷମତାର ଏହି ପରିଭାଷା ଦ୍ୱାରା ଏହା ସ୍ପଷ୍ଟ ଯେ ଏହା ସମାଜର ପ୍ରତ୍ୟେକ ସମୁହ ତଥା ଅନୁଷ୍ଠାନରେ ଏକ କେନ୍ଦ୍ରିୟ ଭୂମିକା ଗ୍ରହଣ କରିଥାଏ । ଉଦାହଣର ସ୍ୱରୂପ ପରିବାରର ମୁଖ୍ୟ ହିସାବରେ ଜଣେ ବ୍ୟକ୍ତି, ଅନ୍ୟ ସଦସ୍ୟ ମାନଙ୍କ ଉପରେ କ୍ଷମତା ଜାହିର୍ କରିଥାଏ ଓ ତା'ର ନିଷ୍ପତ୍ତି, ଅନ୍ୟମାନଙ୍କ ଉପରେ ଚୂଡ଼ାନ୍ତ ହୋଇଥାଏ । ଅନ୍ୟ ଏକ ଉଦାହରଣ, ଡାକ୍ତରଖାନା ଅଧୀକ୍ଷକ, ଡାକ୍ତରଖାନା ମଧ୍ୟରେ ସବୁଠାରୁ କ୍ଷମତା ସଂପନ୍ନ ବ୍ୟକ୍ତି । ଏହି ଉଦାହରଣ ମାନଙ୍କରୁ ଏହା ସ୍ପଷ୍ଟ ଯେ ସମାଜର ପ୍ରତ୍ୟେକ ଅନୁଷ୍ଠାନରେ କିଛି ଲୋକ ଅନ୍ୟ ଉପରେ କ୍ଷମତା ଜାହିର କରିଥା'ନ୍ତି ।



ଟୀପ୍ପଣୀ

ତେବେ ରାଜନୈତିକ କ୍ଷମତାର ତାତ୍ପର୍ଯ୍ୟ କ'ଣ ? ଅନୁଷ୍ଠାନ (ଡାକ୍ତରଖାନା) ବା ସମୂହ (ପରିବାର) ରେ ପ୍ରୟୋଗ ହେଉଥିବା କ୍ଷମତା ଓ ରାଜନୈତିକ କ୍ଷମତା ମଧ୍ୟରେ ଫରକ ହେଉଛି ଯେ ରାଜନୈତିକ କ୍ଷମତା ବ୍ୟାପକ ସ୍ତରରେ ପ୍ରୟୋଗ କରାଯାଇଥାଏ । ଏହା କେବଳ ନିର୍ଦ୍ଦିଷ୍ଟ ଅନୁଷ୍ଠାନ ବା ସମୂହ ମଧ୍ୟରେ ସୀମିତ ନ ଥାଏ । ପରନ୍ତୁ ଏହା ସେହି ସମସ୍ତ ଅନୁଷ୍ଠାନ ଓ ସମୂହ ମାନଙ୍କ ନିଜ ପ୍ରୟୋଗ ପରିସର ମଧ୍ୟରେ ସାମିଲ କରିଥାଏ । ରାଜନୈତିକ କ୍ଷମତା ବିଭିନ୍ନ ଅନୁଷ୍ଠାନ ବା ସମୂହ ମାନଙ୍କରେ ଭିନ୍ନ ଭିନ୍ନ ସ୍ୱରୂପରେ ପ୍ରୟୋଗ ହୋଇଥାଏ । ଏହା ସରକାରକୁ ପରିଚାଳିତ କରିଥାଏ, ଯାହା ସମାଜ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥାଏ । ଉଦାହରଣ ସ୍ୱରୂପ ଏକ ସ୍କୁଲର ଅଧ୍ୟକ୍ଷ କେବଳ ନିଜ ସ୍କୁଲ ପରିଚାଳନା ତଥା ନିଜ କର୍ମଚାରୀ ମାନଙ୍କ କ୍ଷେତ୍ରରେ ନିଜର କ୍ଷମତା ପ୍ରୟୋଗ କଲା ବେଳେ, ଶିକ୍ଷାନୀତି ଓ ଏହାର ରୂପାୟନ ହେଉଛି ସରକାରଙ୍କର କ୍ଷମତା ।

ରାଜନୈତିକ କ୍ଷମତା ଘନିଷ୍ଠ ଭାବରେ ରାଜ୍ୟ ଶାସନ (governance) ସହିତ ଜଡ଼ିତ । ଜନୈକ ଇଟାଲୀୟ ସମାଜ ବିଜ୍ଞାନୀ - ଭିଲଫ୍ରେଡ୍ ପାରେଟୋ (Vilfred Pareto) ଅଭିଜନ (Elite) କୌଣସି ଗୋଷ୍ଠୀ ବା ସମୂହର ସର୍ବଶ୍ରେଷ୍ଠ ଅଂଶ)କୁ ଦୁଇ ଭାଗରେ ବିଭକ୍ତ କରିଥିଲେ - ଶାସନ-ଅଭିଜନ (governing elite) ଓ ଅଣ-ଶାସନ ଅଭିଜନ (non-governing elite) । ଏହି ଅଣ-ଶାସନ ଅଭିଜନ (non-governing elite) ନିଜ ନିଜର କ୍ଷେତ୍ରରେ ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିଥା'ନ୍ତି ଓ ନିଜେ ଶାସନ କରି ନଥା'ନ୍ତି । ଶାସନ-ଅଭିଜନ (governing elite) ମାନେ ଶାସନ କରିବା ପାଇଁ କ୍ଷମତାର ପ୍ରୟୋଗ କରିଥା'ନ୍ତି ।

> ଜଣେ ବିଖ୍ୟାତ ସଂଗୀତଜ୍ଞ, ଚିତ୍ରକର ଓ ଶିଳ୍ପପତି ଇତ୍ୟାଦି ହେଉଛନ୍ତି ଅଣ - ଶାସନ ଅଭିଜନ (non-governing elite) ର ଉଦାହରଣ । ତେଣୁ ମହାଶ୍ୱେତା ଦେବୀ, ଏମ. ଏଫ୍ ହୁସେନ୍, ଏ. ଆର. ରହମାନ ଓ ଧିରୁଭାଇ ଅମ୍ବାନୀ ଇତ୍ୟାଦିଙ୍କୁ ଅଣ-ଶାସନ ଅଭିଜନ ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଏ ।

ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳ ଇତ୍ୟାଦି ଶାସନ-ଅଭିଜନ (governing elite) ର ଅନ୍ତର୍ଗତ ।

## ୧୫ . ୧.୩ ଧର୍ମ (Religion)

ଅର୍ଥନୈତିକ ଓ ରାଜନୈତିକ ଅନୁଷ୍ଠାନ ମାନଙ୍କର ସର୍ବ ବ୍ୟାପକତାକୁ ନେଇ କୌଣସି ବିବାଦ ନାହିଁ । କିନ୍ତୁ, ଧର୍ମର ସର୍ବ ବ୍ୟାପକତା ବା ସର୍ବଜନୀନତାକୁ ନେଇ ବିତର୍କ ହୋଇ ଆସୁଛି । କିଛି ଚିନ୍ତକଙ୍କ ମତରେ, ମନୁଷ୍ୟର ଅଜ୍ଞତା ତଥା ତା'ର ମସ୍ତିଷ୍କର ସୀମିତ କାର୍ଯ୍ୟ କ୍ଷେତ୍ର, ଧର୍ମର ପ୍ରଚଳନ ପାଇଁ ଦାୟୀ । ଯେତେବେଳେ ବିଜ୍ଞାନ, ମନୁଷ୍ୟକୁ ଭ୍ରମିତ କରିଥିବା ପ୍ରଶ୍ନ ମାନଙ୍କର ଉତ୍ତର ଦେବାକୁ ସମର୍ଥ ହେବ ସେତେବେଳେ ଧର୍ମର ଆବଶ୍ୟକତା ରହିବ ନାହିଁ । ଏହା ମଧ୍ୟ ତର୍କ ଦିଆଯାଏ ଯେ ପାରଂପାରିକ ସମାଜ ତୁଳନାରେ ଆଧୁନିକ ସମାଜ ଧର୍ମକୁ ଛାଡ଼ି ମଧ୍ୟ ରହିପାରିବ । ମାର୍କ୍ସବାଦୀ ମାନଙ୍କ ମତରେ ଯଦି ଏକ ଶ୍ରେଣୀ ବିହୀନ ସମାଜ ଗଠିତ ହୋଇପାରିବ ତଥା ଧନୀ ଗରିବ ମଧ୍ୟରେ ପାର୍ଥକ୍ୟ ଦୂର ହୋଇ ପାରିବ, ତାହା ହେଲେ ସେହି ସମାଜରେ ଧର୍ମର କୌଣସି ଆବଶ୍ୟକତା ରହିବ ନାହିଁ ।

ଆଜିର ସମାଜରେ ଧର୍ମର ସର୍ବ ବ୍ୟାପକତାର ସିଦ୍ଧାନ୍ତ ପ୍ରତ୍ୟାଖ୍ୟାତ ହୋଇଛି । ଆମ ପାଖରେ, ଆଦିମ ଓ ଆଧୁନିକ ଉଭୟ ସମାଜରେ, ଧର୍ମ ଓ ପ୍ରଚଳନ ସଂପର୍କରେ ତଥ୍ୟାତ୍ମକ ପ୍ରମାଣ ରହିଛି । ପ୍ରତ୍ୟେକ

ଟୀପ୍‌ପଣୀ

ସମାଜରେ ଧର୍ମ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟାବଳୀ ତଥା ସଂପର୍କ ସମୂହ ସହିତ ଜଡ଼ିତ ଥାଏ ଯାହାକୁ ଲୋକ ମାନେ "ଉତ୍କୃଷ୍ଟ" ଆଖ୍ୟା ଦେଇଥା'ନ୍ତି । ଏହି ଉତ୍କୃଷ୍ଟତା ଏକ ମାନବୀୟ ପ୍ରକୃତି ନୁହେଁ । ଏହା ମାନବ ସମାଜର ଉର୍ଦ୍ଧ୍ୱରେ ଥାଏ । ଏହି କାରଣରୁ ମନୁଷ୍ୟ କିଛି ଘଟଣାବଳୀକୁ ଅତିପ୍ରାକୃତିକ, ଅଲୌକିକ ତଥା ଆଧ୍ୟାତ୍ମିକ ଆଖ୍ୟା ଦେଇଥା'ନ୍ତି । ଏହି ସବୁ ସତ୍ତାକୁ ଲୋକମାନେ ମାନନ୍ତି ଓ ପୂଜା କରନ୍ତି ଏବଂ ସେମାନଙ୍କର ଆଶୀର୍ବାଦ ମାଗନ୍ତି । ଲୋକମାନେ ଏହି ସବୁ ଶକ୍ତି ମାନଙ୍କର ମାନବୀୟ ଜୀବନ ଉପରେ ପ୍ରଭାବକୁ ସ୍ୱୀକାର କରିଥା'ନ୍ତି । ଏବଂ ବିଭିନ୍ନ ଧର୍ମୀୟ ରୀତି ନୀତି ଅନୁସାରେ ଏହି ସବୁ ଶକ୍ତିଙ୍କର ପୂଜା ଆରାଧନା କରାଯାଇଥାଏ ।

ଉପରୋକ୍ତ ଆଲୋଚନାର ମାନସିକ ସନ୍ଦର୍ଭରେ ଆମେ ଧର୍ମକୁ ଏକ ବିଶ୍ୱାସ ଓ ବ୍ୟବହାର ସମୂହ କହିପାରିବା, ଯାହା ଲୋକମାନଙ୍କର ଅତିପ୍ରାକୃତିକ ଧାରଣା ତଥା ଚିନ୍ତନ ସହିତ ଜଡ଼ିତ । ଧାର୍ମିକ କାର୍ଯ୍ୟାବଳୀ ପାଇଁ ଆମେ ଯେଉଁ ବୈଷୟିକ ଶବ୍ଦ ପ୍ରୟୋକ କରୁ, ତାହାକୁ 'ରୀତିନୀତି' ବା ଇଂରାଜୀରେ Ritual (ରିଚୁଆଲ) କୁହାଯାଇଥାଏ ।

## ପାଠ୍ୟଗତ ପ୍ରଶ୍ନାବଳୀ ୧୫ .୧

୧ – ଅଣ–ଶାସନ ଅଭିଜନ (Non-governing elite) ର ସଂଜ୍ଞା ଦିଅ ?

୨ – ମାନବ ସମାଜର ମୌଳିକ ଅନୁଷ୍ଠାନ ମାନଙ୍କର ନାମ ଲେଖ ?

୩ – କ୍ଷମତା କହିଲେ କ'ଣ ବୁଝ ?


୪ – ଧର୍ମର ଉପାଦାନ ମାନ ସବୁ କ'ଣ ?

## ୧୫ . ୨ ଅର୍ଥନୈତିକ ସଂଗଠନର ଲକ୍ଷଣ (Characteristics of Economic Organization)

ଆମେ ବର୍ତ୍ତମାନ ପର୍ଯ୍ୟନ୍ତ ଅର୍ଥନୈତିକ ବ୍ୟବସ୍ଥାର ସେହି ସବୁ ଅନୁଷ୍ଠାନ ମାନଙ୍କ ବିଷୟରେ ଜାଣିଲୁ ଯେଉଁ ମାନେ ବସ୍ତୁ ଓ ସେବା ମାନଙ୍କର ଉତ୍ପାଦନ, ବିତରଣ, ବିନିମୟ ତଥା ଉପଭୋଗର ବ୍ୟବସ୍ଥା କରିଥା'ନ୍ତି । ଏହି ପାଠ୍ୟଖଣ୍ଡରେ ଆମେ ଅର୍ଥନୈତିକ ସଂଗଠନର ଲକ୍ଷଣ ବିଷୟରେ ଜାଣିବା ।

ସାଧାରଣତଃ ଆମେ ଯେତେବେଳେ ଅର୍ଥନୈତିକ ବ୍ୟବସ୍ଥା ବା ଅର୍ଥନୀତି ବିଷୟରେ ଚିନ୍ତା କରୁ ଆମେ ଅର୍ଥ ସହିତ ସମ୍ବନ୍ଧିତ ସେବା ଓ ବସ୍ତୁମାନଙ୍କ ବିଷୟରେ ଭାବିଥାଉ । ଜଣେ ଶିକ୍ଷକ ସ୍କୁଲରେ ମାସ ଶେଷରେ ଶିକ୍ଷା ଦାନ କରିବା ପରେ କିଛି ମୁଦ୍ରା ଆକାରରେ ଅର୍ଥପ୍ରାପ୍ତ କରିଥାଏ ଯାହାକୁ ଆମେ ଦରମା ବା ପାରିଶ୍ରମିକ କହିଥାଉ ଏବଂ ସେହି ଦରମାରେ ସେ ବସ୍ତୁ ଓ ସେବା କ୍ରୟ କରିଥାଏ । ଉଦାହରଣ ସ୍ୱରୂପ ଖାଦ୍ୟ ସାମଗ୍ରୀ, ପରିବହନ / ଭ୍ରମଣ ଖର୍ଚ୍ଚ, ସେଲୁନ ଖର୍ଚ୍ଚ ଇତ୍ୟାଦି – ଯାହାକି ବ୍ୟକ୍ତିର ଜୀବନ ପାଇଁ ଜରୁରୀ ଅଟେ ।

ତେବେ ଆମକୁ ଧ୍ୟାନ ଦେବାକୁ ହେବ ଯେ ଏପରି କେତେକ ସମାଜ ଅଛନ୍ତି ଯେଉଁଠାରେ ଆମର ଅର୍ଥ ବ୍ୟବସ୍ଥା ତଥା ମୁଦ୍ରାର ପ୍ରଚଳନ ନାହିଁ । ଅର୍ଥ କହିଲେ ଆମେ ବୁଝୁ ଯେ ଏହା ବିନିମୟର ଏକକ, ଯାହା ମାଧ୍ୟମରେ ଆମେ ଆମର ଦରକାରୀ ଯେକୌଣସି ଦ୍ରବ୍ୟ ବା ସେବା କ୍ରୟ କରି ପାରିବୁ । କୃଷିଜୀବି ସମାଜ ଓ ଜନଜାତି ସମାଜ, ଯେଉଁଠାରେ ଅର୍ଥ ସଂପକୀୟ ଧାରଣା ନ ଥାଏ, ସେହି ସମାଜକୁ ଅର୍ଥ ବିହୀନ ବା ମୁଦ୍ରା ବିହୀନ ସମାଜ କୁହାଯାଏ ।



ଟୀପ୍ପଣୀ

## ୧୫ .୨.୧ ଶ୍ରମ ବିଭାଜନ (Division of Labour)

ପ୍ରତ୍ୟେକ ସମାଜର (ସେଥିରେ ଅର୍ଥ ପ୍ରଚଳନ ଥାଉ କି ନ ଥାଉ), ପ୍ରାକୃତିକ ସମ୍ବଳର ଅଧିଗ୍ରହଣ ଓ ସେ ସବୁର ବସ୍ତୁରେ ପରିବର୍ତ୍ତନର ନିୟମ ଥାଏ । ସମ୍ବଳ ର ଉତ୍ସକୁ ଜାଣିବା ଓ ସେସବୁକୁ ବସ୍ତୁରେ ପରିବର୍ତ୍ତନ କରିବାର କୌଶଳ ମନୁଷ୍ୟକୁ ଜଣାଥାଏ । ସେସବୁ ବସ୍ତୁର ବଣ୍ଟନ ଓ ବିନିମୟର ନିୟମ ମଧ୍ୟ ଜଣାଥାଏ । ସମସ୍ତ ଆର୍ଥିକ ବ୍ୟବସ୍ଥାର ସାଧାରଣ ଲକ୍ଷଣ ହେଉଛି ଶ୍ରମ ବିଭାଜନ । ଯାହାର ପରିଭାଷାରେ ଏହା କୁହାଯାଇ ପାରେ ଯେ, ଲିଙ୍ଗ, ବୟସ, ଦକ୍ଷତା ଓ ଯୋଗ୍ୟତା ଅନୁସାରେ ବ୍ୟକ୍ତିକୁ ଜୀବିକା ଆବଣ୍ଟନ ର ଏକ ପ୍ରକ୍ରିୟା ହେଉଛି ଶ୍ରମ ବିଭାଜନ ।

ଶ୍ରମ ବିଭାଜନ ର ଜଟିଳତା ଓ ବିବିଧତା ଆଧାର ରେ ସମାଜ ମାନେ ପରସ୍ପର ଠାରୁ ଭିନ୍ନ ହୋଇଥା'ନ୍ତି । ଜନଜାତି ଓ କୃଷିଜୀବୀ ସମାଜ ମାନେ ସରଳ ଶ୍ରମ ବିଭାଜନ ର ଅନ୍ତର୍ଗତ । ଏହାର ଅର୍ଥ ହେଉଛି ଯେ ସେମାନଙ୍କ ମଧ୍ୟରେ ପୃଥକୀକରଣ ବା ସ୍ୱାତନ୍ତ୍ର୍ୟ ର ପରିମାଣ ଖୁବ୍ କମ୍ । ବଡ଼ ବଡ଼ ପାରଂପାରିକ ସମାଜରେ ୨୦ /୩୦ ପ୍ରକାରର ଶିଳ୍ପକଳା ତଥା ଅନ୍ୟ ଅଳ୍ପ କିଛି ସ୍ୱତନ୍ତ୍ର ବାଣିଜ୍ୟ କୌଶଳ ତଥା ଜୀବିକା ଯଥା- ପୁରୋହିତ, ପୂଜାରୀ, ସୈନିକ ଗାୟକ ଇତ୍ୟାଦି ଛଡ଼ା ଆଉ ଅଧିକ କିଛି ନ ଥାଏ ।

ଶିକାରୀ ତଥା ଖାଦ୍ୟ ସଂଗ୍ରହକାରୀ ମାନଙ୍କ ଭଳି ଅତି ଆଦିମ ସରଳ ସମାଜ ମାନଙ୍କରେ ପୃଥକୀକରଣ ର ସଂପୂର୍ଣ୍ଣ ଅଭାବ ଦେଖାଯାଇଥାଏ । ତେବେ ଏହି ସ୍ୱାତନ୍ତ୍ର୍ୟ ର ଅଭାବ ର ଅର୍ଥ ଏହା ନୁହଁ ଯେ ସେସବୁ ସମାଜରେ ଶ୍ରମ ବିଭାଜନ ନ ଥାଏ । କାରଣ ସରଳ ସମାଜ ମାନଙ୍କରେ ଲିଙ୍ଗ ଓ ବୟସ ଭିତ୍ତିକ ଶ୍ରମ ବିଭାଜନ ଥାଏ । ଏହି ସବୁ ସମାଜରେ ଶିକାର କରିବା ପୁରୁଷ ମାନଙ୍କର କାର୍ଯ୍ୟ ହୋଇଥିଲା ବେଳେ, ଖାଦ୍ୟ ସଂଗ୍ରହ ମହିଳା ମାନେ କରିଥା'ନ୍ତି ।

## ୧୫ . ୨.୨ ଔଦ୍ୟୋଗିକ ଅର୍ଥନୀତି (Industrial Economy)

ସମାଜ ବିଜ୍ଞାନୀ ମାନେ ଶିଳ୍ପ ଭିତ୍ତିକ ଅର୍ଥ ବ୍ୟବସ୍ଥା କୁ ତିନି ଭାଗରେ ବାଣ୍ଟିଥା'ନ୍ତି - ପ୍ରାଥମିକ, ଗୌଣ ଓ ଆଂଶିକ ।

ଏକ ଅର୍ଥନୀତିର ପ୍ରାଥମିକ ଭାଗରେ ପ୍ରାକୃତିକ ସମ୍ବଳ ର ସଂଗ୍ରହ ସାମିଲ ଥାଏ । ଏହା ମଧ୍ୟରେ କୃଷି, ଖଣିଜ ଦ୍ରବ୍ୟ ସଂଗ୍ରହ, ବନଜାତ ଦ୍ରବ୍ୟ ସଂଗ୍ରହ, ମତ୍ସ୍ୟ ସଂଗ୍ରହ ଇତ୍ୟାଦି ରହିଥାଏ । ଅର୍ଥନୀତି ର ଗୌଣ ଭାଗରେ କଞ୍ଚାମାଲକୁ 'ତିଆରୀ ଦ୍ରବ୍ୟ' ରେ ପରିବର୍ତ୍ତନ କରିବା ସାମିଲ ଥାଏ । ଉଦ୍ୟୋଗ ର ପ୍ରଚଳନ ପରେ ଗୌଣ ଭାଗ (Secondary Sector) ର ବ୍ୟାପକ ପ୍ରସାରଣ ହୋଇଥାଏ । ଅର୍ଥ ବ୍ୟବସ୍ଥା ର ଆଂଶିକ ସେକ୍ଟର ବା Tertiary Sector କହିଲେ ସେବା ଶିଳ୍ପ (Serivice Industries) କୁ ବୁଝାଏ । ଏହା ଅନ୍ୟ ମାନଙ୍କୁ ସେବା ଯୋଗାଏ । ଗୌଣ ସେକ୍ଟର ର ଉଦାହରଣ ହେଲା- ଔଷଧ, ଶିକ୍ଷା, ପରିଚାଳନା ସଂପର୍କୀୟ ତଥା କିରାଣୀ ସମ୍ବନ୍ଧୀୟ ସେବା ।

ଯେଉଁ ସବୁ ସମାଜରେ ଔଦ୍ୟୋଗିକୀକରଣ ବ୍ୟାପକ ସ୍ତରରେ ହୋଇ ନ ଥାଏ, ସେଠାରେ ଜନସଂଖ୍ୟାର ଏକ ବଡ଼ ଭାଗ ପ୍ରାଥମିକ ସେକ୍ଟର ରେ କାମ କରିଥା'ନ୍ତି । ଭାରତରେ ଉଦାହରଣ ସ୍ୱରୂପ ତିନି ଚତୁର୍ଥାଂଶ ଶ୍ରମଶକ୍ତି (Work Force) କୃଷି ଉତ୍ପାଦନ କାର୍ଯ୍ୟ ରେ ନିୟୋଜିତ ଥା'ନ୍ତି । ଏହା ତୁଳନାରେ ଶିଳ୍ପାୟନ ହୋଇଥିବା ଦେଶମାନଙ୍କ ରେ ଜନସଂଖ୍ୟାର ଏକ କ୍ଷୁଦ୍ରଭାଗ କୃଷିରେ ନିୟୋଜିତ ହୋଇଥା'ନ୍ତି । ଶିଳ୍ପାୟନ ର ପ୍ରସାର ସହିତ ଅର୍ଥନୀତିର ଅନ୍ୟ ସବୁ ସେକ୍ଟର ର ପ୍ରସାରଣ ହୋଇଥାଏ । ଶିଳ୍ପାୟନ ର ବୃଦ୍ଧି ସହ ସେବା କ୍ଷେତ୍ରରେ ମଧ୍ୟ ବୃଦ୍ଧି ଘଟିଥାଏ ।

## ୧୫ .୩ ଆର୍ଥିକ ବ୍ୟବସ୍ଥାର ପ୍ରକାର (Types of Economic Systems)

ଲୋକମାନଙ୍କର ଜୀବିକା ଅର୍ଜନ କରିବା ଆଧାରରେ ବିଭିନ୍ନ ପ୍ରକାର ର ଆର୍ଥିକ ବ୍ୟବସ୍ଥା ରହିଛି । ମୋଟାମୋଟି ଭାବରେ ଆମେ ଆର୍ଥିକ ବ୍ୟବସ୍ଥାକୁ ଦୁଇ ପ୍ରକାର ରେ ବିବେଚନା କରିପାରିବା, ଯେପରିକି ଖାଦ୍ୟ ସଂଗ୍ରହ ସହିତ ଜଡ଼ିତ ଆର୍ଥିକ ବ୍ୟବସ୍ଥା ଓ ଖାଦ୍ୟ ଉତ୍ପାଦନ ସହିତ ସମ୍ବନ୍ଧିତ ଆର୍ଥିକ ବ୍ୟବସ୍ଥା ।

### ୧୫.୩ .୧ ଖାଦ୍ୟ ସଂଗ୍ରହ (Food Collection)

ପ୍ରାକୃତିକ ଉପାୟରେ ସୃଷ୍ଟି ହୋଇଥିବା ସମ୍ବଳ, ଯଥା- ବନ୍ୟଜାତ ଉଭିଦ ଓ ପଶୁ ମାନଙ୍କ ଠାରୁ ଖାଦ୍ୟ ସଂଗ୍ରହ କରାଯାଏ ଏହା ଆର୍ଥିକ ବ୍ୟବସ୍ଥାର ସର୍ବ ପୁରାତନ ପ୍ରକାର । ଏକ ସମୟ ଥିଲା ଯେତେବେଳେ ସମଗ୍ର ସମାଜ ଖାଦ୍ୟ ସଂଗ୍ରହକାରୀ ଙ୍କ ଦ୍ୱାରା ପୂର୍ଣ୍ଣ ହୋଇଥିଲା । ବାସ୍ତବରେ, ମନୁଷ୍ୟ ଇତିହାସରେ, ଖାଦ୍ୟ ସଂଗ୍ରହ ଦୀର୍ଘ ଦିନ ଧରି ପ୍ରଚଳିତ ଥିଲା ।

ସମୟ ଅତିବାହିତ ହେବା ସଙ୍ଗେ ସଙ୍ଗେ, ଖାଦ୍ୟ ସଂଗ୍ରହ ଅବଲୁପ୍ତ ହୋଇଛି । ତେବେ ବର୍ତ୍ତମାନ ସମୟରେ ମଧ୍ୟ ବିଶ୍ୱର କେତେକ ସମୁଦାୟ ଶିକାର କରି, ଖାଦ୍ୟ ସଂଗ୍ରହ କରି ଓ ମାଛ ଧରି ଜୀବିକା ନିର୍ବାହ କରୁଛନ୍ତି । ଉଲ୍ଲେଖନୀୟ ଉଦାହରଣ ହେଲା (ଖାଦ୍ୟ ସଂଗ୍ରହକାରୀ)- ଦକ୍ଷିଣ ଆଫ୍ରିକା ର କାଲାହାରୀ ମରୁଭୂମି ର କୁଙ୍ଗ୍ ବୁଶମେନ୍, ଜାଇରେ ର ମାବୁତି, ଅଷ୍ଟ୍ରେଲିୟ ଜନଜାତି, କପର ଏସ୍କିମୋ, ଓ ଆଣ୍ଡାମାନ ଦ୍ୱୀପ ପୁଞ୍ଜରେ ଜନଜାତି ଇତ୍ୟାଦି ।


### ୧୫ .୩ .୨ ଖାଦ୍ୟ ଉତ୍ପାଦନ (Food Production)

ଖାଦ୍ୟ ଉତ୍ପାଦନ ୧୦,୦୦୦ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିବା ବିଶ୍ୱାସ କରାଯାଏ । ପୃଥକ୍ ପୃଥକ୍ ବଡ଼ ଭୌଗୋଳିକ ଅଞ୍ଚଳ ରେ ବିଭିନ୍ନ ସମୁଦାୟ କୃଷି, ପଶୁପାଳନ ଓ ବୃକ୍ଷରୋପଣ ଆଦି ଆରମ୍ଭ କରିଥିଲେ । ଆଜିକାଲି, ବିଶ୍ୱର ଅଧିକାଂଶ ଲୋକ ଘରୋଇ ବୃକ୍ଷଲତା ଓ ପଶୁ ମାନଙ୍କ ଉପରେ ଖାଦ୍ୟ ପାଇଁ ନିର୍ଭର କରୁଛନ୍ତି । ସମାଜ ବିଜ୍ଞାନୀ ତିନି ପ୍ରକାର ଖାଦ୍ୟ ଉତ୍ପାଦନ ବ୍ୟବସ୍ଥା କଥା କହିଛନ୍ତି - ଉଦ୍ୟାନ କୃଷି (horticulture), ଗହନ କୃଷି (intensive agriculture) ଓ ପଶୁପାଳନ ।

#### ୧୫.୩ .୨.୧ ଉଦ୍ୟାନ କୃଷି (Horticulture)

- ଉଦ୍ୟାନ କୃଷିରେ ସମସ୍ତ ଫସଲ, ସରଳ ବୈଷୟିକ କୌଶଳ ଓ ଭୌତିକ ସଂସ୍କୃତି ର ଉପାଦାନ ରେ ଉତ୍ପାଦନ କରାଯାଏ ।
- ଉଦ୍ୟାନ କୃଷି ସ୍ଥାୟୀ ଚାଷ ଜମିରେ କରାଯାଏ ନାହିଁ ।
- ଉଦ୍ୟାନ କୃଷିରେ ସରଳ ଯନ୍ତ୍ରପାତି, ଯଥା - ଶାବଳ, ଟାଙ୍ଗିଆ ଓ ଲାଠି ବ୍ୟବହୃତ ହୋଇଥାଏ ।
- ଏଥିରେ ଲଙ୍ଗଳ ଓ ଟ୍ରାକ୍ଟର ର ବ୍ୟବହାର ହୋଇ ନ ଥାଏ ।
- ଉଦ୍ୟାନ କୃଷିବିତ୍‌ମାନେ ମୃତ୍ତିକାର ଉର୍ବରତା ବଢ଼ାଇବା ପାଇଁ କୃତ୍ରିମ ପଦ୍ଧତି ର ବ୍ୟବହାର କରନ୍ତି ନାହିଁ ।

ଆମେ ଦୁଇ ପ୍ରକାର ର ଉଦ୍ୟାନ କୃଷି ବିଷୟରେ ଜାଣୁ । ପ୍ରଥମ ପ୍ରକାର ର ଉଦ୍ୟାନ କୃଷିରେ ଗଛ ବଡ଼ ବଡ଼ ହୋଇଥାଏ । ଦ୍ୱିତୀୟ ପ୍ରକାର ରେ, ଯାହାକି ବ୍ୟାପକ ସ୍ତରରେ ପ୍ରଚଳିତ, ସ୍ଥାନାନ୍ତରଣ କୃଷି କରାଯାଏ । ଏହି ପ୍ରକାର ଉଦ୍ୟାନ କୃଷିରେ ଜମିକୁ ବିଭିନ୍ନ ସମୟାବଧି ରେ କମ୍ ସମୟ ପାଇଁ ଚାଷ



ଟୀପ୍ପଣୀ

କରାଯାଏ । ଏହାପରେ କିଛି ଦିନ ପାଇଁ ଜମିକୁ ଖାଲି ଛାଡ଼ି ଦିଆଯାଏ । କୃଷି ନ ହେଉଥିବା ସମୟରେ ଏହି ଜମିରେ ଅନାବନା ଜଙ୍ଗଲୀ ଗଛ ଉଠେ । ପରେ ଏହାକୁ କାଟି ପୋଡ଼ି ଦିଆଯାଏ । ଏହିପରି ଭାବରେ ଜମିର ଉର୍ବରତା ବୃଦ୍ଧି କରି ବିଭିନ୍ନ ଚାଷ କରାଯାଏ ଏବଂ ପୁଣି କିଛି ସମୟ ପାଇଁ ଜମିକୁ ଖାଲି ଛାଡ଼ି ଦିଆଯାଏ । ଏହିପରି ଭାବରେ ଏହି ପ୍ରକ୍ରିୟାର ପୁନରାବୃତ୍ତି ଘଟେ । ସ୍ଥାନାନ୍ତରଣ କୃଷି କରୁଥିବା ଜନ ସମୁହମାନେ ହେଲେ, ବ୍ରାଜିଲ ର କାୟାପୋ, ଇକ୍ୟୁଏଡ଼ରର ଜିଭାରୋ, ଦକ୍ଷିଣ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପର ସାମୋଆନ ଓ ଭାରତର ମାଲ ପାହାଡ଼ିଆ ତଥା ବୈଗା ଇତ୍ୟାଦି ।

## ୧୫ .୩.୨.୨ ଗହନ କୃଷି (Intensive Agriculture)

➪ ଗହନ କୃଷିକୁ ସ୍ଥାୟୀ କୃଷି ମଧ୍ୟ କୁହାଯାଏ ।

➪ ଏହି ପ୍ରକାର କୃଷିରେ ଜମିକୁ ନିୟମିତ ଭାବରେ ଚାଷ କରାଯାଏ ।

➪ ଚାଷୀ ମାନେ ଜୈବିକ ସାର ଦ୍ୱାରା ଜମିର ଉର୍ବରତା ବଢ଼ାନ୍ତି ।

➪ ଜମିରେ ଜଳ ସେଚନ କରାଯାଇଥାଏ । ମୌସୁମୀ ବର୍ଷା ଜଳ ସହିତ ନଦୀ, ନାଳ ରୁ ଜଳ ସେଚନ କରାଯାଇଥାଏ ।

➪ ଚାଷ ପାଇଁ ଜଟିଳ ବୈଷୟିକ ଜ୍ଞାନ କୌଶଳ ର ବ୍ୟବହାର ହୋଇଥାଏ ।

➪ ବିକଶିତ ଅଞ୍ଚଳ ରେ ଟ୍ରାକ୍ଟର ର ବ୍ୟବହାର ମଧ୍ୟ ଦେଖାଯାଏ ।

ଗହନ କୃଷି, ଅପେକ୍ଷାକୃତ ସ୍ଥାୟୀ ଓ ବୃହତ୍ ଗ୍ରାମ୍ୟ ସମୁଦାୟ ସୃଷ୍ଟିରେ ସାହାଯ୍ୟ କରିଛି । ଏକ କୃଷି ସମୁଦାୟ ର ଆନ୍ତଃ ସଂପର୍କ ଉପରେ ଏହାର ବ୍ୟାପକ ପ୍ରଭାବ ରହିଛି । ଉଦ୍ୟାନ ବିତ୍ ମାନେ ତୁଳନାତ୍ମକ ଭାବେ କ୍ଷୁଦ୍ର ସମୁହ ରେ ରୁହନ୍ତି ଓ ଏକ ସ୍ଥାନରୁ ଅନ୍ୟାସ୍ଥାନ କୁ ଯା'ନ୍ତି । ଏହା ଜମି ଚୟନ ରେ ସାହାଯ୍ୟ କରିଥାଏ ।

## ୧୫ .୩.୨.୩ ପଶୁପାଳନ (Pastoralism)

➪ ଯେଉଁ ସମୁଦାୟ ର ଲୋକ ଗୃହପାଳିତ ପଶୁ ରଖନ୍ତି, ସେମାନଙ୍କୁ ପଶୁପାଳନ ସମୁଦାୟ କୁହାଯାଏ ।

➪ ଏହି ପଦ୍ଧତି ର ଚାଷ ମାଧ୍ୟମରେ ଶୁଷ୍କ ଓ ମରୁଭୂମି ଓ ଶୁଷ୍କ ଅଞ୍ଚଳରେ ରହିବା ସମ୍ଭବ ହୋଇଥାଏ ।

➪ ଏଥିରେ ପଶୁପାଳନ, ମାଂସ, ଦୁଗ୍ଧ, ଲୋମ, ଗୋବର (ଇନ୍ଧନ ପାଇଁ) ଇତ୍ୟାଦି ପାଇଁ କରାଯାଏ ।

➪ ପଶୁପାଳନକାରୀ ମାନେ ଶିକାରୀ - ସଂଗ୍ରହକାରୀ ମାନଙ୍କ ଭଳି ଆତ୍ମନିର୍ଭର ହୋଇ ନଥା'ନ୍ତି । କାରଣ ସେମାନେ ତାଙ୍କର ଉତ୍ପାଦନ କୁ ଅଣ-ପଶୁପାଳନ କାରୀଙ୍କ ସହିତ ବିନିମୟ କରିଥା'ନ୍ତି ।

ପଶୁପାଳନକାରୀ ମାନେ ସେମାନଙ୍କର ପଶୁମାନଙ୍କୁ ସାଧାରଣତଃ ପଶୁ-ବ୍ୟାପାରୀ ମାନଙ୍କୁ ବିକ୍ରି କରିଥା'ନ୍ତି । ଏହିପରି ବିଭିନ୍ନ ବାଟ ଦେଇ ସେହି ପଶୁ ମାନେ କଂସେଇ ଖାନା ରେ ପହଁଛନ୍ତି ଓ ସେମାନଙ୍କୁ ମାରି ମାଂସ କରାଯାଏ । କେତେକ ପଶୁଙ୍କ ଲୋମରୁ ଉଲ୍ ପ୍ରସ୍ତୁତ କରି ବିକ୍ରି କରାଯାଏ । କେତେକ ପଶୁ ପାଳନ କାରୀ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଯଥା - ଲହୁଣୀ ଇତ୍ୟାଦି ବିକ୍ରି କରନ୍ତି ଓ ନିଜ ଉପଯୋଗ ପାଇଁ ରଖନ୍ତି । କେତେକ ମୁଖ୍ୟ ପଶୁପାଳନ କାରୀ ଜନଜାତି ହେଲେ ମଧ୍ୟ-ପୂର୍ବ ଏସିଆ ଅନ୍ତର୍ଗତ ଇରାନ ର ବାସାରି, ଲାପ୍ସ୍, ଭାରତ ର ଗାଦି ଓ ରାବାରି ଇତ୍ୟାଦି ।



ଟୀପ୍ପଣୀ

## ପାଠ୍ୟଗତ ପ୍ରଶ୍ନାବଳୀ ୧୫ .୨

ଶୂନ୍ୟସ୍ଥାନ ପୂରଣ କର :

୧ . ଟଙ୍କା / ମୁଦ୍ରାର ବ୍ୟବହାର ଜାଣି ନ ଥିବା ସମାଜକୁ ________ କୁହାଯାଏ ।

୨. ________ ସମାଜରେ ଅଧିକ ସଂଖ୍ୟକ ଚାକିରୀ ଓ ପୃଥକୀକରଣ ଦେଖିବାକୁ ମିଳେ ।

୩ . କୋଦାଳ ର ସମ୍ବନ୍ଧ ________ କୃଷି ସହିତ ରହିଛି ।

୪ . ପଶୁପାଳନ କାରୀମାନେ ସାଧାରଣତଃ ________ ଓ ________ ଅଞ୍ଚଳରେ ଦେଖାଯା'ନ୍ତି ।

୫ . ଭାରତର ବୈଗା ଜନଜାତି ହେଉଛନ୍ତି ________

## ୧୫.୪ ସରଳ ଓ ଜଟିଳ ସମାଜର ଆର୍ଥିକ ବ୍ୟବସ୍ଥା : ଏକ ତୁଳନା (Economic System of Simple and Complex Societies : A Comparison)

ଖାଦ୍ୟ ସଂଗ୍ରହ ଓ ଉତ୍ପାଦନ କୁ ସମାଜର ଉଦ୍‌ଭବ ଧାରା ସହ ଦେଖାଯାଏ । ଆର୍ଥିକ ବ୍ୟବସ୍ଥାର ଉଦ୍‌ଭବ ର ପ୍ରଥମ ସ୍ତର ହେଲା ଖାଦ୍ୟ ସଂଗ୍ରହ ଓ ତା' ପରେ ଖାଦ୍ୟ ଉତ୍ପାଦନ । କିନ୍ତୁ ଏହାର ଅର୍ଥ ନୁହେଁ ଯେ ଖାଦ୍ୟ ଉତ୍ପାଦନ ହେବା ମାତ୍ରେ ଖାଦ୍ୟ ସଂଗ୍ରହ ବ୍ୟବସ୍ଥା କୁଆଡ଼େ ଉଭେଇ ଗଲା । ପରନ୍ତୁ ଖାଦ୍ୟ ସଂଗ୍ରହ ଓ ଉତ୍ପାଦନ ର ବିଭିନ୍ନ ବ୍ୟବସ୍ଥା ଅନେକ ବର୍ଷ ଯାଏ ଏକତ୍ର କାର୍ଯ୍ୟ କରିଛନ୍ତି । ତେବେ ଖାଦ୍ୟ ସଂଗ୍ରହ ବ୍ୟବସ୍ଥା ଧୀରେ ଧୀରେ ଲୋପ ପାଇ ଯାଉଛି । କିନ୍ତୁ ସାଂପ୍ରତିକ ସମାଜରେ ଯେ କୌଣସି ସମୟରେ ଆମେ ଶିକାରୀ ଓ ଖାଦ୍ୟ ସଂଗ୍ରହକାରୀ ସମୁଦାୟ ମାନଙ୍କୁ ଏକତ୍ର କାର୍ଯ୍ୟ କରୁଥିବାର ଦେଖୁଛୁ । ଏହି ପରିପ୍ରେକ୍ଷୀରେ ଏକ ଅଷ୍ଟ୍ରେଲିୟ ଆଦିମ ଜନ ଜାତିର ଉଦାହରଣ ଦିଆଯାଇ ପାରେ, ଯେଉଁ ମାନେ କି ଅଧିକାଂଶ ହେଉଛନ୍ତି ଖାଦ୍ୟ ସଂଗ୍ରହକାରୀ - ଏମାନେ ବର୍ତ୍ତମାନ ର ବିକଶିତ ଓ ଔଦ୍ୟୋଗିକ ସମାଜରେ ମଧ ଦେଖାଯାଆନ୍ତି ।

ସରଳ ସମାଜ ମାନଙ୍କରେ ଅର୍ଥ ବ୍ୟବସ୍ଥା କେବଳ ଅତି ନ୍ୟୁନତମ ଜୀବିକା ଅର୍ଜନ ସହିତ ସମ୍ବନ୍ଧିତ ହୋଇଥାଏ । ଏହାର ଅର୍ଥ ହେଲା ଉତ୍ପାଦନ କେବଳ ନିଜର ଆବଶ୍ୟକତା ମେଣ୍ଟାଇବା ପାଇଁ କରାଯାଇଥାଏ । ଏହା ବଜାର ପାଇଁ ବା ବାଣିଜ୍ୟିକ କାରବାର ପାଇଁ ହୋଇ ନ ଥାଏ । ସରଳ ଓ ପାରଂପାରିକ ସମାଜରେ ପରିବାର ଉଭୟ ଖାଦ୍ୟ ଉତ୍ପାଦନ ଓ ଖାଦ୍ୟ ଉପଭୋଗ ର ଏକକ ଭାବେ କାର୍ଯ୍ୟ କରେ । ପରିବାର ର ସଦସ୍ୟ ମାନେ ନିଜ ଜମିରେ କାର୍ଯ୍ୟ କରି ନିଜର ଆବଶ୍ୟକତା ଅନୁସାରେ ଉତ୍ପାଦନ କରିଥା'ନ୍ତି । ଏହାର ବିପରୀତ ଜଟିଳ ସମାଜରେ ଉତ୍ପାଦନ କେବଳ ବଜାର ପାଇଁ କରାଯାଏ । ଲୋକମାନେ ନିଜର ବହୁବିଧ ଆବଶ୍ୟକତା ପାଇଁ ବଜାର ଉପରେ ନିର୍ଭର କରନ୍ତି । ଜଟିଳ ସମାଜରେ ପରିବାର କେବଳ ଏକ ଉପଭୋଗ ର ଏକକ (Unit of Consumption) ଅଟେ । ଏଠାରେ ଉତ୍ପାଦନ କରାଯାଏ ନାହିଁ । ଏହାର କାରଣ ହେଲା ଉତ୍ପାଦନ ଓ ବିତରଣ ବଜାର ସହିତ ସମ୍ବନ୍ଧିତ ଓ ସ୍ୱଭାବତଃ ଅତି ଜଟିଳ । ଅତଏବ, ସରଳ ସମାଜ ମାନେ ଜୀବିକା-ଉପାର୍ଜନ କେନ୍ଦ୍ରିତ ହେଲା ବେଳେ ଆଧୁନିକ ସମାଜ ମାନେ ବଜାର କେନ୍ଦ୍ରିତ ହୋଇଥା'ନ୍ତି ।

### ୧୫. ୪.୧ ବିନିମୟ ବ୍ୟବସ୍ଥା (System of Exchange)

ମାନବ ସମାଜରେ ମୁଖ୍ୟତଃ ତିନି ପ୍ରକାର ର ବିନିମୟ ବ୍ୟବସ୍ଥା ଦେଖାଯାଏ । ଯଥାକ୍ରମେ ସେମାନେ ହେଲେ - ଆଦାନ-ପ୍ରଦାନ, ପୁନର୍ବିତରଣ ଓ ବଜାର । ସମାଜରେ ସମାନ ସ୍ଥିତିରେ ଥିବା ଲୋକ ମାନଙ୍କ



ଟୀପ୍ପଣୀ

ମଧ୍ୟରେ ହେଉଥିବା ବିନିମୟକୁ ଆଦାନ-ପ୍ରଦାନ କୁହାଯାଏ । ଏଠାରେ 'କ', 'ଖ' କୁ ଦେଉଥିବା ଜିନିଷ କୁ 'ଖ', ଅତିଶୀଘ୍ର ବା କିଛି ସମୟ ପରେ ସମାନ ପରିମାଣ ରେ ଫେରାଇ ଦେଇଥାଏ । ଦ୍ୱିତୀୟ ପ୍ରକାରର ବିନିମୟ ବ୍ୟବସ୍ଥା ହେଉଛି ପୁନର୍ବିତରଣ । ଯେଉଁଥିରେ ଜଣେ ବ୍ୟକ୍ତି ନିଜ ଠାରୁ ଉର୍ଦ୍ଧ୍ୱରେ ପ୍ରତିଷ୍ଠିତ ଅନ୍ୟ ଜଣେ ବ୍ୟକ୍ତିଠାରୁ ଉପହାର ଗ୍ରହଣ କରିଥାଏ ଓ ପରେ ତାକୁ ଫେରାଇ ଦେଇଥାଏ । ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଲା ସଂପ୍ରତିକ ସମାଜର ରାଜନୈତିକ ନେତା ଓ ସେମାନଙ୍କର ସମର୍ଥକ । ତେବେ ଏହି ପୁରସ୍କାର ବା ଉପହାର ର ଫେରାଇବା ପ୍ରଣାଳୀ ସ୍ଥାନ ବିଶେଷ ରେ ଭିନ୍ନ ଭିନ୍ନ ହୋଇଥାଏ ।

### ୧୫. ୪.୨ ବଜାର (Market)

ବଜାର ହେଉଛି ତୃତୀୟ ପ୍ରକାର ର ବିନିମୟ ବ୍ୟବସ୍ଥା । ବଜାର ର ଦୁଇଟି ଉପଯୋଗିତା ରହିଛି । ପ୍ରଥମେ ବଜାର କୁ ଏକ ସ୍ଥାନ ଭାବେ ବିନେଚନା କରାଯାଏ, ଯେଉଁଠାରେ ଲୋକମାନେ ବସ୍ତୁ ବିନିମୟ କରିବା ପାଇଁ, କ୍ରୟ-ବିକ୍ରୟ କରିବା ପାଇଁ ଏକତ୍ର ହୁଅନ୍ତି । ଦ୍ୱିତୀୟରେ ବଜାରରେ ମିଳୁଥିବା ଦ୍ରବ୍ୟ ଓ ସେବାର ମୂଲ୍ୟ, ଆବଶ୍ୟକତା ଓ ଉପଲବ୍ଧତା ର କାରକ ମାନେ ନିରୂପଣ କରିଥା'ନ୍ତି । ଏହାକୁ ବଜାର ସିଦ୍ଧାନ୍ତ କୁହାଯାଏ ।

### ୧୫. ୪.୩ ସରଳ ଓ ଜଟିଳ ସମାଜର ବଜାର ବ୍ୟବସ୍ଥା (markets in simple and Complex Societies)

ବଜାର ପରିସ୍ଥିତି ଅନୁଯାୟୀ ସରଳ ସମାଜକୁ ଦୁଇ ଭାବରେ ବିଭକ୍ତ କରାଯାଏ । ପ୍ରଥମ, ଯେଉଁମାନଙ୍କର ବଜାର ଦୃଶ୍ୟ ସଂପର୍କୀୟ ଧାରଣା ନ ଥାଏ, ସେମାନଙ୍କୁ ବଜାର ବିହୀନ ସମାଜ କୁହାଯାଏ । ଶିକାରୀ-ଖାଦ୍ୟ ସଂଗ୍ରହକାରୀ ମାନଙ୍କର ସମାଜ ଏହି ଶ୍ରେଣୀୟ । ଦ୍ୱିତୀୟ, ସେହି ସବୁ ସରଳ ସମାଜ ଯେଉଁ ମାନଙ୍କ ର ବଜାର ଦୃଶ୍ୟ ଥାଏ, ଲୋକ ମାନେ ଦ୍ରବ୍ୟ ଓ ସେବାର ବିନିମୟ ପାଇଁ ଏକତ୍ର ହୋଇଥା'ନ୍ତି, କିନ୍ତୁ ସେଠାରେ ବଜାର ସିଦ୍ଧାନ୍ତ ନ ଥାଏ । ଆଧୁନିକ ଜଟିଳ ସମାଜରେ ବଜାର ସିଦ୍ଧାନ୍ତ ହେଉଛି ଅର୍ଥ ବ୍ୟବସ୍ଥାର ଏକ ମୁଖ୍ୟ ଲକ୍ଷଣ । ଏହା ସରଳ ସମାଜରେ ଦେଖାଯାଇ ନ ଥାଏ । ତେଣୁ, ଯେତେବେଳେ ସମାଜ ବିଜ୍ଞାନୀ ମାନେ ଜନଜାତି ଓ କୃଷି ସମାଜ କଥା କୁହନ୍ତି, ସେତେବେଳେ ବାସ୍ତବରେ ସେମାନେ ବଜାର ଦୃଶ୍ୟ କଥା କୁହନ୍ତି ବଜାର ସିଦ୍ଧାନ୍ତ କଥା ନୁହେଁ ।

ଜଟିଳ ସାମଜ ମାନେ ସେମାନଙ୍କର ସମସ୍ତ ଆବଶ୍ୟକତା ପାଇଁ ବଜାର ଉପରେ ସଂପୂର୍ଣ୍ଣ ନିର୍ଭରେ କରିଥା'ନ୍ତି । ଯଦି ବଜାର ବ୍ୟବସ୍ଥା ସମାପ୍ତ ହୋଇଯିବ, ତେବେ ସମାଜ ଭୁଷୁଡ଼ି ପଡ଼ିବ, କାରଣ ଯାହାକି ପୂର୍ବରୁ କୁହାଯାଇଛି ଉତ୍ପାଦନ ଓ ବଣ୍ଟନ ର ସମସ୍ତ ଶକ୍ତି ବଜାର ରେ କେନ୍ଦ୍ରୀଭୁତ ହୋଇଥା'ନ୍ତି । ଜଟିଳ ସମାଜରେ ଯେହେତୁ ପରିବାର ଉତ୍ପାଦନର ଏକକ ନୁହେଁ, ସେଥିପାଇଁ ଏହାକୁ ନିଜର ଆବଶ୍ୟକତା ପୂରଣ କରିବା ପାଇଁ ବଜାର ଉପରେ ନିର୍ଭର କରିବାକୁ ପଡ଼େ ।

ସରଳ ସମାଜ, ଯେଉଁ ଥିରେ କି "ବଜାର ଦୃଶ୍ୟ" ମହଯୁଦ ଥାଏ ସେହି ସମାଜରେ ଲୋକ ମାନେ ନିଜର ଜୀବିକା ଅର୍ଜନ ପାଇଁ ବଜାର ଉପରେ ନିର୍ଭର କରନ୍ତି ନାହିଁ । ସେମାନେ ନିଜର ଜୀବିକା ନିର୍ବାହ ପାଇଁ ନିଜେ ଉତ୍ପାଦନ କରିଥା'ନ୍ତି । ଯଦି ସେମାନେ କୌଣସି କାରଣରୁ ଉତ୍ପାଦନ କରି ନଥା'ନ୍ତି, ଆପୋଷ ଦେଣ-ନେଣ ତଥା ପୁନର୍ବଣ୍ଟନ ମାଧ୍ୟମରେ ସେମାନେ ଦ୍ରବ୍ୟ ସଂଗ୍ରହ କରିଥା'ନ୍ତି ।

ଟୀପ୍‌ପଣୀ

ପୁନଶ୍ଚ, ସରଳ ସମାଜରେ ବଜାର, ବାସ୍ତବ ରେ ଶୁଦ୍ଧ ଆର୍ଥିକ ଅନୁଷ୍ଠାନ ହୋଇ ନଥା'ନ୍ତି । କାରଣ ସେସବୁ ସମାଜରେ ବଜାର ବ୍ୟବସ୍ଥା ଏକ ନିୟମିତ ଲକ୍ଷଣ ହୋଇ ନ ଥାଏ । କେବଳ ମେଳା, ଉତ୍ସବାନୁଷ୍ଠାନ ସମୟରେ ସାମୟିକ ଭାବେ ବଜାର ସୃଷ୍ଟି ହୋଇଥାଏ । ଏହି ପ୍ରକାରର ବଜାର ସାପ୍ତାହିକ କିମ୍ବା ପାକ୍ଷିକ ହୋଇଥାଏ । ଏହି ବଜାର କୁ ଆସୁଥିବା ଲୋକମାନେ ଜଟିଳ ସମାଜ ର ଘଟଣା ଭଳି କ୍ରେତା-ବିକ୍ରେତାର ଭିଡ଼ ହୋଇ ନଥା'ନ୍ତି । ଏହା ବାସ୍ତବରେ ଏକ ମେଳା ବା ହାଟ ପରି ହୋଇଥାଏ । ଲୋକ ମାନେ, ନିଜର ସାଙ୍ଗ-ସାଥୀ ଓ ଜ୍ଞାତି-କୁଟୁମ୍ବ ଙ୍କୁ ଭେଟିଥା'ନ୍ତି । ଯେହେତୁ ବଜାର କୁ ବେଶ୍ କିଛି ସଂଖ୍ୟାରେ ଲୋକ ଆସିଥା'ନ୍ତି, ତେଣୁ ଏହି ପରିବେଶ ରେ କେତେକ "ରାଜନୈତିକ ଘୋଷଣା' (Political announcements) କରାଯାଇଥାଏ । କେତେକ ସମାଜରେ 'ବଜାର ଦିନ' କୁ କୋର୍ଟ ଦିବସ' ବା 'ଅଦାଲତ ଦିବସ' ବୋଲି କୁହାଯାଏ । ବୈବାହିକ ସମ୍ବନ୍ଧ ମଧ୍ୟ ବଜାର ଦିନ ବା ହାଟ ଦିବସରେ ଚୁଡାନ୍ତ କରାଯାଇଥାଏ ।

ତେଣୁ ମୋଟାମୋଟି ଭାବରେ ଦେଖିଲେ ଜଣାଯିବ ଯେ ବଜାର ବ୍ୟବସ୍ଥା, ଅର୍ଥ ବ୍ୟବସ୍ଥା ତୁଳନାରେ ସାମାଜିକ କାର୍ଯ୍ୟ ଅଧିକ କରିଥାଏ । ଏହାର ବିପରୀତ ଜଟିଳ ସମାଜରେ ବଜାର ଏକ ଅତ୍ୟାବଶ୍ୟକୀୟ ଅନୁଷ୍ଠାନ ଭାବରେ କାର୍ଯ୍ୟ କରିଥାଏ ।

## ୧୫.୪.୪ ଦ୍ରବ୍ୟ-ଦ୍ରବ୍ୟ / ଦ୍ରବ୍ୟ-ସେବା ବିନିମୟ ବ୍ୟବସ୍ଥା (Barter System)

ସରଳ ସମାଜରେ ଏକ ପ୍ରକାର ମୁଦ୍ରା ବିହୀନ ବିନିମୟ ବ୍ୟବସ୍ଥା ଥାଏ, ଯେଉଁଥିରେ ଦ୍ରବ୍ୟ ବଦଳରେ ଦ୍ରବ୍ୟ ବିନିମୟ କରାଯାଏ । କେତେକ କ୍ଷେତ୍ରରେ ସେବା ବଦଳରେ ଦ୍ରବ୍ୟ ଓ ଦ୍ରବ୍ୟ ବଦଳରେ ସେବା ବିନିମୟ କରାଯାଇଥାଏ । ଏଥିରେ ବିନିମୟର କୌଣସି ସମାନ ମାପକାଠି ନ ଥାଏ । ସମାଜ ବିଜ୍ଞାନୀ ଙ୍କ ଭାଷାରେ ସେଠାରେ ଏପରି କୌଣସି ସାଧାରଣ ଉଦ୍ଦେଶ୍ୟ ଥିବା ମୁଦ୍ରା / ଅର୍ଥ ନ ଥାଏ, ଯାହା ଦ୍ୱାରା ଲୋକଙ୍କର ଆବଶ୍ୟକ ଥିବା ଦ୍ରବ୍ୟ ବା ସେବା କ୍ରୟ କରାଯାଇ ପାରିବ । ସରଳ ସମାଜରେ କେବଳ ନିର୍ଦ୍ଧିଷ୍ଟ-ଉଦ୍ଦେଶ୍ୟ-ମୁଦ୍ରା / ଅର୍ଥ ଥାଏ, ଯେଉଁଥିରେ, କିଛି ନିର୍ଦ୍ଧିଷ୍ଟ ବସ୍ତୁକୁ ବ୍ୟବହାର କରାଯାଇ ଅନ୍ୟ କେତେକ ନିର୍ଦ୍ଧିଷ୍ଟ ବସ୍ତୁ ସଂଗ୍ରହ କରାଯାଏ । ଉଦାହରଣ ସ୍ୱରୂପ ଗାଈ / ବା ପଶୁଧନ ଦିଆଯାଇ ବୋହୁକୁ ଘରକୁ ନିଆଯାଏ । ଏହାକୁ ବଧୂ-ମୂଲ୍ୟ ବା କନ୍ୟା-ମୂଲ୍ୟ କୁହନ୍ତି । ତେବେ ଏହି ପଶୁଧନ ବଦଳରେ ଅନ୍ୟ କିଛି ବସ୍ତୁ କ୍ରୟ କରାଯାଇ ପାରିବ ନାହିଁ । ଅନ୍ୟ ଭାଷାରେ କହିଲେ, ସରଳ ସମାଜରେ ବସ୍ତୁ ବିନିମୟ ବା ନେଣ-ଦେଣ ଭିନ୍ନ ଭିନ୍ନ ପରିପ୍ରେକ୍ଷୀରେ ଭିନ୍ନ ପ୍ରକାରରେ ହୋଇଥାଏ ।

ଏହି ସବୁ ଦର୍ଶାଉଛି ଯେ ସରଳ ସମାଜ ମାନେ ପ୍ରଯୁକ୍ତି ବିଦ୍ୟା ଦୃଷ୍ଟିକୋଣରୁ ସରଳ, ମୁଦ୍ରା-ବିହୀନ, ବସ୍ତୁ ବିନିମୟ ପ୍ରଣାଳୀ ଉପରେ ନିର୍ଭରଶୀଳ ଥା'ନ୍ତି ଓ ବଜାର କେବଳ ଏକ କ୍ରୟ ବିକ୍ରୟ ବା ବିନିମୟ ସ୍ଥଳ ନ ହୋଇ ଲୋକମାନଙ୍କର ଜୀବନ ର ବ୍ୟାପକ ଦିଗକୁ ପ୍ରଭାବିତ କରିଥା'ନ୍ତି । ସେମାନଙ୍କ ମଧ୍ୟରେ ବିନିମୟର ଜଟିଳ ବ୍ୟବସ୍ଥା ନ ଥାଏ, କାରଣ ସେମାନେ ସାଧାରଣ-ଉଦ୍ଦେଶ୍ୟ -ମୁଦ୍ରା / ଅର୍ଥ ର ବ୍ୟବହାର କରି ନ ଥା'ନ୍ତି । ସେମାନଙ୍କ ପାଇଁ ଆର୍ଥିକ ଲାଭ ଠାରୁ ସାମାଜିକ ମୂଲ୍ୟବୋଧର ଗୁରୁତ୍ୱ ଅଧିକ ହୋଇଥାଏ । ଏହାର ବିପରୀତ, ଜଟିଳ ସମାଜରେ ଲୋକମାନେ ବୈଷୟିକ ଦୃଷ୍ଟିକୋଣରୁ ଅଧିକ କୃତ୍ରିମ ହୋଇଥା'ନ୍ତି, ମୁଦ୍ରା / ଅର୍ଥ ଉପରେ ବ୍ୟାପକ ଭାବରେ ନିର୍ଭର କରିଥା'ନ୍ତି, ବଜାର ବ୍ୟବସ୍ଥା ଉପରେ ନିର୍ଭର କରିଥା'ନ୍ତି ଓ ସେମାନଙ୍କ ପାଇଁ ଆର୍ଥିକ ଲାଭ ତୁଳନାରେ ସାମାଜିକ ମୂଲ୍ୟାବୋଧର କିଛି ଅର୍ଥ ନ ଥାଏ ।



ଟୀପ୍‌ପଣୀ

## ୧୫.୫ ଅର୍ଥନୈତିକ ବିକାଶ (Economic Development)

ଅର୍ଥନୀତିରେ ବିକାଶ ମୂଳକ ପରିବର୍ତ୍ତନ ହେବାକୁ ଅର୍ଥନୈତିକ ବିକାଶ କୁହାଯାଏ । ବିକାଶ ମୂଳକ ପରିବର୍ତ୍ତନ ଯେ କେବଳ ସକାରାତ୍ମକ ହୋଇଥାଏ, ତା' ନୁହେଁ; ଏହାକୁ ବାହାରୁ ଯୋଜନାବଦ୍ଧ ଭାବରେ ଲାଗୁ କରାଯାଇଥାଏ । ଅନ୍ୟ ଭାଷାରେ କହିଲେ, ସମାଜରେ ବିକାଶ ର ଯୋଜନା ବାହ୍ୟ ଏଜେନ୍ସି ମାନଙ୍କ ଦ୍ୱାରା କରାଯାଇଥାଏ ।

ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ବିକାଶର ଧାରଣା ଲୋକପ୍ରିୟ ହୋଇଥିଲା । ସେତେବେଳେ ଜନଜାତି ଓ କୃଷି ଭିତ୍ତିକ ସମାଜର ବିଲୁପ୍ତି ଦେଖି ସାମାଜିକ ନୃତତ୍ତ୍ୱ ବିତ୍ ଓ ସମାଜ ବିଜ୍ଞାନୀ ମାନେ ଚିନ୍ତିତ ହୋଇ ପଡ଼ି ଥିଲେ । ସେହି ସବୁ ସମାଜର ଲୋପ ପାଇବାର କାରଣ ବାହ୍ୟ ସମାଜ ସହିତ ସେମାନଙ୍କର ସଂପର୍କ ହେବା ଥିଲା । ଏହି ବାହ୍ୟ ସମାଜ ମାନେ ସେହି ସବୁ ସମାଜ (ଜନଜାତି ଓ କୃଷି ସମାଜ) କୁ ଶୋଷଣ କରି, ସେମାନଙ୍କର ସମ୍ବଳକୁ ଅପହରଣ କରିଥିଲେ । ତେଣୁ ସେହି ସବୁ ସମାଜର ଯତ୍ନ ନେବା ଜରୁରୀ ହୋଇ ପଡ଼ିଥିଲା । ଏହି ବୈଚାରିକ ମତବାଦ ବିକାଶର ପ୍ରକ୍ରିୟାକୁ ରାସ୍ତା ଦେଖାଇ ଥିଲା ।

ଅର୍ଥନୈତିକ ବିକାଶର ମୂଖ୍ୟ ଲକ୍ଷ୍ୟ ଗୁଡ଼ିକ ହେଉଛି- ଅଭାବ ଓ କ୍ଷୁଧା କୁ ସଂପୂର୍ଣ୍ଣ ଲୋପ କରିବା ଅଥବା ବହୁଭାବରେ ହ୍ରାସ କରିବା ଏବଂ ଯେପରି ଲୋକମାନେ ଅନ୍ୟ ଉପରେ ନିର୍ଭର ନ କରିବେ, ସେଥିପାଇଁ ସେମାନଙ୍କୁ ସ୍ୱାବଲମ୍ବୀ କରାଇବା । ଏହି ଦୁଇ ଲକ୍ଷ୍ୟ ହାସଲ ପାଇଁ, ଯେଉଁ ସମୁଦାୟ ର ପରିବର୍ତ୍ତନ ହେଉଛି, ସେହି ସମୁଦାୟ କୁ ବିକାଶ ର ପ୍ରକ୍ରିୟା ରେ ନିହାତି ସାମିଲ କରାଯିବା ଦରକାର । ସେହି ସମୁଦାୟର ଲୋକମାନଙ୍କ ଠାରୁ ସେମାନଙ୍କର ପ୍ରାଥମିକତା ଓ ଆବଶ୍ୟକତା ସମ୍ବନ୍ଧୀୟ ତଥ୍ୟ, ବିକାଶ ପ୍ରକ୍ରିୟା ରେ ନିୟୋଜିତ ବ୍ୟକ୍ତି ମାନେ ହାସଲ କରିବା ଦରକାର । ଏହି ସବୁ ସୂକ୍ଷ୍ମ ବିଷୟ କୁ ଯଦି ବିଚାର କୁ ନିଆ ନ ଯାଏ, ତାହାହେଲେ ବିକାଶ ସମ୍ବନ୍ଧୀୟ ଯୋଜନା ସବୁ ନିଷ୍ଫଳ ଓ ପ୍ରତ୍ୟାଖ୍ୟାତ ହେବା ଅସମ୍ଭବ ନୁହେଁ ।

## ପାଠ୍ୟଗତ ପ୍ରଶ୍ନାବଳୀ ୧୫.୩

ନିମ୍ନୋକ୍ତ ବକ୍ତବ୍ୟ (ପ୍ରତ୍ୟେକ) ପାଇଁ, ଠିକ୍ ଥିଲେ **T** ଓ ଭୁଲ ବା ମିଥ୍ୟା ହୋଇଥିଲେ **F** ଲେଖ ।

୧. ଖାଦ୍ୟ ଉତ୍ପାଦନ ପୂର୍ବରୁ ଖାଦ୍ୟ ସଂଗ୍ରହ କରାଯାଉଥିଲା ।

୨. ଜଟିଳ ସମାଜ ମାନଙ୍କରେ ପରିବାର ଉତ୍ପାଦନର ଏକକ ଥିଲା ।

୩. ପାରସ୍ପାରିକ ଦେଣ-ନେଣ, ସମାଜରେ ସମାନ ସ୍ଥିତିରେ ଥିବା ଲୋକଙ୍କ ମଧ୍ୟରେ ହୋଇଥାଏ ।

୪. ବଜାର ବ୍ୟବସ୍ଥା ର ସର୍ବବ୍ୟାପୀ ଉପସ୍ଥିତି ରହିଛି ।

୫. ମୁଦ୍ରା / ଅର୍ଥ ର ଅଭାବରେ ବସ୍ତୁ ବିନିମୟ ହୋଇଥାଏ ।

୬. ସରଳ ସମାଜରେ ବଜାର ମାନେ ଅର୍ଥନୈତିକ ଏକକ ଥିଲେ ।

୭. ବିକାଶ ର ସ୍ୱଭାବ କେବଳ ଆର୍ଥିକ ହୋଇଥାଏ ।

୮. ବିକାଶ ଯୋଜନା ମାନଙ୍କରେ ସମୁଦାୟ ମାନଙ୍କୁ ସାମିଲ କରାଯିବା ଉଚିତ ନୁହେଁ ।



ଟୀପ୍‌ପଣୀ

## ୧୫.୬ ରାଜନୈତିକ ବ୍ୟବସ୍ଥା (Political System)


ରାଜନୈତିକ ବ୍ୟବସ୍ଥା ହେଉଛି ସମାଜର ସେହି ବ୍ୟବସ୍ଥା ଯାହା, ଏକ ପକ୍ଷରେ ଆଇନ ଶୃଙ୍ଖଳା ବଜାୟ ରଖିବାରେ ଓ ଅନ୍ୟ ପକ୍ଷରେ ସମାଜର କାର୍ଯ୍ୟକାରୀତା କୁ ପର୍ଯ୍ୟବେକ୍ଷଣ କରିବାରେ ମନୁଷ୍ୟ ର ଭୂମିକା କୁ ପରିଭାଷିତ କରିଥାଏ । ରାଜନୈତିକ ବ୍ୟବସ୍ଥାର ଏକ ପ୍ରକାର୍ଯ୍ୟ ହେଉଛି ବିଧି ବ୍ୟବସ୍ଥାର ପରିଚାଳନା ଏବଂ ବାସ୍ତବରେ ଏହା ସରଳ ସମାଜର ଏକ ମୁଖ୍ୟ ପ୍ରକାର୍ଯ୍ୟ ଥିଲା । ବର୍ତ୍ତମାନର ଜଟିଳ ସମାଜରେ ଏହି ପ୍ରକାର୍ଯ୍ୟ ସହିତ ଅନ୍ୟ ଏକ ପ୍ରକାର୍ଯ୍ୟ ହେଉଛି ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ସମ୍ବଳ ର ବଣ୍ଟନ ।

ରାଜନୈତିକ ବ୍ୟବସ୍ଥାର ଏକ ମହତ୍ତ୍ୱପୂର୍ଣ୍ଣ ଉପାଦାନ ହେଲା ରାଷ୍ଟ୍ର । ଏଠାରେ ଆମକୁ ମନେ ରଖିବାକୁ ହେବ ଯେ ପୃଥିବୀରେ ଏପରି କେତେକ ସମାଜ ଅଛନ୍ତି ଯେଉଁ ଥିରେ ରାଷ୍ଟ୍ର ଭଳି ଅନୁଷ୍ଠାନ ନାହିଁ । ଶିକାରୀ ଓ ଖାଦ୍ୟ-ସଂଗ୍ରହକାରୀ ସମାଜ, ବିଭିନ୍ନ ପ୍ରକାରର ପଶୁପାଳକ ଓ କୃଷି ଭିତ୍ତିକ ସମାଜ ମାନଙ୍କରେ ରାଜା ବା ମୁଖିଆ ବା ମାଲିକ ନ ଥା'ନ୍ତି, ଯେଉଁମାନେ କି କ୍ଷମତାର କେନ୍ଦ୍ର । ସେମାନଙ୍କର ସରକାର ଓ ଆଇନ ବ୍ୟବସ୍ଥା ମଧ୍ୟ ନ ଥାଏ । ଧନୀ ଗରିବ ଶ୍ରେଣୀ, ତଥା ସୁବିଧା ସୁଯୋଗ ପାଉଥିବା ଓ ବଂଚିତ ହେଉଥିବା ଶ୍ରେଣୀ ମାନଙ୍କ ମଧ୍ୟରେ ସମାଜର ବିଭାଜନ ହୋଇ ନ ଥାଏ । ଏହି ସମାଜ ମାନଙ୍କୁ ରାଷ୍ଟ୍ର-ବିହୀନ ସମାଜ କୁହାଯାଏ । ସେମାନେ, କେନ୍ଦ୍ରିୟ କର୍ତ୍ତୃତ୍ୱ, ସରକାର, ଆଇନ ବ୍ୟବସ୍ଥା ଓ ଶ୍ରେଣୀ ବ୍ୟବସ୍ଥା ଥିବା ସମାଜ ମାନଙ୍କ ଠାରୁ ସଂପୂର୍ଣ୍ଣ ଭିନ୍ନ । ଏହିସବୁ ସମାଜକୁ ରାଷ୍ଟ୍ର-ସମାଜ କୁହାଯାଏ । ରାଷ୍ଟ୍ର ବିହୀନ ସମାଜର ଉଦାହରଣ ହେଲା - ଅଷ୍ଟ୍ରେଲିୟ ଆଦିମ ସମାଜ, ୟାକୋ ଓ ଇବୋ (ନାଇଜେରିଆ), ପୂର୍ବ ଆଫ୍ରିକାର ମାସାଇ ଓ ନାନ୍ଦି, ସୁଦାନ ର ନୁଏର ଇତ୍ୟାଦି । ସରଳ ସମାଜ ମାନଙ୍କ ମଧ୍ୟରୁ ରାଜନୈତିକ ରାଷ୍ଟ୍ର ର ଏକ ଉଦାହରଣ ହେଲା ଦକ୍ଷିଣ ଆଫ୍ରିକାର ଜୁଲୁ ।

ରାଷ୍ଟ୍ର ବିହୀନ ସମାଜରେ ରାଜନୈତିକ ରାଷ୍ଟ୍ରର ଅନୁପସ୍ଥିତି ର ଅର୍ଥ ନୁହେଁ ଯେ ସେମାନେ ଏକ ଅବ୍ୟବସ୍ଥିତ ଅସ୍ତିତ୍ୱ କୁ ନେଇ ରହନ୍ତି । ସେମାନେ ଅରାଜକତାର ସ୍ଥିତିରେ ମଧ୍ୟ ନ ଥା'ନ୍ତି । ସେମାନଙ୍କର ଅନ୍ୟ ଅନୁଷ୍ଠାନ ମାନେ ସମାଜରେ ବ୍ୟବସ୍ଥା କାୟମ କରିଥା'ନ୍ତି । ଉଦାହରଣ ସ୍ୱରୂପ ବୟୋଜ୍ୟେଷ୍ଠ ବ୍ୟକ୍ତି ମାନେ ଲୋକମାନଙ୍କର ମଧ୍ୟରେ ହେଉଥିବା ସଂଘର୍ଷର ସମାଧାନ କରନ୍ତି । କେତେକ ଧର୍ମାଧିକାରି ମଧ୍ୟ ଏହି ସବୁ ସମସ୍ୟାର ସମାଧାନ କରନ୍ତି । ନୁଏର, ମାନଙ୍କର ଧାର୍ମିକ ମୁଖ୍ୟ ବା ବ୍ୟାଘ୍ରଚର୍ମ -ମୁଖ୍ୟ ଥା'ନ୍ତି ଓ ହତ୍ୟା ମାମଲାରେ ସେମାନେ ହସ୍ତକ୍ଷେପ କରି ସମାଧାନ କରନ୍ତି । ଅନ୍ୟ ଭାଷାରେ କହିଲେ, କୌଣସି ବି ସମାଜ ସଂଘର୍ଷ ତଥା ଆଚରଣ ନିୟମ ଭଙ୍ଗରୁ ମୁକ୍ତ ନୁହେଁ ଏବଂ ଏହି ପ୍ରତ୍ୟେକ ସମାଜ, ସଂଘର୍ଷ କୁ କୌଣସି ନା କୌଣସି ବାଟରେ ସମାଧାନ କରିଥା'ନ୍ତି ।

## ୧୫.୭ କ୍ଷମତା ଓ କର୍ତ୍ତୃତ୍ୱ (Power & Authority)

କ୍ଷମତା, କର୍ତ୍ତୃତ୍ୱ ଠାରୁ ଭିନ୍ନ ଅଟେ ଓ ଏମାନଙ୍କୁ ପରସ୍ପର ଠାରୁ ଅଲଗା କରୁଥିବା କାରକ ହେଉଛି ବୈଧତା (Legitimacy), ଅର୍ଥାତ୍ ସମାଜର ବିଧିବ୍ୟବସ୍ଥା, କ୍ଷମତା ପ୍ରୟୋଗ କୁ ସ୍ୱୀକାର କରୁଛି କି ନାହିଁ ଓ ଏହା ପରିସ୍ଥିତି ପାଇଁ ଦରକାର ଥିଲା ନା ନାହିଁ । ବୈଧତାର ଅର୍ଥ ହେଲା 'ସଠିକତା' (Rightfulness) କୌଣସି ବ୍ୟକ୍ତି କୁ କ୍ଷମତା ପ୍ରୟୋଗ ପାଇଁ ଅଧିକାର ମିଳିଛି ନା ନାହିଁ । ପୋଲିସ ଓ ଗୁଣ୍ଡା, ଉଭୟ ବଳ ପ୍ରୟୋଗ କରିଥା'ନ୍ତି । ତେବେ କେବଳ ପୋଲିସ ଦ୍ୱାରା ପ୍ରୟୋଗ କରାଯାଉଥିବା ବଳର ବୈଧତା ଥାଏ । ରାଷ୍ଟ୍ର ଏପରି ଏକ ଅନୁଷ୍ଠାନ ଭାବରେ ପରିଭାଷିତ ହୋଇଛି ଯାହାର ବୈଧ ହିଂସା



ଟୀପ୍ପଣୀ

(Legitimate Violence) କରିବାର ଅଧିକାର ରହିଛି । ଯେତେବେଳେ କ୍ଷମତା ପ୍ରୟୋଗ ବୈଧ ହୋଇଥାଏ ସେତେବଳେ ଏହାକୁ କର୍ତ୍ତୃତ୍ୱ କୁହାଯାଏ । ଖାଲି କ୍ଷମତା କହିଲେ ଆମେ ଜାଣି ପାରିବାନି ଯେ ତାହା ବୈଧ କି ନୁହେଁ, କାରଣ ଶକ୍ତି ପ୍ରୟୋଗ ଓ ତାହାର ମାନ୍ୟତା ଉପରେ ଗୁରୁତ୍ୱ ଦିଆଯାଏ । କର୍ତ୍ତୃତ୍ୱର ଧାରଣାରେ ବୈଧତାକୁ ବିଶେଷ ଗୁରୁତ୍ୱ ଦିଆଯାଏ । ତେଣୁ ବୈଧ କ୍ଷମତାକୁ କର୍ତ୍ତୃତ୍ୱ କୁହାଯାଏ ।

## ୧୫.୮ କର୍ତ୍ତୃତ୍ୱ ର ପ୍ରକାର (Types of Authority)

ଆମେ ତିନି ପ୍ରକାରର କର୍ତ୍ତୃତ୍ୱ କଥା ଚିନ୍ତା କରି ପାରିବା - ପାରଂପାରିକ, ଦିବ୍ୟ-ପ୍ରତିଭା ସଂପନ୍ନ ଓ ଆଇନଗତ-ତାର୍କିକ । ସରଳ ସମାଜରେ ପାରଂପାରିକ କର୍ତ୍ତୃତ୍ୱ, ଜଟିଳ ସମାଜରେ ଆଇନଗତ-ତାର୍କିକ କର୍ତ୍ତୃତ୍ୱ ଦେଖାଯା'ନ୍ତି । ବିଭିନ୍ନ ପ୍ରକାରର କର୍ତ୍ତୃତ୍ୱ ମଧ୍ୟ ଏକତ୍ର ରହିବା ସମ୍ଭବ । ଏକ ପ୍ରକାରର ସମାଜ ମଧ୍ୟରେ ଉଭୟ ପାରଂପାରିକ ଭାବରେ ବଂଶଗତ ରାଜା ଓ ନିର୍ବାଚିତ ପ୍ରଧାନ ମନ୍ତ୍ରୀ (ଯିଏ କି ଆଇନ ଗତ ତାର୍କିକ କର୍ତ୍ତୃତ୍ୱ ର ଉଦାହରଣ) ରହିପାରନ୍ତି ।

ଏହି ତିନି ପ୍ରକାରର କର୍ତ୍ତୃତ୍ୱ, ସେମାନଙ୍କର ବୈଧତାର ସ୍ରୋତ ଅନୁଯାୟୀ ଅଲଗା ହୋଇଥା'ନ୍ତି । ଯେତେବେଳେ ପ୍ରଚଳିତ ରୀତି ନୀତି ଓ ପ୍ରଥା ରୁ ବୈଧତା ଗ୍ରହଣ କରାଯାଏ, ସେତେବେଳେ ତାହା ପାରଂପାରିକ କର୍ତ୍ତୃତ୍ୱ ରେ ପରିଣତ ହୁଏ । ପିତା ଙ୍କ ପରେ ଯଦି ରାଜ୍ୟ ଶାସନ ପୁତ୍ର ହାସଲ କରୁଥାଏ, ତାହାହେଲେ ଏହି ପ୍ରକାର କର୍ତ୍ତୃତ୍ୱ କୁ ପାରଂପାରିକ କର୍ତ୍ତୃତ୍ୱ (traditional authority) କୁହାଯାଏ । ଆଇନଗତ-ତାର୍କିକ କର୍ତ୍ତୃତ୍ୱ କ୍ଷେତ୍ରରେ ଔପଚାରିକ ଆଇନ ବ୍ୟବସ୍ଥା ଥାଏ ଓ ନୀତିନିୟମ ସବୁ ବ୍ୟକ୍ତି ବିଶେଷ ନିର୍ବିଶେଷ ରେ ସମସ୍ତ ଙ୍କ ଉପରେ ସମାନ ଭାବରେ ଲାଗୁ ହୁଏ । କର୍ତ୍ତୃତ୍ୱ ପାଇଁ ବ୍ୟକ୍ତି ମାନଙ୍କୁ ପ୍ରତିଦ୍ୱନ୍ଦିତା କରିବାକୁ ପଡ଼େ, ଯାହା ନିୟମ ଅନୁସାରେ ବିତରିତ ହୁଏ । ଅବୟୋକ୍ତିକ ଆଇନ ଛଡ଼ା ଏହି ବ୍ୟବସ୍ଥାରେ ମେଧା ଓ ଯୋଗ୍ୟତାର ମଧ୍ୟ ଗୁରୁତ୍ୱ ରହିଛି । ପାରଂପାରିକ କର୍ତ୍ତୃତ୍ୱ ବ୍ୟବସ୍ଥାର ଯଥାସ୍ଥିତି ବଜାୟ ରଖିଲା ବେଳେ ଆଇନଗତ-ତାର୍କିକ କର୍ତ୍ତୃତ୍ୱ ପରିବର୍ତ୍ତନ ପାଇଁ ଏକ ଉତ୍ତମ ବ୍ୟବସ୍ଥା । ତେଣୁ ଏଥିରୁ ଜଣାଯାଏ ଯେ ସରଳ ସମାଜ ମାନେ ରକ୍ଷଣଶୀଳ ଓ ପରଂପରା ଅନୁଗାମୀ ହେଲାବେଳେ, ଜଟିଳ ସମାଜ ମାନେ ବିକାଶଶୀଳ ତଥା ପରିବର୍ତ୍ତନ ଅନୁଗାମୀ ହୋଇଥା'ନ୍ତି ।

ତୃତୀୟ ପ୍ରକାରର କର୍ତ୍ତୃତ୍ୱକୁ ଦିବ୍ୟ-ପ୍ରତିଭା ସଂପନ୍ନ କର୍ତ୍ତୃତ୍ୱ (Charismatic Authority) କୁହାଯାଏ । ଏହା ପ୍ରଚଳିତ ବ୍ୟବସ୍ଥାର ସଂକଟ ପରିସ୍ଥିତି (ଯାହାକୁ ସମାଧାନ କରିବା କଷ୍ଟ) ରୁ ଉପୁଜିଥାଏ । ଏହା ଘଟିଲେ ଲୋକ ମାନେ ଏପରି ଜଣେ ସର୍ବମାନ୍ୟ ବ୍ୟକ୍ତି କୁ ଖୋଜନ୍ତି ଯିଏ କି ସେମାନଙ୍କର ସ୍ୱାଭାବିକ, ସାମାଜିକ ବା ରାଜନୈତିକ ସଂକଟର ସମାଧାନ କରିପାରିବ । ଏହିପରି ବ୍ୟକ୍ତି ଦିବ୍ୟ ପ୍ରତିଭାର ଅଧିକାରୀ ହୋଇଥାଏ । ଏହିପରି ବ୍ୟକ୍ତି "ଅସାଧାରଣ" ଦେଖାଯାଏ ଓ ସେହି ସବୁ ଗୁଣର ଅଧିକାରୀ ହୋଇଥାଏ ଯାହା ସାଧାରଣ ଲୋକଙ୍କ ପାଖରେ ନ ଥାଏ । ଯଦି ଏହିପରି ଜଣେ ଦିବ୍ୟ-ପ୍ରତିଭା ସଂପନ୍ନ ବ୍ୟକ୍ତି କ୍ଷମତା ହାସଲ କରେ, ତାହାର କ୍ଷମତା କୁ ଦିବ୍ୟ-ପ୍ରତିଭା ସଂପନ୍ନ କର୍ତ୍ତୃତ୍ୱ (Charismatic Authority) କୁହାଯାଏ । କିନ୍ତୁ କେତେକ କ୍ଷେତ୍ରରେ ଏହିପରି ବ୍ୟକ୍ତି କ୍ଷମତା ପରିସର ବାହାରେ ରହନ୍ତି ଓ ଲୋକ ମାନେ ତାଙ୍କୁ ଶ୍ରଦ୍ଧା ଓ ସମ୍ମାନ କରନ୍ତି । ଏହାର ଏକ ଉତ୍ତମ ଉଦାହରଣ ହେଲା ଭାରତର ମହାତ୍ମା ଗାନ୍ଧି ଓ ବର୍ମାର ଅଙ୍ଗ୍ ସାନ୍ ସୁକୀ । ତେଣୁ ଆମକୁ ଦିବ୍ୟ ପ୍ରତିଭା ସଂପନ୍ନ କର୍ତ୍ତୃତ୍ୱ ଓ ଦିବ୍ୟ ପ୍ରତିଭା ସଂପନ୍ନ ନେତା ମଧ୍ୟରେ ପାର୍ଥକ୍ୟ ବୁଝିବାକୁ ପଡ଼ିବ ।



ଟୀପ୍ପଣୀ

## ପାଠ୍ୟଗତ ପ୍ରଶ୍ନାବଳୀ ୧୫.୪

A ଓ B କୁ ମିଳାନ୍ତୁ

| A | B |
|---|---|
| (କ) ରାଜନୈତିକ ବ୍ୟବସ୍ଥା | i) ସେମାନଙ୍କର ଆଇନ ଓ ସରକାର ନାହିଁ |
| (ଖ) ରାଷ୍ଟ୍ର ବିହୀନ ସମାଜ | ii) ଆଇନ ଶୃଙ୍ଖଳା ରକ୍ଷା ଓ ସମାଜର ପରିଚାଳନା |
| (ଗ) ଦିବ୍ୟ ପ୍ରତିଭା | iii) ଯେତେବେଳେ ଲୋକମାନେ ଅସାଧାରଣ ଓ ଅପ୍ରାକୃତିକ ଗୁଣ ଥିବା ଲୋକଙ୍କୁ ଖୋଜନ୍ତି |

## ୧୫.୯ ଧର୍ମର ସଂଜ୍ଞା (Definition of Religion)

ପୂର୍ବରୁ ଆମେ କହିଛୁ ଏପରି କୌଣସି ଜ୍ଞାତ ସମାଜ ନାହିଁ ଯେଉଁଥିରେ ଧର୍ମ ନାହିଁ । ବିଭିନ୍ନ ସମାଜରେ ଭିନ୍ନ ଭିନ୍ନ ସମୟରେ ରାଜନୈତିକ ନେତାମାନଙ୍କ ଦ୍ୱାରା ଧର୍ମବିହୀନ ସମାଜ ଗଠନ ପାଇଁ ଚେଷ୍ଟା କରାଯାଇଛି, କିନ୍ତୁ ସେସବୁ ବିଫଳ ହୋଇଛି ଓ କୌଣସି ନା କୌଣସି ସ୍ୱରୂପରେ ଧର୍ମର ଅସ୍ତିତ୍ୱ ନିରନ୍ତର ଅବ୍ୟାହତ ରହିଛି । ଧର୍ମ କେବଳ ସର୍ବ ବ୍ୟାପୀ ନୁହେଁ । ପରନ୍ତୁ ଆଧୁନିକ ସମାଜରେ ଏହା ଏକ ଦୃଢ଼ ଶକ୍ତି ଭାବେ ପରିଗଣିତ ହେଉଛି ।

ଧର୍ମ ହେଉଛି ଏକ ବା ଏକାଧିକ ଆଧ୍ୟାତ୍ମିକ ଶକ୍ତିରେ ବିଶ୍ୱାସ । ବିଶ୍ୱାସ ସହିତ ରୀତିନୀତି ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଊନବିଂଶ ଶତାବ୍ଦୀର ଶେଷ ଭାଗଠାରୁ ଧର୍ମର ଏକ ପରିଭାଷା, ଏହାକୁ ରୀତିନୀତି ଓ ବିଶ୍ୱାସର ଏକ ସଂଗ୍ରହ ବୋଲି କହିଛି । ତେବେ ଏହିସବୁ ବିଶ୍ୱାସ ଓ ରୀତିନୀତିର ସ୍ୱରୂପକୁ ନେଇ ବିତର୍କ ହୋଇ ଆସୁଛି ।

ଧର୍ମର ସବୁଠାରୁ ପ୍ରଭାବଶାଳୀ ପରିଭାଷା ହେଲା– ଏହା ବିଶ୍ୱାସ ଓ ରୀତିନୀତିର ଏକ ସଂଗ୍ରହ ଅଟେ ଯାହାକୁ ଲୋକମାନେ ପବିତ୍ର କୁହନ୍ତି । ପବିତ୍ର ବସ୍ତୁ ହେଉଛନ୍ତି ସେହିମାନେ ଯେଉଁମାନେ ବର୍ଜିତ, ସାଧାରଣ ଓ ଅପବିତ୍ର ବସ୍ତୁଠାରୁ ଭିନ୍ନ ଅଟନ୍ତି । ଏହି ମତବାଦ ବିଖ୍ୟାତ ସମାଜବିଜ୍ଞାନୀ ଇମାଇଲ ଡୁର୍ଖିମଙ୍କର ଅଟେ ।

'ପବିତ୍ର' ଧାରଣା ସର୍ବବ୍ୟାପୀ ସ୍ୱୀକାର୍ଯ୍ୟ । ବିଭିନ୍ନ ଧର୍ମ ଯେପରିକି– ବୌଦ୍ଧ ଧର୍ମ, କନ୍‌ଫ୍ୟୁସିୟସ ଧର୍ମ ଓ ଜୈନ ଧର୍ମ ଯେଉଁଥିରେ ଈଶ୍ୱରଙ୍କର ଧାରଣା ନାହିଁ, କିନ୍ତୁ ପବିତ୍ର ଓ ଅପବିତ୍ର ସଂପର୍କୀୟ ଧାରଣା ରହିଛି, ଉଦାହରଣ ସ୍ୱରୂପ ବୌଦ୍ଧଧର୍ମ ଚାରିଟି ମହାନ ସତ୍ୟ ଉପରେ ବିଶ୍ୱାସ କରେ । ସେହି ଚାରିମହାନ ସତ୍ୟ (Four Noble Truths of Buddhism) ହେଲା– ଏହା ପୃଥିବୀ ହେଉଛି ଦୁଃଖର ଗନ୍ତାଘର, ଆଶା ବା କାମନା ଦୁଃଖର କାରଣ, ଆମେ ନିଜକୁ କାମନାମୁକ୍ତ ରଖିବା ଓ ଆମେ ସବୁ ସଚ୍ଚୋଟ ଭାବରେ ନିଜର ମୁକ୍ତି ପାଇଁ କାର୍ଯ୍ୟ କରିବା । ତେଣୁ ଧର୍ମକୁ ନିମ୍ନୋକ୍ତ ମତେ ପରିଭାଷିତ କରିହେବ ।

ଧର୍ମ ସେହିସବୁ ପବିତ୍ର ଧାରଣା ସହିତ ସଂପୃକ୍ତ, ଯାହା ରୀତିନୀତି ସହ ଜଡ଼ିତ ଓ ଯାହା ଶ୍ରଦ୍ଧା ଓ ସମ୍ମାନର ଭାବନା ସୃଷ୍ଟି କରେ । ଏହି ପବିତ୍ର ପ୍ରତୀକ ସବୁକୁ ସମୁଦାୟମାନେ ମାନନ୍ତି ଓ ଗ୍ରହଣ କରନ୍ତି ।

## ୧୫.୧୦ ଧର୍ମର ପ୍ରକାର (Types of Religion)

ଆମେ ଆରମ୍ଭରୁ କହିଛୁ, ଧର୍ମ ସର୍ବବ୍ୟାପୀ ଦେଖାଯାଏ ଓ ଏହାର ବିଶ୍ୱାସ ବ୍ୟବସ୍ଥା ଓ ରୀତିନୀତି ଭିନ୍ନ ସମାଜରେ ଅଲଗା ଅଲଗା ହୋଇଥାଏ । ସରଳ ସମାଜରେ "ଶମନ" ଏକ ଗୁରୁତ୍ୱପୂର୍ଣ୍ଣ ଅତିପ୍ରାକୃତିକ



ଟୀପ୍ପଣୀ

ଶକ୍ତି ହୋଇଥାଏ ଓ ଏହାର ସୃଷ୍ଟି ଉତ୍ତର ଆମେରିକୀୟ ଭାରତୀୟମାନଙ୍କଠାରୁ ହୋଇଥିଲା । ସେ, ଅତିପ୍ରାକୃତିକ ଶକ୍ତି ଥିବା ଏକ ବ୍ୟକ୍ତି ଅଟେ । ଏକ ଆବେଶାତ୍ମକ ସ୍ଥିତିରେ ସମଗ୍ର ସମାଜ ପାଇଁ ସମ୍ବନ୍ଧିତ ଭବିଷ୍ୟତ ଘଟଣା ଯେପରିକି, ବର୍ଷା, ଫସଲ ଉତ୍ପାଦନ, ଦୁର୍ଭିକ୍ଷ, ବନ୍ୟା ଓ ମହାମାରୀ ପରି ପ୍ରାକୃତିକ ବିପର୍ଯ୍ୟୟ ସଂପର୍କରେ ଭବିଷ୍ୟ ବାଣୀ କରିଥାଏ । ସେ ମଧ୍ୟ ରୋଗ, ସନ୍ତାନ ହୀନତା ପରି ବ୍ୟକ୍ତିଗତ ପ୍ରଶ୍ନର ଉତ୍ତର ଦେଇଥାଏ ଓ ପ୍ରତିକାର ପରାମର୍ଶ ଦେଇଥାଏ ।

ସରଳ ସମାଜରେ ଧର୍ମର ଦୁଇଟି ମୁଖ୍ୟ ସ୍ୱରୂପ ଦେଖିବାକୁ ମିଳେ । ପ୍ରଥମଟି ଆନିମିଜମ୍ (Animism) ବା ଆଦିମ ବାଦ, ଓ ଅନ୍ୟଟି ହେଲା ଟୋଟେମ ବାଦ ।

ଆଦିମ ବାଦ ଆତ୍ମାର ଅସ୍ତିତ୍ୱ ସମ୍ବନ୍ଧୀୟ ବିଶ୍ୱାସର ଏକ ସଂଜ୍ଞା (anima) ।

ଆତ୍ମା ହେଉଛି ଏକ ସୂକ୍ଷ୍ମ ସତ୍ତା ଯାହା ଶରୀରରେ ଯେ କୌଣସି ରନ୍ଧ୍ର ମଧ୍ୟ ଦେଇ ଯାଇପାରେ ।

ଲୋକମାନେ ବିଶ୍ୱାସ କରନ୍ତି ଯେ ପୂର୍ବ ସମାଜରେ ସେମାନଙ୍କର ପୂର୍ବଜ ଓ ପଶୁମାନେ ରହୁଥିଲେ ।

ଆତ୍ମାମାନେ ଶାନ୍ତ କିମ୍ବା ଅତୃପ୍ତ ହୋଇଥାନ୍ତି ଓ ମନୁଷ୍ୟର ସ୍ଥିତିକୁ ବିଭିନ୍ନ ଭାବରେ ପ୍ରଭାବିତ କରିଥାଆନ୍ତି ।

ଉତ୍ତର-ଆମେରିକୀୟ ଜନଜାତିଙ୍କଠାରୁ 'ଟୋଟେମ' ଶବ୍ଦର ସୃଷ୍ଟି ।

ଟୋଟେମବାଦ ବିଶ୍ୱାସ ଅନୁସାରେ ଏପରି ଏକ ସମୟ ଥିଲା ବୃକ୍ଷଲତା, ପଶୁ ଓ ଅନ୍ୟ ନିର୍ଜୀବ ବସ୍ତୁମାନେ ଲୋକମାନଙ୍କର ଗୋତ୍ର ସ୍ଥାପନ କରିଥିଲେ ।

ଏହି କାରଣରୁ ଲୋକମାନଙ୍କର ଏହି ବୃକ୍ଷଲତା ଓ ପଶୁମାନଙ୍କ ସହିତ ଏକ କର୍ମକାଣ୍ଡୀୟ ସମ୍ବନ୍ଧ ରହିଛି ।

ସେମାନଙ୍କ ଅନୁସାରେ ସେମାନେ ଯଦି ଟୋଟେମର ଉପାସନା କରନ୍ତି, ତାହାହେଲେ ସେମାନଙ୍କର ମନୋସ୍କାମନା ପୂର୍ଣ୍ଣ ହେବ ।

ଏସବୁ ବ୍ୟତୀତ କିଛି ସରଳ ସମାଜରେ ଏହା ବିଶ୍ୱାସ କରାଯାଏ ଯେ କିଛି ଅବୟୋକ୍ତିକ ଶକ୍ତିଙ୍କର ନୀତିନିୟମ ଲୋକମାନଙ୍କର ଭାଗ୍ୟକୁ ବହୁଭାବରେ ପ୍ରଭାବିତ କରନ୍ତି । ପଲିନେସୀୟମାନେ ଏହି ଶକ୍ତିମାନଙ୍କୁ 'ମାନ' କୁହନ୍ତି । ଅନ୍ୟ ସମାଜମାନଙ୍କରେ ଏହିସବୁ ଶକ୍ତିମାନଙ୍କର ଭିନ୍ନ ନାମ ରହିଛି । ଉଦାହରଣ ସ୍ୱରୂପ, ଝାଡ଼ଖଣ୍ଡର ହୋ ଜନଜାତି ଏହାକୁ 'ବୋଙ୍ଗା' କୁହନ୍ତି । କେତେକ ସରଳ ସମାଜରେ ଧାର୍ମିକ ବିଶ୍ୱାସ ସବୁ ବଡ଼ ଜଟିଳ ହୋଇଥାଆନ୍ତି, ତେବେ ସାଧାରଣ ଭାବରେ ସେମାନେ ଏକେଶ୍ୱରବାଦ ରେ ବିଶ୍ୱାସ କରି ନଥାନ୍ତି । ସରଳ ସମାଜମାନେ ବ୍ୟାପକ ସ୍ତରରେ ବହୁଈଶ୍ୱର ବାଦରେ ବିଶ୍ୱାସ କରନ୍ତି ।

ଭିନ୍ନ ଭିନ୍ନ ସମାଜରେ ଦେଖାଯାଉଥିବା ଧର୍ମ-ୟିହୁଦୀ ଧର୍ମ, ଖ୍ରୀଷ୍ଟିଆନ ଧର୍ମ, ଇସଲାମ ଓ ଶିଖଧର୍ମ ହେଉଛନ୍ତି ଏକ ଈଶ୍ୱର ବିଶ୍ୱାସୀ । ସେମାନେ ପ୍ରାଚ୍ୟ ଜଗତରେ ସୃଷ୍ଟି ହୋଇ ଅନ୍ୟମାନଙ୍କୁ ପ୍ରଭାବିତ କରିଛନ୍ତି । ଏହି ତିନି ଧର୍ମ ମଧ୍ୟରୁ ଇହୁଦୀ ଧର୍ମ ସର୍ବ ପୁରାତନ ଅଟେ । ଏହା ଖ୍ରୀ.ପୂ. ୧୦୦୦ରେ ସୃଷ୍ଟି ହୋଇଥିଲା । ଖ୍ରୀଷ୍ଟ ଧର୍ମ ଇହୁଦୀ ଧର୍ମର ଏକ ଅଙ୍ଗ ଭାବରେ ଆରମ୍ଭ ହୋଇଥିଲା । ସଂପ୍ରତି ଖ୍ରୀଷ୍ଟଧର୍ମର ସର୍ବାଧିକ ଅନୁଗାମୀ ଅଛନ୍ତି ଏହା ସାରା ବିଶ୍ୱରେ ପରିବ୍ୟାପ୍ତ । ପୃଥିବୀର ଯେ କୌଣସି ଅଞ୍ଚଳରେ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଦେଖାଯାଆନ୍ତି । ପୃଥିବୀର ଦ୍ୱିତୀୟ ବୃହତ୍ତମ ଧର୍ମ ହେଲା ଇସଲାମ ଧର୍ମ ଓ ଏହାର ଅନୁଗାମୀମାନେ ମୁଖ୍ୟତଃ ଉତ୍ତର ଓ ପୂର୍ବ ଆଫ୍ରିକା, ମଧ୍ୟପୂର୍ବ, ଦକ୍ଷିଣ-ପୂର୍ବ ଏସିଆ ଓ ଭାରତୀୟ ଉପମହାଦେଶ ଇତ୍ୟାଦିରେ ଦେଖାଯାଆନ୍ତି ।



ଟୀପ୍‌ପଣୀ

ଭାରତରେ ଅନ୍ୟ ଏକ ଧର୍ମ ସୃଷ୍ଟି ହୋଇଥିଲା ଯାହାକୁ ଶିଖ ଧର୍ମ କୁହାଯାଏ ଓ ଏହା ତତ୍କାଳୀନ ଧର୍ମାନ୍ଧତା ଓ ପୁରୋହିତ ଶ୍ରେଣୀର ରୀତିନୀତି ବିରୁଦ୍ଧରେ ସୃଷ୍ଟି ହୋଇଥିଲା । ଏହା ପ୍ରାୟ ୫୦୦ ବର୍ଷ ପୂର୍ବେ ଗୁରୁ ନାନକ ଦେବ ଜୀଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ଓ ଶିଖମାନଙ୍କ ଦଶମ ଗୁରୁ, ଗୁରୁଗୋବିନ୍ଦ ସିଂଙ୍କ ଦ୍ୱାରା ଏଥିରେ ଶେଷ ସ୍ପର୍ଶ ଦିଆଯାଇଥିଲା ।

ସର୍ବପୁରାତନ ମହାନ ଧର୍ମମାନଙ୍କ ମଧ୍ୟରେ ହିନ୍ଦୁ ଧର୍ମର ସ୍ଥାନ ସ୍ୱତନ୍ତ୍ର ଓ ଏହାର ନୀତିଶିକ୍ଷା ସବୁ ୬୦୦୦ ବର୍ଷ ପୁରାତନ ଅଟେ । ହିନ୍ଦୁ ଧର୍ମ ଉଭୟ ଏକେଶ୍ୱରବାଦ ଓ ବହୁ ଈଶ୍ୱରବାଦରେ ବିଶ୍ୱାସ କରେ । ଏକ ପକ୍ଷରେ ଏହା ଦେବତ୍ୱର ଏକତାରେ ବିଶ୍ୱାସ କଲାବେଳେ, ଏହାର ବହୁ ଦେବାଦେବୀଙ୍କ ଉପରେ ଆସ୍ଥା ଥାଏ ।

ପ୍ରାଚ୍ୟ ଜଗତରେ ଧର୍ମକୁ Ethical Religion ବା ନୈତିକ ଧର୍ମ କୁହାଯାଏ । ଯେପରିକି ବୌଦ୍ଧ ଧର୍ମ, କନ୍‌ଫୁସିୟସ ଧର୍ମ ଓ ତାଓ ଧର୍ମ – ଯେଉଁମାନଙ୍କର ଏକେଶ୍ୱର ବା ବହୁ ଈଶ୍ୱରବାଦରେ ବିଶ୍ୱାସ ନ ଥାଏ, ସେମାନେ କେବଳ ନୈତିକ ସିଦ୍ଧାନ୍ତକୁ ଗୁରୁତ୍ୱ ଦେଇଛନ୍ତି । ଯେଉଁ ଧର୍ମମାନେ ଭାରତ ମାଟିରେ ସୃଷ୍ଟି ହୋଇଛନ୍ତି ସେମାନେ ପ୍ରାୟତଃ ଏହି ଭାରତୀୟ ପରିଚୟ ବହନ କରିଛନ୍ତି ଓ ସେହି ଧର୍ମମାନେ କେବଳ ଏହି ଭାରତରେ ସୀମିତ ହୋଇ ରହିଯାଇଛନ୍ତି, ଉଦାହରଣ ସ୍ୱରୂପ ଜୈନ ଧର୍ମ ଓ ଶିଖ ଧର୍ମ ।


## ୧୫.୧୧ ଧାର୍ମିକ ସଂଗଠନ ର ପ୍ରକାର (Types of Religious Organisations)

ପ୍ରତ୍ୟେକ ଧର୍ମର ଅନୁଗାମୀମାନଙ୍କର ଏକ ସମୁଦାୟ ଥାଏ ଯେଉଁମାନେ କି କୌଣସି ନା କୌଣସି ସଂଗଠନ ବା ପନ୍ଥା ସହିତ ଜଡ଼ିତ । ସେମାନଙ୍କ ପାଇଁ ଚର୍ଚ୍ଚ ଏକ ବଡ଼ ସୁପ୍ରତିଷ୍ଠିତ ଧାର୍ମିକ ସଂସ୍ଥା ଅଟେ । ଏଠାରେ 'ଚର୍ଚ୍ଚ' ଶବ୍ଦର ପ୍ରୟୋଗ ସୀମିତ ଅର୍ଥରେ କେବଳ ଖ୍ରୀଷ୍ଟିଆନମାନଙ୍କ ପାଇଁ ବ୍ୟବହୃତ ହୋଇନାହିଁ । ପରନ୍ତୁ ଏକ ବ୍ୟାପକ ଅର୍ଥରେ ଯେ କୌଣସି ଧାର୍ମିକ ସଂଗଠନ ପାଇଁ ବ୍ୟବହାର କରାଯାଇଛି ।

ଚର୍ଚ୍ଚର ସାଧାରଣ ଭାବେ ଏକ ଔପଚାରିକ ଅମଲାତାନ୍ତ୍ରିକ ସଂଗଠନ ରହିଛି । ଏହାର କର୍ମଚାରୀମାନେ ଉଚ୍ଚନୀଚ କ୍ରମରେ କାର୍ଯ୍ୟ କରନ୍ତି । ଯେଉଁ ସମାଜରେ କାର୍ଯ୍ୟକାରୀ ହୋଇଥାଏ, ସେହି ସମାଜର ସାମାଜିକ ମୂଲ୍ୟବୋଧ ସହିତ ନିଜର ଆଦର୍ଶ ମଧ୍ୟରେ ସମନ୍ୱୟ ସ୍ଥାପନ କରି କାର୍ଯ୍ୟ କରିଥାଏ । ପ୍ରାୟତଃ ଏହା ପ୍ରଚଳିତ ସାମାଜିକ ବ୍ୟବସ୍ଥାର ଯଥାର୍ଥ ପ୍ରତିପାଦିତ କରିଥାଏ । କାରଣ ଏହା ଧର୍ମର ରକ୍ଷଣଶୀଳ ଦିଗକୁ ପ୍ରତିନିଧିତ୍ୱ କରିଥାଏ ।

ଚର୍ଚ୍ଚର ସମାଜ ବ୍ୟବସ୍ଥା ସହିତ ସମନ୍ୱୟ ପ୍ରତିଷ୍ଠା ବିରୋଧରେ ଅନେକ ବିରୋଧାତ୍ମକ ଆନ୍ଦୋଳନ ଦେଖାଯାଏ । ସେମାନେ ଚର୍ଚ୍ଚ ଦ୍ୱାରା କେତେକ ନିନ୍ଦିତ ସାମାଜିକ ମୂଲ୍ୟବୋଧକୁ ସମର୍ଥନ ଦେବା ଘଟଣାକୁ ସମାଲୋଚନା କରନ୍ତି । ସେମାନେ ମଧ୍ୟ ଚର୍ଚ୍ଚର ତଥାକଥିତ 'ପଥଚ୍ୟୁତ' ହେବାକୁ ସମାଲୋଚନା କରନ୍ତି । ଏହିପରି କେତେକ ଆନ୍ଦୋଳନ ସାଧାରଣ ସମାଲୋଚନାରେ ସୀମିତ ରହିଲାବେଳେ ଅନ୍ୟ କେତେକ ସୁସଂଗଠିତ ଭାବରେ 'ଅନୁଗାମୀମାନଙ୍କର ଦୃଢ଼ ସମୁହ' ଭାବରେ ସୃଷ୍ଟି ହୁଅନ୍ତି, ଯେଉଁମାନେ କି ତଥାକଥିତ "ସଠିକ୍ ରାସ୍ତା"ର ଅନୁପାଳନ କରନ୍ତି ।

ଏହି ବିରୋଧି ଗୋଷ୍ଠୀ, ଯାହାକି ଏକ ନେତା ବା ଗୁରୁ (ପ୍ରତିଷ୍ଠାତା)କୁ ନେଇ ଗଠିତ ହୁଏ, ତାହାକୁ ପନ୍ଥ (sect) କୁହାଯାଏ । ଏହି ପନ୍ଥ ହେଉଛି "ପ୍ରତିଶ୍ରୁତିବଦ୍ଧ ଅନୁଗାମୀ"ମାନଙ୍କର ଏକ କ୍ଷୁଦ୍ରତମ ସମୁହ । ସେମାନେ ନିଜ ଚାରିପାଖରେ ଥିବା ବୃହତ୍ ସାମାଜିକ ପରିବେଶରୁ ଦୂରେଇଯାଇ ନିଜକୁ ନିଜର କ୍ଷୁଦ୍ର



ଟୀପ୍ପଣୀ

ସମୁଦାୟରେ ସୀମିତ କରିଦିଅନ୍ତି । ଭାରତରେ, ହିନ୍ଦୁଧର୍ମର ସନ୍ଦର୍ଭରେ ସୃଷ୍ଟି ହୋଇଥିବା "ଆର୍ଯ୍ୟ ସମାଜ" ଏହି ପନ୍ଥ (sect)ର ଏକ ଭଲ ଉଦାହରଣ । ଖ୍ରୀଷ୍ଟିଆନ ଧର୍ମର ସନ୍ଦର୍ଭରେ କାଲଭିନିଷ୍ଟ ଓ ମେଥୋଡିଷ୍ଟ ଦୁଇ ପନ୍ଥର ଏକ ଉଦାହରଣ ଅଟେ ।

କିନ୍ତୁ ସମୟ ଅତିବାହିତ ହେବା ସହିତ ଏକ ପନ୍ଥ ମଧ୍ୟ ନିଜର ସକ୍ରିୟ ବିରୋଧ ଆଦର୍ଶକୁ ହରାଇଥାଏ । ଏହା ମଧ୍ୟ ପ୍ରଚଳିତ ସମାଜ ବ୍ୟବସ୍ଥା ସହିତ ନିଜକୁ ଖାପ ଖୁଆଇବାରେ ଚେଷ୍ଟା କରିଥାଏ । ଏହା ଘଟିବାର କାରଣ ହେଉଛି, ଯେତେବେଳେ କୌଣସି ପନ୍ଥ ତା'ର ସଦସ୍ୟତା ସଂଖ୍ୟାରେ ହ୍ରାସ ଘଟିବା ଅନୁଭବ କରେ ଓ ଏହି କାରଣରୁ ତା'ର ଅସ୍ତିତ୍ୱ ରକ୍ଷା କଷ୍ଟକର ହୋଇପଡ଼େ, ଏକ ପନ୍ଥ ଚର୍ଚ୍ଚ ବା ଧାର୍ମିକ ବ୍ୟବସ୍ଥା ସହିତ ସଂପୂର୍ଣ୍ଣ ମିଶିଯାଏ ଓ ଏହା ସହିତ ସାମାଜିକ ବ୍ୟବସ୍ଥା ସହ ମଧ୍ୟ ସମନ୍ୱୟ ରକ୍ଷା କରେ । ଯେତେବେଳେ ପନ୍ଥ ଆଉ ସକ୍ରିୟ ବିରୋଧ ସମୂହ ହୋଇ ରହେ ନାହିଁ, ତା'ର ନାମ ଭିନ୍ନ ସନ୍ଦର୍ଭରେ ବ୍ୟବହାର କରାଯାଇପାରିବ ।

ଏକ ଅନ୍ୟ ପ୍ରକାର ଧାର୍ମିକ ସଂଗଠନ ରହିଛି ଯାହାକୁ 'ସଂପ୍ରଦାୟ' (cult)କୁହାଯାଏ । ଏହା ପନ୍ଥ ସହିତ କେତେକାଂଶରେ ସମାନ - ଉଦାହରଣ ସ୍ୱରୂପ ଉଭୟ, ଏକ ବ୍ୟକ୍ତି-ନେତୃତ୍ୱ ଚାରିପାଖରେ ବୁଲନ୍ତି । ଉଭୟ ତଥାକଥିତ "ବାହ୍ୟ ସମାଜ"ର ମୂଲ୍ୟବୋଧକୁ ପ୍ରତ୍ୟାଖ୍ୟାନ କରିଥାଆନ୍ତି । ପନ୍ଥ ତୁଳନାରେ ସଂପ୍ରଦାୟ ଏକ ଦୃଢ଼ ସଂଗଠନ ନୁହେଁ । ଏହା ବ୍ୟକ୍ତିଗତ ଅନୁଭବ ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ । ଔପଚାରିକ ଭାବରେ ସଂପ୍ରଦାୟର ସଦସ୍ୟ ନ ହୋଇ ମଧ୍ୟ ଲୋକମାନେ ସଂପ୍ରଦାୟର ଅନୁଗାମୀ ହୋଇପାରନ୍ତି । ସଂପ୍ରଦାୟର ନେତୃତ୍ୱ ଲୋକମାନଙ୍କୁ ଅନ୍ୟ ଧାର୍ମିକ ସଂଗଠନରେ ସଦସ୍ୟତା ଗ୍ରହଣ କରିବାକୁ ଅନୁମତି ଦେଇପାରନ୍ତି । ସଂପ୍ରଦାୟର ନେତାଙ୍କର ମୃତ୍ୟୁପରେ ଏହାର ଅସ୍ତିତ୍ୱ ଅନିଶ୍ଚିତ ହୋଇଥାଏ । କିନ୍ତୁ ପନ୍ଥ କ୍ଷେତ୍ରରେ ଏହା ହୋଇ ନ ଥାଏ । ସଂପ୍ରଦାୟର ଭଲ ଭଲ ଉଦାହରଣମାନ ହେଲେ - "ଓଶୋ"ଙ୍କର ଅନୁଗାମୀ ଓ ମହର୍ଷି ମହେଶ ଯୋଗୀଙ୍କର ସମୂହ ।

## ୧୫.୧୨ ଧର୍ମର ଉତ୍ପତ୍ତି ଓ ପ୍ରକାର୍ଯ୍ୟ (Origin and Function of Religion)

ଊନବିଂଶ ଶତାବ୍ଦୀରେ ଧର୍ମର ଉତ୍ପତ୍ତି ସମ୍ବନ୍ଧୀୟ କେତେକ ତତ୍ତ୍ୱ ସୃଷ୍ଟି ହୋଇଥିଲା, ଯାହାକି ସେହି ସମୟରେ ବହୁତ ଲୋକପ୍ରିୟ ଥିଲା, କିନ୍ତୁ ବର୍ତ୍ତମାନ ସେହିସବୁ ତତ୍ତ୍ୱ ଅବାଞ୍ଛିତ ହୋଇଗଲେଣି । ଆଜିକାଲି ସମାଜ ବିଜ୍ଞାନୀ ଧର୍ମର ଉତ୍ପତ୍ତିକୁ ନେଇ ବିଶେଷ ଧ୍ୟାନ ଦିଅନ୍ତି ନାହିଁ । କିନ୍ତୁ ସମାଜରେ ଧର୍ମର ପ୍ରକାର୍ଯ୍ୟ ଓ ସେଥିରେ ଘଟୁଥିବା ପରିବର୍ତ୍ତନ ସବୁକୁ ବିଶେଷ ଗୁରୁତ୍ୱ ଦିଅନ୍ତି ।

ଉତ୍ପତ୍ତିବାଦୀ (evolutionists) ମାନେ ଦୁଇଟି ସମ୍ବନ୍ଧିତ ପ୍ରସଙ୍ଗ ସହିତ ଜଡ଼ିତ - ପ୍ରଥମ, ଧର୍ମର ଆଦିମ ସ୍ୱରୂପ ଓ ପ୍ରକାର ଏବଂ ଦ୍ୱିତୀୟ ଧର୍ମ କିପରି ଅସ୍ତିତ୍ୱ ପାଇଲା ଓ କେଉଁ ସ୍ତର ଦେଇ ଏହା ସୃଷ୍ଟି ହୋଇଛି । ଏକ ପୁରାତନ ତତ୍ତ୍ୱ ଅନୁସାରେ ଧର୍ମର ସୃଷ୍ଟି, ସ୍ୱପ୍ନ ଓ ମୃତ୍ୟୁର ଅନୁଭୂତିରୁ ହୋଇଛି ।

ମନୁଷ୍ୟ ସ୍ୱପ୍ନରେ ଯାହା ଦେଖେ ଓ ମୃତ୍ୟୁ ସମୟରେ ତା' ଦେହରୁ ଯାହା ବାହାରିଯାଏ, ସେହି ରହସ୍ୟର ପ୍ରଶ୍ନ ସବୁ ଆଜିବି ମଣିଷକୁ ଭ୍ରମିତ କରୁଛି ଓ ଆଦିମ ମନୁଷ୍ୟକୁ ମଧ୍ୟ ଭ୍ରମିତ କରିଥିବ । ଏହି ଦୁଇ ରହସ୍ୟର ଉତ୍ତର ମନୁଷ୍ୟର ଆତ୍ମା ସମ୍ବନ୍ଧୀୟ ଧାରଣାରୁ ମିଳିଥାଏ । ଏହି ଆତ୍ମା ସମ୍ବନ୍ଧୀୟ ଧାରଣାକୁ "ଅନିମା" ନାମରେ ନାମିତ କରାଯାଏ । ଏହି 'ଅନିମା'କୁ ମନୁଷ୍ୟ ସ୍ୱପ୍ନରେ ଦେଖେ ଓ ଏହି ସେହି 'ଅନିମା' ଯାହା ମୃତ୍ୟୁ ସମୟରେ ଦେହରୁ ବାହାରିଯାଏ । ଏଥିପାଇଁ ଆନିମିଜମ୍ (animism) ବା



ଟୀପ୍‌ପଣୀ

ଅନିମା ସଂପର୍କୀୟ ଧାର୍ମିକ ଧାରଣାକୁ ସର୍ବପ୍ରଥମ ଧର୍ମ ବୋଲି ଚିନ୍ତା କରାଯାଉଥିଲା, ଯାହା ଆତ୍ମାର ଅସ୍ତିତ୍ୱରେ ବିଶ୍ୱାସ କରିଥାଏ ।

ଅନ୍ୟ କେତେକ ବିଦ୍ୱାନ ଭାବୁଥିଲେ ଯେ ଆଦିମ ମନୁଷ୍ୟ ଆତ୍ମା ବା ଆତ୍ମା ସମ୍ବନ୍ଧୀୟ ଧାରଣାକୁ ବୁଝିବା ଭଳି ଜ୍ଞାନୀ ନ ଥିଲା ଏବଂ ଏହି ଧାରଣାକୁ ପରବର୍ତ୍ତୀ ସମୟରେ ଆବିଷ୍କାର କରାଯାଇଥିବ । ଧର୍ମର ଉତ୍ପତ୍ତି ସରଳ ଧାରଣାମାନଙ୍କରେ ନିହିତ ଥିବ । ଯେଉଁମାନେ ଟୋଟେମ୍‌କୁ ଧର୍ମର ଉତ୍ପତ୍ତି ବୋଲି କହୁଥିଲେ, ସେମାନଙ୍କ ମତରେ ଉଦ୍ଭିଦ ଓ ପଶୁମାନଙ୍କର ଉପାସନା ପ୍ରଥମେ ଆରମ୍ଭ ହୋଇଥିଲା । କେତେକ ଆଦିମ ସମାଜରେ ଏହି ଉଦ୍ଭିଦ ଓ ପଶୁମାନଙ୍କର ଉପାସନା ହେବାର କାରଣ ବହୁତ ରୋଚକ ଥିଲା । ସେମାନଙ୍କ ମତରେ ଏହି ଉଦ୍ଭିଦ ଓ ପଶୁ ମାନେ ସେହି ସମାଜର ମହିଳାମାନଙ୍କର ଗର୍ଭଧାରଣରେ ସହାୟତା କରୁଥିବା ହେତୁ ଶକ୍ତିଶାଳୀ ଥିଲେ । କେତେକ, ଏହି ଉଦ୍ଭିଦ ଓ ପଶୁମାନଙ୍କ ନିଜର ପୂର୍ବଜ ଭାବୁଥିଲେ । ଏହାକୁ ଟୋଟେମିଜମ (totemism) ବା ଟୋଟେମବାଦ କୁହାଗଲା ।


ଊନବିଂଶ ଶତାବ୍ଦୀରେ ଧର୍ମର ଉତ୍ପତ୍ତି ସମ୍ବନ୍ଧୀୟ ଅନ୍ୟ ଏକ ଧାରଣା ଲୋକପ୍ରିୟ ହୋଇଥିଲା । ଏହି ମତ ଅନୁସାରେ ପ୍ରାକୃତିକ ଅସ୍ତିତ୍ୱମାନଙ୍କର ପୂଜା ଉପାସନା (ଯଥା- ସୂର୍ଯ୍ୟ, ଚନ୍ଦ୍ର, ତାରା ଓ ଇନ୍ଦ୍ରଧନୁ)ରୁ ଧର୍ମର ଉତ୍ପତ୍ତି ହୋଇଥିଲା । କାରଣ ଏହିସବୁ ପ୍ରାକୃତିକ ଅସ୍ତିତ୍ୱ ମନୁଷ୍ୟ ମନରେ ବିସ୍ମୟ ଓ ଭୟର ଭାବନା ଉଦ୍ରେକ କରୁଥିଲେ । ଏହି ତତ୍ତ୍ୱ ପ୍ରକୃତିବାଦ ବା ନାଚୁରିଜମ୍ (Naturism) ନାମରେ ନାମିତ ହୋଇଥିଲା ।

ଧର୍ମର ଉତ୍ପତ୍ତି ସମ୍ବନ୍ଧୀୟ ଏହିସବୁ ତତ୍ତ୍ୱ କେବଳ ଆନୁମାନିକ ଚିନ୍ତାଧାରା ଥିଲା ଏବଂ ଏହିସବୁ ତତ୍ତ୍ୱ ପ୍ରତ୍ୟାଖ୍ୟାତ ହେବାର ମୁଖ୍ୟ କାରଣ ମଧ୍ୟ ଏହି ଆନୁମାନିକତା ଥିଲା । ବିଂଶ ଶତାବ୍ଦୀର ପ୍ରାରମ୍ଭ ବେଳକୁ ଧର୍ମର ଉତ୍ପତ୍ତି ସମ୍ବନ୍ଧୀୟ ଆଲୋଚନାରୁ ଧ୍ୟାନ ଅପସରି ଯାଇ ସମାଜରେ ଧର୍ମର ପ୍ରକାର୍ଯ୍ୟ ଉପରେ କେନ୍ଦ୍ରିତ ହୋଇଥିଲା । ଏହା ବିଶ୍ୱାସ କରାଗଲା ଯେ ସମାଜ ପାଇଁ ଧର୍ମ ଉପଯୋଗୀ (functional) କାରଣ ଏହା ଲୋକମାନଙ୍କୁ ଏକ ନୈତିକ ସମୁଦାୟରେ ବାନ୍ଧି ରଖେ, ସମାଜର ସଂହତି ରକ୍ଷା କରେ । ଏହା 'ଆମେ-ମନୋଭାବନା' ଏକାତ୍ମବୋଧ ଓ ଦୃଢ଼ତାର ଭାବନା ସୃଷ୍ଟି କରେ । ପରବର୍ତ୍ତୀ ସମୟରେ ସମାଜ ବିଜ୍ଞାନୀମାନେ ଧର୍ମକୁ ସାମାଜିକ ନିୟନ୍ତ୍ରଣର ଏକ ମହତ୍ତ୍ୱପୂର୍ଣ୍ଣ ମାଧ୍ୟମ ଭାବରେ ଗ୍ରହଣ କଲେ । ଏହା ସମାଜର ଭବିଷ୍ୟତର ଏକ ଆନୁମାନିକ ରୂପରେଖ (ନୀଳଛବି - Blue Print) ପ୍ରସ୍ତୁତ କରିଥାଏ- ଯେପରିକି ଭାରତୀୟ ଜାତି ବ୍ୟବସ୍ଥା । ହିନ୍ଦୁ ଧର୍ମ ଜାତି ବ୍ୟବସ୍ଥାର ମୂଳ ଭିତ୍ତି ଥିଲା ଯଦ୍ୟପି ଏହି ତତ୍ତ୍ୱ ବର୍ତ୍ତମାନ ପ୍ରତ୍ୟାଖ୍ୟାତ, ତେବେବି ସମାଜ ବିଜ୍ଞାନୀମାନଙ୍କ ମତରେ ଏହି ତତ୍ତ୍ୱ (ସାମାଜିକ ନିୟନ୍ତ୍ରଣ ତତ୍ତ୍ୱ) 'ଏକ-ଧର୍ମ' ବିଶିଷ୍ଟ ସମାଜ ପାଇଁ ପ୍ରଯୁଜ୍ୟ । ଏହି କ୍ଷେତ୍ରରେ କେବଳ ଧର୍ମ ସଂହତି ପ୍ରତିଷ୍ଠା କରିବାରେ ସକ୍ଷମ ହୁଏ । କିନ୍ତୁ ଯେଉଁ ସବୁ ସମାଜର ଲୋକମାନେ ବିଭିନ୍ନ ଧର୍ମର ଅନୁଗାମୀ ଥାଆନ୍ତି, ସେହି ସବୁ ସମାଜରେ ଏହି ତତ୍ତ୍ୱକୁ ପ୍ରୟୋଗ କରାଯାଇପାରିବ ନାହିଁ । ଅର୍ଥାତ୍ ଧର୍ମକୁ ନେଇ ସମାଜରେ ସଂହତି ପ୍ରତିଷ୍ଠା ହୋଇପାରିବ ନାହିଁ । କାରଣ ଏହି ସବୁ ସମାଜରେ ଧର୍ମକୁ ନେଇ ପ୍ରାୟ ସଂଘର୍ଷ ହୋଇଥାଏ । ତେଣୁ ଏହି କ୍ଷେତ୍ରରେ ସମାଜ ପାଇଁ, ଧର୍ମ ଅନୁପଯୋଗୀ (dysfunctional) ହୋଇଥାଏ ।

## ୧୫.୧୩ ଧର୍ମରେ ପରିବର୍ତ୍ତନ (Changes in Religion)

ଏହା ସହିତ ଆମେ ଏହି ଅଧ୍ୟାୟର ଶେଷ ଭାଗରେ ପହଞ୍ଚିଲୁ । ଏଠାରେ ଆମେ ସାମ୍ପ୍ରତିକ ସମାଜରେ ଧର୍ମର ପରିବର୍ତ୍ତିତ ସ୍ୱରୂପ ବିଷୟରେ ଅନ୍ୱେଷଣ କରିବା ।

ଏହି ସମ୍ପୂର୍ଣ୍ଣ ଅଧ୍ୟାୟରେ ଆମେ ଏହି ମତ ପ୍ରକାଶ କରିଛୁ ଯେ, କିଛି ସମାଜ ଚିନ୍ତକଙ୍କର ଆଶଙ୍କା ଅନୁସାରେ ଧର୍ମ ସଂପୂର୍ଣ୍ଣ ଭାବରେ ସମାଜରୁ ଅପସରି ଯାଇ ନାହିଁ, ତେବେ ଏହାର ସ୍ୱରୂପରେ ପରିବର୍ତ୍ତନ ଘଟିଛି ।



ଟୀପ୍‌ପଣୀ

➪ ଜୀବନର ବିଭିନ୍ନ ପର୍ଯ୍ୟାୟ - ଯଥା, ଜନ୍ମ, ବିବାହ ଓ ମୃତ୍ୟୁ ଆଦି ସମୟରେ ପାଳନ କରାଯାଉଥିବା ରୀତିନୀତିରେ ହ୍ରାସ ଘଟିଛି ।

➪ ସାମାଜିକ ଜୀବନ ଉପରୁ ଧର୍ମର ପ୍ରଭାବ ଦୁର୍ବଳ ହୋଇଛି । ଧର୍ମ ନିରପେକ୍ଷତାର ଏହି ପ୍ରକ୍ରିୟା (Secularization) ସମଗ୍ର ବିଶ୍ୱରେ ସଂଘଟିତ ହେଉଛି ।

➪ ଧର୍ମ, ଏହାର ଅନେକ ସାମଗ୍ରିକ (Collective) ପ୍ରକାର୍ଯ୍ୟକୁ ହରାଇଛି । ତେଣୁ ଧର୍ମ ସାମାଜିକ ସଂହତି ରକ୍ଷା କରିବା କଥା ସଠିକ୍ ନୁହେଁ ।

➪ ଆଜିକାଲି ଅନେକ ସମାଜରେ ଧାର୍ମିକ ବହୁବାଦ (Religious Pluralism) ଦେଖିବାକୁ ମିଳୁଛି । ଅର୍ଥାତ୍ ବିଭିନ୍ନ ଧର୍ମର ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଘଟିଛି । ଧର୍ମର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି, ବ୍ୟକ୍ତି ସମ୍ମୁଖରେ ବିଭିନ୍ନ ଘଟଣାବଳୀର କାରଣର ବ୍ୟାଖ୍ୟା କରିବା । ଧର୍ମ ପାଖରେ ସବୁବେଳେ ବିଭିନ୍ନ ଘଟଣାବଳୀ ସମ୍ବନ୍ଧୀୟ 'କାହିଁକି' ପ୍ରଶ୍ନର ତାତ୍କାଳିକ ଉତ୍ତର ମହଯୁଦ ଥାଏ, ଯାହା ବିଜ୍ଞାନ ଓ ସାଧାରଣ ଜ୍ଞାନ ପାଖରେ ମିଳେ ନାହିଁ । ଧର୍ମର ସର୍ବବ୍ୟାପୀ ଉପସ୍ଥିତି ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତରରେ ଏହା କୁହାଯାଇପାରିବ ଯେ ମନୁଷ୍ୟ ଜୀବନ ସଂପର୍କୀୟ ସମସ୍ତ ପ୍ରଶ୍ନ, ଆକସ୍ମିକ ଓ ଅପ୍ରତ୍ୟାଶିତ ପରିସ୍ଥିତି ସମ୍ବନ୍ଧୀୟ ସମସ୍ତ ପ୍ରଶ୍ନର ଉତ୍ତର ଧର୍ମଠାରୁ ମିଳିଥାଏ ।

ତେବେ ଏହି ସିଦ୍ଧାନ୍ତରେ ପହଞ୍ଚିବା ଉଚିତ ହେବ ନାହିଁ ଯେ ଧର୍ମ ସବୁ ସମୟରେ ସବୁ ପ୍ରକାର ସମାଜ ପାଇଁ ଉପଯୋଗୀ ଅଟେ । ପରନ୍ତୁ ଧର୍ମର ରାଜନୀତିକରଣର ଭୟ ରହିଛି । ଅନେକ ସମୁଦାୟ ଅନ୍ୟ ସମୁଦାୟମାନଙ୍କୁ ଧର୍ମର ଦ୍ୱାହିଦେଇ ଡରେଇ ରଖିବାର ପ୍ରୟାସ କରିଛନ୍ତି ଓ ଧାର୍ମିକ ଘୃଣା ସୃଷ୍ଟି କରିଛନ୍ତି । ଉଦାହରଣ ସ୍ୱରୂପ ମୁସଲମାନ ମୌଳବାଦୀମାନେ ଧର୍ମଯୁଦ୍ଧ (ଜିହାଦ୍) ଆଢୁଆଳରେ ଆତଙ୍କବାଦୀ କାର୍ଯ୍ୟକଳାପ କରୁଛନ୍ତି । ଭାରତର ଅବିଚ୍ଛେଦ୍ୟ ଅଙ୍ଗ, କାଶ୍ମୀରରେ ଧାର୍ମିକ ଉନ୍ମାଦ ସୃଷ୍ଟି କରି ଏହି ଦେଶର ନାଗରିକମାନଙ୍କୁ ନିଜ ଦେଶରେ ଶରଣାର୍ଥୀ ହେବାକୁ ବାଧ କରୁଛନ୍ତି । ରାଜନୈତିକ ସମର୍ଥନ ହାସଲ ପାଇଁ ବିଭିନ୍ନ ରାଜନୈତିକ ଦଳ ଧାର୍ମିକ ତୁଷ୍ଟୀକରଣ ରାଜନୀତି କରୁଛନ୍ତି ।

ଏହି ସବୁ ଧାର୍ମିକ କାର୍ଯ୍ୟକଳାପ ଲୋକମାନଙ୍କର ଧର୍ମାନ୍ଧତାକୁ କମାଇବା ପରିବର୍ତ୍ତେ ବଢ଼ାଇ ଦେଇଛି । ସମାଜ ବିଜ୍ଞାନୀ ହିସାବରେ ଧର୍ମର ଉଭୟ ଦିଗ - ଏହାର ଉପଯୋଗିତା (function) ଓ ଏହାର ବ୍ୟାଖ୍ୟାତ୍ମକ କାର୍ଯ୍ୟ (explanation function), ପ୍ରତି ଆମେ ଦୃଷ୍ଟି ଦେବା ଆବଶ୍ୟକ । ଏହା ମଧ୍ୟ ସଂକଟ ପରିସ୍ଥିତିରେ ମନୋବୈଜ୍ଞାନିକ ସମର୍ଥନ ଦେଇଥାଏ । ପୁନଶ୍ଚ ସାମାଜିକ ବ୍ୟବସ୍ଥାକୁ ଦୃଢ଼ ରଖିବା ଓ ମନୁଷ୍ୟକୁ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବାରେ ମଧ୍ୟ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

## ପାଠ୍ୟଗତ ପ୍ରଶ୍ନାବଳୀ ୧୫.୫

୧. ଉପଯୁକ୍ତ ଶବ୍ଦରେ ନିମ୍ନୋକ୍ତ ଶୂନ୍ୟସ୍ଥାନ ପୂରଣ କର ।

(କ) ପନ୍ଥ ଏକ ________ ସମୂହ ଅଟେ ।

(ଖ) ସମସ୍ତ ମହାନ ଧର୍ମମାନଙ୍କ ମଧ୍ୟରୁ ସର୍ବ ପୁରାତନ ଧର୍ମ ହେଉଛି ________ ।

(ଗ) ଝାରଖଣ୍ଡ ର 'ହୋ' ଆଦିବାସୀ, ଅବଯୌକ୍ତିକ ଶକ୍ତି ସଂପର୍କୀୟ ଧାରଣାକୁ, ନିଜ ଭାଷାରେ ________ କୁହନ୍ତି ।

(ଘ) ଅପବିତ୍ର ବସ୍ତୁ ହେଉଛନ୍ତି ________ ଓ ________ ।

(ଙ) କନଫ୍ୟୁସିୟସ ଧର୍ମ __________ ଧର୍ମର ଏକ ଉଦାହରଣ ।



ଟୀପ୍‌ପଣୀ

## କ'ଣ ଶିଖିଲେ ।

➪ ମାନବ ସମାଜ ଅନୁଷ୍ଠାନମାନଙ୍କୁ ନେଇ ଗଠିତ ହୋଇଛି ।

➪ ଚାରି ମୌଳିକ ଅନୁଷ୍ଠାନମାନେ ହେଲେ - ଜ୍ଞାତିତ୍ୱ, ଅର୍ଥନୀତି, ରାଜନୈତିକ ବ୍ୟବସ୍ଥା ଓ ଧର୍ମ । ସମସ୍ତ ଅନୁଷ୍ଠାନ ପରସ୍ପର ସହ ସମ୍ବନ୍ଧିତ ।

➪ ଅର୍ଥନୈତିକ ଅନୁଷ୍ଠାନମାନେ ବସ୍ତୁ ଓ ସେବାର ଉତ୍ପାଦନ, ବିନିମୟ, ବିତରଣ ତଥା ଉପଭୋଗ (consumption) କୁ ନେଇ କାର୍ଯ୍ୟ କରନ୍ତି ।

➪ ଯେଉଁ ଅନୁଷ୍ଠାନମାନେ ସମାଜରେ କ୍ଷମତାର ବଣ୍ଟନ ସହିତ ଜଡ଼ିତ ସେମାନଙ୍କୁ ରାଜନୈତିକ ଅନୁଷ୍ଠାନ କୁହାଯାଏ ।

➪ ଧାର୍ମିକ ଅନୁଷ୍ଠାନମାନେ ବ୍ୟକ୍ତି ଓ ପବିତ୍ର ଏକକ ମାନଙ୍କ ମଧ୍ୟରେ ଥିବା ସଂପର୍କକୁ ଅଧ୍ୟୟନ କରନ୍ତି ।

## ପାଠ୍ୟାନ୍ତ ପ୍ରଶ୍ନାବଳୀ

୧. ଅର୍ଥନୀତି କହିଲେ କ'ଣ ବୁଝ ? ଅର୍ଥନୈତିକ ସଂଗଠନର ଲକ୍ଷଣମାନ ବର୍ଣ୍ଣନା କର ।

୨. ରାଜନୈତିକ ବ୍ୟବସ୍ଥାର ବ୍ୟାଖ୍ୟା କର ।

୩. କ୍ଷମତା ଓ କର୍ତ୍ତୃତ୍ୱ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

୪. ଧର୍ମର ଦୁଇଟି ପ୍ରକାର୍ଯ୍ୟ ଓ ନାସ୍ତିବାଚକ ପ୍ରକାର୍ଯ୍ୟ ଲେଖ ।

୫. ଧର୍ମରେ ଘଟୁଥିବା ପରିବର୍ତ୍ତନ ସବୁକୁ ନିଜ ଭାଷାରେ ଲେଖ ।

## ପାଠ୍ୟଗତ ପ୍ରଶ୍ନାବଳୀମାନଙ୍କର ଉତ୍ତର

**୧୫.୧** ସେମାନେ ନିଜ ନିଜ କ୍ଷେତ୍ରରେ ସାମର୍ଥ୍ୟ / ଉତ୍କର୍ଷ ପ୍ରତିପାଦିତ କରିଥାଆନ୍ତି, କିନ୍ତୁ ଶାସନ କରନ୍ତି ନାହିଁ ।

୨. ଜ୍ଞାତିତ୍ୱ, ଅର୍ଥନୀତି, ରାଜନୈତିକ ଓ ଧାର୍ମିକ ।

୩. ଅର୍ଥନୈତିକ ବ୍ୟବସ୍ଥା, ବସ୍ତୁ ଓ ସେବାର ଉତ୍ପାଦନ ବିନିମୟ, ବିତରଣ ଓ ଉପଭୋଗ ସହିତ ଜଡ଼ିତ ।

୪. କ୍ଷମତା ହେଉଛି ନିଜ ପାଇଁ ଓ ଅନ୍ୟମାନଙ୍କ ପାଇଁ ନିଷ୍ପତ୍ତି ନେବାର ସାମର୍ଥ୍ୟ ଓ ଅନ୍ୟମାନଙ୍କ ଦ୍ୱାରା କ୍ଷମତାର ଅନୁପାଳନ ହେଉଛି କି ନାହିଁ ତା'ର ନିରୀକ୍ଷଣ ।

୫. ବିଶ୍ୱାସ ଓ କାର୍ଯ୍ୟଧାରା ହେଉଛି ଧର୍ମର ଘଟକ ।

**୧୫.୨**

୧. ମୁଦ୍ରା ବିହୀନ, ୨-ଔଦ୍ୟୋଗିକ, ୩-ଉଦ୍ୟାନ କୃଷି, ୪-ଅର୍ଦ୍ଧଶୁଷ୍କ ଓ ମରୁଭୂମି ୫- ଶିକାରୀ ଓ ଖାଦ୍ୟ ସଂଗ୍ରହକାରୀ ସମୁଦାୟ

**୧୫.୩**


୧. T, ୨. F, ୩. T, ୪. T, ୫. T, ୬. F, ୭. F, ୮. F

**୧୫.୪**

କ. (ii), ଖ. (i), ଗ. (iii)

**୧୫.୫**

(କ) ବିରୋଧ, (ଖ) ହିନ୍ଦୁଧର୍ମ, (ଗ) ବୋଙ୍ଗା, (ଘ) ନିଜଠାରୁ ଦୂରେଇ ରଖିବା, ବର୍ଜିତ (ଙ) ନୈତିକ



ଟୀପ୍‌ପଣୀ

# ୧୬

# ସାମାଜିକ ସ୍ତରୀକରଣ (Social Stratification)

**ଏ**ହି ଅଧ୍ୟାୟରେ ଆପଣମାନେ ମନୁଷ୍ୟ ମଧ୍ୟରେ ଥିବା ଅସମାନତାକୁ ଅଧ୍ୟୟନ କରିବେ । ଏପର୍ଯ୍ୟନ୍ତ, ପୂର୍ବ ଅଧ୍ୟାୟ ମାନଙ୍କରେ ବିଭିନ୍ନ ସମାଜରେ ଦେଖାଯାଉଥିବା ଶ୍ରମ ବିଭାଜନ ବିଷୟରେ ପଢ଼ିଛନ୍ତି । ଏପରିକି ସେହିସବୁ ସମାଜ, ଯେଉଁଥିରେ ପୃଥକୀକରଣ ଓ ଜଟିଳତାର ଅଭାବ ଦେଖାଯାଏ, (ଅର୍ଥାତ୍ ଶିକାରୀ ଓ ଖାଦ୍ୟ ସଂଗ୍ରହକାରୀ ସମାଜ) ଲୋକମାନଙ୍କ ମଧ୍ୟରେ ବୟସ ଓ ଲିଙ୍ଗ ଆଧାରରେ କାର୍ଯ୍ୟ କରିଥା'ନ୍ତି । ମହିଳାମାନେ ପୁରୁଷମାନଙ୍କ ଠାରୁ ଭିନ୍ନ କାର୍ଯ୍ୟ କରିଥା'ନ୍ତି । ସେହିପରି ବିଭିନ୍ନ ବୟସର ଲୋକମାନଙ୍କୁ ଭିନ୍ନ ଭିନ୍ନ କାର୍ଯ୍ୟ ଦିଆଯାଇଥାଏ । ସମାଜରେ ଲୋକମାନେ କରୁଥିବା ବିଭିନ୍ନ କାର୍ଯ୍ୟ ପରସ୍ପରର ପରିପୂରକ ହୋଇଥା'ନ୍ତି । ଲୋକମାନେ କରୁଥିବା କାର୍ଯ୍ୟ ଆଧାରରେ ସେମାନଙ୍କର ପରିଚୟ ଓ ଜୀବନ ଶୈଳୀ ଭିନ୍ନ ହୋଇଥାଏ । ଉଦାହରଣ ସ୍ୱରୂପ, ବଢ଼େଇ ମିସ୍ତ୍ରୀ ର ଏକ କାରଖାନା ଥାଏ, ଯେଉଁଥିରେ ସେ କାଠ କାମ କରିଥାଏ । ବୁଣାକାର ଘରେ ତନ୍ତ ଥାଏ ।

ତେଣୁ ଏହି ଅଧ୍ୟାୟରେ ଆପଣମାନେ ଯେଉଁ ପ୍ରଥମ ସିଦ୍ଧାନ୍ତ ଶିକ୍ଷା କରିବେ, ତାହା ହେଲା - ପୃଥିବୀରେ ଏପରି କୌଣସି ସମରୂପ ସମାଜ ନାହିଁ, ଯେଉଁଥିରେ ଲୋକ ମାନଙ୍କ ପରି ସମୁହମାନେ ଏକାପରି ଦେଖାଯା'ନ୍ତି । ତେବେ ସମାଜରେ 'ଭିନ୍ନତା' ଦେଖାଯାଏ । ମହିଳାମାନଙ୍କର କାର୍ଯ୍ୟ ପୁରୁଷମାନଙ୍କ ଠାରୁ ଭିନ୍ନ ହୋଇଥାଏ । ଭିନ୍ନ ଭିନ୍ନ ବୟସ-ସମୂହ ର ଲୋକମାନେ ଭିନ୍ନ ଭିନ୍ନ କାର୍ଯ୍ୟ କରିଥା'ନ୍ତି । ଏଣୁ ଭିନ୍ନ ସମୁହର ଲୋକମାନେ ପରସ୍ପର ଠାରୁ ଅଲଗା ହୋଇଥା'ନ୍ତି । ଟୋଟେମ (Totem) ସହିତ ସମ୍ପର୍କର ଆଧାରରେ ଗୋତ୍ର ମାନେ ପରସ୍ପର ଠାରୁ ଭିନ୍ନ ହୋଇଥାନ୍ତି । ବୃତ୍ତି ଆଧାରରେ ଗୋଟିଏ ଜାତି ଅନ୍ୟ ଠାରୁ ଭିନ୍ନ ହୋଇଥାଏ ।



ଟୀପ୍‌ପଣୀ

**ଉଦ୍ଦେଶ୍ୟ (Objectives)**

**ଏହି ଅଧ୍ୟାୟ ପଢ଼ିବା ପରେ ଆପଣ -**

- ➪ ସାମାଜିକ ସ୍ତରୀକରଣ ର ଧାରଣା କୁ ପରିଭାଷିତ କରିପାରିବେ ;
- ➪ ସ୍ତରୀକରଣ ରେ ଥିବା ମୁଖ୍ୟ ଧାରଣା ସବୁକୁ ବର୍ଣ୍ଣନା କରିପାରିବେ ;
- ➪ ପ୍ରସ୍ଥିତି ଓ ଏହାର ପ୍ରକାର ସବୁକୁ ବ୍ୟାଖ୍ୟା କରିପାରିବେ ; ଏବଂ
- ➪ ଜାତି ବ୍ୟବସ୍ଥାକୁ ବର୍ଣ୍ଣନା କରିପାରିବେ ।

## ୧୬.୧ ପୃଥକ୍‌ତା ଓ ଅସମାନତା (Difference and Inequality)

ବ୍ୟକ୍ତି ଓ ସମୁହ ମଧ୍ୟରେ ଥିବା ପାର୍ଥକ୍ୟ ହେଉଛି ଏକ ସର୍ବବ୍ୟାପୀ ଲକ୍ଷଣ । ଏହାର ଅର୍ଥ ନୁହେଁ ଯେ ସମୁହ ଓ ବ୍ୟକ୍ତିମାନେ ଅନ୍ୟ ବ୍ୟକ୍ତି ଓ ସମୁହ ଠାରୁ ଉତ୍କୃଷ୍ଟ ଓ ବେଶୀ ସୁବିଧାସଂପନ୍ନ ଅଟନ୍ତି । ଅନ୍ୟ ଭାଷାରେ କହିଲେ, ପାର୍ଥକ୍ୟ, ଅସମାନତା ଓ ଦର୍ଜାକୁ ଦର୍ଶାଏ ନାହିଁ । ଏହା କେବଳ ବିବିଧତାକୁ ଦର୍ଶାଏ ।

ଏଠାରେ ଆମର ପ୍ରଥମ କାର୍ଯ୍ୟ ହେଉଛି ପୃଥକ୍‌ତାର ଧାରଣାକୁ ଅସମାନତାର ଧାରଣା ଠାରୁ ଅଲଗା କରିବା । ପୃଥକ୍‌ତା କହିଲେ ବିଚାର ପାଇଁ ରଖାଯାଇଥିବା ବସ୍ତୁ ଓ ଏକକ ମାନଙ୍କର ଭିନ୍ନତା । କିନ୍ତୁ ଏହି ଭିନ୍ନତା ମାନ ପରସ୍ପରର ପରିପୂରକ ଅଟନ୍ତି । ମହିଳା ଓ ପୁରୁଷ ମାନେ ସେମାନଙ୍କର ଜୈବିକ ଗଠନରେ ଭିନ୍ନ ଅଟନ୍ତି, କିନ୍ତୁ ସେମାନଙ୍କର ପରିପୂରକତା ହେଉଛି ପ୍ରଜନନର ଆଧାର । ବୁଣାକାରମାନେ ବଢ଼େଇମାନଙ୍କ ଠାରୁ ଭିନ୍ନ ଅଟନ୍ତି । କିନ୍ତୁ ସେମାନେ ପ୍ରସ୍ତୁତ କରୁଥିବା ଜିନିଷ ମାନଙ୍କ ପାଇଁ ପରସ୍ପର ଉପରେ ନିର୍ଭର କରନ୍ତି । ବୁଣାକାରମାନେ ବଢ଼େଇଠାରୁ କାଠ ଜିନିଷ କିଣନ୍ତି ଓ ବଢ଼େଇମାନେ ବୁଣାକାରଠାରୁ ଲୁଗା କିଣନ୍ତି ।

ଅସମାନତା କହିଲେ ସୁବିଧା ସୁଯୋଗ ଓ ସମ୍ବଳର ବଣ୍ଟନର ପରିଣାମ ସ୍ୱରୂପ କେତେକ ବ୍ୟକ୍ତି, ଅନ୍ୟମାନଙ୍କଠାରୁ ଉତ୍ତମ ସ୍ଥିତିରେ ରହି ଅଧିକ ସୁବିଧା ହାସଲ କରନ୍ତି । ଅନ୍ୟ ଭାଷାରେ କହିଲେ କିଛି ଲୋକଙ୍କ ନିୟନ୍ତ୍ରଣରେ ଅନ୍ୟମାନଙ୍କ ଅପେକ୍ଷା ଅଧିକ ସମ୍ବଳ ଥାଏ । ଫଳରେ ଲୋକମାନଙ୍କର ଓ ସମୁହମାନଙ୍କର ଏକ ଦର୍ଜା (Rank) ବା ଉଚ୍ଚ-ନୀଚ କ୍ରମ ସୃଷ୍ଟି ହୁଏ ।

ସମାଜ ବିଜ୍ଞାନୀ ଲୋକମାନଙ୍କ ମଧ୍ୟରେ ଥିବା ପ୍ରାକୃତିକ ଅସମାନତା ଓ ସେମାନଙ୍କର ଅସ୍ତିତ୍ୱଗତ ସ୍ଥିତିର ଅସମାନତା ମଧ୍ୟରେ ପାର୍ଥକ୍ୟ କରନ୍ତି । ପ୍ରଥମ ପ୍ରକାରର ଅସମାନତା କୁ ଭୌତିକ ଅସମାନତା ମଧ୍ୟ କୁହାଯାଏ । ଯେପରିକି- ବୟସ, ସ୍ୱାସ୍ଥ୍ୟ, ଶାରିରୀକ ଶକ୍ତି ଓ ମାନସିକ ଗୁଣବତ୍ତା ଇତ୍ୟାଦିର ଭିନ୍ନତା । କିନ୍ତୁ ଏହି ଅସମାନତା ସବୁ ସାମାଜିକ ଅସମାନତା ତୁଳନାରେ କ୍ଷୁଦ୍ର ଅଟନ୍ତି । ସମାଜ ବିଜ୍ଞାନୀ ମାନେ ସାମାଜିକ ଅସମାନତା ର ଅଧ୍ୟୟନ ସହିତ ଜଡିତ । ପ୍ରାକୃତିକ ଅସମାନତା ସମାଜରେ ବ୍ୟକ୍ତିମାନଙ୍କ ବିଭିନ୍ନ କ୍ଷେତ୍ରରେ ପ୍ରଦର୍ଶନକୁ ବିଶେଷ ଭାବରେ ପ୍ରଭାବିତ କରିଥାଏ । ଏକ ସାମାଜିକ ବର୍ଗ (Category) ର ବ୍ୟକ୍ତିମାନଙ୍କ ମଧ୍ୟରେ ପାର୍ଥକ୍ୟର କାରକ ଥାଇପାରେ କିନ୍ତୁ ସାମାଜିକ ଅସମାନତା ଯେଉଁ ସବୁ ସିଦ୍ଧାନ୍ତ ଉପରେ ପର୍ଯ୍ୟବସିତ ତାହା ଭୌତିକ ଅସମାନତାର ସିଦ୍ଧାନ୍ତ ଠାରୁ ଭିନ୍ନ ହୋଇଥା'ନ୍ତି ।

ତାତ୍ତ୍ୱିକ ଭାବେ ଦେଖିବାକୁ ଗଲେ ଦୁଇ ଏକକ ମଧ୍ୟରେ ଥିବା ଭିନ୍ନତାର ମାନେ ନୁହେଁ ଯେ ସେମାନେ ଅସମାନ । ଏହାର ବିପରୀତ କିନ୍ତୁ ସତ୍ୟ ନୁହେଁ । ସେମାନଙ୍କ ମଧ୍ୟରେ ଥିବା ଅସମାନତା, ସେମାନଙ୍କ



ଟୀପ୍‌ପଣୀ

ଭିନ୍ନତାକୁ ଦର୍ଶାଇଥାଏ । ଏଣୁ ଆମେ କହିପାରିବା ଯେ ଭିନ୍ନତା ଓ ଅସମାନତା ଦୁଇ ଅଲଗା କଥା ହେଲେ ହେଁ ବାସ୍ତବରେ ସେମାନେ ଅନ୍ତ-ସମ୍ବର୍ଦ୍ଧିତ ।

ବସ୍ତୁମାନଙ୍କ ମଧ୍ୟରେ ଥିବା ଭିନ୍ନତା ଅଲଗା ଅଲଗା ମୂଲ୍ୟବୋଧ ସହିତ ଜଡିତ ଥାଏ । ଏହା ସେମାନଙ୍କର ସାମାଜିକ ଅସମାନତାକୁ ଦର୍ଶାଏ । ଆମେ ଆଗରୁ କହିଛୁ ଯେ ନାରୀ ଓ ପୁରୁଷ ଭିନ୍ନ, କିନ୍ତୁ ସେମାନେ ପରସ୍ପରର ପରିପୂରକ । ଏହାସତ୍ତ୍ୱେ ସେମାନେ ଭିନ୍ନ ଭିନ୍ନ ସାମାଜିକ ଦର୍ଜା (Rank) ହାସଲ କରିଥା'ନ୍ତି । ମହିଳା ମାନଙ୍କର ଅନେକ ସମାଜରେ ପୁରୁଷମାନଙ୍କ ତୁଳନାରେ ସ୍ଥିତି ନିମ୍ନରେ ଥାଏ । ବେଳେବେଳେ ଏହି ସ୍ଥିତି ମାତୃବଂଶୀୟ ପରିବାର ମାନଙ୍କରେ ମଧ୍ୟ ଦେଖାଯାଏ, ଯେଉଁଠାରେ ପୁରୁଷମାନେ ସବୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥା'ନ୍ତି ଓ କେବଳ ସଂପତ୍ତି ହସ୍ତାନ୍ତରଣ ମାତାଙ୍କ ବଂଶ ନିୟମରେ ହୋଇଥାଏ । ସେହିପରି ଏକ ଭାରତୀୟ ଗ୍ରାମରେ ବଢ଼େଇ ଓ ବୁଣାକାର ମଧ୍ୟରେ ପରିପୂରକତା ଥିଲାବେଳେ ସାମାଜିକ ଉଚ୍ଚ-ନୀଚ କ୍ରମରେ ସେମାନେ ଭିନ୍ନ ଦର୍ଜା (Rank) ହାସଲ କରିଥା'ନ୍ତି । ସମାଜ ବିଜ୍ଞାନୀଙ୍କ ମତରେ ଉଭୟ ଭିନ୍ନତା ଓ ଅସମାନତା ସର୍ବବ୍ୟାପୀ ଘଟଣା ଅଟେ ।

## ୧୬.୨ ସ୍ତରୀକରଣର ଧାରଣା (Concept of stratification)

୧୯୪୦ ଦଶକରେ ସ୍ତରୀକରଣର ଧାରଣା ଅସ୍ତିତ୍ୱକୁ ଆସିଥିଲା । ସ୍ତରୀକରଣ ଶବ୍ଦକୁ ଭୂ-ବିଜ୍ଞାନ (geology) ରୁ ନିଆଯାଇଥିଲା । ଭୂ-ବିଜ୍ଞାନୀଙ୍କ ମତରେ ପୃଥିବୀ ବିଭିନ୍ନ ସ୍ତର ଦ୍ୱାରା ଗଠିତ ହୋଇଛି । ଏହି ପ୍ରତ୍ୟେକ ସ୍ତରର ନିଜସ୍ୱ ଗଠନ ରହିଛି ଓ ଏହି ଆଧାରରେ ଅନ୍ୟମାନଙ୍କ ଠାରୁ ଅଲଗା କରାଯାଇପାରିବ । ବୈଷୟିକ ଶବ୍ଦରେ ଏହା କୁହାଯାଇପାରିବ ଯେ ପ୍ରତ୍ୟେକ ସ୍ତରକୁ ଇଂରାଜୀରେ ଷ୍ଟ୍ରାଟମ୍ (Stratum) କୁହାଯାଏ ଓ ଯାହାର ବହୁବଚନ ଷ୍ଟ୍ରାଟା (Strata) ଅଟେ ଓ ପୃଥିବୀର ଗଠନର ବ୍ୟବସ୍ଥା କୁ ସ୍ତରୀକରଣ (Stratification) କୁହାଯାଏ ।

ସମାଜ ବିଜ୍ଞାନୀଙ୍କ ମତରେ ପୃଥିବୀର ସଂରଚନା ଭଳି ମନୁଷ୍ୟ ସମାଜ ମଧ୍ୟ ଭିନ୍ନ ଭିନ୍ନ ସ୍ତରରେ ବିଭକ୍ତ- ଏକ ସ୍ତର ଅନ୍ୟ ଏକ ସ୍ତର ଉପରେ ପ୍ରତିଷ୍ଠିତ । ତେଣୁ ସାମାଜିକ ସ୍ତରୀକରଣକୁ ସମାଜର ବିଭିନ୍ନ ସ୍ତରରେ ବିଭକ୍ତିକରଣ ଭାବେ ପରିଭାଷିତ କରାଯାଇପାରିବ । କିନ୍ତୁ ସମାଜ ବୈଜ୍ଞାନିକ ଓ ଭୂ-ବୈଜ୍ଞାନିକଙ୍କ ମତ ବା ଚିନ୍ତାଧାରା (ସ୍ତରୀକରଣ ସଂପର୍କୀୟ) ରେ ପାର୍ଥକ୍ୟ ରହିଛି । ସ୍ତରୀକରଣ ଧାରଣାର ପ୍ରୟୋଗ ଭିନ୍ନ ପ୍ରକାରରେ କରାଯାଇଥାଏ । ଭୂବିଜ୍ଞାନୀ ପାଇଁ ପୃଥିବୀର ସମସ୍ତ ସ୍ତର ସମାନ ହୋଇଥା'ନ୍ତି । ସେଥିରେ କୌଣସି ସ୍ତର ଅନ୍ୟ ସ୍ତରଠାରୁ ଅଧିକ ସୁବିଧା ସଂପନ୍ନ ହେବାର ପ୍ରଶ୍ନ ନ ଥାଏ । ଏହା ତୁଳନାରେ ମନୁଷ୍ୟ ସମାଜରେ ବିଭିନ୍ନ ସ୍ତର ଅନୁସାରେ ଲୋକମାନଙ୍କ ମଧ୍ୟରେ ସୁବିଧା ସୁଯୋଗର ଅସମାନ ବଣ୍ଟନ ହୋଇଥାଏ । ଅନ୍ୟ ପ୍ରକାରେ କହିଲେ ସମାଜର ବିଭିନ୍ନ ସ୍ତର ମାନଙ୍କର ମଧ୍ୟ ଦର୍ଜା (Rank) ରହିଛି । ଉଚ୍ଚ ସ୍ଥିତିରେ ରହିବା ଲୋକମାନେ ଅଧିକ ସୁବିଧା ସଂପନ୍ନ ହୋଇଥିଲାବେଳେ ନିମ୍ନସ୍ଥିତିରେ ଲୋକମାନେ ସବୁପ୍ରକାର ଅସୁବିଧା ଭୋଗ କରିଥା'ନ୍ତି ।

ଏବେ ଆସନ୍ତୁ ଉଦାହରଣ ମାଧ୍ୟମରେ ବୁଝିବା । ଧନୀଲୋକମାନେ ଗରୀବ ମାନଙ୍କ ତୁଳନାରେ ନିଜ ପିଲାଙ୍କୁ ମହଙ୍ଗା ଶିକ୍ଷା ଦେଇ ପାରନ୍ତି । ସେମାନେ ବିଳାସ ବ୍ୟସନର ସାମଗ୍ରୀ, ଯେପରିକି ଶୀତତାପ ନିୟନ୍ତ୍ରିତ ଯନ୍ତ୍ର (Air- Conditioner), ଫ୍ରିଜ୍, କାର ଇତ୍ୟାଦି କିଣି ପାରନ୍ତି ଓ ଭଲ ବସତିରେ ମହଙ୍ଗା ଘର କିଣି ନିଷ୍ପତ୍ତି ନିଅନ୍ତି । ଗ୍ରାମ ପରିଷଦର ସଦସ୍ୟମାନେ ଯାହା ନିଷ୍ପତ୍ତି ନିଅନ୍ତି ତାହା ବିନା ପ୍ରଶ୍ନରେ ଅନ୍ୟମାନେ ମାନନ୍ତି । ଏକ ଜାତି-ଆଧାରିତ ଦକ୍ଷିଣ ଭାରତୀୟ ଗ୍ରାମରେ, ଅତୀତରେ ନିମ୍ନଜାତିର ଲୋକମାନେ ସେମାନଙ୍କ ଘରୁ ଦିନରେ ବାହାରୁ ନ ଥିଲେ, କାରଣ ଉଚ୍ଚଜାତିର ଲୋକମାନେ ସେଥିପାଇଁ

(ସେମାନଙ୍କର ବାହାରକୁ ଆସିବା ଦ୍ୱାରା) ଅପବିତ୍ର ହେବାର ଆଶଙ୍କା ଥାଏ । ସେମାନେ ରାତ୍ରିଚରପରି ନିନ୍ଦିତ ହେଉଥିଲେ । ଏହା ବିଶ୍ୱାସ କରାଯାଉଥିଲା ଯେ ନିମ୍ନଜାତିମାନେ ଅଶୁଦ୍ଧତା ତଥା ଅପବିତ୍ରତାର ବାହକ ।



**ମନୁଷ୍ୟ ସମାଜରେ ସୁବିଧା-ସୁଯୋଗର ଅସମ ବଣ୍ଟନ ରହିଛି**

## ୧୬. ୨.୧ କ୍ଷମତା, ସଂପଦ ଓ ପ୍ରତିଷ୍ଠାର ସଂଜ୍ଞା (Definition of Power, Wealth and Prestige)

କ୍ଷମତା, ଯେପରିକି ଆପଣମାନେ ରାଜନୈତିକ ଅନୁଷ୍ଠାନ ପାଠ୍ୟରେ ପଢିଛନ୍ତି, ହେଉଛି ଏପରି ଏକ ଶକ୍ତି ଯାହା ମାଧ୍ୟମରେ ବ୍ୟକ୍ତି ଓ ସମୂହମାନଙ୍କର ଗୋଟିଏ ଗୋଷ୍ଠୀ ଅନ୍ୟମାନଙ୍କ ଉପରେ ନିଜର ଇଚ୍ଛାକୁ ଜାହିର କରନ୍ତି ଓ ସେହି ଇଚ୍ଛା ଅନସାରେ ଅନ୍ୟମାନଙ୍କୁ ଚାଲିବାକୁ ବାଧ୍ୟ କରନ୍ତି । ଯେତେବେଳେ କ୍ଷମତାର ବୈଧ ପ୍ରୟୋଗ କରାଯାଏ ସେତେବେଳେ ତାହାକୁ କର୍ତ୍ତୃତ୍ୱ (Authority) କୁହାଯାଏ । ସଂପଦ କହିଲେ ଭୌତିକ ବସ୍ତୁ ଉପରେ ଅଧିକାରକୁ ବୁଝାଏ । ଯେପରିକି ସଂପତ୍ତି, ପଶୁସମ୍ପଦ, ଭୂମି, କୋଠାବାଡ଼ି, ଅର୍ଥ, ଗହଣାଗାଣ୍ଠି ଇତ୍ୟାଦି ଯାହାକୁ ବିଭିନ୍ନ ସମାଜରେ ମୂଲ୍ୟବାନ ଜିନିଷ କୁହାଯାଏ । ପ୍ରତିଷ୍ଠା କହିଲେ ସମ୍ମାନ ଓ ଆଦର ଯାହାକି ବ୍ୟକ୍ତିର ସାମାଜିକ ସ୍ଥିତି ସହିତ ଜଡିତ ଥାଏ । ଏହା ମଧ୍ୟ



ଟୀପ୍ପଣୀ

ବ୍ୟକ୍ତିମାନଙ୍କର ଜୀବନଶୈଳୀ ଓ ତାହାର ଗୁଣାତ୍ମକ ମାନ ସହିତ ସମ୍ବନ୍ଧ ରଖିଥାଏ । କେତେକ ଗୁଣ ଓ ଜୀବନଶୈଳୀ, ଅନ୍ୟମାନଙ୍କ ତୁଳନାରେ ଅଧିକ ସମ୍ମାନନୀୟ ଲାଗିଥାଏ । ସାମାଜିକ ସ୍ତରୀକରଣ କ୍ଷମତା, ସଂପଦ ଓ ପ୍ରତିଷ୍ଠାର ଅସମାନତା ସହିତ ସଂପର୍କୀତ ।

### ୧୬.୨.୨ ସାମାଜିକ ସ୍ତରୀକରଣ ଓ ସାମାଜିକ ଅସମାନତା (Social Stratification and social inequality)

ବର୍ତ୍ତମାନ ପର୍ଯ୍ୟନ୍ତ ଆପଣମାନେ ପଢ଼ିଛନ୍ତି ଯେ ସାମାଜିକ ସ୍ତରୀକରଣ, ସାମାଜିକ ଅସମାନତା ସହିତ ଜଡ଼ିତ, କିନ୍ତୁ ଏହା କ'ଣ ସମସ୍ତ ପ୍ରକାରର ଅସମାନତା ସହିତ ଜଡ଼ିତ ?

ସାମାଜିକ ଅସମାନତା କେବଳ ସମୁହ ମାନଙ୍କର ସଦସ୍ୟମାନଙ୍କ ମଧ୍ୟରେ ଥିବା କ୍ଷମତା, ସଂପଦ ଓ ପ୍ରତିଷ୍ଠାର ପରିମାଣର ଅସମାନତାକୁ ଦର୍ଶାଏନାହିଁ । ଏହା ବିଭିନ୍ନ ଲିଙ୍ଗ ଓ ବୟସ ସମୁହର ଲୋକମାନଙ୍କ ମଧ୍ୟରେ ଥିବା ଅସମାନତାକୁ ମଧ୍ୟ ଅଧ୍ୟୟନ କରିଥାଏ । ଆମକୁ ଏଠାରେ ମନେ ରଖିବାକୁ ହେବ ଯେ ନାରୀ, ପୁରୁଷ ଓ ଭିନ୍ନ ଭିନ୍ନ ବୟସ ସମୁହ (age-group) ମଧ୍ୟରେ ଥିବା ଅସମାନତାକୁ ସାମାଜିକ ସ୍ତରୀକରଣ କୁହାଯାଏନାହିଁ । ଏଣୁ, ଆମେ କହିପାରିବା ଯେ ସାମାଜିକ ସ୍ତରୀକରଣ ସାମାଜିକ ଅସମାନତା ସହିତ ଜଡିତ ନ ଥାଏ ।

ସାମାଜିକ ସ୍ତରୀକରଣ ହେଉଛି ଏକ ପ୍ରକାରର ସାମାଜିକ ଅସମାନତା । ଏହା ବିଭିନ୍ନ ସାମାଜିକ ସମୁହର ଅସ୍ତିତ୍ୱକୁ ଦର୍ଶାଏ । ଯେଉଁମାନଙ୍କର ସଦସ୍ୟମାନେ କ୍ଷମତା, ସଂପଦ ଓ ପ୍ରତିଷ୍ଠା ଦୃଷ୍ଟିରୁ ଅସମାନ । ଏକ ନିର୍ଦ୍ଦିଷ୍ଟ ସ୍ତରର ସଦସ୍ୟ ମାନଙ୍କର ଏକ ପ୍ରକାରର ସମାନ ମାନସିକତା, ଆବେଗ ଓ ସ୍ୱାର୍ଥ ଥାଏ । ସାଧାରଣତଃ ସେମାନେ ଏକ ସମାନ ଜୀବନଶୈଳୀ ବ୍ୟତୀତ କରିଥା'ନ୍ତି ଯାହାକି ଅନ୍ୟ ସ୍ତରର ସଦସ୍ୟମାନଙ୍କ ଠାରୁ ଭିନ୍ନ ହୋଇଥାଏ ।

### ୧୬.୨.୩ ସାମାଜିକ ସ୍ତରୀକରଣର ସର୍ବ ବ୍ୟାପକତା (Universality of Social Stratification)

ସାମାଜିକ ସ୍ତରୀକରଣ କ'ଣ ଏକ ସର୍ବବ୍ୟାପୀ ଘଟଣା ? ସମାଜବିଜ୍ଞାନୀମାନେ କହନ୍ତି ଯେ ଶିକାରୀ ଓ ଖାଦ୍ୟ ସଂଗ୍ରହକାରୀମାନଙ୍କର ସରଳ ସମାଜରେ ଭିନ୍ନ ଭିନ୍ନ ଦର୍ଜା (Rank) ହାସଲ କରିଥିବା ସମୁହ ନ ଥା'ନ୍ତି । ସମୁହ ସ୍ତରରେ କ୍ଷମତା, ସଂପଦ ଓ ପ୍ରତିଷ୍ଠା ସମ୍ବନ୍ଧୀୟ ଭିନ୍ନତାର ଅସ୍ତିତ୍ୱ ନ ଥାଏ । ସମସ୍ତ ଗୋତ୍ରର ସମାନ ସ୍ଥିତି ଥାଏ । ସେମାନଙ୍କ ମଧ୍ୟରେ କୌଣସି ଦର୍ଜା ନ ଥାଏ । ଏହି ସମୁଦାୟମାନଙ୍କର ସମ୍ବଳରେ ସମାନ ଅଧିକାର ଥାଏ, ଫଳତଃ ସେମାନଙ୍କ ମଧ୍ୟରେ ଧନୀ ଓ ଗରିବର ଭେଦ ନ ଥାଏ । ଯଦି କେବେ ଅସମାନତା ଦେଖାଯାଏ, ତାହାହେଲେ ସେସବୁ ଲିଙ୍ଗ ଓ ବୟସ ସ୍ତରରେ ଦେଖାଯାଇଥାଏ । ବିଭିନ୍ନ ସମାଜରେ ମହିଳା / ନାରୀମାନଙ୍କର ଅଧିକ କିମ୍ବା କମ୍ ପ୍ରତିଷ୍ଠା ଥାଏ । ବରିଷ୍ଠ ସଦସ୍ୟଙ୍କୁ ସମ୍ମାନ ଦିଆଯାଏ । ବିଭିନ୍ନ ବିବାଦୀୟ ଘଟଣାର ସମାଧାନ କାହା ଉପରେ ବାଧ୍ୟକରି ଲଦି ଦିଆଯାଇ ନ ଥାଏ । ପରନ୍ତୁ ଲୋକମାନେ ସେ ସବୁକୁ ସମ୍ମାନ କରନ୍ତି ଓ ମାନି ଥା'ନ୍ତି । ଏହିସବୁ ଘଟଣାରୁ ଆମେ ଏହି ନିଷ୍କର୍ଷ ବାହାର କରିପାରିବା ଯେ ସବୁ ସମାଜରେ ସାମାଜିକ ଅସମାନତା ଥାଇପାରେ, କିନ୍ତୁ ସାମାଜିକୀ ସ୍ତରୀକରଣ ସର୍ବବ୍ୟାପୀ ନ ହୋଇପାରେ ।

ଏହି କାରଣରୁ ସମାଜ ବିଜ୍ଞାନୀମାନେ ସଂପ୍ରତି "ଆଦିମ କମ୍ୟୁନିଷ୍ଟବାଦ" (Primitive Communism)ର ଧାରଣାକୁ ସମର୍ଥନ କରନ୍ତି ନାହିଁ । କାରଣ ଏହି ଧାରଣା ଅନୁସାରେ ସରଳ



ଟୀପ୍‌ପଣୀ

ସମାଜରେ ସଂପୂର୍ଣ୍ଣ ସମାନତା ଥାଏ । ଟିକେ ପାଖେଇକରି ଦେଖିଲେ ଆମେ ଜାଣିପାରିବା ଯେ ଏହିସବୁ ସମାଜରେ ସାମାଜିକ ସ୍ତରୀକରଣ ନ ଥିଲେ ସୁଦ୍ଧା, ଲିଙ୍ଗ ଓ ବୟସ ଭିତ୍ତିରେ ଅସମାନତା ଥିଲା । "ଉତ୍ତମ ଶିକାରୀ", "ଉତ୍ତମ କାରୀଗର" ଓ "ଉତ୍ତମ ଯାଦୁକର" ଭଳି ବ୍ୟକ୍ତିତ୍ୱମାନେ ସେହିସବୁ ସମାଜରେ ଅନ୍ୟ ସାଧାରଣ ଲୋକଙ୍କ ତୁଳନାରେ ଅଧିକ ସମ୍ମାନ ଓ ପ୍ରତିଷ୍ଠା ଲାଭ କରୁଥିଲେ । ସବୁ ବୟସ୍କ ପୁରୁଷ ଶିକାର କରିବା ଜାଣିଥିଲେ ମଧ୍ୟ କେତେକ ଅନ୍ୟମାନଙ୍କଠାରୁ ଉତ୍କୃଷ୍ଟ ଶିକାରୀ ଥିଲେ । ତେଣୁ ପରିଣାମରେ ସେମାନେ ଅନ୍ୟମାନଙ୍କ ତୁଳନାରେ ଅଧିକ ସମ୍ମାନ ପାଉଥିଲେ । ଆମକୁ ମନେ ରଖିବାକୁ ହେବ ଯେ ସରଳ ସମାଜ ମାନଙ୍କରେ ମଧ୍ୟ ଜଣେ ବ୍ୟକ୍ତି ଅନ୍ୟମାନଙ୍କ ତୁଳନାରେ ଅଧିକ ସମ୍ମାନ ଲାଭକରି ପାରୁଥିଲା ଓ ଅଧିକ ଧନୀ ହୋଇପାରୁଥିଲା । ଉଦାହରଣ ସ୍ୱରୂପ ସର୍ଦ୍ଦାର ବା ମୁଖିଆ ସବୁଠାରୁ ଧନୀବ୍ୟକ୍ତି ହୋଇ ପାରୁଥିଲା, କାରଣ ତା'ର ପ୍ରଜାମାନେ ତାକୁ ବିଭିନ୍ନ ମୂଲ୍ୟବାନ ଉପହାର ଦେଉଥିଲେ, କିନ୍ତୁ ପ୍ରତିଷ୍ଠା ଓ ସଂପଦ ଜରୁରୀ ଭାବରେ କୌଣସି ସମୂହ ସହିତ ଜଡ଼ିତ ନ ଥିଲା, ଏହା ବ୍ୟକ୍ତି ସହିତ ଜଡ଼ିତ ହୋଇପାରୁଥିଲା । ଏଥିରୁ ଆମେ ଆମର ନିଷ୍କର୍ଷକୁ ଦୋହରାଇପାରିବା ଯେ ସାମାଜିକ ସ୍ତରୀକରଣ ସମାନ ପ୍ରକାରରେ ଓ ସମାନ ଅର୍ଥରେ ସର୍ବବ୍ୟାପୀ ହୋଇ ନ ଥାଏ । ଯଦି କିଛି ଭିନ୍ନତା ଥାଏ ତାହା ହେଉଛି ଏକ ପ୍ରକାରର ସାମାଜିକ ଅସମାନତା ।

## ପାଠ୍ୟଗତ ପ୍ରଶ୍ନାବଳୀ ୧୬.୧

**ନିମ୍ନୋକ୍ତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଏକ ବାକ୍ୟରେ ଦିଅ ।**

(କ) ସାମାଜିକ ଅସମାନତାର ସଂଜ୍ଞା ଦିଅ ।

(ଖ) ସ୍ତରୀକରଣ କ'ଣ ?

(ଗ) 'ଆଦିମ କମ୍ୟୁନିଷ୍ଟବାଦ' ଧାରଣାକୁ ବର୍ଣ୍ଣନା କର ।


(ଘ) 'ପ୍ରତିଷ୍ଠା' ଶବ୍ଦର ସଂଜ୍ଞା ଦିଅ ।

## ୧୬.୩ ସ୍ତରୀକରଣର କେତେକ ଗୁରୁତ୍ୱପୂର୍ଣ୍ଣ ଧାରଣା (Some concepts and ideas on Stratification)

ଏହି ପାଠ୍ୟଖଣ୍ଡରେ ଆମେ ସ୍ତରୀକରଣ ସମ୍ବଳିତ ଦୁଇମୁଖ୍ୟ ଚିନ୍ତାଧାରା ବା ମତବାଦକୁ ଅଧ୍ୟୟନ କରିବା । ଏହି ଉଭୟ ମତବାଦ ଜର୍ମାନୀ ଚିନ୍ତକମାନେ ପ୍ରଦାନ କରିଥିଲେ । ସେମାନେ ହେଲେ କାର୍ଲମାକ୍ସ ଓ ମାକ୍ସ ୱେବର ।

### ୧୬.୩.୧ କାର୍ଲ ମାର୍କ୍ସଙ୍କର ମତ (Views of Karl Marx)

ସାମାଜିକ ସ୍ତରୀକରଣ ଧାରଣା ସମ୍ପର୍କରେ କାର୍ଲମାର୍କ୍ସଙ୍କର ଏକ ମୌଳିକ ଅବଦାନ ରହିଛି । ତାଙ୍କ ଅନୁସାରେ ସ୍ତରୀକରଣ ସମାଜକୁ ଦୁଇ ପରସ୍ପର ବିରୋଧି ଶ୍ରେଣୀରେ ବିଭକ୍ତ କରିଥାଏ । ଏଥିରେ ଗୋଟିଏ ଶ୍ରେଣୀ, ଅନ୍ୟ ଶ୍ରେଣୀକୁ ଶୋଷଣ କରିଥାଏ । ଏହି ମତ ଅନୁସାରେ ସମାଜରେ ଦୁଇଟି ମୁଖ୍ୟସମୁହ ରହିଥାଏ । ପ୍ରଥମ ଶ୍ରେଣୀ, ଯେଉଁମାନେ କି ସମାଜର ସମ୍ବଳ, ପ୍ରଯୁକ୍ତି କୌଶଳ ଓ ମୂଲ୍ୟବାନ ବସ୍ତୁକୁ ନିୟନ୍ତ୍ରଣରେ ରଖିଥାନ୍ତି । ଏହାକୁ ସାମଗ୍ରୀକ ଭାବରେ ଉତ୍ପାଦନର ମାଧ୍ୟମ (Means of production) କୁହାଯାଏ । ଦ୍ୱିତୀୟ ଶ୍ରେଣୀର ଏହି ସବୁ ଜିନିଷ ଉପରେ ନିୟନ୍ତ୍ରଣ ନ ଥାଏ । ସେମାନେ ପ୍ରଥମ ଶ୍ରେଣୀର ଲୋକମାନଙ୍କ ପାଇଁ କାମ କରନ୍ତି ଓ ପ୍ରତିବଦଳରେ ଜୀବନ ନିର୍ବାହ ପାଇଁ ମଜୁରୀ



ଟୀପ୍ପଣୀ

ପା'ନ୍ତି । ଏହି ଦୁଇ ବର୍ଗର ଲୋକମାନଙ୍କ ପାଇଁ ମାର୍କ୍ସ 'ଶ୍ରେଣୀ' (Class) ଶବ୍ଦର ପ୍ରକାଶ୍ୟ ପ୍ରୟୋଗ କରିଛନ୍ତି । ଏହି ଶ୍ରେଣୀର ପରିଭାଷା, ଉତ୍ପାଦନର ମାଧ୍ୟମ ଉପରେ ନିୟନ୍ତ୍ରଣ ବା ମାଲିକାନା ଉପରେ ନିର୍ଭର କରିଥାଏ । ଏଣୁ ଶ୍ରେଣୀ ହେଉଛି ଏକ ସାମାଜିକ ସମୁହ, ଯାହାର ସଦସ୍ୟମାନଙ୍କର ଉତ୍ପାଦନର ମାଧ୍ୟମ ସହିତ ସମାନ ସମ୍ପର୍କ ଥାଏ ।

କାର୍ଲ ମାର୍କ୍ସଙ୍କର ମତରେ ଯେଉଁମାନେ ଉତ୍ପାଦନର ମାଧ୍ୟମର ମାଲିକାନା ହାସଲ କରିଥା'ନ୍ତି, ସେହିମାନେ ମଧ୍ୟ ରାଜନୈତିକ କ୍ଷମତା ପ୍ରୟୋଗ କରିଥା'ନ୍ତି । ଅର୍ଥନୈତିକ କ୍ଷମତାରୁ ରାଜନୈତିକ ଓ ଆଇନଗତ କ୍ଷମତା ସୃଷ୍ଟି ହେଉଥିବାରୁ ସେମାନେ ଆର୍ଥିକ ସମ୍ବଳ ଉପରେ ମଧ୍ୟ ସେମାନଙ୍କର ଆଇନଗତ କ୍ଷମତା ଦୃଢ଼ଭାବରେ ସାବ୍ୟସ୍ତ କରିଥା'ନ୍ତି । ସେଥିପାଇଁ ଉତ୍ପାଦନ ମାଧ୍ୟମର ମାଲିକ ଶ୍ରେଣୀ ପାଇଁ ମାର୍କ୍ସ 'ଶାସକ ଶ୍ରେଣୀ' (Ruling class)ର ଶବ୍ଦ ପ୍ରୟୋଗ କରିଛନ୍ତି । ଯେଉଁ ଶ୍ରେଣୀ ଉତ୍ପାଦନ ମାଧ୍ୟମର ମାଲିକାନାରୁ ବଞ୍ଚିତ ହୁଏ, ସେହି ଶ୍ରେଣୀର ଲୋକମାନେ ମାଲିକ ଶ୍ରେଣୀର ଲୋକଙ୍କ ପାଇଁ କାର୍ଯ୍ୟ କରନ୍ତି ଓ 'ସେବାକାରୀ ଶ୍ରେଣୀ' (Service class) ଭାବେ ପରିଚିତ ହୁଅନ୍ତି ।

ଏହା ଏକ ନିମ୍ନ, ଅଧସ୍ତନ ସ୍ଥିତିରେ ରହିବାକୁ ବାଧ୍ୟ ହୁଏ, କାରଣ ଏହା ପାଖରେ ରାଜନୈତିକ ପନ୍ଥା ନ ଥାଏ । ଏହି ଶ୍ରେଣୀକୁ ଶାସକ ଶ୍ରେଣୀଦ୍ୱାରା ପ୍ରଣୀତ ଆଇନ (ଯାହା ଶାସକ ବର୍ଗର ସ୍ୱାର୍ଥ ରକ୍ଷା ପାଇଁ ଉଦ୍ଦିଷ୍ଟ) କୁ ମାନିବାକୁ ପଡ଼େ । ମାର୍କ୍ସ ଙ୍କ ଅନୁସାରେ ଆଇନ ହେଉଛି ଶୋଷଣ ଓ ଅତ୍ୟାଚାର ର ଏକ ମାଧ୍ୟମ, କାରଣ ଏହା ଶାସକ ଶ୍ରେଣୀ ଦ୍ୱାରା ସୃଷ୍ଟି ଓ ନିୟନ୍ତ୍ରିତ ।

କେବଳ ଯେ ସମ୍ବଳ ଉପରେ ମାଲିକାନା ରାଜନୈତିକ କ୍ଷମତା ସୃଷ୍ଟି କରେ, ତା'ନୁହେଁ; ପରନ୍ତୁ, ଏହା ଶାସକ ଶ୍ରେଣୀକୁ ଏକ ସୁବିଧାଜନକ ସ୍ଥିତିରେ ରଖେ- ଯେଉଁଠି ରହି ଏହା ବିଚାର ଧାରା ଓ ଆଦର୍ଶକୁ (ଯାହାକି ସମାଜରେ ପ୍ରଚଳିତ ଥାଏ) ମଧ୍ୟ ନିୟନ୍ତ୍ରଣ କରିଥାଏ । ଏହା ଏପରି ଏକ ଆଦର୍ଶବାଦ ସୃଷ୍ଟି କରେ ଯାହା ଶାସକ ଶ୍ରେଣୀର ଉଚ୍ଚସ୍ଥିତିକୁ ଯଥାର୍ଥ ବୋଲି ପ୍ରତିପାଦିତ କରେ । ମାର୍କ୍ସ ଙ୍କ ମତରେ ସମାଜ ରେ ଏକ ସମୟରେ ପ୍ରଚଳିତ ବିଚାରଧାରା ହେଉଛି ପ୍ରଭୁତ୍ୱ ସଂପନ୍ନ ଶ୍ରେଣୀର ବିଚାରଧାରା । କ୍ଷମତା ଓ ଆଦର୍ଶ ବାଦ ଉପରେ ନିୟନ୍ତ୍ରଣ, ପ୍ରଚଳିତ ଶ୍ରେଣୀ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରେ । ଯେଉଁମାନେ ଉତ୍ପାଦନ ମାଧ୍ୟମକୁ ନିୟନ୍ତ୍ରଣ କରନ୍ତି, ସେହିମାନେ ସେହି ନିୟନ୍ତ୍ରଣକୁ ସମୟ କ୍ରମେ, ପିଢ଼ୀରୁ ପିଢ଼ୀ ପର୍ଯ୍ୟନ୍ତ ଅବ୍ୟାହତ ରଖିଥା'ନ୍ତି ଏବଂ ସେବାକାରୀ ଶ୍ରେଣୀ (Service class) ର ଲୋକମାନେ ମଧ୍ୟ ତାଙ୍କର ଅଧସ୍ତନ ସ୍ଥିତିରେ ସବୁ ସମୟ ରେ ରହିଥା'ନ୍ତି, ଯେ ପର୍ଯ୍ୟନ୍ତ ସ୍ତରୀକରଣ ବ୍ୟବସ୍ଥାରେ କୌଣସି ଗୁଣାତ୍ମକ ପରିବର୍ତ୍ତନ ନ ହୁଏ ।

ମାର୍କ୍ସ ବିଶ୍ୱାସ କରୁଥିଲେ ଯେ ମାନବ ସମାଜ ସବୁବେଳେ ଶ୍ରେଣୀରେ ବିଭାଜିତ ହୋଇଥାଏ - ଶାସକ ଶ୍ରେଣୀ ଓ ସେବାକାରୀ ଶ୍ରେଣୀ । ମାର୍କ୍ସଙ୍କ ଅନୁସାରେ ପୁଞ୍ଜିବାଦ (Capitalism) ହେଉଛି ଏକ ଶ୍ରେଣୀ ବିଭାଜିତ ସମାଜର ଶେଷ ଅବସ୍ଥା, ଯେଉଁଥିରେ ଶାସକ ଶ୍ରେଣୀ ଓ ସେବାକାରୀ ଶ୍ରେଣୀ ମଧ୍ୟରେ ସଂଘର୍ଷ ହୋଇଥାଏ । ଏହି ଶ୍ରେଣୀ ସଂଘର୍ଷ (Class struggle / Conflict) ସମାଜକୁ ଏକ ଶ୍ରେଣୀ ବିହୀନ ସମାଜ ରେ ପରିବର୍ତ୍ତିତ କରେ । ଯେଉଁଠାରେ କୌଣସି ଶ୍ରେଣୀର ଅସ୍ତିତ୍ୱ ରହେ ନାହିଁ । ଏହି ପ୍ରକାର ସମାଜକୁ କମ୍ୟୁନିଷ୍ଟ ସମାଜ ବା ସାମ୍ୟବାଦୀ ସମାଜ କୁହାଯାଏ । ତେଣୁ ମାର୍କ୍ସଙ୍କ ବିଚାରରେ ମନୁଷ୍ୟ ସମାଜରେ ସ୍ତରୀକରଣ, ଏକ ଲକ୍ଷଣ ଭାବେ ସବୁ ସମୟ ପାଇଁ ରହିବ ନାହିଁ । ମାନବ ସମାଜ, ଯାହାକି ଶ୍ରେଣୀହୀନ ସମାଜ ଭାବରେ ସୃଷ୍ଟି ହୋଇଥିଲା ପୁନଶ୍ଚ ସେହି ଶ୍ରେଣୀ ହୀନତା ଆଡ଼କୁ ଫେରି ଆସିବ । ତେବେ ଏହା ପୂର୍ବରୁ ହଜାର ହଜାର ବର୍ଷ ଶ୍ରେଣୀ-ବିଭାଜିତ ବ୍ୟବସ୍ଥାରେ ସମୟ ଅତିବାହିତ କରିବ ।



ଟୀପ୍ପଣୀ

### ୧୬.୩.୨ ମାକ୍ସ୍ ୱେବର ଙ୍କ ମତ (Views of Max Weber)

କାର୍ଲ ମାର୍କ୍ସ ଙ୍କ ପରେ ସ୍ତରୀକରଣ ର ଧାରଣାକୁ ନେଇ ମାକ୍ସ୍ ଓ୍ୱବର ନିଜର ମତ ରଖିଥିଲେ । କାର୍ଲ ମାର୍କ୍ସ ଙ୍କ ମତରେ ସ୍ତରୀକରଣ ର ମୁଖ୍ୟ ସ୍ୱରୂପ ଶ୍ରେଣୀ ଅଟେ । କିନ୍ତୁ ୱେବର ଙ୍କ ଅନୁସାରେ ଶ୍ରେଣୀ ବ୍ୟତୀତ ସ୍ତରୀକରଣ ର ଆଉ ଦୁଇଟି ପ୍ରମୁଖ ସ୍ୱରୂପ ରହିଛି - ପ୍ରସ୍ଥିତି ଓ କ୍ଷମତା ।

ମାର୍କ୍ସ ଙ୍କ ଭଳି ୱେବର ଶ୍ରେଣୀକୁ ଅର୍ଥନୈତିକ ଦୃଷ୍ଟିକୋଣ ରୁ ବିଚାର କରନ୍ତି । ତେବେ ସେ ମାର୍କ୍ସ ଙ୍କ ଠାରୁ ଆଗେଇ ଯାଇ କହନ୍ତି ଯେ ବଜାର ଅର୍ଥନୀତିରୁ ଶ୍ରେଣୀ ସୃଷ୍ଟି ହୋଇଥାଏ । ତେଣୁ ଯେହେତୁ ପୁଞ୍ଜିବାଦୀ ସମାଜ ଶ୍ରେଣୀ ର ଲକ୍ଷଣ ବହନ କରିଥାଏ, ସେଥିପାଇଁ ସେହି ସବୁ ସମାଜ କୁ ବଜାର ଅର୍ଥନୀତିର ସମାଜ କୁହାଯାଏ । ପୁଞ୍ଜିବାଦ ରେ ପରିବାର, ଉତ୍ପାଦନ ର ଏକକ ହୋଇ ନ ଥାଏ । ଏଠାରେ ବଜାର, ଉତ୍ପାଦନର ପ୍ରକ୍ରିୟା ଓ ଉତ୍ପାଦ ମାନଙ୍କର ବଣ୍ଟନ କୁ ନିୟନ୍ତ୍ରିତ କରିଥାଏ । ସମସ୍ତ ବସ୍ତୁ ଓ ସେବା ମାନଙ୍କ ପାଇଁ ଲୋକମାନେ ବଜାର ଉପରେ ନିର୍ଭର କରିଥା'ନ୍ତି ।

ଲୋକମାନେ ନିଜର ଦକ୍ଷତା ଓ କାର୍ଯ୍ୟ କୌଶଳ କୁ ନେଇ ବଜାର ରେ ବିକ୍ରୟ କରି ସେଥିରୁ ହେଉଥିବା ରୋଜଗାର ରେ ଜୀବିକା ନିର୍ବାହ କରିଥା'ନ୍ତି । କେତେକ ନିର୍ଦ୍ଧିଷ୍ଟ କାରିଗରୀ ବିଦ୍ୟା (ଯେପରିକି ଯାନ୍ତ୍ରିକ ବିଦ୍ୟା - engineering, technology - ପ୍ରଯୁକ୍ତି ବିଦ୍ୟା ଓ ଭେଷଜ ବିଦ୍ୟା - medicine) ବଜାରରେ ଅନ୍ୟ ବିଦ୍ୟାମାନଙ୍କ ଠାରୁ ମୂଲ୍ୟବାନ ହୋଇଥା'ନ୍ତି । ଯେଉଁମାନଙ୍କର ଏହି କାର୍ଯ୍ୟକାରୀ ବିଦ୍ୟା ମାନଙ୍କରେ ଦକ୍ଷତା ଥାଏ (ଯାହାକୁ ବିକ୍ରିଯୋଗ୍ୟ ଦକ୍ଷତା କୁହାଯାଏ) ସେମାନେ ଅନ୍ୟ ମାନଙ୍କ ଠାରୁ ଉତ୍ତମ ଜୀବିକା ଅର୍ଜନ କରିଥା'ନ୍ତି ।

ଏହି ସିଦ୍ଧାନ୍ତ ସମ୍ପତ୍ତି ଉପରେ ମଧ୍ୟ ପ୍ରଯୁଜ୍ୟ । ସମ୍ପତ୍ତି (ଭୂ-ସମ୍ପତ୍ତି- ଜମି, ଘର ଇତ୍ୟାଦି) ର ମୂଲ୍ୟ - ଏହାର ଭୌଗୋଳିକ ଅବସ୍ଥିତି (- ଯେପରିକି ଗ୍ରାମ, ସହର, ସହରତଳି) କୁ ନେଇ ଭିନ୍ନ ଭିନ୍ନ ସ୍ଥାନରେ ଅଲଗା ଅଲଗା ହୋଇଥାଏ । ବଜାର ମଧ୍ୟ ସମ୍ପତ୍ତିର ମୂଲ୍ୟ ନିର୍ଦ୍ଧାରଣ ରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଏଥିରୁ ଏହା ସ୍ପଷ୍ଟ ହେଉଛି ଯେ ମନୁଷ୍ୟ ର ଅସ୍ତିତ୍ୱ ରକ୍ଷା (ଯାହାକୁ କି ଜୀବନ ର ଅବସର ବା ସୁବିଧା (life chances) କୁହାଯାଏ), ମଧ୍ୟ ବଜାର ସ୍ଥିତି ଉପରେ ନିର୍ଭର କରିଥାଏ । ଲୋକମାନଙ୍କର କାର୍ଯ୍ୟ କୌଶଳ ତା'ର ଶ୍ରେଣୀ ନିର୍ଦ୍ଧାରଣ କରିଥାଏ, ଓ ଏହା ବଜାର ଉପରେ ନିର୍ଭରଶୀଳ । ତେଣୁ ଯେଉଁ ଲୋକ ମାନଙ୍କର ସମ୍ପତ୍ତିର ମାଲିକାନା ନ ଥାଏ, କିନ୍ତୁ ବଜାର ଯୋଗ୍ୟ କାର୍ଯ୍ୟ କୌଶଳ ଥାଏ, ସେମାନେ ଉତ୍ତମ ଭାବେ ଜୀବିକା ନିର୍ବାହ କରି ପାରନ୍ତି । ଏଥିପାଇଁ ସେମାନଙ୍କୁ ସର୍ବହରା ବା ଧନହୀନ କହିବା (ଯେମିତିକି ମାର୍କ୍ସବାଦୀ ମାନେ କହନ୍ତି) ଠିକ୍ ନୁହେଁ । ୱେବର ମଧ୍ୟ ଶାସକ ଶ୍ରେଣୀର ଧାରଣା କୁ ପ୍ରତ୍ୟାଖ୍ୟାନ କରିଥିଲେ ।

- ➩ ମାର୍କ୍ସଙ୍କ ଅନୁସାରେ ଉତ୍ପାଦନ ମାଧ୍ୟମର ମାଲିକାନା ହାସଲ କରିଥିବା ଶ୍ରେଣୀ ମଧ୍ୟ ରାଜନୈତିକ କ୍ଷମତାକୁ ନିୟନ୍ତ୍ରଣ କରିଥାଏ ।
- ➩ ୱେବର ଙ୍କ ଅନୁସାରେ ଉତ୍ପାଦନ ମାଧ୍ୟମ ର ମାଲିକାନା ସବୁବେଳେ ରାଜନୈତିକ କ୍ଷମତାର ଅଧିକାର ଦିଏନାହିଁ ।
- ➩ ବ୍ୟକ୍ତିମାନେ ଅର୍ଥନୈତିକ କ୍ଷମତା ବଳରେ ରାଜନୈତିକ କ୍ଷମତା ପାଆନ୍ତି ନାହିଁ । ସେମାନେ ନିଜର ବଜାର କୌଶଳ, ଦକ୍ଷତା, ବିନିମୟ ଓ ଯୋଗାଯୋଗ କୌଶଳ, ସେମାନଙ୍କର ଇସ୍ତାହାର, ସାଂଗଠନିକ କୌଶଳ ଓ ଲକ୍ଷ୍ୟ ହାସଲ ପାଇଁ ନିଷ୍ଠା ଇତ୍ୟାଦି ବଳରେ ରାଜନୈତିକ କ୍ଷମତା ପାଇଥା'ନ୍ତି ।
- ➩ ତେଣୁ ଆଧୁନିକ ସମାଜରେ ଅର୍ଥନୈତିକ କ୍ଷମତା ଓ ରାଜନୈତିକ କ୍ଷମତା ଏକତ୍ର କାର୍ଯ୍ୟ କରିପାରିବା ସେତେ ଦୃଢ଼ ନିଶ୍ଚିତ ନୁହେଁ ।



ଟୀପ୍‌ପଣୀ

➪ ଉଚ୍ଚ-ନୀଚ କ୍ରମରେ ମାତ୍ର ଦୁଇଟି ପାହାଚ ବା ସ୍ତର ରହିବ- ପ୍ରଥମଟି ଅର୍ଥନୈତିକ ସ୍ତର /ପାହାଚ, ଯେଉଁଥିରେ ଉତ୍ପାଦନର ମାଧ୍ୟମକୁ ନିୟନ୍ତ୍ରଣ କରୁଥିବା ଲୋକମାନେ ଥା'ନ୍ତି ଓ ଦ୍ୱିତୀୟ ସ୍ତର / ପାହାଚ ହେଲା, ରାଜନୈତିକ ସ୍ତର, ଯେଉଁଥିରେ ରାଜନୈତିକ କ୍ଷମତା ଜାହିର କରୁଥିବା ଲୋକମାନେ ଥା'ନ୍ତି ।

## ପାଠ୍ୟଗତ ପ୍ରଶ୍ନାବଳୀ ୧୬.୨

**ନିମ୍ନୋକ୍ତ ପ୍ରତ୍ୟେକ ବକ୍ତବ୍ୟ ପାଇଁ ଠିକ୍ ଥିଲେ 'T' ଓ ଭୁଲ ଥିଲେ 'F' ଲେଖନ୍ତୁ ।**

(କ) ମାର୍କ୍ସ ଙ୍କ ଅନୁସାରେ ସମାଜ ରେ ଦୁଇଟି ପ୍ରମୁଖ ଶ୍ରେଣୀ ଥାଏ ।

(ଖ) ମାର୍କ୍ସ ଙ୍କ ଅନୁସାରେ ବ୍ୟକ୍ତିର ମାନସିକ ସାମର୍ଥ୍ୟ ତା'ର ଶ୍ରେଣୀ ନିରୂପଣ କରିଥାଏ ।

(ଗ) ଉତ୍ପାଦନର ମାଧ୍ୟମ ମାନ ହେଲା - ପ୍ରଯୁକ୍ତି କୌଶଳ,ପୁଞ୍ଜି ଓ ସମ୍ବଳ ।

(ଘ) ମାର୍କ୍ସଙ୍କ ଅନୁସାରେ ଉତ୍ପାଦନ ମାଧ୍ୟମର ମାଲିକାନାରୁ ରାଜନୈତିକ କ୍ଷମତାର ନିୟନ୍ତ୍ରଣ ସୃଷ୍ଟି ହୁଏ ।

(ଙ) ପ୍ରାଣୀ ଜଗତର ପ୍ରାରମ୍ଭରୁ ମଣିଷ ସମାଜରେ ଶ୍ରେଣୀ ରହି ଆସିଛି ।

## ୧୬.୪ ପ୍ରସ୍ଥିତି (Status)

ଉଚ୍ଚନୀଚ କ୍ରମ (hierarchy) ର ରାଜନୈତିକ ଓ ଅର୍ଥନୈତିକ ଏହି ଦୁଇ ପାହାଚ ବ୍ୟତୀତ ଅନ୍ୟ ଏକ କ୍ରମ ବା ପାହାଚ ରହିଛି ଯାହାକୁ ପ୍ରସ୍ଥିତି କୁହାଯାଏ । ବିଶ୍ଳେଷଣ ଦୃଷ୍ଟିକୋଣରୁ ପ୍ରସ୍ଥିତି ଅନ୍ୟ ଦୁଇ କ୍ରମ (hierarchy) ଠାରୁ ସ୍ୱତନ୍ତ୍ର ଅଟେ ।

ପ୍ରସ୍ଥିତି ଶବ୍ଦ "ସାମାଜିକ ସ୍ଥିତି" କୁ ସୂଚାଏ । ଆନ୍ତଃକ୍ରିୟାର ପରିସ୍ଥିତି (interaction situation) ରେ ପ୍ରତ୍ୟେକ ବ୍ୟକ୍ତିର ଏକ ସାମାଜିକ ସ୍ଥିତି ଥାଏ । ଉଦାହରଣ ସ୍ୱରୂପ ବର୍ତ୍ତମାନ ତୁମେମାନେ ଶିକ୍ଷାର୍ଥୀର ସ୍ଥିତିକୁ ଧାରଣ କରିଛ ଓ ମୁଁ ଏକ ପାଠ୍ୟ-ଲେଖକର ସ୍ଥିତିରେ ରହିଛି । ନିଜେ ରହିଥିବା ସାମାଜିକ ସ୍ଥିତି ଅନୁସାରେ ତୁମେ ପୁଅ, ପୁତୁରା, ନାତି, ଛାତ୍ର, ଖେଳାଳୀ, ସାଙ୍ଗ ଓ ଅନ୍ୟ କେତେ କ'ଣ ସ୍ଥିତିକୁ ଧାରଣ କରିଥାଅ । ଅନ୍ୟ ଭାଷାରେ କହିଲେ ଭାବ ବିନିମୟ କରୁଥିବା ବ୍ୟକ୍ତି ସହିତ ସଂପର୍କ ଆଧାରରେ ତୁମର ସାମାଜିକ ସ୍ଥିତି ନିରୂପିତ ହୋଇଥାଏ । ପ୍ରତ୍ୟେକ ସାମାଜିକ ସ୍ଥିତି ଅନୁସାରେ ତୁମେ ଏକ ଭୂମିକା ନିର୍ବାହ କରିଥାଅ । ଅର୍ଥାତ୍ ଏକ ନିର୍ଦ୍ଦିଷ୍ଟ ସାମାଜିକ ସ୍ଥିତିରେ ତୁମଠାରୁ ଆଶା କରାଯାଉଥିବା କାର୍ଯ୍ୟ କରିଥାଅ । ତେଣୁ ଯଦି ପ୍ରସ୍ଥିତି ଏକ 'ସ୍ଥିତି' କୁ ଦର୍ଶାଏ, ତେବେ ଭୂମିକା ହେଉଛି ସେହି ସ୍ଥିତିଠାରୁ ଆଶା କରାଯାଉଥିବା 'ବ୍ୟବହାର' ।

### ୧୬.୪.୧ ଅର୍ଜିତ ପ୍ରସ୍ଥିତି ଓ ଆହରଣଲବ୍ଧ ପ୍ରସ୍ଥିତି (Ascribed and Achieved status)

ସମାଜବିଜ୍ଞାନୀମାନେ ଦୁଇପ୍ରକାରର ପ୍ରସ୍ଥିତି ବିଷୟରେ କହିଥା'ନ୍ତି । ଅର୍ଜିତ ପ୍ରସ୍ଥିତି ଓ ଆହରଣଲବ୍ଧ ପ୍ରସ୍ଥିତି । ବ୍ୟକ୍ତିର ଜନ୍ମ ଭିତ୍ତିରେ, ଅର୍ଜିତ ପ୍ରସ୍ଥିତି ବ୍ୟକ୍ତିକୁ ମିଳିଥାଏ ବା ଦିଆଯାଇଥାଏ । ଏହା ଏକ ଆକସ୍ମିକ ଘଟଣା ହୋଇଥାଏ । ଯେପରିକି ଏକ କରଣ ପରିବାରରେ ଜନ୍ମ ହୋଇଥିବାରୁ ମୁଁ ଜଣେ କରଣ । ମୁଁ, ମୋ'ପାଇଁ ଏହି କରଣ ଜାତିର ସାମାଜିକ ସ୍ଥିତିକୁ ବାଛିନାହିଁ । ସେହିପରି ଏକ ପୁରୁଷ ହୋଇ ଜନ୍ମ ହୋଇଥିବାରୁ ମୁଁ ଏକ ପୁଅ, ପୁତୁରା, ନାତି ଓ ପରବର୍ତ୍ତୀ ଜୀବନ ରେ ଏକ ସ୍ୱାମୀ, ବାପା, ଦାଦା ଓ ଜେଜେବାପା ଇତ୍ୟାଦିର ସ୍ଥିତି ସବୁ କୁ ପର୍ଯ୍ୟାୟକ୍ରମେ ଧାରଣ କରିପାରୁଛି । ଏକ ପରିବାରରେ ଜନ୍ମ ହୋଇଥିବାରୁ ମୁଁ ଯେଉଁ ସ୍ଥିତିକୁ ଧାରଣକରେ, ବା ଏକ ଲିଙ୍ଗ ସମୂହର ପରିଚୟ ହାସଲ କରିବା ଇତ୍ୟାଦି ହେଉଛି ଅର୍ଜିତ ପ୍ରସ୍ଥିତିର ଉଦାହରଣ । ଏହିସବୁକୁ ପରିବର୍ତ୍ତନ କରାଯାଇ ପାରିବନାହିଁ । ଯେଉଁ ସମୟରୁ ବ୍ୟକ୍ତି ଏକ ପରିବାରରେ ଜନ୍ମହେବା ଯୋଗୁଁ ଏକ ନିର୍ଦ୍ଦିଷ୍ଟ ସାମାଜିକ ସ୍ଥିତି ହାସଲ କରେ, ସେହି ସମୟରୁ ତା'ର ଭବିଷ୍ୟତ ସାମାଜିକ ସ୍ଥିତିର ଭବିଷ୍ୟବାଣୀ କରାଯାଇପାରିବ । ଯଦି ଜଣେ ବ୍ୟକ୍ତି ପୁରୁଷ



ଟୀପ୍ପଣୀ

ହୋଇ ଜନ୍ମ ହୁଏ ତାହାହେଲେ ଆମେ ଅତି ସହଜରେ କହିପାରିବା ଯେ ଭବିଷ୍ୟତ ରେ ସେ ଜଣେ ବାପା, ଦାଦା, ଜେଜେ ଇତ୍ୟାଦି ହେବ ।

ଏହାଛଡା ଅନ୍ୟ ଏକ ସାମାଜିକ ସ୍ଥିତିକୁ "ଆହରଣ ଲବ୍ଧ" ପ୍ରସ୍ଥିତି କୁହାଯାଏ । ପ୍ରତ୍ୟେକ ସମାଜରେ କେତେକ ସ୍ଥିତି ପ୍ରତିଯୋଗିତା ମାଧ୍ୟମରେ ପୂରଣ ହେବାପାଇଁ ଉନ୍ମୁକ୍ତ ଥାଏ । ବ୍ୟକ୍ତିମାନେ ନିର୍ଦ୍ଦିଷ୍ଟ କେତେକ ସାମାଜିକ ସ୍ଥିତି ପାଇଁ ପ୍ରତିଯୋଗିତା କରିଥା'ନ୍ତି । ଏହିସବୁ ସ୍ଥିତି, ଯେଉଁଥିପାଇଁ ପ୍ରତିଯୋଗିତା ହୋଇଥାଏ, ତାହାକୁ ଆହରଣ ଲବ୍ଧ ପ୍ରସ୍ଥିତି (Achieved status) କୁହାଯାଏ । ଯଦି ଜଣେ ବ୍ୟକ୍ତି ଲୋକସେବା ଆୟୋଗ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଜଣେ ପ୍ରଶାସନିକ ଅଧିକାରୀ ହୁଏ, ତାହାହେଲେ ଆମେ ତାକୁ ସେହି ସ୍ଥିତିକୁ ଆହରଣ କରିଥିବା ବ୍ୟକ୍ତି ବୋଲି କହୁ । ସରଳ ସମାଜ ମାନଙ୍କରେ ସାମାଜିକ ସ୍ଥିତି ସବୁ ମୁଖ୍ୟତଃ ଆହରଣ ଲବ୍ଧ ଥିଲା । ଯେପରିକି 'ଉତ୍ତମ ଶିକାରୀ', 'ଉତ୍ତମ କାରିଗର', 'ଉତ୍ତମ ଉଦ୍ୟାନ ସଂରକ୍ଷକ' ଇତ୍ୟାଦି । କିନ୍ତୁ ଏହା ତୁଳନାରେ ବର୍ତ୍ତମାନର ଆଧୁନିକ ଓ ଜଟିଳ ସମାଜରେ ସାମାଜିକ ସ୍ଥିତି ସବୁ ଅଧିକାଂଶ ଆହରଣ ଲବ୍ଧ ଅଟେ । ତେବେ ଏହାର ଅର୍ଥ ନୁହେଁ ଯେ ଅର୍ଜିତ ପ୍ରସ୍ଥିତି ସବୁ ସଂପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇଛି । ପରନ୍ତୁ ଅନେକ ପରିସ୍ଥିତିରେ ସେମାନଙ୍କର ଗୁରୁତ୍ୱ ଅବ୍ୟାହତ ରହିଛି । ପୁନଶ୍ଚ ଅର୍ଜିତ ସ୍ଥିତିମାନେ ଏକ ପ୍ରସ୍ଥିତି ଆହରଣ / ହାସଲର ପ୍ରକ୍ରିୟାକୁ ପ୍ରଭାବିତ କରିଥା'ନ୍ତି । ଏକ ପୁରୁଷ ହେବା, ଅନେକ ସମାଜରେ ବହୁତ ସୁବିଧାକୁ ଦର୍ଶାଇଥାଏ । ଏକ ପୁରୁଷ ପାଇଁ ଉଚ୍ଚଶିକ୍ଷା ଗ୍ରହଣ କରିବାରେ କୌଣସି ପ୍ରତିବନ୍ଧକ ନ ଥିଲା ବେଳେ ମହିଳାମାନଙ୍କ ପାଇଁ କଟକଣା ମାନ ଥାଏ । ଏହି କାରଣରୁ ପୁରୁଷମାନେ ମହିଳାମାନଙ୍କଠାରୁ ନିର୍ଦ୍ଦିଷ୍ଟ କେତେକ ପ୍ରସ୍ଥିତି ହାସଲ କରିବା ପାଇଁ ଅଧିକ ସୁଯୋଗ ପାଇଥା'ନ୍ତି ।

ପ୍ରସ୍ଥିତି ମାନଙ୍କୁ ସମାଜରେ ଉଚ୍ଚ-ନୀଚ କ୍ରମରେ ରଖାଯାଇ ଥାଏ । ତେବେ ଏହି କ୍ରମ ନିର୍ଣ୍ଣୟ (Ranking) ଭିନ୍ନ ଭିନ୍ନ ସମାଜରେ ଭିନ୍ନ ପ୍ରକାରରେ ହୋଇଥାଏ । ତେବେ ଏହି ସମସ୍ତ ସମାଜରେ, ସଦସ୍ୟ ମାନେ ନିର୍ବାହ କରୁଥିବା ଜୀବନ ଶୈଳୀ ଆଧାରରେ ଏକ 'ପ୍ରସ୍ଥିତି ସମୁହ' ପରିଭାଷିତ ହୋଇଥାଏ । ଏକ ପ୍ରସ୍ଥିତି ସମୁହ, ଏହାର ସଦସ୍ୟ ମାନଙ୍କର ଜୀବନ ଶୈଳୀ ଆଧାରରେ ଅନ୍ୟ ସମୁହମାନଙ୍କ ଠାରୁ ଭିନ୍ନ ହୋଇଥାଏ । ପ୍ରସ୍ଥିତି ସମୁହର ପ୍ରକୃଷ୍ଟ ଉଦାହରଣ ହେଉଛି ଭାରତୀୟ ଜାତି ବ୍ୟବସ୍ଥା ।

## ପାଠ୍ୟଗତ ପ୍ରଶ୍ନାବଳୀ ୧୬.୩

**ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।**

(କ) ସାମାଜିକ ________ ହିସାବରେ ପ୍ରସ୍ଥିତିର ସଂଜ୍ଞା ଦିଆଯାଏ । (ସ୍ଥିତି, କାର୍ଯ୍ୟ, ବ୍ୟବହାର)

(ଖ) ଭୂମିକା ________କୁ ଦର୍ଶାଏ । (ବ୍ୟବହାର, ପରିସ୍ଥିତି, ବ୍ୟକ୍ତି)


(ଗ) ଜନ୍ମ ମାଧ୍ୟମରେ ମିଳିଥିବା ପ୍ରସ୍ଥିତିକୁ ________ ପ୍ରସ୍ଥିତି କୁହାଯାଏ । (ଅର୍ଜିତ, ଉଚ୍ଚ, ଭିନ୍ନ)

(ଘ) ଆହରଣ ଲବ୍ଧ ପ୍ରସ୍ଥିତି ଅଧିକାଂଶ ________ ସମାଜରେ ଦେଖାଯାଏ । (ଜଟିଳ, ସରଳ. ଯୌଥ)

(ଙ) 'ପୁଅ' ପ୍ରସ୍ଥିତି ________ର ଏକ ଉଦାହରଣ ଅଟେ । (ଅର୍ଜିତ, ଆହରଣ ଲବ୍ଧ, ଉଭୟ)

## ୧୬.୫ ଜାତି (Caste)

ଆମେ ଆଗରୁ କହିଛୁ ଯେ ଶ୍ରେଣୀ ଓ କ୍ଷମତା ଠାରୁ ପ୍ରସ୍ଥିତି ସ୍ୱତନ୍ତ୍ର । ସାମାଜିକ ସ୍ଥିତିମାନଙ୍କର ଉଚ୍ଚନୀଚ କ୍ରମ ଥାଏ, ଯାହାକି ଏକ ସମୁହର ସଦସ୍ୟ ମାନଙ୍କ ଜୀବନଶୈଳୀ ଆଧାରରେ ପରିଭାଷିତ ହୋଇଥାଏ । ସମାଜରେ ଜଣେ ରାଜନୈତିକ କ୍ଷମତାଶାଳୀ ବ୍ୟକ୍ତି କିମ୍ବା ଜଣେ ଧନୀ ବ୍ୟବସାୟୀ ଙ୍କ ତୁଳନାରେ ଜଣେ ଗରିବ ବ୍ରାହ୍ମଣ ଅଧିକ ସମ୍ମାନ ଲାଭ କରିଥାଏ । ଉଭୟ ରାଜନେତା ଓ ବ୍ୟବସାୟୀ ତା'ର ପାଦଛୁଇଁ ଆଶୀର୍ବାଦ ଭିକ୍ଷା କରିଥା'ନ୍ତି । ଜଣେ ନୂତନ ରାଜା ଙ୍କର ରାଜ୍ୟାଭିଷେକ ବ୍ରାହ୍ମଣ ଦ୍ୱାରା ରୀତିନୀତି ନ



ଟୀପ୍‌ପଣୀ

ହେବା ପର୍ଯ୍ୟନ୍ତ ହୋଇ ପାରି ନ ଥାଏ । ହିନ୍ଦୁ ଧର୍ମ ର ନୀତିନିୟମ ଅନୁସାରେ ସମସ୍ତ ସାମାଜିକ, ବ୍ୟକ୍ତିଗତ, ପାରିବାରିକ, ସାମୁଦାୟିକ ଘଟଣା ସମ୍ପର୍କରେ ହିନ୍ଦୁ ବ୍ରାହ୍ମଣ ପୁରୋହିତ ର ପରାମର୍ଶ ଲୋଡ଼ାଯାଏ । ବ୍ରାହ୍ମଣ ମାନଙ୍କୁ ସମାଜର ବିଦ୍ୱାନ ଶ୍ରେଣୀ ର ଦର୍ଜା ଦିଆଯାଏ । ଏହି ଦର୍ଜା ବ୍ୟବସ୍ଥା (ranking) ରେ ବ୍ରାହ୍ମଣ ଉଚ୍ଚ ସ୍ଥାନ ଅଧିକାର କରିବା ସଙ୍ଗେ ସଙ୍ଗେ ଅର୍ଥନୈତିକ ଓ ରାଜନୈତିକ କ୍ଷମତାର ଉର୍ଦ୍ଧ୍ୱରେ ରହି ସ୍ୱତନ୍ତ୍ର ସ୍ଥାନ ପାଇଥା'ନ୍ତି ।

ଜାତି ବ୍ୟବସ୍ଥା- ଭାରତ ର ସମାଜ ର ଏକ ଲକ୍ଷଣ । ତେବେ ଏହା ଦକ୍ଷିଣ ଏସୀୟ ଦେଶ ମାନଙ୍କରେ ମଧ୍ୟ ଦେଖାଯାଏ । ଯଦ୍ୟପି ଜାତି ମାଧ୍ୟମରେ ଭାରତୀୟ ସମାଜରେ ହିନ୍ଦୁମାନେ ନିଜ ସମାଜ କୁ ସଂଗଠିତ କରିଥା'ନ୍ତି, ଏହି ଜାତି ବ୍ୟବସ୍ଥା କେତେକ ଅଣ-ହିନ୍ଦୁ ସମାଜ ରେ ମଧ୍ୟ ଦେଖାଯାଏ । ଯେଉଁ ସବୁ ଧର୍ମ, ଜାତିଗତ ଅସମାନତା ପ୍ରତିକ୍ରିୟା ରେ ସୃଷ୍ଟି ହୋଇଥିଲା, ଏବେ ସେହି ସବୁ ଧର୍ମ ନିଜର ସଦସ୍ୟ ମାନଙ୍କର ଜାତିଗତ ପରିଚୟକୁ ସହ୍ୟ କରୁଛନ୍ତି । ଫଳରେ ମୁସଲିମ୍, ଖ୍ରୀଷ୍ଟିଆନ, ଶିଖ, ଜୈନ, ଇହୁଦୀ ଓ ଜୋରାଷ୍ଟ୍ରିଆନ୍ ମାନଙ୍କ ମଧ୍ୟରେ ବି ଜାତି ପ୍ରଥା ଦେଖାଯାଉଛି । କେବଳ ଏତିକି ନୁହେଁ, ଅନେକ ଜନଜାତି ସମୁଦାୟ ମଧ୍ୟ ଜାତିପ୍ରଥାରେ ସାମିଲ ହୋଇ ସାରିଲେଣି । ଏହି ପ୍ରକ୍ରିୟାକୁ ଜାତି-ଜନଜାତି ନିରନ୍ତରତା (tribe-caste continuum) କୁହାଯାଉଛି । ଯେଉଁଥିପାଇଁ ସମୟକ୍ରମେ କିଛି ଜନଜାତି, ଜାତିରେ ପରିବର୍ତ୍ତିତ ହୋଇଛନ୍ତି ।

ଜାତି ବ୍ୟବସ୍ଥା ହିନ୍ଦୁ ଧର୍ମରୁ ଏହାର ଆଧାର ଗ୍ରହଣ କରିଛି । ହିନ୍ଦୁ ଧର୍ମଗ୍ରନ୍ଥ ଋଗ୍‌ବେଦ (ପୁରୁଷ ସୂକ୍ତ) ଅନୁସାରେ ଭଗବାନ ଙ୍କର ଶରୀର ର ବିଭିନ୍ନ ଅଙ୍ଗ ରୁ ବିଭିନ୍ନ ଜାତି ସୃଷ୍ଟି ହୋଇଛନ୍ତି । ଭଗବାନ ଙ୍କ ମୁଖ ରୁ ବ୍ରାହ୍ମଣ, ବାହୁରୁ କ୍ଷତ୍ରିୟ, ଜଂଘରୁ ବୈଶ୍ୟ ଓ ପାଦରୁ ଶୂଦ୍ର ସୃଷ୍ଟି ହୋଇଛନ୍ତି । ହିନ୍ଦୁ ସମାଜ ସେଥିପାଇଁ ଚାରିବର୍ଣ୍ଣ ରେ ବିଭକ୍ତ ହୋଇଛି । ଏହି ଚାରି ବର୍ଣ୍ଣ, ପ୍ରତ୍ୟେକ ଏକ ସ୍ୱତନ୍ତ୍ର ଜୀବିକା ଗ୍ରହଣ କରନ୍ତି । ବ୍ରାହ୍ମଣ ଯଜ୍ଞାନୁଷ୍ଠାନ, ପୂଜାପାଠ କରନ୍ତି, କ୍ଷତ୍ରିୟ ମାନେ ସମୁଦାୟର ଲୋକମାନଙ୍କୁ ବାହ୍ୟ ଆକ୍ରମଣରୁ ରକ୍ଷା କରନ୍ତି ଓ ଯୁଦ୍ଧ କରନ୍ତି । ବୈଶ୍ୟ ବାଣିଜ୍ୟ ବ୍ୟବସାୟ କରନ୍ତି ଓ ଉଚ୍ଚ ନୀଚ କ୍ରମ ର ସର୍ବଶେଷ ରେ ବା ତଳେ ଶୂଦ୍ର ଜାତି ରହି ଅନ୍ୟ ଉଚ୍ଚ ଜାତି ମାନଙ୍କର ସେବା କରନ୍ତି । ଏହି ମୁଖ୍ୟ ଚାରିବର୍ଣ୍ଣ ପୁନଶ୍ଚ, ଅସଂଖ୍ୟ ଉପଜାତି ରେ ବିଭକ୍ତ ହୋଇଥା'ନ୍ତି ।

ଜାତିର କେତେକ ସାଧାରଣ ଲକ୍ଷଣ ନିମ୍ନରେ ଦିଆଯାଇଛି । ଏହି ସମସ୍ତ ଲକ୍ଷଣ ପରସ୍ପର ଅନ୍ତ-ସମ୍ପର୍କିତ ଅଟନ୍ତି ।

- ➪ ଜାତି ବ୍ୟବସ୍ଥା ଶୁଦ୍ଧ-ଅଶୁଦ୍ଧ ବା ପବିତ୍ର-ଅପବିତ୍ର ଧାରଣା ଉପରେ ପର୍ଯ୍ୟବସିତ ଅଟେ ।
- ➪ ବୃତ୍ତି ଛଡ଼ା ପ୍ରତ୍ୟେକ ଜାତିର ନିଜସ୍ୱ ଜୀବନ ଶୈଳୀ ରହିଛି ।
- ➪ ଏକ ଗ୍ରାମରେ ଜଣେ ବ୍ୟକ୍ତିର ବେଶଭୂଷା, ଘରଦ୍ୱାର, ଖାଦ୍ୟ ପାନୀୟ, ଅଳଙ୍କାର, କହିବା ଶୈଳୀ ଇତ୍ୟାଦି ରୁ ତା'ର ଜାତିର ପରିଚୟ ମିଳିଥାଏ ।
- ➪ ଏହା ମଧ୍ୟ ଦେଖାଯାଉଛି ଯେ ପ୍ରତ୍ୟେକ ଜାତିର ଏକ ନିଜସ୍ୱ କଥିତ ଭାଷା ଅଛି, ଯାହା ଅନ୍ୟ ଜାତିର ଭାଷା ଠାରୁ ଭିନ୍ନ ହୋଇଥାଏ ।
- ➪ ପ୍ରତ୍ୟେକ ଜାତିର ନିଜସ୍ୱ ଅନ୍ତର୍ବିବାହୀ ନିୟମ (endogamy) ରହିଛି । ପ୍ରତ୍ୟେକ ଜାତିର ସଦସ୍ୟ ମାନେ ନିଜ ଜାତି ମଧ୍ୟରେ ବିବାହ କରିଥା'ନ୍ତି । ତେବେ ସାଧାରଣତଃ ଗ୍ରାମ ବାହାରେ ବିବାହ କରିଥା'ନ୍ତି । ଏହିପରି ବିବାହ କ୍ଷେତ୍ରରେ ଜାତି-ଅନ୍ତର୍ବିବାହୀ ନିୟମ ଓ ଗ୍ରାମ୍ୟ-ବହିର୍ବିବାହୀ ନିୟମ ଏକ ସଙ୍ଗେ କାର୍ଯ୍ୟ କରିଥାଏ । (caste-endogamy and village-exogamy work together in case of marriage.)



ଟୀପ୍ପଣୀ

- ପ୍ରତ୍ୟେକ ଜାତିର ଜାତି ପରିଷଦ ବା ଜାତି ପଞ୍ଚାୟତ ଥାଏ, ଯାହା ଜାତି ସମ୍ପର୍କୀତ ବିବାଦ ଓ ଅନ୍ୟାନ୍ୟ ଘଟଣା ସବୁର ସମାଧାନ କରିଥାଏ ।
- ପ୍ରତ୍ୟେକ ଜାତିର ନିଜସ୍ୱ ଦେବାଦେବୀ ଥା'ନ୍ତି । ରୀତି-ନୀତି ଓ ଲୋକାଚାର ଥାଏ ।

ଜାତିର ଉପରୋକ୍ତ ବିଶ୍ଳେଷଣ, କେବଳ ଏକ ଆଦର୍ଶ ସ୍ଥିତିରେ ସମ୍ଭବ ହୋଇଥାଏ । ଆଜିର ସ୍ଥିତିରେ ଆଧୁନିକୀକରଣ ଓ ଅନ୍ୟ ମାନବୀୟ ମୂଲ୍ୟବୋଧର ପ୍ରଭାବରେ ଜାତି ନିଜର ଶୁଦ୍ଧତା ହରାଉଛି । ସହରୀକରଣ ଓ ଆଧୁନିକ ଯୋଗାଯୋଗ ବ୍ୟବସ୍ଥା ଜାତି-ସମ୍ବନ୍ଧିତ କଠୋର ଆନ୍ତଃ-ଜାତି ପୂର୍ବାଗ୍ରହ ଓ ଦ୍ୱେଷ ସବୁକୁ ବିଘଟିତ କରୁଛି ।

ଏକ ଜାତିର ଏକତା, ଏହାର ସଦସ୍ୟ ମାନଙ୍କର ସମାନ ଲକ୍ଷଣ ମାନଙ୍କରୁ ପ୍ରତିଭାତ ହୋଇଥାଏ ।

ଏଥିରୁ ଏହା କୁହାଯାଇପାରିବ ନାହିଁ ଯେ ପ୍ରତ୍ୟେକ ଜାତି ସ୍ୱୟଂ-ଚାଳିତ ଅଟନ୍ତି । ଜନଜାତି ସମାଜ ଭଳି ଜାତି, ପୃଥକୀକୃତ (isolated) ସମାଜ ନୁହନ୍ତି । ପ୍ରତ୍ୟେକ ଜାତି ନିଜର ଆବଶ୍ୟକତା ପୂରଣ ପାଇଁ ଅନ୍ୟ ଜାତିମାନଙ୍କ ଉପରେ ନିର୍ଭର କରିଥା'ନ୍ତି, ଯେଉଁମାନେ ବିଭିନ୍ନ ବୃତ୍ତିରେ ଉତ୍କର୍ଷ ହାସଲ କରିଥା'ନ୍ତି ।

ଗ୍ରାମର ଏକତା ଆନ୍ତଃ-ଜାତି ନିର୍ଭରଶୀଳତାରୁ ହିଁ ସୃଷ୍ଟି ହୋଇଥାଏ ।

ଏହା ମଧ୍ୟ ଅନୁଭବ କରାଯାଉଛି ଯେ ଜନ୍ମ ସମ୍ବନ୍ଧୀୟ କାରକମାନେ ଜାତି ନିର୍ଦ୍ଧାରଣ କରି ଥା'ନ୍ତି । ତେବେ ଏହା ବାସ୍ତବରେ ସତ୍ୟ ନୁହେଁ । କାରଣ ଅତି ପୁରାତନ କାଳରୁ ଏହା ଦେଖାଯାଉଛି, ଯେ ଜାତିର ଉଚ୍ଚ-ନୀଚ କ୍ରମରେ କିଛି ଜାତି ଉପରକ୍ରମ / ପାହାଚକୁ ଉଠିବାକୁ ଚେଷ୍ଟା କରିଥା'ନ୍ତି । ଏହି ଉର୍ଦ୍ଧ୍ୱଗାମୀ ସଂଚାଳନ, ଯାହାଦ୍ୱାରା ତଥା କଥିତ ନିମ୍ନ ଜାତିର ଲୋକମାନେ ନିଜର ବେଶଭୂଷା, ଚାଲିଚଳନ ଓ ଜୀବନଶୈଳୀକୁ ଉଚ୍ଚ ଜାତିର ଜୀବନ ଶୈଳୀ ଆଧାରରେ ବଦଳାଇବାକୁ ଚେଷ୍ଟା କରିଥା'ନ୍ତି । ଏହି ପ୍ରକ୍ରିୟାକୁ 'ସଂସ୍କୃତିକରଣ' କୁହାଯାଏ ।

## ୧୬.୫.୧ ଜାତି ଓ ଶ୍ରେଣୀ (Caste and Class)

ଜାତି ଶ୍ରେଣୀ ଠାରୁ ଭିନ୍ନ ଅଟେ । ଶ୍ରେଣୀ ଆର୍ଥିକ ଶବ୍ଦରେ ପରିଭାଷିତ ହେଲାବେଳେ, ଜାତି ଏକ ବଂଶଗତ ଏକକ ଭାବରେ ପରିଚିତ ହୋଇଥାଏ ତଥା ଏକ ଜୀବନ ଶୈଳୀ ରୂପେ ପରିଭାଷିତ ହୋଇଥାଏ । ଜଣେ ବ୍ୟକ୍ତି ଏକ ନିର୍ଦ୍ଧିଷ୍ଟ ଶ୍ରେଣୀ ରେ ଜନ୍ମ ହେଲେ ମଧ୍ୟ, ଏହାକୁ ଜୀବନକାଳ ମଧ୍ୟରେ ପରିବର୍ତ୍ତନ କରି ଉନ୍ନତ ସ୍ତରକୁ ଉଠିବା ପାଇଁ ସୁଯୋଗ ରହିଥାଏ । ଏହା ତୁଳନାରେ, ତାତ୍ତ୍ୱିକ ଦୃଷ୍ଟିକୋଣରୁ ଏକ ବ୍ୟକ୍ତିର ସ୍ଥିତି, ଜାତି ମଧ୍ୟରେ ଦୃଢ଼ ଭାବରେ ଅପରିବର୍ତ୍ତନୀୟ ରହିଥାଏ । ତେବେ ଯଦି ଏକ ଜାତି ସାମୁହିକ ଭାବରେ ନିଜର ସ୍ଥିତିକୁ ଉନ୍ନତ କରିବାକୁ ଚେଷ୍ଟା କରେ, ସେଥିପାଇଁ ଏକ ସୀମିତ ତଥା ସାମାନ୍ୟ ସୁଯୋଗ ଥାଏ । ସେଥିପାଇଁ ସମାଜ ବିଜ୍ଞାନୀ ଜାତିକୁ ଏକ "ଆବଦ୍ଧ" ବ୍ୟବସ୍ଥା (Closed system) କହିଥା'ନ୍ତି । ତେବେ ଏହା ତୁଳନାରେ ଶ୍ରେଣୀ ଏକ ମୁକ୍ତ ତଥା 'ଉନ୍ମୁକ୍ତ' ବ୍ୟବସ୍ଥା (Open system) ଅଟେ କାରଣ ଏଥିରେ ବ୍ୟକ୍ତିଗତ ସ୍ଥିତି ପରିବର୍ତ୍ତନର ସମ୍ଭାବନା ଥାଏ । ଏଥିରେ ବ୍ୟକ୍ତି ନିଜ ସ୍ଥିତି ଠାରୁ ଉର୍ଦ୍ଧ୍ୱକୁ ଉଠିବା ପାଇଁ, ତାକୁ ତା'ର ସମୁହ ଉପରେ ନିର୍ଭର କରିବାକୁ ପଡ଼େନାହିଁ । ସେ କଠିନ ପରିଶ୍ରମ କରି ନିଜର ଆର୍ଥିକ ସ୍ଥିତିକୁ ବଦଳାଇବା ପାଇଁ ନୂଆ ନୂଆ ଉପାୟ କରି ନିମ୍ନ ଶ୍ରେଣୀ ରୁ ମଧ୍ୟବିତ୍ତ ଶ୍ରେଣୀ, ମଧ୍ୟବିତ୍ତ ଶ୍ରେଣୀ ରୁ ଉଚ୍ଚ ଶ୍ରେଣୀ କୁ ଉଠି ପାରିବାର ସୁଯୋଗ ଥାଏ ।

ଏହା ସହିତ ଆମକୁ ମନେ ରଖିବାକୁ ହେବ ଯେ ଜାତି ବ୍ୟବସ୍ଥା ର ବୈଧତା ଧର୍ମ ଦ୍ୱାରା ସାବ୍ୟସ୍ତ ହୋଇ ଥାଏ । କିନ୍ତୁ ଶ୍ରେଣୀ କ୍ଷେତ୍ରରେ ଏହା ହୋଇ ନ ଥାଏ । ଜାତି, ପବିତ୍ରତା ଓ ଅପବିତ୍ରତା ର ଧାରଣା ଉପରେ ପର୍ଯ୍ୟବସିତ ହୋଇଥାଏ । ଯେଉଁଥିରେ ଏହା ବିଶ୍ୱାସ କରାଯାଏ ଯେ, ପୂର୍ବଜନ୍ମ ର 'କର୍ମ' ଆଧାରରେ ଜଣେ ଏକ ନିର୍ଦ୍ଧିଷ୍ଟ ଜାତିରେ ଜନ୍ମ ହୋଇଥାଏ । ବ୍ରାହ୍ମଣ ମାନେ ପବିତ୍ର ହୋଇଥା'ନ୍ତି ଓ



ଟୀପ୍ପଣୀ

ଜାତିର ଉଚ୍ଚ ନୀଚ କ୍ରମ ରେ ଉଚ୍ଚତମ ପାହାଚ ରେ ଅଧିଷ୍ଠିତ ହୋଇଥା'ନ୍ତି । ଏହାର ବିପରୀତ ଉଚ୍ଚ ନୀଚ କ୍ରମ ର ନିମ୍ନତମ ପାହାଚ ରେ ତଥାକଥିତ ନିମ୍ନ ତଥା ଅପବିତ୍ର ଓ ଅଶୁଦ୍ଧ ଜାତିମାନେ ରହିଥା'ନ୍ତି । ଏହି ପାହାଚ କ୍ରମରେ ତଳକୁ ଖସିବା ଦ୍ୱାରା ଶୁଦ୍ଧତା ଓ ପବିତ୍ରତା କମି ଯାଏ ଓ ପାହାଚ ରେ ଉପରକୁ ଉଠିଲେ ଶୁଦ୍ଧତା ଓ ପବିତ୍ରତା ବଢ଼ିଯାଏ । କେତେକ ସମାଜ ବିଜ୍ଞାନୀ ଙ୍କ ମତରେ ଅସ୍ପୃଶ୍ୟତା ଜାତି ବ୍ୟବସ୍ଥାର ଏକ ସ୍ପଷ୍ଟ ଛାପ ଅଟେ, ଯାହାକୁ ୧୯୫୫ ମସିହାରେ ଆଇନତଃ ଅସିଦ୍ଧ ଘୋଷଣା କରାଯାଇଥିଲା । ଏହି ପ୍ରକାର ଅସ୍ପୃଶ୍ୟତା ର ରୀତି ଅନ୍ୟ କୌଣସି ସ୍ତରୀକରଣ ବ୍ୟବସ୍ଥାରେ ଦେଖାଯାଏନାହିଁ ।

## ୧୬.୫.୨ ସାଂପ୍ରତିକ ଭାରତୀୟ ସମାଜରେ ଜାତିର ମହତ୍ତ୍ୱ (Significance of Caste in contemporary India)

ସଂପ୍ରତି ଭାରତରେ ଶ୍ରେଣୀ ବ୍ୟବସ୍ଥା ଅତି ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି । ତେବେ ଏଥିରୁ ଏହି ନିଷ୍କର୍ଷ ବାହାର କରିବା ଉଚିତ ନୁହେଁ ଯେ ଜାତି ବ୍ୟବସ୍ଥା ସମ୍ପୂର୍ଣ୍ଣ ଅପ୍ରାସଙ୍ଗିକ ହୋଇଯାଇଛି । ଏହାର କାରଣ ମାନ ନିମ୍ନରେ ଦିଆଯାଇଛି ।

- ⇨ ଅନେକ ଅଧ୍ୟୟନରୁ ଜଣାଯାଏ ଯେ ଏବେ ମଧ୍ୟ ବିବାହ କ୍ଷେତ୍ରରେ ଜାତିର ପ୍ରାଧାନ୍ୟ ରହିଛି ।
- ⇨ ଜାତି ଆଧାରିତ ସଂଗଠନଗୁଡ଼ିକ ଗଢ଼ି ଉଠୁଛି ।
- ⇨ ଜାତି ଆଧାରିତ ସଂଗଠନ ମାନେ ନିଜ ନିଜ ନାମରେ ବ୍ୟାଙ୍କ, ସ୍କୁଲ, କଲେଜ, ଆଶ୍ରୟସ୍ଥଳ, ଡାକ୍ତରଖାନା ଇତ୍ୟାଦି ସ୍ଥାପନ କରୁଛନ୍ତି ।
- ⇨ ରାଜନୀତି କ୍ଷେତ୍ରରେ ଭୋଟ ହାସଲ ପାଇଁ ଜାତି ଏକ ମହତ୍ତ୍ୱପୂର୍ଣ୍ଣ 'ମାଧ୍ୟମ' । ଏକ ଜାତିର ସଦସ୍ୟ ମାନେ କେତେକ ଲକ୍ଷ୍ୟ ହାସଲ ପାଇଁ ଭୋଟ ବ୍ୟାଙ୍କ୍ ରେ ପରିଣତ ହୋଇ ଯାଉଛନ୍ତି ।

## ପାଠ୍ୟଗତ ପ୍ରଶ୍ନାବଳୀ ୧୬.୪

**ନିମ୍ନୋକ୍ତ ବକ୍ତବ୍ୟ ମାନେ ଠିକ୍ ଥିଲେ 'T' ଓ ଭୁଲ ଥିଲେ 'F' ଲେଖନ୍ତୁ ।**

(କ) ଜାତି ହେଉଛି ପ୍ରସ୍ଥିତି ସମୂହର ଏକ ଉଦାହରଣ ।

(ଖ) ଜାତି ମୂଳତଃ ଏକ ଆହରଣ ଲବ୍ଧ ପ୍ରସ୍ଥିତି ଅଟେ ।

(ଗ) ପୃଥିବୀର ସବୁଠାରେ ଜାତି ଦେଖାଯାଏ ।

(ଘ) ଜାତି ଓ ଶ୍ରେଣୀ ଏକ ସାମାଜିକ ସମୁହର ଅଧୀନ ।

(ଙ) ଭାରତରେ ଅସ୍ପୃଶ୍ୟତା ନିବାରିତ ହୋଇଛି ।

(ଚ) ସଂସ୍କୃତିକରଣ, ଜାତି ମଧ୍ୟରେ ଘଟୁଥିବା ଏକ ଊର୍ଦ୍ଧ୍ୱଗାମୀ ସାମାଜିକ ସଂଚାଳନ ଅଟେ ।

(ଛ) ଅଣ-ହିନ୍ଦୁ ସମାଜରେ ମଧ୍ୟ ଜାତି ଦେଖା ଯା'ନ୍ତି ।

(ଜ) କ୍ଷତ୍ରିୟମାନଙ୍କୁ 'ବ୍ୟବସାୟୀ ଜାତି' ବୋଲି ମଧ୍ୟ କୁହାଯାଏ ।

(ଝ) ଜାତି ବ୍ୟବସ୍ଥାର ଉଚ୍ଚନୀଚ କ୍ରମରେ ସର୍ବନିମ୍ନ ସ୍ଥାନରେ ଶୁଦ୍ର ଜାତି ମାନେ ଥା'ନ୍ତି ।

(ଞ) ଜାତି ହେଉଛି ଏକ ଉନ୍ମୁକ୍ତ ସାମାଜିକ ସ୍ତରୀକରଣ ବ୍ୟବସ୍ଥା ।

## କ'ଣ ଶିଖିଲେ ।

- ⇨ ସାମାଜିକ ସ୍ତରୀକରଣ ସମାଜରେ ସବୁଠାରେ ଦେଖିବାକୁ ମିଳେ ।
- ⇨ ସାମାଜିକ ସ୍ତରୀକରଣକୁ ସମାଜର ବିଭିନ୍ନ ଖଣ୍ଡିତ ସ୍ତରରେ ବିଭାଜନ ଭାବରେ ପରିଭାଷିତ କରାଯାଏ । ଯେଉଁଥିରେ ସମାଜର ବିଭିନ୍ନ ସ୍ତର ସୁବିଧା ସୁଯୋଗ ଓ ସମ୍ବଳର ବଣ୍ଟନ ଦୃଷ୍ଟିରୁ ଅସମାନ ଥା'ନ୍ତି ।



ଟୀପ୍ପଣୀ

- ସାମାଜିକ ସ୍ତରୀକରଣ ସାମାଜିକ ଅସମାନତାକୁ ନେଇ କାର୍ଯ୍ୟ କରେ, କିନ୍ତୁ ସମସ୍ତ ପ୍ରକାରର ସାମାଜିକ ଅସମାନତା ନୁହେଁ ।
- ଲିଙ୍ଗ ଓ ବୟସ ଭିତ୍ତିକ ଅସମାନତା, ସ୍ତରୀକରଣ ସମ୍ବନ୍ଧୀୟ ଅସମାନତା ସହିତ ସମାନ ନୁହଁନ୍ତି ।
- ମାର୍କ୍ସଙ୍କ ମତରେ ସମାଜର ମୌଳିକ ବିଭାଜନ ଶ୍ରେଣୀ ଆଧାରରେ ହୋଇଥାଏ ।
- ମାକ୍ସ ୱେବର, କାର୍ଲ ମାର୍କ୍ସ ଙ୍କ ମତକୁ ସଠିକ୍ ଅବତାରଣା କରି କହିଥିଲେ ଯେ ଶ୍ରେଣୀ ବ୍ୟତୀତ ପ୍ରସ୍ଥିତି ଓ କ୍ଷମତା ହେଉଛନ୍ତି ସ୍ତରୀକରଣର ଅନ୍ୟ ସିଦ୍ଧାନ୍ତ ।
- ଜାତି, ଏକ ପ୍ରସ୍ଥିତି ସମୁହର ଜ୍ୱଳନ୍ତ ଉଦାହରଣ ।
- ଜାତିର ମୂଳ ଆଧାର ହେଉଛି ହିନ୍ଦୁଧର୍ମ ।
- ଏହା ପବିତ୍ର ଓ ଅପବିତ୍ର ଧାରଣା ସହିତ ସଂପୃକ୍ତ ।
- ଶ୍ରେଣୀ ହେଉଛନ୍ତି ଆର୍ଥିକ ଏକକ ର ଉଦାହରଣ ।
- ଆଧୁନିକ ଭାରତୀୟ ସମାଜରେ ଶ୍ରେଣୀମାନଙ୍କର ଗୁରୁତ୍ୱ ବଢ଼ିଛି, କିନ୍ତୁ ଏହାର ଅର୍ଥ ନୁହେଁ ଯେ ଜାତି ବ୍ୟବସ୍ଥା ଲୋପ ପାଇ ଯାଉଛି ।

## ପାଠ୍ୟାନ୍ତ ପ୍ରଶ୍ନାବଳୀ

୧- ସାମାଜିକ ସ୍ତରୀକରଣ ଏକ ସର୍ବବ୍ୟାପୀ ଘଟଣା କି ? ଆଲୋଚନା କର ।

୨- ଅର୍ଜିତ ଓ ଆହରଣ ଲବ୍ଧ ପ୍ରସ୍ଥିତି କହିଲେ କ'ଣ ବୁଝ ? ଉଦାହରଣ ସହ ବୁଝାଇ ଲେଖ ।

୩- ଜାତିର ଲକ୍ଷଣ ମାନ କ'ଣ ?

୪- ଶ୍ରେଣୀ ଠାରୁ ଜାତି କିପରି ଭିନ୍ନ ? ବ୍ୟାଖ୍ୟା କର ।

## ପାଠ୍ୟଗତ ପ୍ରଶ୍ନାବଳୀ ମାନଙ୍କର ଉତ୍ତର

**୧୬ . ୧**

୧- କେତେକଙ୍କର ଅନ୍ୟମାନଙ୍କ ଠାରୁ ଅଧିକ ସୁବିଧା ସୁଯୋଗ ଥିବାରୁ ଲୋକମାନେ ଓ ସମୂହମାନେ ଏକ ଉଚ୍ଚନୀଚ କ୍ରମରେ ରହିଥା'ନ୍ତି, ଯାହା ଅସମାନତା ସୃଷ୍ଟି କରିଥାଏ ।

୨- ସମାଜର ବିଭିନ୍ନ ସ୍ତର ବା ଖଣ୍ଡରେ ବିଭାଜନ ।

୩- ସରଳ ସମାଜ ମାନେ ଏକ ସମ୍ପୂର୍ଣ୍ଣ ସମାନତାର ସ୍ଥିତିରେ ଥା'ନ୍ତି ।

୪- ପ୍ରତିଷ୍ଠା ଏକ ବ୍ୟକ୍ତି ସହିତ ଜଡ଼ିତ ହୋଇଥାଏ, ଯିଏ କି କୌଣସି କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦିତ କରିଥାଏ । ଅଧିକ ସମ୍ମାନ ହାସଲ କରେ ଓ ଅନ୍ୟ ମାନଙ୍କ ଠାରୁ ଧନଶାଳୀ ହୋଇଥାଏ ।

**୧୬.୨**

(କ) T, (ଖ) F, (ଗ) T, (ଘ) T , (ଙ) F

**୧୬ . ୩**

(କ) ସ୍ଥିତି, (ଖ) ବ୍ୟବହାର, (ଗ) ଅର୍ଜିତ, (ଘ) ଜଟିଳ, (ଙ) ଅର୍ଜିତ

**୧୬ . ୪**

(କ) T, (ଖ) F, (ଗ) T, (ଘ) F , (ଙ) T , (ଚ) T, (ଛ) T, (ଜ) F , (ଝ) T , (ଞ) F